ବର୍ଷ-୪୮ : ସଂଖ୍ୟା-୧୨ ଡିସେମ୍ବର, ୨୦୧୭ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୧୭


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୪ ନଭେମ୍ବର, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଯଥାର୍ଥ ଆନନ୍ଦ | ··· | ଶ୍ରୀମା | ··· | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୬୧) | | | | |
| ଭୀଷଣ ପଥର ଯାତ୍ରୀ (୪) | ··· | ମନୋଜ ଦାସ | ··· | ୭ |
| ଅସୀମର ଆହ୍ୱାନ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୧୦ |
| ଅତିମାନସ ଇନ୍ଦ୍ରିୟ ବା ସଂଜ୍ଞାନ (୧) | ··· | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ··· | ୧୧ |
| ଦୈନନ୍ଦିନ ଜୀବନରେ ଯୋଗ | ··· | ମାଧବ ପଣ୍ଡିତ | ··· | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୫୯) | ··· | ··· | ··· | ୧୬ |
| ପଦ୍ମର ମହକ ଚୋରି ! | ··· | ··· | ··· | ୨୦ |
| ୫ ଡିସେମ୍ବର, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୪) | ··· | ମହେନ୍ଦ୍ର ନାଥ ସ୍ୱାଇଁ | ··· | ୨୨ |
| ୧୭ ନଭେମ୍ବର, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୨୪ |
| ଆଦର୍ଶ ମାତାପିତା (୧୩) | ··· | ଶ୍ରୀମା | ··· | ୨୫ |
| ଶ୍ରୀକୃଷ୍ଣ କାହାଣୀ (୪) | | | | |
| ଦିବ୍ୟଶିଶୁର ଆବିର୍ଭାବ | ··· | ମନୋଜ ଦାସ | ··· | ୨୯ |
| ସମାଧିରେ ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ଉପସ୍ଥିତି | ··· | ମୋନା ସରକାର | ··· | ୩୨ |
| ନିରାମୟତାର ଶକ୍ତି ସଞ୍ଚାରକ – ମନ୍ତ୍ର (୩) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୫ |
| ଗଙ୍ଗାଧର (୭) | ··· | ··· | ··· | ୩୮ |
| ଆମ ଶରୀର (୧) | ··· | ଭୋଳେଶ୍ୱର ଭୂୟାଁ | ··· | ୪୦ |
| ଅରଣା ସ୍ୱପ୍ନର ରାତି (୨) | ··· | ଶେଖ ଅବଦୁଲ କାଶମ | ··· | ୪୩ |
| ନବଗୁଞ୍ଜର | ··· | ଧର୍ମ କୁମାର ଶତପଥୀ | ··· | ୪୮ |
| ଦେଖୁଛି ନୂଆ ସପନ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୫୨ |
| ସନ୍ଧିପତ୍ର (କବିତା) | ··· | ହରପ୍ରିୟା ସାହୁ | ··· | ୫୨ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୩ |
| ପଦ୍ମାବତୀ | ··· | ମନୋଜ ଦାସ | ··· | ୫୫ |


❖

# ପ୍ରାର୍ଥନା

ମୋତେ ପ୍ରଦାନ କର ତୁମରି ଆଲୋକ, ହେ ଭଗବାନ୍, ଏହାହିଁ ମଞ୍ଜୁର କର ମୁଁ ଯେପରି କୌଣସି ଭ୍ରାନ୍ତିରେ ନିମଜ୍ଜିତ ନହୁଏ । ମଞ୍ଜୁର କର ଯେମିତିକି ମୁଁ ତୁମକୁ ଅର୍ପଣ କରୁଛି ଯେଉଁ ଅନନ୍ତ ସମ୍ମାନ, ଏକାନ୍ତ ଭକ୍ତି ଏବଂ ପ୍ରଗାଢ଼ ପ୍ରେମ, ତାହା ହେବ ଦୀପ୍ତିମୟ, ହୃଦ୍‌ବୋଧକ, ସର୍ବସଞ୍ଚାରୀ, ଏବଂ ସବୁରି ହୃଦୟରେ ଜାଗରିତ ।

ହେ ଭଗବାନ୍, ଶାଶ୍ୱତ ପ୍ରଭୁ, ତୁମେହିଁ ମୋର ଆଲୋକ ଏବଂ ମୋର ଶାନ୍ତି; ମୋ ପଦକ୍ଷେପକୁ ଦିଅ ଦିଗ୍‌ଦର୍ଶନ, ମୋ ନୟନ କର ଉନ୍ମୀଳନ, ମୋ ହୃଦୟ କର ଭାସ୍ୱର ଏବଂ ମୋତେ କର ତୁମ ଅଭିମୁଖୀ ଋଜୁ ପଥର ପଥିକ ।

ହେ ଭଗବାନ୍, ଭଗବାନ୍, ମଞ୍ଜୁର କର ଯେପରିକି ତୁମ ସଂକଳ୍ପ ବ୍ୟତିରେକେ ମୋର ନଥିବ ଅନ୍ୟ କୌଣସି ସଂକଳ୍ପ ଏବଂ ମୋର ସମସ୍ତ କର୍ମ ଯେପରି ହେବ ତୁମ ଦିବ୍ୟବିଧାନର ଏକ ଅଭିବ୍ୟକ୍ତି ।

ଏକ ମହତୀ ଆଲୋକ ମୋ ସମଗ୍ର ସତ୍ତା କରେ ପ୍ଲାବିତ, ଏବଂ ତୁମ ବିନା ଅନ୍ୟ କୌଣସି ବିଷୟରେ ସଚେତନ ନୁହେଁ ମୁଁ ....

ଶାନ୍ତି, ଶାନ୍ତି, ସାରା ପୃଥିବୀପୃଷ୍ଠରେ ଶାନ୍ତି ।

ଡିସେମ୍ବର ୧୩, ୧୯୧୩ — ଶ୍ରୀମା



# ୨୪ ନଭେମ୍ବର, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ

Evolution is not finished; reasosn is not the last word nor the reasoning animal the supreme figure of Nature. As man emerged out of the animal, so out of man the superman emerges.

– Sri Aurobindo

କ୍ରମବିକାଶ ସମାପ୍ତ ହୋଇ ନାହିଁ; ଯୁକ୍ତିବାଦହିଁ ଶେଷ କଥା ନୁହେଁ କିଂବା ଯୌକ୍ତିକତାପ୍ରବଣ ପ୍ରାଣୀହିଁ ପ୍ରକୃତିର ଚୂଡ଼ାନ୍ତ ରୂପକାର ନୁହେଁ । ମାନବ ଯେପରି ଉଦ୍ଭୂତ ହେଲା ପଶୁ ଭିତରୁ, ସେହିପରି ମାନବ ଭିତରୁ ଉଦ୍ଭବମୁଖୀ ଅତିମାନବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୬୮)

## ଶ୍ରୀଅରବିନ୍ଦ

A mighty energy, a monster god,
Hard to the strong, implacable to the weak,
It stared at the harsh unpitying world it made
With the stony eyelids of its fixed idea.

ସବଳମାନଙ୍କ ପ୍ରତି କଠୋର, ଦୁର୍ବଳମାନଙ୍କ ପ୍ରତି ନିର୍ମମ ଏକ ବିପୁଳ ବିକ୍ରମ, ଏକ ଆସୁରୀ ଦେବତା ଆପଣାର ଧରାବନ୍ଧା ନିଶ୍ଚଳ ଧାରଣାର ପ୍ରସ୍ତରବତ୍ ଆଖିପତା ନେଇ ନିର୍ନିମେଷ ନୟନରେ ନିଜ ଗଢ଼ା ରୁକ୍ଷ, ନିର୍ଦ୍ଦୟ ଜଗତକୁ ଚାହିଁ ରହିଥିଲା ।

Its heart was drunk with a dire hunger's wine,
In others' suffering felt a thrilled delight
And of death and ruin the grandiose
music heard.

ଏକ ଭୀଷଣ ବୁଭୁକ୍ଷାର ମଦିରାପାନରେ ପ୍ରମତ୍ତ ଥିଲା ତା'ର ହୃଦୟ, ଅନ୍ୟମାନଙ୍କର ଦୁଃଖଭୋଗରେ ସେ ଅନୁଭବ କରୁଥିଲା ଏକ ଶିହରିତ ଆନନ୍ଦ ଏବଂ ମୃତ୍ୟୁ ତଥା ବିନଷ୍ଟିରେ ଶୁଣୁଥିଲା ମହାନ୍ ସଙ୍ଗୀତ ।

To have power, to be master,
was sole virtue and good :
It claimed the whole world for Evil's living room,
Its party's grim totalitarian reign
The cruel destiny of breathing things.

କ୍ଷମତା ଲାଭ କରିବା, ପ୍ରଭୁତ୍ୱ ହାସଲ କରିବାହିଁ ଥିଲା ଏଠାକାର ଏକମାତ୍ର ପୁଣ୍ୟ ଓ କଲ୍ୟାଣ : ଅମଙ୍ଗଳର ନିବାସ କକ୍ଷ ନିମିତ୍ତ ତାହା ସମଗ୍ର ଜଗତକୁ ଅଧିକାର ପାଇଁ ଦାବି କରୁଥିଲା । ଆପଣା ଦଳର ନିଦାରୁଣ ଏକଚ୍ଛତ୍ର ଶାସନ ଏଠାରେ ସକଳ ଜୀବନ୍ତ ବସ୍ତୁର ନିଷ୍ଠୁର ନିୟତି ହୋଇ ରହିଥିଲା ।

All on one plan was shaped and standardised
Under a dark dictatorship's breathless weight.

ଏକ ଅନ୍ଧାରି ଏକାଧିପତ୍ୟର ରୁଦ୍ଧଶ୍ୱାସ ଗୁରୁଭାର ତଳେ ସବୁକିଛି ଏକହିଁ ଯୋଜନା ଅନୁଯାୟୀ ରୂପଗ୍ରହଣ କରିଥିଲା ଓ ଗୋଟିଏ ମାନଦଣ୍ଡ ଅନୁସରଣରେ ଗଢ଼ାଯାଇଥିଲା ।

In street and house, in councils and in courts
Beings he met who looked like living men
And climbed in speech upon
high wings of thought
But harboured all that is subhuman, vile
And lower than the lowest reptile's crawl.

ଗଳିରାସ୍ତାରେ ଓ ଗୃହରେ, ସଭାସମିତି ଓ ଦରବାରମାନଙ୍କରେ ସେ (ଅଶ୍ୱପତି) ଏପରି ସତ୍ତାମାନଙ୍କୁ ଭେଟିବାକୁ ପାଇଲେ ଯେଉଁମାନେ ଜୀବନଧାରୀ ମଣିଷମାନଙ୍କ ଭଳି ଦେଖା ଯାଉଥିଲେ । ଭାଷାରେ ସେମାନେ ଊର୍ଦ୍ଧ୍ୱକୁ ଉଡ଼ିଯାଉଥିଲେ ଚିନ୍ତାର ଉତ୍ତୁଙ୍ଗ ପକ୍ଷ ବିସ୍ତାର କରି, ମାତ୍ର ଅନ୍ତରରେ ଆଶ୍ରୟ ଦେଇଥିଲେ ଯାହାକିଛି ମାନବେତର, ଘୃଣ୍ୟ ଓ ହୀନତମ ସରୀସୃପର ଭୂଲୁଣ୍ଠନଠାରୁ ବି ନିମ୍ନତର ।

The reason meant for nearness to the gods
And uplift to heavenly scale by
the touch of mind
Only enhanced by its enlightening ray
Their inborn nature's wry monstrosity.

ଯେଉଁ ଯୁକ୍ତିବୁଦ୍ଧି ଦେବତାମାନଙ୍କ ସନ୍ନିକଟ କରାଇବାକୁ ଏବଂ ମନର ସ୍ପର୍ଶରେ ସ୍ୱର୍ଗୀୟ ଶିଖରକୁ ଉତ୍ତୋଳିତ କରି ନେବା ପାଇଁ ଉଦ୍ଦିଷ୍ଟ, ତାହା କେବଳ ଆପଣାର ସଂଦୀପନକାରୀ ଆଲୋକରଶ୍ମି ଦ୍ୱାରା ସେମାନଙ୍କ ସହଜାତ ସ୍ୱଭାବର କୁଟିଳ ବିକଟତାକୁ ବଢ଼ାଇ ଦେଉଥିଲା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

# ଯଥାର୍ଥ ଆନନ୍ଦ

## ଶ୍ରୀମା

### ଯଥାର୍ଥ ଆନନ୍ଦ

ହଁ, ଏହାହିଁ ଅନିବାର୍ଯ୍ୟ ଆବଶ୍ୟକତା । ଆଉ କିଛିର ଗୁରୁତ୍ୱ ନାହିଁ । ତାହାହିଁ ସବୁକିଛି । କେବଳ ସେତିକି ।

ଏବଂ ତେଣୁ, ମୋଟ ଉପରେ କୌଣସି ବାଧାବିଘ୍ନ ବା ଅସୁବିଧାକୁ କେହି ଧୂଳି ପ୍ରମାଣେ ବି ଖାତିର କରିବା ଉଚିତ ନୁହେଁ । ତାହା ତୁମର କ'ଣ ବା କରି ପକାଇବ ? ... ସେଥିରେ କିଛି ଯାଏ ଆସେନା । ବେଳେବେଳେ ଜଣେ ସମୟକୁ ନେଇ ହସିପାରେ ମଧ୍ୟ । ଯଦି କାଳବିଳମ୍ବ ହୁଏ ସେଥିରେ ତୁମର କ'ଣ ବା ଯାଏ ଆସେ ? ତା'ହେଲେ ତ ତୁମକୁ ଲମ୍ବା ସମୟ ମିଳିବ ଆସ୍ପୃହା କରିବାର ଆନନ୍ଦ ପାଇଁ – ସମର୍ପଣ କରିବାର ଆନନ୍ଦ ପାଇଁ – ନିଜକୁ ଦେଇ ଦେବାର ଆହ୍ଲାଦ ପାଇଁ ।

ଏହାକୁହିଁ କହିବ ପ୍ରକୃତ ଆନନ୍ଦ । ଏବଂ ଯେତେବେଳେ ତୁମ ଭିତରେ କିଛି ଅହଂଗତ କ୍ରିୟା ଆରମ୍ଭ ହୋଇଯାଏ, ତୁମର ଏହି ନିର୍ମଳ ଆହ୍ଲାଦଟି ମିଳାଇଯାଏ । କାରଣ, ଏଥିରେ ଏକ ଦାବି ଆସିଯାଏ – ତାକୁ ଜଣେ ଆବଶ୍ୟକତା ବୋଲି କହେ – ଯାହାକି ସମର୍ପଣର କ୍ରିୟା ସହ ମିଶ୍ରିତ ହୋଇଯାଏ । ତା' ନହେଲେ ସେହି ଆନନ୍ଦଟି କେବେ ବି ତିରୋହିତ ହୋଇ ଯାଆନ୍ତା ନାହିଁ ।

ଏଇଟା ହେଉଛି ପ୍ରଥମ କଥା ଯାହାକୁ ତୁମେ ପ୍ରାପ୍ତ ହୁଅ, ଏଇଟା ବି ତୁମ ଉପଲବ୍ଧିର ଶେଷକଥା । ଏବଂ ଏହାହିଁ ବିଜୟର ଚିହ୍ନ ।

ଯେତେକାଳ ପର୍ଯ୍ୟନ୍ତ ତୁମେ ଏଇ ଆନନ୍ଦ ଭିତରେ ନାହଁ, ଏଇ ନିରବଚ୍ଛିନ୍ନ, ପ୍ରଶାନ୍ତ, ଶାନ୍ତିପୂର୍ଣ୍ଣ, ଉଜ୍ଜ୍ୱଳ ଆଉ ଅପରିବର୍ତ୍ତିତ ଆନନ୍ଦ ଭିତରେ ନାହଁ, ଠିକ୍ ଅଛି, ଏହାହିଁ ସୂଚନା ଦିଏ ଯେ, ତୁମକୁ ଆହୁରି ବହୁତ କାର୍ଯ୍ୟ କରିବାକୁ ପଡ଼ିବ ନିଜକୁ ଶୁଦ୍ଧ କରିବା ପାଇଁ, ଏପରିକି ବେଳେବେଳେ କଷ୍ଟ ମଧ୍ୟ କରିବାକୁ ପଡ଼ିବ । କିନ୍ତୁ ଏହାହିଁ ସେହି ନିଦର୍ଶନ ।

### ସମୟ – ବନ୍ଧୁ ନା ଶତ୍ରୁ ?

*ପ୍ରଶ୍ନ : ମା ! ସମୟ କେମିତି ବନ୍ଧୁ ହୁଏ ?*

**ଶ୍ରୀମା** : ତୁମେ କଥାଟିକୁ କିପରି ଦେଖୁଛ, ଏହା ନିର୍ଭର କରେ ତା'ରି ଉପରେ । ସବୁକଥା ବି ସେହିପରି । ତୁମେ ବିଷୟଟି ସଙ୍ଗେ କିପରି ସମ୍ବନ୍ଧ ରଖୁଛ, ତା'ଉପରେ ସବୁ ନିର୍ଭର କରେ । ତୁମେ ଯଦି ସମୟକୁ ବନ୍ଧୁ ବୋଲି ଭାବିବ, ତା'ହେଲେ ସେ ବନ୍ଧୁ । ଯଦି ତୁମେ ଭାବିବ ଯେ ସମୟ ତୁମର ଶତ୍ରୁ – ତେବେ ସେ ଶତ୍ରୁ ହୋଇଯିବ ।

କିନ୍ତୁ ତୁମେ ଅବଶ୍ୟ ସେକଥା ପଚାରୁ ନାହଁ । ତୁମେ ପଚାରୁଛ ଯେ, ସମୟ ଯେତେବେଳେ ଶତ୍ରୁ ହୁଏ ସେତେବେଳେ ଜଣେ କିପରି ଅନୁଭବ କରେ, ଏବଂ ସମୟ ଯେତେବେଳେ ବନ୍ଧୁ ହୁଏ, ଜଣକୁ କିପରି ଅନୁଭବ ହୁଏ । ଦେଖ – ତୁମେ ଯେତେବେଳେ ଅଧୀର ହୋଇପଡ଼ ଏବଂ ନିଜକୁ କୁହ, ''ଓଃ ! ମୁଁ ନିଶ୍ଚୟ ଏ କାର୍ଯ୍ୟରେ ସଫଳ ହେବା କଥା । କିନ୍ତୁ ମୁଁ କାହିଁକି ସଫଳ ହେଉ ନାହିଁ ?'' ତେଣୁ ତୁମେ ଯେତେବେଳେ ଯଥାଶୀଘ୍ର ସେ କାର୍ଯ୍ୟଟିରେ ସଫଳ ହୋଇ ନ ପାରିଲ ଏବଂ ହତାଶା ଭିତରେ ପଡ଼ିଗଲ ସେତେବେଳେ,– ସମୟ ତୁମର ଶତ୍ରୁ ହୋଇଗଲା । କିନ୍ତୁ ତୁମେ ଯେତେବେଳେ ନିଜକୁ କହିବ, ''ଠିକ୍ ଅଛି, ମୁଁ ଏଥର ସଫଳ ହେଲି ନାହିଁ, କିନ୍ତୁ ମୁଁ ଆର ଥରକୁ ସଫଳ ହେବି ଏବଂ ମୁଁ ନିଶ୍ଚିତ ଯେ ଦିନେ ନା ଦିନେ ଏ କାର୍ଯ୍ୟରେ ମୁଁ ସଫଳତା ପାଇବି,'' ସେତେବେଳେ ସମୟ ତୁମର ବନ୍ଧୁ ହୋଇଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୬୧)
## ଭୀଷଣ ପଥର ଯାତ୍ରୀ (୪)
## ମନୋଜ ଦାସ

ଆତ୍ମ-ବଳିଦାନ ନିମନ୍ତେ ପ୍ରସ୍ତୁତ ବିପ୍ଳବୀମାନଙ୍କର ଆତ୍ମବିଶ୍ୱାସ ଥିଲା ବାସ୍ତବରେ ପ୍ରଗାଢ଼ । ତଦୁପରି ବାରୀନ୍ଦ୍ର କୁମାରଙ୍କ ଭିତରେ ସଞ୍ଚାରିତ ହେଲା ଏକ ନୂତନ ଧାରଣା । ସେମାନଙ୍କ ଶାରୀରିକ ଓ ମାନସିକ ବଳ ସହିତ କିଛି ଯୌଗିକ ଶକ୍ତିର ସମନ୍ୱୟ ସମ୍ଭବ ହେଲେ ଉଦ୍ଦେଶ୍ୟ ହାସଲ ସହଜ ହୁଅନ୍ତା ନିଶ୍ଚୟ ! ଦଳର ବିପ୍ଳବ-ତତ୍ତ୍ୱ-ବିଶାରଦ ଉପେନ୍ଦ୍ର ନାଥ ବନ୍ଦୋପାଧ୍ୟାୟ ଲେଖିଛନ୍ତି :

''ବାହାରେ ତୁମୁଳ ଗତିରେ କାମଦାମ ଚାଲିଥାଏ । କିନ୍ତୁ ମନ ଭିତରେ ଯେମିତି ଅନୁଭୂତ ହେଉଥାଏ ଶକ୍ତିର ଅଭାବ । ଯେଉଁ ଅକୂଳ ସମୁଦ୍ର ଭିତରକୁ ଆମର ଏହି ଯେଉଁ ଅଭିଯାନ, ତା'ର ସମାପ୍ତି କେଉଁଠି ? ଆମେ ଯେ ଏତେ ଗୁଡ଼ିଏ ତରୁଣଙ୍କୁ ମୃତ୍ୟୁ ମୁଖକୁ ଠେଲି ନେଇ ଯାଉଛୁ ଆମ ଭିତରୁ ମୃତ୍ୟୁଭୟ ବିଲୁପ୍ତ ହୋଇଛି ତ ?... ପଥ ଯେ କ୍ରମେ ଅନ୍ଧକାରାଚ୍ଛନ୍ନ ମନେ ହେଉଛି ! ବାରୀନ୍ ମନରେ କ'ଣ ଥିଲା ଜାଣେନା । କୌଣସି ଦୁଃସାହସିକ କର୍ମ ହାତକୁ ନେଲେ ସେଥିରୁ ସେ କଦାଚ ଭୟରେ ଓହରି ଆସୁ ନଥାଏ । ତେବେ ମଧ୍ୟେ ମଧ୍ୟେ ମନେ ହେଉଥାଏ, ସେ ମଧ୍ୟ ଯେପରି ଅନ୍ତର୍ମୁଖୀ ହୋଇ ଶକ୍ତି ସଂଗ୍ରହ ନିମନ୍ତେ ବ୍ୟାକୁଳ ! ଆମ ବୋଝ ହାଲୁକା କରିବା ନିମନ୍ତେ କୌଣସି ଏକ ବିଶେଷ ଶକ୍ତି ଉପରେ ନିର୍ଭର ଆବଶ୍ୟକ । ତେଣୁ ବାରୀନ୍ ଗୁଜରାଟରୁ ବିଷ୍ଣୁ ଭାସ୍କର ଲେଲେଙ୍କୁ କଲିକତା ଆସିବାକୁ ଅନୁରୋଧ କରି ପତ୍ର ପ୍ରେରଣ କଲା ।''[୧]

ଶ୍ରୀଅରବିନ୍ଦ ସଂପ୍ରତି ସ୍କଟ୍ସ୍ ଲେନ୍‌କୁ ବାସ ପରିବର୍ତ୍ତନ କରିଥା'ନ୍ତି । ଫେବ୍ରୁଆରୀ ଶେଷ ସପ୍ତାହ ବେଳକୁ ଯୋଗୀ ଲେଲେ କଲିକତା ଆଗମନ କରନ୍ତେ ତାଙ୍କୁ ସେହିଠାରେ ରଖାଗଲା । ସେ ବସାରେ ଶ୍ରୀଅରବିନ୍ଦଙ୍କ ବ୍ୟତିରେକେ ରହୁଥିଲେ ମୃଣାଳିନୀ ଦେବୀ, ସରୋଜିନୀ ଦେବୀ ଏବଂ ଅବିନାଶ ଭଟ୍ଟାଚାର୍ଯ୍ୟ । କିଛି ଦିନ ପରେ ଶୈଳେନ୍ ବସୁ ମଧ୍ୟ ସେଠାରେ ଆସି ରହିଲେ ।

ସେ ଗୃହସ୍ଥଳୀ ପରିଚାଳନା ଦାୟିତ୍ୱ ବସ୍ତୁତଃ ଅବିନାଶ ଭଟ୍ଟାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ ଥାଏ । କିଛି କ୍ଷଣ ପାଇଁ ମାଣିକତଲା ପ୍ରସଙ୍ଗ ସ୍ଥଗିତ ରଖି ଶ୍ରୀଅରବିନ୍ଦଙ୍କର ତତ୍କାଳୀନ ଜୀବନଶୈଳୀ ଉପରେ ଅବିନାଶଙ୍କ ସ୍ମୃତିଚାରଣ ପ୍ରତି ଧ୍ୟାନ ଦିଆଯାଉ :

''ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ ଜୀବନଧାରା ମୁଁ ଉତ୍ତମ ରୂପେ ଲକ୍ଷ୍ୟ କରୁଥାଏ । ତାଙ୍କ ସହ ସାକ୍ଷାତ୍ ନିମନ୍ତେ ବହୁ ଲୋକ ଆସୁଥା'ନ୍ତି । ସେତିକିବେଳେ ସେ ଜାତୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ ତ୍ୟାଗ କରି 'ବନ୍ଦେ ମାତରମ୍' ସମ୍ପାଦନାରେ ମନୋନିବେଶ କରୁଥା'ନ୍ତି । ସେ ସର୍ବଦା ରହୁଥିଲେ ଧ୍ୟାନସ୍ଥ । କେହି ଗଲେ ଆସିଲେ ହସ ହସ ମୁହଁରେ କଥାବାର୍ତ୍ତା କରୁଥା'ନ୍ତି, ପୁଣି ଚୁପ୍ ହୋଇ ଧ୍ୟାନମଗ୍ନ ହୋଇ ଯାଉଥା'ନ୍ତି । 'ବନ୍ଦେ ମାତରମ୍' ସକାଶେ ପ୍ରବନ୍ଧ ନେବାକୁ କେହି ଆସିଲେ ତାକୁ ଅପେକ୍ଷା କରିବାକୁ କହି ଲେଖା ଆରମ୍ଭ କରୁଥା'ନ୍ତି । କେତେବେଳେ ଲେଖା ଉପରେ ଦୃଷ୍ଟି ଦେଇ ତ ଅନ୍ୟ କେତେବେଳେ ଲେଖା ଉପରେ ଦୃଷ୍ଟି ନଦେଇ ଲେଖି ଯାଉଥା'ନ୍ତି । କଲମ ବା ପେନ୍‌ସିଲ ମୋଟେ ବନ୍ଦ ହେଉ ନଥାଏ । କେଇ ପୃଷ୍ଠା ଲେଖି ସାରି କହୁଥା'ନ୍ତି 'ଏତିକିରେ ହେବ, ନୁହେଁ ?' 'ହଁ' ବୋଲି କହି ମୁଁ ତାହା ନେଇ ଦେଇ ଦେଉଥାଏ । ଏଭଳି ମଣିଷର ସଂସାର ପରିଚାଳନା କେଡ଼େ କଠିନ ତାହା ସହଜରେ ଅନୁମାନ କରାଯାଇପାରେ । ଖାଇବା ପିଇବା ପ୍ରତି ତିଳେ ମଧ୍ୟ ପରୁଆ ନାହିଁ । ଯାହା ଦିଆଯାଏ ତାହାହିଁ ଖାଇ ନିଅନ୍ତି । ଜୋତା ତଳେ ରନ୍ଧ୍ର । ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ସଂସାର ଭାବନା ତାଙ୍କର ନଥାଏ । ସବୁ ଭାବିବାକୁ ପଡୁଥାଏ ମୋତେ । ଜାତୀୟ ମହାବିଦ୍ୟାଳୟରୁ ମାସକୁ ୧୫୦

ଟଙ୍କା ମିଳିବା କଥା; କିନ୍ତୁ ସେତକ ସବୁ ଥର ମିଳୁ ନଥାଏ । ସେତକ ମଧ୍ୟ ବନ୍ଦ ହୋଇଗଲା । ଶ୍ରୀଯୁକ୍ତ ହେମେନ୍ଦ୍ର ପ୍ରସାଦ ଘୋଷ ମହାଶୟଙ୍କ ପାଖରେ ମଧ୍ୟେ ମଧ୍ୟେ ହାତ ପାତୁଥିଲି । ସୁବିଧା ଦେଖି ତାଙ୍କ ଋଣ ପରିଶୋଧ କରିବାର ଚେଷ୍ଟା ବି କରୁଥିଲି । ଯେଉଁମାନେ ଶ୍ରୀଅରବିନ୍ଦଙ୍କ ସଂସ୍ରବରେ ଆସୁଥିଲେ, ସେମାନେ ତାଙ୍କର ସରଳ ଶିଶୁ ଭଳି ହସ ଓ ଆଚରଣ ଦେଖି ମୁଗ୍ଧ ହୋଇ ଯାଉଥିଲେ । ମୁଁ ମଧ୍ୟେ ମଧ୍ୟେ ହସି ହସି ତାଙ୍କୁ ଗାଳି ଦେଇଛି । ସେ ହୋ ହୋ ହୋଇ ହସି ଉଠୁଥା'ନ୍ତି ।

''ଏହି ସମୟରେ ବିଷ୍ଣୁ ଭାସ୍କର ଲେଲେ ତାଙ୍କର ଜଣେ ଶିଷ୍ୟ ସହ ଆସି ସ୍କଟସ୍ ଲେନ୍ ଘରେ ରହିଲେ ।''(୨)

ସେମାନଙ୍କ ଆହାରର ଗୁଣାତ୍ମକ ମାନବର୍ଦ୍ଧନ ହେଲା ସେ ଅତିଥିଙ୍କ ସମ୍ମାନରେ । ଖାଲି ଭାତ ଓ ଡାଲି ସହ ଆଳୁ ଯୋଗ କରାଗଲା । ମୃଣାଳିନୀ ଦେବୀଙ୍କ ସହ ପରାମର୍ଶ କରି ଅତିଥି ଏବଂ ଶ୍ରୀଅରବିନ୍ଦଙ୍କ ଅନ୍ନ ଥାଳିରେ କେତେ ବିନ୍ଦୁ ଘୃତ ସିଞ୍ଚନ କରିବାର ବ୍ୟବସ୍ଥା ହେଲା ।

ଲେଲେଙ୍କୁ ସାହଚର୍ଯ୍ୟ ଦେବାକୁ ଯାଇ ଶ୍ରୀଅରବିନ୍ଦ କିଞ୍ଚିତ୍ ହାଲୁକା ରହିବାର ସୁଯୋଗ ପାଇଥିଲେ । ଅତିଥିଙ୍କୁ ନେଇ ସେ ବେଲୁଡ଼ ମଠ ଏବଂ କାଳୀଘାଟ ବୁଲି ଯାଇଥିଲେ । କିନ୍ତୁ ଲେଲେ ମାଣିକତଲା ବଗିଚାକୁ ଯାଇ ଯୁବକମାନଙ୍କୁ ବିପ୍ଳବ ମାର୍ଗରୁ ଓହରି ଆସିବା ଦିଗରେ ପ୍ରଭାବିତ କରିବେ, ଅବିନାଶ ଏହା ମୋଟେ ଚାହୁଁ ନଥିଲେ । ଦିନେ ସେ ଦେଖିବା ବେଳକୁ ଲେଲେ ମୃଣାଳିନୀ ଦେବୀଙ୍କୁ ଧ୍ୟାନ ବିଧି ଶିଖାଉଛନ୍ତି । ତାଙ୍କୁ ଏହା ଅସହ୍ୟ ମନେହେଲା । ସେ ମୃଣାଳିନୀ ଦେବୀଙ୍କ ପାଖରେ ନିଜ ମନୋଭାବ ବ୍ୟକ୍ତ କରନ୍ତେ ମୃଣାଳିନୀ ଦେବୀ ତାଙ୍କୁ କହିଲେ, ସ୍ୱାମୀଙ୍କୁ ଯଥାସମ୍ଭବ ଅନୁସରଣ କରିବା ଦିଗରେ ପ୍ରାଣପଣ ପ୍ରଚେଷ୍ଟା ଅବଶ୍ୟ ତାଙ୍କର କର୍ତ୍ତବ୍ୟ ! ଅବିନାଶ ନୀରବ ହେଲେ ।

କିନ୍ତୁ ଲେଲେ ମହାଶୟଙ୍କୁ ଦୁଇ ଦୁଇଟି କାରଣରୁ ହତାଶ ହେବାକୁ ପଡ଼ିଲା । ସେ ଦେଖିଲେ, ଶ୍ରୀଅରବିନ୍ଦଙ୍କୁ ସେ ଯେଉଁ ଯୋଗପଦ୍ଧତି ଶିଖାଇଥିଲେ, ତାହା ଶ୍ରୀଅରବିନ୍ଦ ଅନୁସରଣ କରୁ ନାହାନ୍ତି । ସେ କିପରି ବା ବୁଝନ୍ତେ ଯେ ଶ୍ରୀଅରବିନ୍ଦଙ୍କ ଜୀବନରେ ମହତ୍ତମ ଯୌଗିକ ପ୍ରତିଭାର ମଧ୍ୟ ଆଉ କୌଣସି ଭୂମିକା ନଥିଲା । ବର୍ତ୍ତମାନ ସେ ଚେତନାର ଅସୀମ, ଅଜଣା ମହାକାଶରେ ସ୍ୱୟଂଚାଳିତ ଅଭିଯାତ୍ରୀ ଓ ଆବିଷ୍କାରକ ।

ଲେଲେଙ୍କ ଦ୍ୱିତୀୟ ହତାଶାର ହେତୁ ବାରୀନ୍ଦ୍ର ଓ ତାଙ୍କ ସହଯୋଗୀମାନଙ୍କ ଆଭିମୁଖ୍ୟ । ସେ ଯୁବକ ଗୋଷ୍ଠୀର ଆଦର୍ଶ ବୁଝିବାକୁ ତାଙ୍କୁ ବିଳମ୍ୱ ହେଲା ନାହିଁ । ସେ ଦିଗରେ ସେମାନଙ୍କୁ ସେ ଶକ୍ତି ଯୋଗାଇବାର ପ୍ରଶ୍ନ ନଥିଲା । ସେମାନଙ୍କ ଆଦର୍ଶ ଅନୁସାରେ ସ୍ୱାଧୀନତା ଆସିବ, ତାଙ୍କୁ ତାହା ଅବାସ୍ତବ ମନେ ହେଲା । ଯୁକ୍ତିତର୍କ ହେଲା, କିନ୍ତୁ କୌଣସି ପକ୍ଷ ଅନ୍ୟ ପକ୍ଷକୁ ଟଳାଇ ପାରିଲେ ନାହିଁ ।

ଲେଲେ ମହାଶୟ ତଥାପି ଦେଖିଲେ, ସେ ଯୁବକମାନଙ୍କର ଯୋଗମାର୍ଗରେ ଯିବାର ଯୋଗ୍ୟତା ବିପୁଳ । ସେ ସେମାନଙ୍କୁ ସେ ଦିଗରେ ପ୍ରଭାବିତ କରିବାକୁ ଚେଷ୍ଟା କଲେ । ସେ କହିଲେ, ଦେଶ ଅବଶ୍ୟ ସ୍ୱାଧୀନ ହେବ । ତେଣୁ ଯୋଗ ଆୟତ୍ତ କରି ସେମାନେ ଉପଯୁକ୍ତ ନେତା ହୋଇ ପାରିବେ । ତାଙ୍କ ପ୍ରେରଣାରେ ଅନ୍ତତଃ ଦୁଇ ଜଣ ଯୁବକ ପରୀକ୍ଷାମୂଳକ ଭାବେ ସେ ପଥରେ ଯିବାକୁ ପ୍ରସ୍ତୁତ ହେଲେ । ତହିଁ ଭିତରୁ ଜଣେ ହେଲେ ଉପେନ୍ଦ୍ର ନାଥ । ତାଙ୍କ ସ୍ମୃତି ପାଠ କରାଯାଉ । ଉଦ୍ଧୃତ ଲେଖାରେ ସେ ଲେଲେଙ୍କୁ ସାଧୁ ବୋଲି ଅଭିହିତ କରିଛନ୍ତି :

''ସାଧୁ କହିଲେ, 'ଦେଖ ବାବା, ମୁଁ ଜାଣେ ବୋଲିହିଁ ଏକଥା କହୁଛି । ତୁମମାନଙ୍କ ଉଦ୍ଦେଶ୍ୟ ସିଦ୍ଧ ହେବ, କିନ୍ତୁ ତୁମମାନଙ୍କ ଅନୁସୃତ ପନ୍ଥାରେ ନୁହେଁ । ମୋର ବିଂଶ ବର୍ଷର ସାଧନା ଭିତ୍ତିରେ ମୁଁ ଏକଥା କହୁଛି । ପରିସ୍ଥିତି ଏପରି ହେବ, ଦେଶର ଶାସନ ଭାର ଦେଶବାସୀଙ୍କ ହାତକୁହିଁ ଆସିବ । ତୁମମାନଙ୍କୁ ଏକ ଶାସନ ପଦ୍ଧତି ସ୍ଥିର କରି ଅପେକ୍ଷା କରିବାକୁ ହେବ । ବର୍ତ୍ତମାନ ମୋ ସହ କେତେ ଜଣ ଚାଲ । ଯଦି ସାଧନାର ପ୍ରତ୍ୟକ୍ଷ ଫଳ କିଛି ନପାଇବ, ତେବେ ଫେରି ଆସିବ ।'

''ସେଦିନ ସାଧୁ ଚାଲିଯିବା ପରେ ଆମ ଭିତରେ ଭୀଷଣ ଯୁକ୍ତିତର୍କ ହେଲା । ବାରୀନ୍ ମୁହଁ ମୋଡ଼ି ଦେଇ କହିଲା 'କଦାପି ନୁହେଁ । ମୁଁ କାର୍ଯ୍ୟ ବନ୍ଦ କରିବି ନାହିଁ । ବିନା ରକ୍ତପାତରେ ଭାରତ ଉଦ୍ଧାର ! ସେଟା ଲେଲେଙ୍କ କଳ୍ପନା ! ସାଧୁଙ୍କର ଆଉ ସବୁ କଥା ମାନିଥାଏଁ, କିନ୍ତୁ ଏ କଥାଟି ନୁହେଁ ।'

''ମୁଁ କିନ୍ତୁ ସାଧୁଙ୍କ ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଥିଲି ।... ଆଉ ଜଣେ, ଦୁଇଜଣ ବନ୍ଧୁଙ୍କୁ ସାଥିରେ ନେଇଯିବାକୁ ସ୍ଥିର କଲି । ସାଧୁ ଆଉ ଦିନେ ମଧ୍ୟ ବାରୀନ୍‌କୁ ବୁଝାଇବାକୁ ଆସିଲେ । କିନ୍ତୁ ଅନ୍ୟର ଉପଦେଶ ଗ୍ରହଣ କରିବାର ସୁ-ଅଭ୍ୟାସ ବାରୀନ୍‌ର ବିଲକୁଲ ନଥିଲା । ସାଧୁ ଅବଶେଷରେ କହିଲେ, 'ଦେଖ, ଯଦି ଏ ପଥରୁ ଓହରି ନ ଆସିବ, ତେବେ ଅଳ୍ପଦିନ ଭିତରେ ଭୀଷଣ ବିପଦ ଅନିବାର୍ଯ୍ୟ ।'

''ବାରୀନ୍ ଦୁଇ ହାତ ହଲାଇ ଜବାବ ଦେଲା, 'ଫାଶୀ କାଠରେ ଝୁଲିବାକୁ ପଡ଼ିବ ! ଆଉ କିଛି ତ ନୁହେଁ ! ସେପାଇଁ ପ୍ରସ୍ତୁତ ହୋଇ ରହିଛି ।'

''ସାଧୁ କହିଲେ, 'ଯାହା ହେବ, ତାହା ମୃତ୍ୟୁଠାରୁ ମଧ୍ୟ ଭୀଷଣ !'

''ସେଦିନର ଆଲୋଚନା ଏହିଠାରେ ଶେଷ ହେଲା । ସାଧୁ ତାଙ୍କ ପ୍ରତ୍ୟାବର୍ତ୍ତନ ତାରିଖ ସ୍ଥିର କଲେ । କିନ୍ତୁ ଦିନଟି ଯେତିକି ପାଖେଇ ଆସିଲା, ବଗିଚା ଛାଡ଼ି ଚାଲିଯିବାକୁ ମୋ ମନ ସେତିକି ନାମଙ୍ଗ ହେଲା । ସ୍ତ୍ରୀ, ପୁତ୍ର, ଘରଦ୍ୱାର ଛାଡ଼ି ଆସିଛି, ତାହା ଖୁବ୍ କଠିନ ମନେ ହୋଇ ନାହିଁ । କିନ୍ତୁ ଯେଉଁମାନେ ଆମ କଥାରେ ସେମାନଙ୍କ ମାଆବାପାଙ୍କ ସ୍ନେହ, ଭବିଷ୍ୟତର ଆଶା, ଏପରିକି ପ୍ରାଣର ମମତାରେ ମଧ୍ୟ ଜଳାଞ୍ଜଳି ଦେଇ ଏଠାରେ ଆସି ରହିଛନ୍ତି, ସେମାନଙ୍କୁ ଛାଡ଼ି ଆଜି କୁଆଡ଼େ ପଳାଇବି ?... ସାଧୁଙ୍କ ବିଦାୟ ଦିନ ଆସିଲା । କିନ୍ତୁ ମୁଁ ତାଙ୍କ ସହ ଗଲି ନାହିଁ ।''(୩)

ଉପେନ୍ଦ୍ରନାଥ କେବଳ ନିଜେ ନ ଯାଇ ଯେ ଲେଲେଙ୍କୁ ହତାଶ କଲେ ସେତିକି ନୁହେଁ, କିନ୍ତୁ ଲେଲେ ଅନ୍ୟ ଯେଉଁ ଜଣେ ମାତ୍ର ତରୁଣଙ୍କୁ ସାଥିରେ ନେଇଯିବାର ସବୁ ବ୍ୟବସ୍ଥା ହୋଇଯାଇଥିଲା, ସେ ତରୁଣଟିକୁ ମଧ୍ୟ ତାଙ୍କଠାରୁ ଛଡ଼ାଇ ନେଲେ ! ସେ ତରୁଣ ମାଣିକତଲା ବଗିଚାର ଅନ୍ୟତମ ବାସିନ୍ଦା ପ୍ରଫୁଲ୍ଲ ଚାକି ।

ଶ୍ରୀଅରବିନ୍ଦଙ୍କର ଏକାନ୍ତ ଅନୁଗତ ଓ ବିଶ୍ୱସ୍ତ ସହକାରୀ ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ସ୍ମୃତିଚାରଣରୁ କିୟଦଂଶ :

''ପ୍ରଫୁଲ୍ଲ ଚାକି ଜଣେ ସାଧକ ସୁଲଭ ଜୀବନ ଯାପନ କରୁଥିଲେ । ବାରୀନ୍ଦ୍ର କୁମାର ଗୀତା ଏବଂ ଉପନିଷଦ୍ ପଢ଼ାଉଥିଲେ । ପୃଥିବୀର ବିଶେଷତଃ ବିପ୍ଳବ ଓ ବିଦ୍ରୋହସବୁର ଇତିହାସ ପଢ଼ାଉଥିଲେ ଉପେନ୍ଦ୍ର ନାଥ ବନ୍ଦୋପାଧ୍ୟାୟ । କେହି ସେଠାରେ ଗୁରୁ ହେବାର ଆକାଂକ୍ଷା ପୋଷଣ କରୁ ନଥିଲେ । ପରସ୍ପର ସ୍ନେହଶ୍ରଦ୍ଧା ଡୋରିରେ ବନ୍ଧା ହୋଇ ସଭିଏଁ ମୃତ୍ୟୁ ଆଦରି ନେବାକୁ ଅଗ୍ରସର ହେଉଥିଲେ । ସଙ୍ଗେ ସଙ୍ଗେ ଚାଲିଥିଲା ଅସ୍ତ୍ର ସଂଗ୍ରହ, ଲୋକ ସଂଗ୍ରହ, ଅର୍ଥ ସଂଗ୍ରହ ଏବଂ ବିପ୍ଳବ ଦ୍ୱାରା ଭାରତର ସ୍ୱାଧୀନତା ହାସଲ କରିବାକୁ ହେବ, ଲୋକଙ୍କୁ ଏହି ଶିକ୍ଷାଦାନ । ପ୍ରଫୁଲ୍ଲ ଚାକି ଧ୍ୟାନରେ ଏପରି ମଗ୍ନ ରହୁଥିଲେ ଯେ ଥରେ ଥରେ ଧକ୍କାମାରି ତାଙ୍କୁ ଜଗାଇବାକୁ ପଡୁଥିଲା ।... ଏହି ପ୍ରଫୁଲ୍ଲ ଚାକି ଏକଦା ଆମ ସହ ଖିଦିରପୁର ଗ୍ରାଣ୍ଡ ହୋଟେଲ, ପ୍ରେସିଡ଼େନ୍ସି କୋର୍ଟ ଇତ୍ୟାଦି ଅଞ୍ଚଳକୁ ଯାଉଥା'ନ୍ତି କିଂସ୍ ଫୋର୍ଡ଼ ସାହେବର ନିଧନ ଉଦ୍ଦେଶ୍ୟରେ । ସେ ସାହେବ ବିଚରାଟି ସାତ ସମୁଦ୍ର ସେପାରିରୁ ଜୀବିକା ନିର୍ବାହ ନିମନ୍ତେ ଏ ଦେଶକୁ ଆସିଥିଲା; କିନ୍ତୁ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆମ ହାତରେ ତା'ର ପ୍ରାଣ ଯିବ, ଏକଥା ଭାବି ଆମେ ତା' ପ୍ରତି ବଡ଼ ସହାନୁଭୂତିପ୍ରବଣ ହୋଇପଡ଼ୁଥାଉଁ ।

''ବାସ୍ତବିକ, ସେତେବେଳେ ଅଧିକାଂଶ ବିପ୍ଳବୀ ତରୁଣ ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ । ଅକାରଣରେ ସେମାନେ କୌଣସି ବ୍ୟକ୍ତିର ସାମାନ୍ୟ କ୍ଷତି କରିବେ ନାହିଁ । ଅନ୍ୟର ଦୁଃଖରେ ବିଗଳିତ ହେବେ । କିନ୍ତୁ ମାତୃଭୂମିର ମୁକ୍ତି ପାଇଁ ସେମାନେ ଅର୍ଥାଗାର ଲୁଣ୍ଠନ ବା ବୈରୀ-ନିଧନ ପାଇଁ ସଙ୍କୋଚ କରୁ ନଥିଲେ ।...

''ପ୍ରଫୁଲ୍ଲ ଚାକି ସାଧନାରେ ପ୍ରଗତି ସମ୍ପର୍କରେ ଲେଲେଙ୍କ ଉପଦେଶ ଚାହିଁବାରୁ ଲେଲେ ତାଙ୍କୁ ତାଙ୍କ ସହ ହରିଦ୍ୱାର ଆସିବାର ପରାମର୍ଶ ଦେଲେ । ପ୍ରଫୁଲ୍ଲ ସମ୍ମତ ହେଲେ ।

''ପ୍ରଫୁଲ୍ଲ ଆମଠାରୁ ବିଦାୟ ନେବାର ବିଷାଦପୂର୍ଣ୍ଣ ମୁହୂର୍ତ୍ତ ଉପଗତ ହେଲା । ଆମେ ପରସ୍ପରକୁ କୁଣ୍ଢାଇ ପକାଇଲୁଁ ଓ ଅଶ୍ରୁମୋଚନ କଲୁଁ । ପ୍ରଫୁଲ୍ଲକୁ ସାଥିରେ ଧରି ଲେଲେଜି ଶ୍ରୀଅରବିନ୍ଦଙ୍କଠାରୁ ବିଦାୟ ନେବାକୁ ଗଲେ । ଆମେ ଯାଇ ଉପେନ୍ଦ୍ରନାଥକୁ ଧରିଲୁଁ । ସେ ଦୌଡ଼ିଲେ ଶ୍ରୀଅରବିନ୍ଦଙ୍କ ବସାକୁ । ପ୍ରଫୁଲ୍ଲ ତଳ ମହଲାରେ ଅପେକ୍ଷା କରିଥିଲେ । ଉପେନ୍ଦ୍ରନାଥ ତାଙ୍କୁ ଚୁପିଚୁପି କହିଲେ, 'ଶୀଘ୍ର ପଳାଇଯାଅ । ଲେଲେ ତୁମକୁ କି ଜ୍ଞାନ ବା ଶିଖାଇବେ ?' ପ୍ରଫୁଲ୍ଲ ତତ୍କ୍ଷଣାତ୍ ପଳାଇଲେ । ଲେଲେଙ୍କ ସହ ଶ୍ରୀଅରବିନ୍ଦ ତଳକୁ ଆସିଲେ । ବାରୀନ୍ଦ୍ର କୁମାର ବି ଆସିଥା'ନ୍ତି । ପ୍ରଫୁଲ୍ଲ ଚାକିଙ୍କୁ ନଦେଖି ସମସ୍ତେ ବିସ୍ମିତ ।

'' 'କେହି ସେ ତରୁଣକୁ ପଥଭ୍ରଷ୍ଟ କରିଦେଲା !' ଅଭିଯୋଗ କଲେ ଲେଲେ । ଶ୍ରୀଅରବିନ୍ଦ ହସି ଦେଲେ । ଉପେନ୍ଦ୍ରନାଥ କେତେ ଦିନ ଧରି ଛାୟା ଭଳି ଲେଲେଙ୍କ ସହ ବୁଲୁଥିଲେ । କିନ୍ତୁ ସେ ହିଁ ପ୍ରଫୁଲ୍ଲଙ୍କୁ ତାଙ୍କ କବଳରୁ ଖସାଇ ଆଣିଲେ ।

''ବଗିଚାରେ ପ୍ରଫୁଲ୍ଲର ପ୍ରତ୍ୟାବର୍ତ୍ତନରେ ଆମର ଆନନ୍ଦର ସୀମା ରହିଲା ନାହିଁ ।''(୪)

ମାତ୍ର କେତେ ସପ୍ତାହ ପରେ ଏହି ପ୍ରଫୁଲ୍ଲ ଚାକି କ୍ଷୁଦିରାମ ସମେତ ଭାରତର ଅମର ସହିଦ ତାଲିକାର ଅନ୍ତର୍ଭୁକ୍ତ ହେଲେ ।

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**


୧. ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ''ନିର୍ବାସିତେର ଆତ୍ମକଥା'' (ବଙ୍ଗଳା) ନ୍ୟାସନାଲ ପବ୍ଲିଶର୍ସ, କଲିକତା ।
୨. ଅବିନାଶ ଭଟ୍ଟାଚାର୍ଯ୍ୟ : ''ଶ୍ରୀଅରବିନ୍ଦ'' (ବଙ୍ଗଳା); ଶ୍ରୀଅରବିନ୍ଦ ସ୍ମୃତିକଥା; ସଂକଳନ ଓ ସମ୍ପାଦନା – ସୁପ୍ରିୟ ଭଟ୍ଟାଚାର୍ଯ୍ୟ; ଶ୍ରୀଅରବିନ୍ଦ ଭବନ, କଲିକତା ।
୩. ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ''ନିର୍ବାସିତେର ଆତ୍ମକଥା'' ।
୪. ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ : ''ପ୍ରଫୁଲ୍ଲ ଚାକି'' (ବଙ୍ଗଳା); ରଚନା ସଂଗ୍ରହ, ୨ୟଖଣ୍ଡ; ଶ୍ରୀଅରବିନ୍ଦ ଭବନ, କଲିକତା । ❑


# ଅସୀମର ଆହ୍ବାନ

## ହୃଷୀକେଶ ପଣ୍ଡା

ବେଳେ ବେଳେ ଶୁଭୁଛି
ଆତୁର ବର୍ଷାର ସ୍ୱର
କେଇ ବୁନ୍ଦା ପାଣି ପଡ଼ିବାର ଶବ୍ଦ
ହୃଦୟର ନିଷିକ୍ତ ଚଟାଣରେ,
ଚେନାଏ ଅଚିହ୍ନା ପବନ ଚରିଯାଉଛି
ଦେହର ପ୍ରତିଟି ଅସ୍ଥି ମଜ୍ଜାକୁ
ଅପୂର୍ବ ମହକରେ ଉଲ୍ଲସି ଉଠୁଛି
ମନ ଗହନର ନିଷିଦ୍ଧ ଇଲାକା ।

ଆତ୍ମାର ପାଖାପାଖି ଅଞ୍ଚଳରୁ
ଭାସି ଆସୁଛି ନୀରବ ଧ୍ୱନିଟିଏ
ଯାହାକୁ ବୁଝିବା ସହଜ ନୁହେଁ
ସେ କେଉଁ ପରିଚିତ ମାଟିର,
ଯେଉଁଠିକୁ ଧସେଇ ପଶି ପାରେନି
କିଂବା ଧରି ରଖି ପାରେନି
କୌଣସି ଭାବହୀନ ବ୍ୟାଖ୍ୟା ।

ଝରକା ଖୋଲି ପଦାକୁ ଚାହିଁଲେ
ସୀମାହୀନ ଦୂରତାରୁ
ବେଳେ ବେଳେ ଲମ୍ବି ଆସୁଛି



କାହାର ପଣତ କାନି
ଯାହାକୁ ଛୁଇଁ ହେଉନି
କି ବିକଳରେ ଡାକି ହେଉନି,
ବାଧକ ସାଜୁଛି ଅତୀତ
ସ୍ମୃତିର ମୁରୁଜ ପିଣ୍ଡା
ତାରା ଭର୍ତ୍ତି ଆକାଶର ଦୃଶ୍ୟ ।

କେତେ ଅନୁଚ୍ଚାରିତ ଆଘାତ
ଶବ୍ଦ ଶୂନ୍ୟ ଆର୍ତ୍ତନାଦରେ
କଲବଲ ହେଉଛି ପ୍ରାଣ,
ଯେତେବେଳେ ପୁରୁଣା ଘରର
କାନ୍ଥସବୁ ଅଡ଼ି ବସୁଛନ୍ତି
ଖୋଜୁଛନ୍ତି ସେମାନଙ୍କ ସ୍ପର୍ଶ ।

କ୍ଳାନ୍ତିରେ, କୋହରେ ବିବଶ ଆତ୍ମା
ସତେ ଯେପରି ଛଟପଟ ହେଉଛି
କେଉଁ ଅଜଣା ବନ୍ଦିଶାଳାରେ
ଖୋଜୁଛି କ'ଣ ଗୋଟେ ଅନ୍ତନାଡ଼ରେ
ଯାହାକୁ ଚିରି ଦେଲେ ଦିଶନ୍ତା
ନୂଆ ଦିଗ୍‌ବଳୟଟେ ଆଖି ସାମ୍ନାରେ । ❑

ଯୋଗସମନ୍ୱୟ (୭୯)

# ଅତିମାନସ ଇନ୍ଦ୍ରିୟ ବା ସଂଜ୍ଞାନ

## (୧)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଚତୁର୍ବିଂଶ ଅଧ୍ୟାୟ – ''ଅତିମାନସ ଇନ୍ଦ୍ରିୟ (ସଂଜ୍ଞାନ)'' (**The Synthesis of Yoga, Part - IV, The Yoga of Self-Perfection, Chapter - XXIV "The Supramental Sense"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ଶ୍ରୀଅରବିନ୍ଦ କହନ୍ତି ଯେପରି ଏକ ଅତିମାନସ ଭାବନା ଅଛି ଓ ଅତିମାନସିକ ଚେତନା ଅଛି, ସେହିପରି ଏକ ଅତିମାନସିକ ଇନ୍ଦ୍ରିୟବୋଧ ଅଛି, ମୂଳ ପୁସ୍ତକରେ ଆମେ ଦେଖିବା ''As there is a supramental thought and essential consciousness, so too there is a supramental sense.''

(*The Synthesis of Yoga,* p. 862)

ଏହା କିନ୍ତୁ ସ୍ଥୂଳ ଶାରୀରିକ ଇନ୍ଦ୍ରିୟବୋଧ ନୁହେଁ, ମାତ୍ର ଚେତନାର ବିଷୟଗୁଡ଼ିକ ସହ ସଂପୃକ୍ତି । ଏହାହିଁ ସଜ୍ଞାନ । ଏହି ସ୍ତର ଯୁକ୍ତି-ବୁଦ୍ଧିର ଉପରେ । ଏହି ଅତିମାନସର ଇନ୍ଦ୍ରିୟ (Supramental Sense) ଆଜିର ଆଲୋଚ୍ୟ ବିଷୟ ।

ଅତିମାନସରେ ଜ୍ଞାନ ଲାଭର ଚାରିଗୋଟି ବୃତ୍ତି ଅଛି । ତାହା ହେଲା **ତାଦାତ୍ମ୍ୟଜ୍ଞାନ** (Knowledge by identity), **ବିଜ୍ଞାନ** (Total seeing and seizing, it is comprehension and possesion in the self of knowledge) । ଏହାର ଗତି ସ୍ପନ୍ଦନ ସମଗ୍ରକୁ ଦେଖିବା ଓ ଗ୍ରହଣ କରିବା । ଏହା ଚେତନାର ଦ୍ୱିତୀୟ କ୍ରିୟା । ଏଠାରେ ବ୍ୟକ୍ତି ଚେତନା ବସ୍ତୁକୁ ଆବୃତ କରି ଏକ ସମନ୍ୱୟାତ୍ମକ ଜ୍ଞାନ ଅର୍ଜନ କରେ । ଏହା ବ୍ୟାପ୍ତିଯୁକ୍ତ ଜ୍ଞାନ । ତୃତୀୟଟି ହେଲା ଅତିମାନସର ଅନ୍ୟ ଏକ କ୍ରିୟାତ୍ମକତା । ଏହା **ପ୍ରଜ୍ଞାନ** । ଏଠି ତାଦାତ୍ମ୍ୟଜ୍ଞାନ ପୃଷ୍ଠଭୂମିରେ । ଜ୍ଞାତ ବସ୍ତୁର ବିଷୟନିଷ୍ଠତା ଉପରେ ଗୁରୁତ୍ୱ ରହେ, କବି ଯେପରି ନିଜଠାରୁ ନିଜ କାବ୍ୟକୁ ଭିନ୍ନ ଭାବେ ଦେଖେ, ମାତ୍ର ଅନ୍ୟ ଦୃଷ୍ଟିରୁ କାବ୍ୟଟି କବିର ଆପଣାର ସୃଷ୍ଟି । ଅତିମାନସ ପ୍ରଜ୍ଞାର ପ୍ରଭାବରୁ ସତ୍ୟଦର୍ଶନ, ସତ୍ୟଶ୍ରବଣ ଓ ସତ୍ୟ ସ୍ମରଣ ସ୍ୱାଭାବିକ ହୋଇଯାଏ । ଏହା ଭାବନା ଓ ଭାଷା ଦ୍ୱାରା ଆପଣାକୁ ପରିପୂର୍ଣ୍ଣ କରେ । ଏଠାରେ ଜ୍ଞାତା ବସ୍ତୁକୁ ସମ୍ମୁଖରେ ରଖି ବସ୍ତୁଠାରୁ ଭିନ୍ନ ହୋଇ ପୂର୍ଣ୍ଣରୂପେ ତାକୁ ଜାଣେ । ଏପରି ଦେଖିବା **ପ୍ରଜ୍ଞାନ** । ଏହା ଅତିମାନସର ଏକ ଅପ୍ରଧାନ କ୍ରିୟା । ଏହା apprehensive knowledge – ଯେପରି ଶତଦଳର ସବୁଦଳ ଏଠି ଦୃଶ୍ୟମାନ ।

ତାଦାତ୍ମ୍ୟଜ୍ଞାନ ଶ୍ରେଷ୍ଠ । ଏଠାରେ ବିଷୟ ଓ ବିଷୟୀ ଅଭେଦ । ବିଷୟ ବିଷୟୀର ଆତ୍ମବିଭୂତି । ମୁଁ ଯାହା ଜାଣେ ତାହା ହୋଇପାରେ । ବୈଦିକ ଭାଷାରେ ଆତ୍ମାକୁ ଆତ୍ମା ଦ୍ୱାରା ଜାଣିବା ''ଆତ୍ମନି ଆତ୍ମାନମ୍ ଆତ୍ମନା'' । କେନ ଉପନିଷଦ୍ ଉପରେ ଆଲୋଚନା ପ୍ରସଙ୍ଗରେ ଶ୍ରୀଅରବିନ୍ଦ ଏହା କହିଛନ୍ତି ।

ଅତିମାନସର ଚତୁର୍ଥ ବୃତ୍ତି ହେଲା **ସଂଜ୍ଞାନ** । ଅତିମାନସ ଜ୍ଞାନର ବିଭିନ୍ନ ସମ୍ଭାବନା ଅଛି । ତାକୁ ପରିପୂର୍ଣ୍ଣ କରେ ସଂଜ୍ଞାନ । ଆଜିଯାଏ ଇନ୍ଦ୍ରୟଜ୍ଞାନକୁ ବୁଦ୍ଧି ମାଧମରେ ଆମେ ଯାହା ଜାଣୁ ତାକୁ ଜ୍ଞାନ କହିଥାଉ । କିନ୍ତୁ, ଆମ ମନ ମଧ୍ୟରେ ଏପରି ଶକ୍ତି ଅଛି, ସେ ସ୍ଥୂଳ ଇନ୍ଦ୍ରିୟନିର୍ଭର ହୋଇ ନପାରେ । ସ୍ଥୂଳ ଚକ୍ଷୁ ଉପରେ ନିର୍ଭର ନକରି ମନ ଦେଖିପାରେ, ସେହିପରି ସ୍ଥୂଳ କାନ ଉପରେ ନିର୍ଭର ନକରି ମନ ଶୁଣିପାରେ । ଏଣୁ ମନକୁ ଆମେ ଷଷ୍ଠେନ୍ଦ୍ରିୟ ବୋଲି କହୁ । କିନ୍ତୁ ମନ ନୁହେଁ, ଇନ୍ଦ୍ରିୟବୋଧର ବିଶୁଦ୍ଧ କ୍ରିୟା ହେଉଛି ଏକ ଆଧାତ୍ମିକ କ୍ରିୟା । ଆଧାତ୍ମିକ ଇନ୍ଦ୍ରିୟ ଜଡ଼ବସ୍ତୁ, ଅଜଡ଼, ସକଳ ରୂପ ଓ ରୂପାତୀତର ଜ୍ଞାନ ଲାଭ କରିପାରେ । ମନ ଭଳି ଏହା ସୀମିତ ନୁହେଁ । କାରଣ ସବୁ ବସ୍ତୁ ସତ୍ତା, ଚୈତନ୍ୟ ଓ ଆନନ୍ଦରୁ ନିର୍ମିତ । ବ୍ରହ୍ମଙ୍କୁ କୁହାଯାଇଛି ସେ 'ତତ୍' । ଆମେ ଚେତନାର ଏକ ସ୍ଥିତିରେ ଉପନୀତ ହୋଇ

ସକଳ ଭାବରେ ସେଇ ତତ୍ ବା ବ୍ରହ୍ମଙ୍କୁ ଦେଖିପାରୁ, ଶୁଣିପାରୁ, ସ୍ପର୍ଶ କରିପାରୁ । ତାହା ଆମର ମନ ନୁହେଁ, ସଜ୍ଞାନର କ୍ରିୟା ବୋଲି ଜାଣିବା । ଏଠାରେ ସ୍ଥୂଳ ଇନ୍ଦ୍ରିୟର ଘଟିଛି ଏକ ରୂପାନ୍ତର । ଆମେ ସକଳ ବିଷୟରେ ସଂଜ୍ଞାନ ଦ୍ୱାରା ସଂବିତ୍ ସମ୍ପନ୍ନ ହୋଇଉଠୁ । ଅତିମାନସ ଆପଣାର ଇନ୍ଦ୍ରିୟ ଦ୍ୱାରା ସବୁକୁ ଭଗବାନ୍ ବା ବ୍ରହ୍ମ ବୋଲି ଜାଣୁଛି, ଭଗବାନଙ୍କ ମଧ୍ୟରେ ଅବସ୍ଥିତ ବୋଲି ଅନୁଭବ କରୁଛି ଓ ସବୁ ସେହି ପରମ ଅନନ୍ତଙ୍କ ପ୍ରକାଶ ବୋଲି ଜାଣୁଛି । ସକଳ ସ୍ପର୍ଶ, ରୂପ, ଶବ୍ଦ, ସ୍ୱାଦ ଓ ଗନ୍ଧରେ ତାଙ୍କୁହିଁ ଅନୁଭବ କରୁଛି । ସବୁ ତାଙ୍କର ଗତିସ୍ପନ୍ଦନ, ଲୀଳା, ରୂପାୟନ, ପ୍ରଭାବ ବୋଲି ବୁଝୁଛି । ସବୁ ପଦାର୍ଥର ଅବିଭାଜ୍ୟତା ଅନୁଭବ କରୁଛି । ସେ ବି ବୁଝୁଛି ପ୍ରତ୍ୟେକଟି ମଧ୍ୟରେ ସବୁକିଛି ରହିଛି ଓ ସବୁକିଛି ମଧ୍ୟରେ ପ୍ରତ୍ୟେକଟି ରହିଛି । ଏହାର ଅନୁଭୂତିର ସୀମା ନାହିଁ । ଏଇ ବୋଧ ମହାସାଗରର ବୋଧ । ଏଠି ଇନ୍ଦ୍ରିୟଲବ୍ଧ ଯାବତୀୟ ବିଶେଷ ଜ୍ଞାନ ଏକ ଏକ ତରଙ୍ଗ ପରି । ଏହା ମଧ୍ୟରେ ଯାବତୀୟ କ୍ରିୟା, ଆଲୋକ, ସାମର୍ଥ୍ୟ ଏକ ଏକ ଆନନ୍ଦର ଆକାଶାତୀତ ଆକାଶ । ଏହି ଆନନ୍ଦ-ଆକାଶ ପରମାତ୍ମ-ସତ୍ତାଙ୍କର ବିଶ୍ୱମୟ ଅଭିବ୍ୟକ୍ତିର ଭିତ୍ତି ଓ ବିସ୍ତାର-ଭୂମି । ଏହା କଳ୍ପନା ନୁହେଁ, ବାସ୍ତବ ଅନୁଭୂତି ।

ଦିବ୍ୟଶ୍ରୁତି ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଏକ କବିତାର ମର୍ମାନୁବାଦରୁ ''The Divine Hearing''ର ଗୋଟିଏ ପଦ (ଏହି କବିଙ୍କ ରଚନାରୁ) ଏଠି ଉଦ୍ଧାର କରି ବିଷୟଟିକୁ ସ୍ପଷ୍ଟ ଓ ପୁଷ୍କଳ କରିପାରେ ।

''ସକଳ ଶବଦେ ନାଥ ! ଶୁଣୁଛି ମୁଁ ତବ କଣ୍ଠରୋଳ
ପକ୍ଷୀର କୂଜନେ ଆଉ ସଂଗୀତେ ବା ମେଘ ଗରଜନେ ।
ଜୀବନର ସୁଖ-ଦୁଃଖ କଳରୋଳ ଜାଣେ ଯେ ତୁମରି
ମାନବ ଭାଷାର ଛନ୍ଦେ ମର୍ମରିତ ବାଣୀ ତବ ଶୁଣେ ॥''

ସ୍ପର୍ଶ, ରୂପ, ଶବ୍ଦ, ରସ, ଗନ୍ଧ ସବୁ ପ୍ରକାରର ଅନୁଭୂତି ଏଠାରେ ଈଶ୍ୱରାନୁଭୂତି । ଅତିମାନସ-ଇନ୍ଦ୍ରିୟ ହୋଇଯାଏ ଅତିମାନସ ଭାବନା, ଅତିମାନସ ବୁଦ୍ଧି; ବୋଧ ଓ ସାମର୍ଥ୍ୟର ଆରମ୍ଭ ଓ ଆଧାର ।

ଥରେ ଶ୍ରୀଅରବିନ୍ଦଙ୍କୁ ପଚରାଯାଇଥିଲା ସର୍ବତ୍ର ବ୍ରହ୍ମ ଦର୍ଶନ କ'ଣ ? ସେ କହିଲେ, ''When I look at this table, it is not a table for me. I actually see Brahman in that form.''– ସେ ଟେବୁଲକୁ ଦେଖୁଛନ୍ତି ଯଥାର୍ଥ ବ୍ରହ୍ମ ଭାବେ । ଏହାହିଁ ସଜ୍ଞାନ ବା Spiritual Sense, ଏହି ଅତିମାନସ ଇନ୍ଦ୍ରିୟର ଭିତ୍ତି ପୂର୍ଣ୍ଣସତ୍ୟ, ଆଧ୍ୟାତ୍ମିକ ଇନ୍ଦ୍ରିୟର ଭିତ୍ତି ହୋଇପାରେ ଆଂଶିକ ସତ୍ୟ । ଅତିମାନସ ଇନ୍ଦ୍ରିୟର ପ୍ରକାଶ ହେଲେ ଆମେ ସର୍ବତ୍ର ପରମେଶ୍ୱରଙ୍କୁ ଦେଖିବା, ଆଉ ଜାଣିବା ସବୁହିଁ ଈଶ୍ୱର । ଇନ୍ଦ୍ରିୟ ଉପରେ ଯେପରି ମନ, ସେପରି ମନ ଉପରେ ବୋଧି । ଏଇ ବୋଧି ରାଜ୍ୟର ବିଷୟ ସଂଜ୍ଞାନ । ଏହି ସଜ୍ଞାନର ରହିଛି ଅଲୌକିକ ପ୍ରତ୍ୟକ୍ଷ ବୃତ୍ତି, ପ୍ରତ୍ୟକ୍ଷ ଚିନ୍ମୟତା ।

ସଂଜ୍ଞାନର ବିଷୟ, ବିଷୟୀ ମଧ୍ୟରେ ଯେଉଁ ସମ୍ପର୍କ ବା ସନ୍ନିକର୍ଷ ରହେ ତହିଁରେ ତାଦାତ୍ମ୍ୟବୋଧର ଅଖଣ୍ଡତା ଅନୁଭୂତ । ତିନୋଟି ଯାକ ସୁଦୀପ୍ତ ଆତ୍ମଚୈତନ୍ୟର ବିଚ୍ଛୁରଣ ।

ପ୍ରାକୃତ ଇନ୍ଦ୍ରିୟ ସନ୍ନିକର୍ଷ (sense contact)କୁ ଆଶ୍ରୟ କରି ସଂଜ୍ଞାନ ପ୍ରବର୍ତ୍ତିତ ହୋଇପାରେ । ଯଦି ତା' ସମ୍ଭବ ହୁଏ ତେବେ ସାଧାରଣ ଇନ୍ଦ୍ରିୟ ବସ୍ତୁର ମର୍ମମୂଳରେ ଅନୁପ୍ରବିଷ୍ଟ କରି ଅତିମାନସ ସତ୍ତା ଓ ଶକ୍ତିରେ ତାକୁ ପ୍ରତ୍ୟକ୍ଷ କରିପାରେ । ଆମ ଅନୁଭୂତି ଲାଗି ପ୍ରାକୃତ ଇନ୍ଦ୍ରିୟର ଏହା ଏକ ରୂପାନ୍ତରିତ, ମହିମାନ୍ୱିତ ଏବଂ ଅନନ୍ତ ଆନନ୍ଦମୟ କ୍ରିୟା । ଏହା ଏକ ଶାବ୍ଦିକ ଅଳଙ୍କାର ନୁହେଁ, ଏହା ଶୁଦ୍ଧ ଇନ୍ଦ୍ରିୟବୋଧର ମୂଳଭୂତ କ୍ରିୟା । ଏହା ସଜ୍ଞାନରହିଁ ଯଥାର୍ଥ ବର୍ଣ୍ଣନା । ଆମେ ଏହା ଦ୍ୱାରା ଆନନ୍ଦମୟ ରୂପରେ ପରମ ଅନନ୍ତ ଓ ତାହା ମଧ୍ୟରେ ଅବସ୍ଥିତ ସକଳ ବସ୍ତୁ ବିଷୟରେ ସଂବିତ୍ ସମ୍ପନ୍ନ ହୋଇପାରୁ, ଆପଣା ସତ୍ତାର ଏକ ଘନିଷ୍ଠ ସଂସ୍ପର୍ଶ ଦ୍ୱାରା ଏହି ବିଶ୍ୱରେ ଯେଉଁଠି ଯାହା କିଛି ରହିଛି ସେ ସବୁ ବୋଧ କରିପାରୁ ।

ଏହି ଇନ୍ଦ୍ରିୟବୋଧର କ୍ରିୟା ଇନ୍ଦ୍ରିୟ ବୋଧର ଯଥାର୍ଥ ସତ୍ୟ ଉପରେ ପ୍ରତିଷ୍ଠିତ । ଏହା ବିଶୁଦ୍ଧ, ଚିଦ୍‌ଗତ, ଅନନ୍ତ ଓ ପରମ ସଂଜ୍ଞାନର ଏକ ସଂଗଠିତ କ୍ରିୟା । ଅତିମାନସ ଇନ୍ଦ୍ରିୟ ସକଳ ବସ୍ତୁକୁ ପରମେଶ୍ୱର ବୋଲି ଜାଣେ । ସେହି ଈଶ୍ୱରଙ୍କ ମଧ୍ୟରେ ଅବସ୍ଥାନ କରେ ଓ ସେହି ଅନନ୍ତଙ୍କୁହିଁ ଅଭିବ୍ୟକ୍ତ କରେ । ତାଙ୍କୁ ସ୍ପର୍ଶ, ରୂପ, ଗନ୍ଧ, ଶବ୍ଦ, ସ୍ୱାଦ ଭାବେ ଅନୁଭବ କରେ । ଏହାର ପୂର୍ବବର୍ଣ୍ଣିତ 'ଦିବ୍ୟଶ୍ରୁତି' (The Divine Hearing) କବିତାର ଆଲୋଚନା ବେଳେ କିଞ୍ଚିତ୍ ଆଭାସ ଦେଇଛୁ ।

ଏପରି ଅବସ୍ଥାରୁ ବୋଧ ହେଉଛି କୌଣସି ବସ୍ତୁ ସ୍ୱତନ୍ତ୍ର ନୁହେଁ । ସମସ୍ତେ ଗୋଟିଏ ସତ୍ତାର ଗତିସ୍ପନ୍ଦନ, ଗୋଟିଏ ବସ୍ତୁ ଅନ୍ୟ ବସ୍ତୁ ସହ ଅବିଭାଜ୍ୟ । ସକଳ ବସ୍ତୁ ଅନନ୍ତ ଅବିଭାଜ୍ୟତା, ଆନନ୍ତ୍ୟ ଓ ସମ୍ପୂର୍ଣ୍ଣ ଦିବ୍ୟତା ମଧ୍ୟରେ ସଂସ୍ଥାପିତ । ଅତିମାନସର ଏହି ଇନ୍ଦ୍ରିୟବୋଧ ସକଳ ରୂପାୟନକୁ ପ୍ରତ୍ୟକ୍ଷଭାବେ ଅନୁଭବ

କରୁଛି । ଏହା ବସ୍ତୁ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଗୁଣକୁ ବି ପ୍ରତ୍ୟକ୍ଷଭାବେ ଜାଣୁଛି । ବସ୍ତୁଗୁଡ଼ିକର ଚତୁର୍ଦ୍ଦିଗରେ ଅବସ୍ଥିତ ଦିବ୍ୟ-ଉପସ୍ଥିତି ଓ ସକଳ ଉପାଦାନକୁ ଏହା ପ୍ରତ୍ୟକ୍ଷ କରିପାରୁଛି । ବସ୍ତୁଗୁଡ଼ିକ ପରମ ଅସୀମ ମଧ୍ୟକୁ ଆପଣାକୁ ଉନ୍ମୋଚିତ ଓ ପ୍ରସାରିତ ହୋଇ ତହିଁରେ ଏକାତ୍ମ ହେବାର ଅନୁଭବ ଏଠି ସ୍ୱଷ୍ଟ । ମନର ଇନ୍ଦ୍ରିୟ ବୋଧ ପରି ଏହା ସୀମିତ ନୁହେଁ, ଏହି ବୋଧ ଏକ ମହାସାଗରର ବୋଧ ପରି ବା ମହାକାଶର ବୋଧପରି । ଏଠାରେ ଇନ୍ଦ୍ରିୟଲବ୍ଧ ସକଳ ଜ୍ଞାନ ଓ ସମ୍ବେଦନ ଏକ ଏକ ତରଙ୍ଗ ତୁଲ୍ୟ । ଏଠାରେ ଏକ ଏକ ଗତିସ୍ପନ୍ଦନ ଫେନପୁଞ୍ଜ ପରି । ଏହାର ଯାବତୀୟ କ୍ରିୟା ଜ୍ୟୋତିଃ, ଶକ୍ତିମତ୍ତା ଓ ଆନନ୍ଦର ଆକାଶାତୀତ ଆକାଶ ମଧ୍ୟରେ ସଂଘଟିତ । ଏହି ଆକାଶର ବର୍ଣ୍ଣନା ରହିଛି ଉପନିଷଦ୍‌ରେ । ସେହି ଆନନ୍ଦ-ଆକାଶହିଁ ପରମେଶ୍ୱରଙ୍କର ବିଶ୍ୱମୟ ଅଭିବ୍ୟକ୍ତିର ଭିତ୍ତି । ଏହି ଆନନ୍ଦ-ଆକାଶ ଯଥାର୍ଥ ଅନୁଭୂତିର ମାଧ୍ୟମ । ଏହାର ସୂଚନା ପୂର୍ବେ ଦେଇଛୁ ।

ଆମ ନିଜ ଶକ୍ତିମତ୍ତାର କ୍ଷେତ୍ରରେ ଅତିମାନସ ଇନ୍ଦ୍ରିୟବୋଧର ଉନ୍ମୋଚନକାରୀ ଏକ ଆଲୋକ ଥାଏ । ଏହା ବହନ କରିଥାଏ ବସ୍ତୁ ମଧ୍ୟରେ ଥିବା ସତ୍ୟର ରହସ୍ୟ । ଏହା ଅତିମାନସ ଜ୍ଞାନର ଆରମ୍ଭ ବିନ୍ଦୁ ବା ଆଧାର ଭୂମି । ଏଠାରେ ଥାଏ ଆତ୍ମୋପଲବ୍ଧିର ଶକ୍ତି, ଏଠାରେ ରହିଥାଏ ଆଧ୍ୟାତ୍ମିକ ଓ ଅତିମାନସ ସଂକଳ୍ପ ଓ ଜ୍ଞାନର ଆରମ୍ଭ ବିନ୍ଦୁ । ଅତିମାନସର ମୂଳ ସ୍ୱଭାବଟି ହେଲା, ଏହାର ଯାବତୀୟ ଜ୍ଞାନ ତାଦାତ୍ମ୍ୟ ବା ଏକତ୍ୱର ଜ୍ଞାନ । ସକଳ ଭୂମିରେ ସେ ଋତଚିନ୍ମୟ । କ୍ରିୟା ଭୂମିରେ ଏହା ମଧ୍ୟ ଏକତ୍ୱ ଓ ସୌଷମ୍ୟର ବସ୍ତୁ । ଅତିମାନସ ଭାବନା ତାଦାତ୍ମ୍ୟଜ୍ଞାନର ଗୋଟିଏ ରୂପ । ଅତିମାନସ ଯାହା ଚିନ୍ତାକରେ, ଯାହା ହୋଇ ରହିଥାଏ, ଯାହା କରେ, ଯାହା କିଛି ମଧ୍ୟରେ ଜୀବନ ବଞ୍ଚାଉ ଥାଏ, ତାହା କେବଳ ଋତଂ ସତ୍ୟଂ ବୃହତ୍‌ରହିଁ ସମ୍ପଦ ।

ଅତିମାନସ ଇନ୍ଦ୍ରିୟବୋଧ ମଧ୍ୟରେ ଆପଣା ଶକ୍ତି ମଧ୍ୟରେ କାର୍ଯ୍ୟ କରିବାର ସାମର୍ଥ୍ୟ ଥାଏ । ଏହି ଶକ୍ତି ସ୍ଥୂଳ ମନ, ପ୍ରାଣ, ଶରୀର ଓ ଅନ୍ତର୍ଗତ ମନ ଓ ତା'ର ଅନୁଭୂତିର ଊର୍ଦ୍ଧ୍ୱରେ । ଏହା ସକଳ ବିଷୟରେ ସମ୍ବିତ୍ ସମ୍ପନ୍ନ । ଏପରିକି ସୂକ୍ଷ୍ମ ଓ ସ୍ଥୂଳ ସକଳ ବସ୍ତୁ ଏହା ପାଇଁ ସୁଜ୍ଞାତ ଓ ସୁବୋଧ । ସ୍ଥୂଳ ଇନ୍ଦ୍ରିୟମାନେ ଯେପରି ଜାଣି ପାରନ୍ତି ଏହା ସକଳ ବସ୍ତୁକୁ ମଧ୍ୟ ସେପରି ଜାଣିପାରେ । ଏପରିକି ଯାହା ସ୍ଥୂଳ ଇନ୍ଦ୍ରିୟମାନଙ୍କର ଅଜ୍ଞାତ ତାହା ଆମକୁ ଜାଗ୍ରତ୍ ଅବସ୍ଥାରେ ପ୍ରତ୍ୟକ୍ଷ କରାଇ ଦିଏ । କାରଣ ସ୍ଥୂଳ ଇନ୍ଦ୍ରିୟ ସୀମାବଦ୍ଧ । ମାତ୍ର ଏହାର ସୀମା ନାହିଁ । ଆମଠାରୁ ସୁଦୂର ବସ୍ତୁର ରୂପକୁ ଏହା ମଧ୍ୟ ଦେଖାଇପାରେ ଯାହା ସବୁ ସୂକ୍ଷ୍ମ ଜଗତର, ସ୍ଥୂଳ-ଜଗତକୁ ଆସି ନାହିଁ, ତାକୁ ମଧ୍ୟ ଅତିମାନସର ଏଇ ଇନ୍ଦ୍ରିୟ ସଂଜ୍ଞାନ ଆମ ଆଗରେ ଉପସ୍ଥାପନ କରିପାରେ । ଅତୀତ, ବର୍ତ୍ତମାନ, ଭବିଷ୍ୟତ୍ ସେ ସବୁକିଛିର ଭେଦ କରିପାରେ ।

ଅତିମାନସ କ୍ରିୟାରମ୍ଭ କରିବା କ୍ଷଣି ଆମର ସକଳ ସତ୍ତା ସକଳ ସ୍ତରର ରୂପାନ୍ତର ଘଟେ । ଏହା ସ୍ତର ପରେ ସ୍ତରରେ ସମ୍ଭବ ହୁଏ ମାତ୍ର ସମ୍ଭବ ହୁଏ ଦ୍ରୁତ ଗତିରେ । ଅତିମାନସ ଚେତନାର ପ୍ରବାହ କ୍ରମଶଃ ନିମ୍ନଭୂମି ଦିଗରେ ଗତି କରେ । ଏହା ହୁଏ ଅବାରିତଭାବେ ସଦାସର୍ବଦା । ଗୋଟିଏ ସମୟରେ ଗୋଟିଏ ଅବସ୍ଥାରେ ଏହା ଚତୁର୍ଦ୍ଦିଗକୁ ବିଛାଇ ହୋଇଯାଏ । ତା'ପରେ ହୁଏ ସମ୍ପୂର୍ଣ୍ଣ ଅତିମାନସିକତା । ଏହା କ୍ରମଶଃ ଶରୀର ଭୂମିକୁ ଭେଦିଯାଏ । କେବଳ ମନ ନୁହେଁ, ହୃଦୟ ଓ ଦେହର ସତ୍ତା ଏହା ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ଏବେ ଏହା ଫଳରେ ଆମର ଦୃଷ୍ଟି ସର୍ବ ଦିଗକୁ ବିସ୍ତାରିତ ହୋଇଯାଏ । ଆମେ ଅଗ୍ରଭାଗ, ପଶ୍ଚାଦ୍‌ଭାଗ, ଚତୁର୍ଦ୍ଦିଗକୁ ଏକାବେଳେକେ ଜାଣିପାରୁ । ଏହା ସଂଜ୍ଞାନ ଯୋଗୁଁ ଘଟେ । ଦୃଷ୍ଟିରେ ଯାହା ଦୋଷ ଥାଏ, ତାହା ମଧ୍ୟ ଏଥିଯୋଗୁଁ ନିରାକୃତ ହୋଇଯାଏ, ଆମେ ଅନ୍ତରସ୍ଥିତ ଆତ୍ମାକୁ ପ୍ରତ୍ୟକ୍ଷ କରୁ ।

ଶ୍ରୀଅରବିନ୍ଦ କହୁଛନ୍ତି ଅତିମାନସ-ଇନ୍ଦ୍ରିୟ ସକଳ ବସ୍ତୁ ପୂର୍ବରୁ ଅଜ୍ଞାତ ବସ୍ତୁର ଚତୁର୍ଥ ଭୂମି (fourth dimension) ପୂର୍ବରୁ ଜ୍ଞାତ ତିନୋଟିଯାକ ଭୂମି (three dimensions) ସହ ଏକତ୍ର ପ୍ରତ୍ୟକ୍ଷ କରାଇପାରେ, ପ୍ରତ୍ୟେକ ବସ୍ତୁ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ଭାବେ ପ୍ରତିଭାତ ନହୋଇ ମୂଳ ସତ୍ତାର ଏକ ଏକ ଅଂଶ ଭାବେ ଉପଲବ୍ଧ ହୁଅନ୍ତି । ଯାହା ଅସୁନ୍ଦର ତା'ର ଭୂମିକା ମଧ୍ୟ ଜଣାଯାଏ । ଏହା ପଛରେ ସୃଷ୍ଟି କର୍ତ୍ତାଙ୍କ ଉଦ୍ଦେଶ୍ୟ ବୁଝିହୁଏ । ଆମେ ଯାହା ବି ଶୁଣୁ ସେ ବିଶ୍ୱଗତ ସଂହତିର ଅଂଶ ଭାବେ ପ୍ରତିଭାତ ହୁଏ । ସକଳ ଶବ୍ଦ ଈଶ୍ୱରଙ୍କ କଣ୍ଠ ସ୍ୱର ବୋଲି ଆମେ ଜାଣୁ । ଅସୀମ ନୀରବତା ମଧ୍ୟରୁ ସବୁ ଧ୍ୱନିର ପ୍ରକାଶ ଆମେ ଏବେ ଲକ୍ଷ୍ୟ କରୁ ।

ଏବେ ନୂଆ ନୂଆ ଶକ୍ତିର ସୃଷ୍ଟି ହୁଏ । ଏସବୁ ନୂଆ ନୂଆ ଶକ୍ତି ଆସେ ଅସୀମ ଭୂମିରୁ । ଏଣୁ ନୂତନ ଦୃଷ୍ଟି, ଶ୍ରୁତି ପ୍ରକାଶ ପାଏ । ଏଥିପାଇଁ କିଛି ଚେଷ୍ଟା କରିବାକୁ ପଡ଼େ ନାହିଁ ।

ଅତିମାନବ ଆମ ଭଳି ଦେଖିପାରେ ମାତ୍ର ଯାହା ଦେଖେ ତା'ର ମୂଳ ତତ୍ତ୍ୱ, ତା'ର ଊର୍ଦ୍ଧ୍ୱସ୍ଥ ଓ ପଶ୍ଚାତ୍ ଭାଗରେ ଯାହା ଅଛି ତାହା ବି ଜାଣେ । ଆମେ କେବଳ ବସ୍ତୁଟିକୁ ବାହ୍ୟ ଦୃଷ୍ଟିରେ ତା'ର ବାହ୍ୟ ରୂପଟିକୁ ଦେଖିପାରୁ । ଅତିମାନସର କିନ୍ତୁ ଅଛି ପୂର୍ଣ୍ଣ ଦୃଷ୍ଟି । ଏବେ ଦେହ ମଧ୍ୟକୁ ଚତୁର୍ଦ୍ଦିଗରୁ ଜୀବନୀଶକ୍ତିର ପ୍ରବାହ ଘଟେ । କାରଣ ଅତିମାନସ ଚେତନାର ସବୁ ସୀମା ଭାଙ୍ଗି ବ୍ୟକ୍ତିକୁ ସାଗରବତ୍ ବିଶାଳ ଚେତନାରେ ରୂପାୟିତ କରେ । ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟକ୍ତିଗତ ସବୁ ଏବେ ଏକାକାର । ବ୍ୟକ୍ତି ପାଇଁ ଆଉ କିଛି ଗୁପ୍ତ ନାହିଁ । ଆମେ ଶ୍ରୀଅରବିନ୍ଦଙ୍କ 'The Divine Hearing' କବିତାରୁ ଏସବୁର ପୂର୍ଣ୍ଣ ଆଭାସ ପାଉ, ଯାହାର ଆଲୋଚନା ପୂର୍ବେ କରିଛୁ । ଏବେ ତା'ର ସୂଚନା ଦେଉଛୁ ।

"All sounds, all voices have become thy voice." ସବୁ ଶବ୍ଦ, ସବୁ ଧ୍ୱନି ଦିବ୍ୟ । ସେହିପରି ଦିବ୍ୟଦୃଷ୍ଟି (Divine sight) ସମ୍ପର୍କରେ କୁହାଯାଇଛି "Each sight is now immortal with Thy bliss."

A master-work of colour and design. ସେପରି ସବୁ ଦୃଷ୍ଟି ହୋଇପାରେ ଈଶ୍ୱରୀୟ ।

ତା'ପରେ ସେ 'The Divine sense' ସମ୍ପର୍କରେ କହୁଛନ୍ତି –

"Surely I take no more an earthly food.
But eat the fruits and plants of paradise !
For thou hast changed my sense's habitude
From mortal pleasure to divine surprise."

ଅତିମାନସରେ ସମସ୍ତ ଖାଦ୍ୟ ଅମୃତ, ସ୍ୱର୍ଗୀୟ ହୋଇଯାଏ । ସ୍ଥୂଳ ସୁଖ ବଦଳରେ ମିଳେ ସ୍ୱର୍ଗୀୟ ସୁଖ । ଏଥିରୁ ଆମେ ଜାଣୁ ଅତିମାନସରେ ଦିବ୍ୟ ଶ୍ରୁତି, ଦିବ୍ୟ ଦୃଷ୍ଟି, ଦିବ୍ୟ ଇନ୍ଦ୍ରିୟାନୁଭୂତି କିପରି ସ୍ୱର୍ଗୀୟ, ମଧୁମୟ । ଏହା ରୂପାନ୍ତରର ଲକ୍ଷଣ । ଏଠାରେ ସବୁ ମଧୁର – ମଧୁରାଷ୍ଟକମ୍‌ରୁ ତା'ର ଆଭାସ ପାଉ ।

ଅଧରଂ ମଧୁରଂ ବଦନଂ ମଧୁରଂ
ନୟନଂ ମଧୁରଂ ହସିତଂ ମଧୁରମ୍
ହୃଦୟଂ ମଧୁରଂ ଗମନଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍ ।
ବଚନଂ ମଧୁରଂ ଚରିତଂ ମଧୁରଂ
ବସନଂ ମଧୁରଂ ବଳିତଂ ମଧୁରମ୍ ।
ଚଳିତଂ ମଧୁରଂ ଭ୍ରମିତଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍ ।

ଏସବୁ ସ୍ଥୂଳ ଇନ୍ଦ୍ରିୟର ଦିବ୍ୟ-ରୂପାନ୍ତରର ଫଳ ।

ସ୍ଥୂଳ ଇନ୍ଦ୍ରିୟର ଏପରି ଅନୁଭବ ନାହିଁ । ସେ ସ୍ଥୂଳ ରୂପ ଜାଣିବାକୁ କ୍ଷମ । କିନ୍ତୁ ବିଷୟର ମର୍ମଭେଦ ଅକ୍ଷମ । ଅତିମାନସ ଇନ୍ଦ୍ରିୟ ସଂଜ୍ଞାନ, ତାକୁ ସ୍ୱାଭାବିକଭାବେ ବୈଜ୍ଞାନିକର ରଞ୍ଜନରଶ୍ମି ପରି ଦିବ୍ୟଚେଷ୍ଟାରେ ପୂର୍ଣ୍ଣ ରୂପେ ଜାଣେ । ସେ ବାହ୍ୟ ଓ ଅନ୍ତର ସବୁ ଭେଦକ୍ଷମ ।

ଅତିମାନସ-ଇନ୍ଦ୍ରିୟ ଆନନ୍ଦମୟ ଭୂମିର ବାର୍ତ୍ତାବହ ପରି । ଅତିମାନସ-ବିଚାର ସେହିପରି ସତ୍ ସହ ସମ୍ପୃକ୍ତ । ଅତିମାନସ-କ୍ରିୟା ସେହିପରି ଐଶ୍ୱରୀୟ ଶକ୍ତି ସହ ସମ୍ପୃକ୍ତ ଯାହା ଚିତ୍-ତପଃ । ସତ୍-ଚିତ୍-ଆନନ୍ଦ ଏହିପରି ଅତିମାନସ ମାଧ୍ୟମରେ ମାନବ ଭୂମିରେ ନିଜକୁ ଅଭିବ୍ୟକ୍ତ କରୁଛନ୍ତି । ସଂଜ୍ଞାନର ଏହା ଅବଦାନ ଓ ପରାକ୍ରମ ।

(ଏ ସମ୍ବନ୍ଧରେ ଅଧିକ ଚର୍ଚ୍ଚା ପାଇଁ
ପରବର୍ତ୍ତୀ ପ୍ରବନ୍ଧକୁ ଅପେକ୍ଷା କରନ୍ତୁ)

❑❑❑

ଆମ ନିଜକୁ ଅତିକ୍ରମ କରିବା ପାଇଁ ପ୍ରଚେଷ୍ଟାର ମାତ୍ରାରେହିଁ ରହିଛି ଆମର ଯାହାକିଛି ମୂଲ୍ୟ ଏବଂ ଆମ ନିଜକୁ ଅତିକ୍ରମ କରିଯିବାର ଅର୍ଥ ହେଉଛି ଭଗବାନଙ୍କୁ ଲାଭ କରିବା ।

– ଶ୍ରୀମା

# ଦୈନନ୍ଦିନ ଜୀବନରେ ଯୋଗ

## ମାଧବ ପଣ୍ଡିତ

'ଦୈନନ୍ଦିନ ଜୀବନରେ ଯୋଗ'— ଏ ବିଷୟରେ ଲେଖିବା ପାଇଁ ମୋର ଭଉଣୀ ମୋତେ ଅନୁରୋଧ କରିଥିଲା । ତା'ର ପ୍ରଶ୍ନ କରିବାର କାରଣ ହେଉଛି ଏହି ଯେ ମୁଁ ବହୁବାର ତାକୁ କହି ରଖିଛି ନିତ୍ୟନୈମିତ୍ତିକ ଜୀବନଯାପନରେ ଯୋଗ, ଧ୍ୟାନ, ଜପ ଆଦିର ଗୂଢ଼ ତତ୍ତ୍ୱ ପ୍ରକାଶ ନପାଇଲେ ସେସବୁର କିଛି ମୂଲ୍ୟ ରହେ ନାହିଁ । ମୂଳତଃ ବ୍ୟକ୍ତି କେଉଁ ଚେତନା, ମନୋଭାବ ଓ ନିଷ୍ଠାକୁ ନେଇ ଏହାକୁ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟକାରୀ କରୁଛି, ତାହାହିଁ ପ୍ରଧାନ କଥା । ଯାହାହେଉ, ବାହ୍ୟ ଜୀବନର ପରିପ୍ରେକ୍ଷୀରେ ଏହାକୁ ବିଶଦଭାବେ ନିମ୍ନମତେ ଉଲ୍ଲେଖ କରାଯାଇପାରେ :

ଅତି ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରିବାକୁ ହେବ । ଭୋରରୁ ଶଯ୍ୟାତ୍ୟାଗ କରାଯିବା ଦ୍ୱାରା ନୀରବତା ଓ ଶାନ୍ତି ଗ୍ରହଣରେ ତଥା ଆତ୍ମ-କୈନ୍ଦ୍ରିକତା ଲାଭ କରିବା ଦିଗରେ ପ୍ରକୃତିଠାରୁ ସାହାଯ୍ୟ ମିଳିଥାଏ । ଶଯ୍ୟାତ୍ୟାଗ କରିବା ମାତ୍ରେ ଭଗବାନଙ୍କ ଉଦ୍ଦେଶ୍ୟରେ ସମଗ୍ର ଦିବସଟିକୁ ନିବେଦନ କରି ପ୍ରାର୍ଥନା କରିବାକୁ ହେବ । ସମଗ୍ର ଦିବସଟିକୁ ପୂର୍ଣ୍ଣରୂପେ ଉପଯୋଗ କରିବା ପାଇଁ, ଦିବସର ପ୍ରତ୍ୟେକ ମୁହୂର୍ତ୍ତକୁ ଭଗବତ୍ ସ୍ମରଣ ସହ କଟାଇବା ପାଇଁ ଏବଂ ନିଜକୁ ସର୍ବତୋଭାବେ ଭଗବାନଙ୍କ ନିକଟରେ ଦେଇ ଦେବା ପାଇଁ ଏକ ସାନନ୍ଦ ସଂକଳ୍ପ ଶଯ୍ୟାତ୍ୟାଗ ସମୟରେ କରିବାକୁ ହେବ । ତା'ହେଲେ ବ୍ୟକ୍ତି ଏକ ଯଥାର୍ଥ ଛନ୍ଦୋମୟତା ମଧ୍ୟରେ ପ୍ରବେଶ କରି ପାରିବ ।

ତା'ପରେ ଅନ୍ତରସ୍ଥ ଭଗବାନଙ୍କୁ ଅର୍ପଣପୂର୍ବକ ଯଥାରୀତି ନିତ୍ୟକର୍ମ ଯଥା — ସ୍ନାନ, ପ୍ରାତଃଭୋଜନାଦି ସମାପନ କରି କିଛି ସମୟ ବସି କିଂବା ଠିଆହୋଇ ପ୍ରାର୍ଥନାରତ ରହି ନିଜ ସତ୍ତା ଭିତରକୁ ପ୍ରାତଃକାଳୀନ ଶାନ୍ତିର ଅବତରଣ କରାଇ ନେବାକୁ ହେବ ।

ବ୍ୟକ୍ତିଭେଦରେ ସମସ୍ତଙ୍କୁ ଭିନ୍ନ ଭିନ୍ନ କାର୍ଯ୍ୟସୂଚୀ ଗ୍ରହଣ କରିବାକୁ ପଡ଼େ, କିନ୍ତୁ ଆନ୍ତର ଭିତ୍ତି ସମସ୍ତଙ୍କ ପାଇଁ ସମାନ । ବ୍ୟକ୍ତିକୁ ସନ୍ଧାନ କରିବାକୁ ପଡ଼ିବ ନିଜ ଭିତରେ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ର, ଅର୍ଥାତ୍ ଭାଗବତ ଉପଦେଷ୍ଟାଙ୍କୁ ଯେଉଁଠି ପ୍ରତିଷ୍ଠା କରି ହେବ । ପ୍ରତ୍ୟେକ ବ୍ୟକ୍ତିକୁ ସାକ୍ଷାତ୍ କରିବା ସମୟରେ ଏହି ଆନ୍ତର ଭାଗବତ ଉପଦେଷ୍ଟାଙ୍କୁ ସ୍ମରଣ କରି ତତ୍ପରେ ଯାଇ ସଂଭାଷଣ କିଂବା ଆଲୋଚନା ଆରମ୍ଭ କରାଯାଇପାରେ । ବନ୍ଧୁତା ଥାଉ ବା ନଥାଉ ସମସ୍ତଙ୍କ ପ୍ରତି ସତତ ଉଦାର ମନୋଭାବ ରହିବା ଆବଶ୍ୟକ । କର୍ମ ହେବ ଏକାଗ୍ରତା, ଭଗବତ୍ ସ୍ମରଣ ଏବଂ ସମର୍ପଣର ସହିତ । ସାମୟିକ ଭାବେ କିଛି ସମୟ ବ୍ୟବଧାନରେ ମିନିଟିଏ କିଂବା ଦୁଇ ମିନିଟ ପାଇଁ ନିଜକୁ ଅନ୍ତର୍ଲୀନ କରି ଭଗବତ୍ ସ୍ମରଣ କରିବାକୁ ହେବ ।

ଯଦି ସମ୍ଭବ ହୁଏ ମଧ୍ୟାହ୍ନ ଭୋଜନ ପରେ (ଅଧ ଘଣ୍ଟାକରୁ ବେଶୀ ନୁହେଁ) ଅଳ୍ପ ସମୟ ପାଇଁ ନିଦ୍ରା ଯାଇପାର, କିଂବା ଶିଥିଳ ଧ୍ୟାନ ସହ ବିଶ୍ରାମର ବ୍ୟବସ୍ଥା କରିପାର ।

ରାତ୍ରି କାଳରେ ଶୋଇବା ପୂର୍ବରୁ ଏକ ଇଚ୍ଛାକୃତ ଶିଥିଳତା ଓ କିଛି ସମୟ ନିଶ୍ଚଳ ଧ୍ୟାନ କରିବା ଉଚିତ ।

ଉପର୍ଯ୍ୟୁକ୍ତ ମାର୍ଗ ଅନୁସରଣ କଲେ ଭଗବତ୍ ସ୍ମରଣର ପ୍ରୟାସ ତଥା ଭଗବତ୍ ଚିନ୍ତାରେ ବାସ କରିବାର ଭାବ ଅଖଣ୍ଡ ହୁଏ ଏବଂ କ୍ରମେ କ୍ରମେ ଚେତନା ବିକଶିତ ହୋଇ ଉଚ୍ଚତର ତଥା ଗଭୀରତର ଚେତନାରାଜ୍ୟର ଧାରାରେ ଗଢ଼ିଉଠେ ।

ସମସ୍ତଙ୍କ ପାଇଁ ରହିଛି ଏକ ପଥ ନିର୍ଦ୍ଦେଶକାରୀ ନିୟମ : କେବଳ ପ୍ରୀତିଦାୟକ ଓ ପ୍ରଦୀପ୍ତ ଗତିଧାରାକୁହିଁ ଅଭୀପ୍ସା କର ଓ ଉତ୍ସାହିତ କର; ଏପରି ଭାବହିଁ ପରଦା ଆଢୁଆଳରୁ ଚୈତ୍ୟସତ୍ତାର ଉତ୍ଥାନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରାଏ । ଉଦାରତାକୁ ପ୍ରସାରିତ କର, କିନ୍ତୁ ପ୍ରଥମେ ନିଜେ ତାହାକୁ ଅନୁଭବ କର, ତା'ପରେ ଏହା ଆପେ ଆପେ ବାହାରକୁ ଉଛୁଳି ପଡ଼ିବ ।

ନିଜର କିଂବା ଅପରର ବିରୁଦ୍ଧାତ୍ମକ ଗତିବୃତ୍ତିକୁ ନେଇ ବ୍ୟସ୍ତ ରୁହ ନାହିଁ । ସଦାସର୍ବଦା ସହାୟକାରୀ ସ୍ପନ୍ଦନ ସୃଷ୍ଟି କର । ଯଦ୍ଦ୍ୱାରା ଏପରିକି ଶତ୍ରୁ ମଧ୍ୟ ପରିବର୍ତ୍ତିତ ହୋଇପାରିବ । ସେହି ପ୍ରଣାଳୀରେ ବ୍ୟକ୍ତି ଦିବ୍ୟକଲ୍ୟାଣର କେନ୍ଦ୍ର ହୋଇପାରିବ ।

ଦୈନନ୍ଦିନ ଜୀବନରେ ଯୋଗର ଅର୍ଥ ହେଲା — ନିଜର ପାରୁ ପର୍ଯ୍ୟନ୍ତ ଭଗବତ୍ ଚେତନାରେ ବାସ କରିବାକୁ ଚେଷ୍ଟା କରିବା ଏବଂ ନିଜ ଅନ୍ତରସ୍ଥିତ ଆଲୋକଠାରୁ ସର୍ବୋଚ୍ଚ ସୁବିଧା ଗ୍ରହଣ କରିବା ।

(*Service Letter* No. 24, 1.12 1974ରୁ
Daily Life inYoga ବିଷୟରୁ ଅନୂଦିତ)

ଅନୁବାଦ : ଶ୍ରୀ ପଞ୍ଚାନନ ପାତ୍ର ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୯)

**୧୫ ଅଗଷ୍ଟ ୧୯୨୪ :**

*(ନିମ୍ନୋକ୍ତ ବିବରଣୀଟି ଜଣେ ସାଧକଙ୍କ ଆନ୍ତର ଅନୁଭୂତିରୁ ଲିପିବଦ୍ଧ । ତନ୍ମଧ୍ୟରୁ କିଛି ଉଦ୍ଧୃତି :)*

''ଏଇ ଦିବସଟିକୁ କିଏ ବର୍ଣ୍ଣନା କରିପାରିବ ? ଏତିକି କହିଲେ ଯଥେଷ୍ଟ ହେବ : ଆଜି ହେଉଛି ଅଗଷ୍ଟ ୧୫ । ଆଧ୍ୟାତ୍ମିକ କ୍ରିୟାର ଦୃଷ୍ଟିରୁ ଗଭୀରତା ଏବଂ ପ୍ରଗାଢ଼ତାରେ କୌଣସି ଦିନ ବି ଏହାର ପାଖାପାଖି ଆସିପାରିବ ନାହିଁ । ଏ ସ୍ଥାନର ପ୍ରତ୍ୟେକ ବ୍ୟକ୍ତି ଆଜିର ମହିମମୟ ବାତାବରଣରେ ଅବଗାହନ କରନ୍ତି, ଅନ୍ୟ କୌଣସି ଦିନ ବି ଏ ପର୍ଯ୍ୟାୟର ନୁହେଁ । ସବୁ ଆଶ୍ରମବାସୀଙ୍କ ମଧ୍ୟରେ ସମର୍ପଣର ଆନନ୍ଦ ଉଦ୍‌ବେଳିତ ହେଉଥାଏ – ଆତ୍ମସମର୍ପଣର ଆନନ୍ଦ । ଏହାର ସ୍ଫୁଲିଙ୍ଗ ସମସ୍ତଙ୍କୁ ଛାଇଯାଇଥାଏ...

('ଲାଇବ୍ରେରି ହାଉସ୍'ରେ ଶ୍ରୀଅରବିନ୍ଦଙ୍କ କକ୍ଷ ପାର୍ଶ୍ୱର ବାରଣ୍ଡାକୁ ଆଜି ବଡ଼ିଭୋରରୁ ମଲ୍ଲୀ ଫୁଲର ମାଳ ଏବଂ ବହୁ ଦୂରରୁ ସଂଗୃହୀତ ପଦ୍ମ ଫୁଲ ଦ୍ୱାରା ଅପୂର୍ବ ଭାବରେ ସଜ୍ଜିତ କରାଯାଇଥିଲା ।)

''ଅତି ସକାଳୁ ଆଶ୍ରମବାସୀ ନାନା କାର୍ଯ୍ୟରେ ବ୍ୟାପୃତ ।... ପ୍ରଭୁଙ୍କ ଦର୍ଶନ ଲାଗି ପ୍ରସ୍ତୁତ ହେବାରେ ବ୍ୟଗ୍ର ସମସ୍ତେ । ସମୟ ଯେପରି ଉତ୍‌କଣ୍ଠିତ ଆବେଗର ବନ୍ୟା ଭିତରେ ଜୁଆର ଭଳି ଆଗେଇ ଚାଲିଛି । ଆଜି 'ଦର୍ଶନ' – ସେମାନେ ପ୍ରତ୍ୟହ ତାଙ୍କୁ ଦେଖନ୍ତି, ମାତ୍ର ଅଦ୍ୟ ଦିବସଟି 'ବିଶେଷ ଦର୍ଶନ' । ଆଜି ଦିନଟିରେ ଭଗବାନଙ୍କର ଦର୍ଶନଲାଭ ସକାଶେ ଦୁର୍ଲଭ ସୁଯୋଗ ସେମାନଙ୍କୁ ଦିଆଯାଇଛି ।

(ଶ୍ରୀଅରବିନ୍ଦ ସକାଳ ୯ଟା ୧୫ରେ ନିଜ କକ୍ଷରୁ ବାହାରି ବାରଣ୍ଡାରେ ଉପବେଶନ କଲେ ।)

''ସେଠାରେ ସେ ବସିଛନ୍ତି – ବାରଣ୍ଡାରେ ଏକ ରାଜକୀୟ ସିଂହାସନରେ – ରାଜକୀୟ ଓ ମହିମମୟ ସେ ଚିତ୍ର ।... ଉପବେଶନ କରିଛନ୍ତି ଶୁଭ୍ର ଓ ରକ୍ତପଦ୍ମର ମାଳାରେ ବିଭୂଷିତ ହୋଇ, ତାଙ୍କ ନିକଟରେ ଭକ୍ତମାନଙ୍କର ଉତ୍ସର୍ଗିତ ଛୋଟ-ବଡ଼ ଫୁଲ ତୋଡ଼ାମାନ ରଖାଯାଇଛି । ହୃଦୟ-ସ୍ପନ୍ଦନ, ପ୍ରାର୍ଥନା, ଅନୁଯୋଗ, ପ୍ରାଣାବେଗ ତାଙ୍କଠାରେ ଜମା ହେଉଛି – ଏବଂ ସେସବୁ ଲାଗି ଆଶୀର୍ବାଦର ଭରପୂର ସ୍ରୋତସ୍ୱିନୀ ବି ବହିଆସୁଛି ପ୍ରଖର ବେଗରେ ।...

''ଅପରାହ୍ଣ ୪ଟାବେଳେ ବାରଣ୍ଡାରେ ସମସ୍ତେ ସମବେତ ହେଲେ । ନିରବତା ମଧ୍ୟରେ ଆଶାନ୍ୱିତ ହୋଇ, ଜଣେ, ଦୁଇଜଣ ନିଜ ଭିତରେ ତୁନି ତୁନି କଥା ହେଉଛନ୍ତି । ସମବେତ ଶିଷ୍ୟବୃନ୍ଦ ନିଃଶବ୍ଦରେ ବାରଂବାର ନିଜ ଭିତରେ କହୁଛନ୍ତି : 'କେତେବେଳେ ସେ ଆସିବେ ?' କିଂବା 'ସେ ଆସୁଛନ୍ତି ପରା ।' ୪ଟା ବାଜି ୧୫ ମିନିଟ ହେଲା, ସେଇ ପୁରୁଣା ପରିଚିତ ପୁଣି ନୂତନ ଭାବେ 'ଖଟ୍ କରି ଶବ୍ଦ' ଦରଜାର ସେପଟରୁ । ଧୀରେ ଦୁଆର ଖୋଲିଗଲା । ଗୁରୁଦେବ ପ୍ରଥମେ ପାଦ ବଢ଼ାଇ ଆସିଲେ, ତାଙ୍କୁ ଅନୁସରଣ କରି ନାଲି ଧଡ଼ିଥିବା କ୍ରିମ୍ ରଙ୍ଗର ଶାଢ଼ି ପିନ୍ଧି ଶ୍ରୀମା । ପ୍ରଭୁ ତାଙ୍କର ବ୍ୟବହୃତ ବଡ଼ ଜାପାନୀ ଚେୟାରରେ ବସିଲେ, ତାଙ୍କର ଦକ୍ଷିଣରେ ମା ବସିଲେ ଏକ ଛୋଟ ଷ୍ଟୁଲ୍ ଉପରେ । ଅଳ୍ପ କିଛି ସମୟ ପାଇଁ, ହୁଏତ ପାଞ୍ଚ ମିନିଟ ପାଇଁ ବାତାବରଣ ସମ୍ପୂର୍ଣ୍ଣ ନୀରବ । ତତ୍ପରେ ସେ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ଭାବରେ ଚାହିଁଲେ । ପ୍ରତିଟି ମୁହୂର୍ତ୍ତ ନୀରବତାରେ ଦ୍ରବୀଭୂତ । ସମସ୍ତଙ୍କ ଭିତରେ ଆହୁରି ଥରେ ସେଇ ଆବେଗର ସ୍ପନ୍ଦନ ତରଙ୍ଗ; ଯେପରି ସଭିଏଁ ଦିବ୍ୟ-ଆବେଗର ସାଗରରେ ଅବଗାହନ କରିବାକୁ ଯାଉଛନ୍ତି ।...''

(ଏବେ ପୁରାଣୀଙ୍କର 'ସାନ୍ଧ୍ୟ ବୈଠକ'ର ବର୍ଣ୍ଣନାରୁ –)

''ଦଶ, ପନ୍ଦର ମିନିଟ ପରେ ଶ୍ରୀଅରବିନ୍ଦ ଉପସ୍ଥିତ କୋଡ଼ିଏ-ବାଇଶ ଜଣ ଭକ୍ତଙ୍କୁ ପ୍ରାୟ ଅଧ ଘଣ୍ଟାକରୁ ଊର୍ଦ୍ଧ୍ୱ ସମୟ ଧରି ଯାହା କହିଥିଲେ ସେଥିରୁ କିଛି ଉଦ୍ଧୃତି :

''ଏହି ଦିନରେ ମୋ'ଠୁ କିଛି ଶୁଣିବା ସକାଶେ ପ୍ରତ୍ୟାଶା କରିବାଟି ପ୍ରଥାନୁମୋଦିତ ହୋଇଉଠିଛି । ମୁଁ 'ନିରବ ଚେତନା'ରେ ତୁମମାନଙ୍କ ସହିତ ଯୋଗାଯୋଗ ରଖିବାକୁ ବା ତୁମମାନଙ୍କ ଭିତରେ କିଛି ସଞ୍ଚାରିତ କରିବାକୁ ଅଧିକ ପସନ୍ଦ କରେ । କାରଣ କିଛି କହିବା, ତା'ର ନିଜସ୍ୱ ଧାରାରେ ଶ୍ରୋତାଙ୍କର କେବଳ ମନକୁହିଁ ସମ୍ବୋଧନ କରିଥାଏ, କିନ୍ତୁ 'ନିରବ ଚେତନା' ମାଧ୍ୟମରେ ଜଣେ ତା'ଠାରୁ ଅଧିକ ଗଭୀର

ବସ୍ତୁ କିଛି ସହିତ ସଂଯୋଗ ସ୍ଥାପନ କରିପାରେ । ଆମେ ସମସ୍ତେ ଏଠାରେ ଏକତ୍ର ହୋଇ ଏକ ଯୋଗାଭ୍ୟାସରେ ନିଜକୁ ସର୍ବାନ୍ତଃକରଣରେ ଉତ୍ସର୍ଗୀକୃତ କରିଛୁ ଯାହାକି ସମାନ ନାମରେ କଥିତ ଅନ୍ୟାନ୍ୟ ଯୋଗ-ପଦ୍ଧତିଠାରୁ କେତେକ ମୌଳିକ ଉପାଦାନରେ ଭିନ୍ନ, ସ୍ୱତନ୍ତ୍ର ।...

''ଆମର ଯୋଗ ଏକ ନୈର୍ବ୍ୟକ୍ତିକ ଅସୀମ ଜ୍ଞାନ, ଶକ୍ତି ବା ଆନନ୍ଦ ପ୍ରାପ୍ତ ହେବାକୁ ଲକ୍ଷ୍ୟ ରଖେ ନାହିଁ; କିନ୍ତୁ ପରମେଶ୍ୱରଙ୍କ ସହିତ, ତାଙ୍କ ଦିବ୍ୟ-ଅସୀମ ଜ୍ଞାନ ସହିତ ଏକତ୍ୱ ଲାଭ କରିବାକୁ ଲକ୍ଷ୍ୟ ରଖେ, ଯେଉଁ ଜ୍ଞାନ କି ମଣିଷ-ଜ୍ଞାନର ସୀମିତତାଠାରୁ ଊର୍ଦ୍ଧ୍ୱରେ ଅବସ୍ଥିତ, ତାଙ୍କ ଅସୀମ ଦିବ୍ୟ-ଶକ୍ତି ସହିତ ଏକତ୍ୱ ଲାଭ କରିବା ଲକ୍ଷ୍ୟ ରଖେ, ଯାହାକି ଆମ ବ୍ୟକ୍ତିଗତ ସଂକଳ୍ପର ପ୍ରଧାନ ଉତ୍ସ ଏବଂ ତାଙ୍କ ଦିବ୍ୟ-ଆନନ୍ଦ ସହିତ ଯାହାକି ଆମ ବାହ୍ୟ ପ୍ରାଣିକ ଆବେଗ-ଉତ୍କଣ୍ଠାଦି ଦ୍ୱାରା ହଠାତ୍ ଆକ୍ରାନ୍ତ ହୁଏ ନାହିଁ । ଏହିସବୁକୁ ଆମେ ଆମର ଦୈନନ୍ଦିନ ଜୀବନରେ ଉପଲବ୍ଧି କରିବାକୁ ଲକ୍ଷ୍ୟ ରଖିଛୁ ।

''ଯେଉଁ ପରମେଶ୍ୱରଙ୍କୁ ଆମେ ଉପଲବ୍ଧି କରିବାକୁ ଚାହୁଁଛୁ, ସିଏ ଏକ ନୈର୍ବ୍ୟକ୍ତିକ ଅସୀମ ପରମବ୍ରହ୍ମ ନୁହନ୍ତି, ସେ ହେଉଛନ୍ତି ଏକ 'ଦିବ୍ୟ-ବ୍ୟକ୍ତିତ୍ୱ' । ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଆମକୁ ଆମର ଯଥାର୍ଥ ବ୍ୟକ୍ତିତ୍ୱ ସମ୍ବନ୍ଧେ ସଚେତନତାକୁ ବୃଦ୍ଧି କରାଇବାକୁ ହେବ, ଆମକୁ ଆମର ଆନ୍ତର ସତ୍ତାକୁ ଜାଣିବାକୁ ହେବ, ଆନ୍ତର ପ୍ରାଣ-ସତ୍ତା ଏବଂ ଆନ୍ତର ଶାରୀର-ସତ୍ତାକୁ ଜାଣିବାକୁ ହେବ ଏବଂ ଏସବୁର ଚେତନା ସମ୍ବନ୍ଧେ ଜ୍ଞାନ ଲାଭ କରିବାକୁ ହେବ, କାହିଁକି ନା ଅଧିକାଂଶ ସମୟରେ ଏସବୁ ସମ୍ବନ୍ଧେ ଭୁଲ୍ ବିବରଣ ବା ଧାରଣା ଦିଆଯାଇଥାଏ, କିନ୍ତୁ ଆମର ଯଥାର୍ଥ ଦିବ୍ୟ-ସତ୍ତାହିଁ ସର୍ବୋତ୍ତମ ପରମସତ୍ତାଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ସମ୍ପର୍କ ରଖିଥାଏ । ପ୍ରତ୍ୟେକେ ନିଜସ୍ୱ ଦିବ୍ୟ-ସ୍ୱଭାବରେ କ୍ରମବର୍ଦ୍ଧିଷ୍ଣୁ ଭାବରେ ଅଗ୍ରଗତି କରି ନିଜର ଦିବ୍ୟ-ବ୍ୟକ୍ତିତ୍ୱକୁ ଉପଲବ୍ଧି କରିବେ ଯାହାକି ଅତିମାନସରେ ପ୍ରତିଷ୍ଠିତ ।...

''ଅଧିକାଂଶ ସମୟରେ ସାଧକ ମଧ୍ୟରେ ଏକ ପ୍ରବଣତା ରହିଥାଏ ଅନୁଭୂତିସବୁରେ ସନ୍ତୁଷ୍ଟ ରହିବାକୁ । କିନ୍ତୁ ଆମ ଯୋଗର ସାଧକ କେବେହେଲେ କେବଳ ଅନୁଭୂତିସବୁରେ ଆତ୍ମ-ସନ୍ତୁଷ୍ଟି ଲାଭ କରି ନିଜର ସାଧନାରୁ ବିରତ ହେବା ଉଚିତ ନୁହେଁ ବା ଏହିସବୁ ଉପରେ ନିର୍ଭର କରି ବିଶ୍ରାମ ନେବା ଉଚିତ ନୁହେଁ ।

''ଆଉ ଗୋଟିଏ କଥା ହେଉଛି, ଏଠାରେ ଯେହେତୁ ଆମେ ସମସ୍ତେ ଏକତ୍ର ହୋଇ ଆମର ସମଗ୍ର ଜୀବନକୁ ସର୍ବାନ୍ତଃକରଣରେ ସେହି ସମାନ ଦିବ୍ୟ-ସତ୍ତାଙ୍କୁ ଉପଲବ୍ଧି କରିବା ସକାଶେ ଅନ୍ୱେଷଣରତ, ତେଣୁ ଆମେ କେତେକ ମାତ୍ରାରେ ପାରସ୍ପରିକ ନିର୍ଭରତାରେ ଉପନୀତ ହୋଇଛୁ, ଯଦ୍ୱାରା ଆମେ ପାରସ୍ପରିକଭାବେ ଆମର ଅଗ୍ରଗତିରେ ପରସ୍ପରକୁ ସାହାଯ୍ୟ କରିପାରୁ କିଂବା ପ୍ରତିବନ୍ଧକ ସୃଷ୍ଟି କରିପାରୁ ।

''ଆମ ସତ୍ତାକୁ ରୂପାନ୍ତରିତ କରାଇବା ସକାଶେ ସର୍ତ୍ତଗୁଡ଼ିକ ହେଉଛି ଉର୍ଦ୍ଧ୍ୱତର ଦିବ୍ୟ-ଆଲୋକ ପ୍ରତି ନିଜକୁ ଉନ୍ମୀଳିତ ରଖିବା ଏବଂ ସେହି ଆଲୋକ ନିକଟରେ ପୂର୍ଣ୍ଣ ଆତ୍ମ-ସମର୍ପିତ ହୋଇ ରହିବା — ଏହାହିଁ ଆମର ରୂପାନ୍ତର ଘଟାଇବ । ତେଣୁ ଯଦି ଆମ ଭିତରେ ଅତ୍ୟାବଶ୍ୟକ ବା ଅପରିହାର୍ଯ୍ୟ ଆନ୍ତରିକତା ଥାଏ, ଦିବ୍ୟ-ଆଲୋକ ପ୍ରତି ଉନ୍ମୀଳନ ଓ ସମର୍ପିତଭାବ ଥାଏ ଏବଂ ଏହା ସାଙ୍ଗକୁ ଆମ ସତ୍ତାର ପ୍ରତିଟି ସ୍ତରରେ ଚେତନାରେ କ୍ରମଶଃ ଅଗ୍ରଗତି କରି ଚାଲିଥାଉ, ତେବେ ଆମେ ଏହି ଯୋଗର ଆଦର୍ଶ ସାଧକ ହୋଇଉଠି ପାରିବୁ ।''

ସନ୍ଧ୍ୟା ସାଢ଼େ ଛ'ଟାରେ ଶ୍ରୀଅରବିନ୍ଦ ଚତୁର୍ଦ୍ଦିଗରେ ଦିବ୍ୟ-ଆନନ୍ଦ ବିଚ୍ଛୁରିତ କରି ନିଜ କକ୍ଷରୁ ବାହାରି ଆସିଲେ ଏବଂ 'ସାନ୍ଧ୍ୟ ବୈଠକ'ରେ ନିଜର ଆସନ ଗ୍ରହଣ କରୁ କରୁ ସ୍ମିତହାସ୍ୟରେ ଉପସ୍ଥିତ ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ଆଣି ପଚାରିଲେ, 'ଆଜି କ'ଣ ଚାହଁ ? ନିରବତା ନା କଥାବାର୍ତ୍ତା ?' ଯେପରିକି ଆଜି ସେମାନେ ଯାହା ବର ମାଗିବେ, ତା' ପୂରଣ କରିବାକୁ ସେ ଆବିର୍ଭୂତ ହୋଇଛନ୍ତି । ମୁହୂର୍ତ୍ତକ ସକାଶେ ନୀରବ ରହି ସେ ମନ୍ଦମଧୁର ସ୍ୱରରେ କହିଲେ, 'ତୁମେମାନେ କ'ଣ ଚାହଁ ସବୁଥର ଭଳି ଆଜି ମୋ ନିଜ ସାଧନା ସମ୍ବନ୍ଧରେ କିଛି କହିବି ?' (ସାଧାରଣତଃ ତାଙ୍କ ଜନ୍ମଦିନରେ ସେ ତାଙ୍କ ନିଜ ସାଧନାର ଅଗ୍ରଗତି ବା ସ୍ଥିତି ସମ୍ବନ୍ଧେ କହିଥା'ନ୍ତି ।)

(ସେଦିନ ଶିଷ୍ୟବର୍ଗଙ୍କ ସହିତ ହୋଇଥିବା
କଥୋପକଥନରୁ କିଛି ଉଦ୍ଧୃତି :)

ଶିଷ୍ୟ : ମୁଁ ସେଇ ସମାନ କଥା ଭାବୁଥିଲି, କିନ୍ତୁ 'ନିରବ ଚେତନା' କଥା ସ୍ମରଣରେ ଆସିବାରୁ ମୁଁ ଏକଥା ମୁହଁ ଖୋଲି କହିବାକୁ ସାହସ ପାଉ ନଥିଲି ।

**ଶ୍ରୀଅରବିନ୍ଦ** : ତା'ହେଲେ ତୁମେ କ'ଣ ଚାହଁ 'ନିରବ ଚେତନା' ସମ୍ବନ୍ଧେ କାର୍ଲାଇଲଙ୍କ ସଦୃଶ, ଯିଏକି ନିରବତା ଉପରେ ଚାଳିଶଟି ଗ୍ରନ୍ଥରେ ନିଜର ଧାର୍ମିକ ମତବାଦର ନୀତିଶିକ୍ଷା ଦେଇଛନ୍ତି, ଆଜି କିଛି କହିବି ?

ଶିଷ୍ୟ-୨ : ଅସୁବିଧାଟି ହେଉଛି 'ନିରବ ଚେତନା'ରେ ଆପଣଙ୍କ ସାଧନାର ସ୍ଥିତି ସମ୍ବନ୍ଧେ ଆମେ କିଛି ବି ଜାଣିପାରିବୁ ନାହିଁ ।

ଶିଷ୍ୟ-୩ : ଆମେ ଆପଣଙ୍କର ସାଧନାର ସ୍ଥିତି ସମ୍ବନ୍ଧରେ ଜାଣିବାକୁ ଚାହୁଁ ।

**ଶ୍ରୀଅରବିନ୍ଦ** : ମୋଟ ଉପରେ ଏହି କଥା କହିପାରେ ଯେ ମୁଁ ବାରବାର ସେହି ସମାନ ଚେଷ୍ଟା କରିଚାଲିଛି; କେବଳ ଏତିକି ପାର୍ଥକ୍ୟ ଯେ ପ୍ରତିଥର ମୁଁ ଅପେକ୍ଷାକୃତ ଅଧିକତର ଭଲ ଭାବରେ ଚେଷ୍ଟା କରି ପାରୁଛି ।

ଶିଷ୍ୟ-୪ : ତା'ହେଲେ, ଏହା ଏକ ଉତ୍ସାହଜନକ ଆବିଷ୍କାର !

ଶିଷ୍ୟ-୫ : ଏକଥା ତ ଆମେ ଜାଣିଛୁ ।

**ଶ୍ରୀଅରବିନ୍ଦ** : ଆଚ୍ଛା ! ମୁଁ ତ ଭାବିଥିଲି ଏହା ଏକ ସଦ୍ୟ ଆବିଷ୍କୃତ ପ୍ରଚେଷ୍ଟା । ଶାରୀରିକ ସ୍ତରଟି ଅତ୍ୟନ୍ତ ଅନମନୀୟ, ଅବାଧ ଏବଂ ଏହି ସ୍ତରରେ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରଚେଷ୍ଟା ଚଳାଇବା ଏକାନ୍ତ ଆବଶ୍ୟକ । ଉଦାହରଣସ୍ୱରୂପ, ତୁମେ କୌଣସି କିଛି ଉପରେ ସମାଧାନ ଆଣିଲ, ତା'ପରେ ଭାବିବ ଯେ ଏହା ଉପରେ କର୍ତ୍ତୃତ୍ୱ ହାସଲ କରାଗଲା, ଠିକ୍ ପରେ ପରେ ସେହି ସମାନ ସ୍ତରରୁ ଅନ୍ୟ କିଛି ଉପରକୁ ଉଠି ଆସିଲା, ଏବଂ ତୁମକୁ ପୁଣି ଥରେ ସେଇ ସମାନ ପ୍ରଚେଷ୍ଟା ଚଳାଇବାକୁ ହେଲା । ମନ ଓ ପ୍ରାଣ କ୍ଷେତ୍ରରେ ଉର୍ଦ୍ଧ୍ୱତର ଶକ୍ତିର କ୍ରିୟା ପ୍ରୟୋଗ କରିବା ଅପେକ୍ଷାକୃତ ସହଜ । ଅଧିକନ୍ତୁ ମନ ଓ ପ୍ରାଣ କ୍ଷେତ୍ରରେ ତୁମେ ପୁଙ୍ଖାନୁପୁଙ୍ଖ ଭାବରେ କ୍ରିୟା ନକରି ମଧ୍ୟ ସାଧାରଣ ନିୟମ ପ୍ରତିଷ୍ଠା କରିପାରିବ; ଶାରୀରିକ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ, ଏହା ଆବଶ୍ୟକ କରିଥାଏ ଅବିରତ ଧୈର୍ଯ୍ୟ ଓ ଅତି ପୁଙ୍ଖାନୁପୁଙ୍ଖ ପର୍ଯ୍ୟବେକ୍ଷଣ ।...

ଶିଷ୍ୟ-୬ : ଶରୀରଟି ଏତେ ଅନମନୀୟ ବା ଅବାଧ ଓ ଅବୋଧ କାହିଁକି ?

**ଶ୍ରୀଅରବିନ୍ଦ** : ଉତ୍ତମ ପ୍ରଶ୍ନ । ଏହା ହେଉଛି ତା'ର ଧର୍ମ ବା ପ୍ରକୃତି । ସେମିତି ଭାବରେ ଏହା ବ୍ୟବସ୍ଥିତ ହୋଇଛି । ଯଦି ଶରୀରଟି ସେପରି ହୋଇ ନଥା'ନ୍ତା, ତା'ହେଲେ ଅପେକ୍ଷାକୃତ ଅଧିକ ସହଜରେ ଏହା ଉପରେ କ୍ରିୟା କରାଯାଇ ପାରନ୍ତା, ଏଥି ନିମିତ୍ତ କେତେ 'କଳ୍ପ' ଓ 'ମନ୍ୱନ୍ତର' ନନେଇ ଅନେକ ପୂର୍ବରୁ ଏହା ଉପରେ କର୍ତ୍ତୃତ୍ୱ ହାସଲ ସମ୍ଭବ ହୋଇ ପାରିଥା'ନ୍ତା । ଯୋଗ-ସାଧନା କରିବା ବେଶ୍ ସହଜସାଧ୍ୟ ହୋଇ ପାରନ୍ତା । ଭଗବାନ୍ ଚାହାନ୍ତି ନାହିଁ ସହଜରେ ଏହା ହେଉ ବୋଲି ।

ଶିଷ୍ୟ : କିଛି ଦିନ ପୂର୍ବରୁ ଆପଣ ଆମମାନଙ୍କୁ କହିଥିଲେ ଯେ ଶରୀର ଉପରେ ଏହି ପ୍ରଚେଷ୍ଟା ଇତିପୂର୍ବରୁ ବେଶ୍ କେତେଥର କରାଯାଇଛି । କିନ୍ତୁ ବିଭିନ୍ନ କାରଣରୁ ଏଥିରେ ସଫଳତା ମିଳି ନଥିଲା । ଏଥର ସଫଳକାମ ହେବ କି ନାହିଁ ?

**ଶ୍ରୀଅରବିନ୍ଦ** : ମୁଁ କହିପାରିବି ନାହିଁ ।

ଶିଷ୍ୟ : କିନ୍ତୁ ଆପଣ କହିଥିଲେ ଯେ ଏଥିରେ ସଫଳତା ଲାଭ କରାଯାଇ ପାରେ ଏବଂ ଏଥର କିଛି ଗୋଟିଏ ନିଶ୍ଚୟ କରାଯିବ ।

**ଶ୍ରୀଅରବିନ୍ଦ** : କିନ୍ତୁ 'ଏହା କରାଯାଇ ପାରେ' କହିବା ଅର୍ଥ ଏହା ନୁହେଁ ଯେ 'ଏଥର ଏହା ନିଶ୍ଚୟ କରାଯିବ ।'

ଶିଷ୍ୟ : ନା, ସମାନ କଥା ନୁହେଁ — ଆମେ ଜାଣିବାକୁ ଚାହୁଁଛୁ, ଆପଣଙ୍କର ସେହି ମନ୍ତବ୍ୟ 'ଏଥିରେ ସଫଳତା ଲାଭ କରାଯାଇ ପାରେ'– ଏହି ମନ୍ତବ୍ୟରେ ଆପଣ ଅଧିକ କିଛି ଉନ୍ନତିର ସୂଚନା ଦେଇପାରିବେ କି ?

**ଶ୍ରୀଅରବିନ୍ଦ** : ମୋଟ ଉପରେ ମୁଁ କେବଳ ଏତିକି କହିପାରେ, 'ଆଗାମୀ ଅଗଷ୍ଟରେ ମୋତେ ପଚାର ।' ଏଥର ମୁଁ ଗତ ବର୍ଷ ଅପେକ୍ଷା ଅଧିକ ଆଶାନ୍ୱିତ ହୋଇପାରିଛି । ଗତ ବର୍ଷଠାରୁ ଏହା ଅଧିକ ସମ୍ଭବପର । ଗତ ବର୍ଷଟି ମୋ ସାଧନାରେ ଏକ ଅତ୍ୟନ୍ତ କଠିନ ବର୍ଷ ଥିଲା । ମୋ ଉପରେ ଗାଢ଼ତମ ଅନ୍ଧକାର ଶାରୀର ଶକ୍ତିର ଆକ୍ରମଣ ଘଟିଥିଲା । ଏବର୍ଷ ସେସବୁ ଅନ୍ତର୍ହିତ ହୋଇଛି ।

ଶିଷ୍ୟ : ଏହାର ସମାପ୍ତି କେବେ ଘଟିବ ?

**ଶ୍ରୀଅରବିନ୍ଦ** : ତୁମେ କ'ଣ ମୋତେ ଭବିଷ୍ୟଦ୍‌ବାଣୀ କହିବାକୁ ଚାହୁଁଛ ? ଏହା ସମ୍ପୂର୍ଣ୍ଣ ରୂପେ ମୋ ଉପରେ ନିର୍ଭର କରେ ନାହିଁ । ସମୟ ବା କାଳ ସମ୍ବନ୍ଧେ ଜଣେ କେବଳ ଅନ୍ତିମ ମୁହୂର୍ତ୍ତରେ ଜାଣିପାରେ । କୌଣସି ଉଦ୍ୟମରେ ସମୟର ସୀମାରେଖା ଟାଣିବା ହେଉଛି ଖୁବ୍ ସମ୍ଭବତଃ ଉଦ୍ୟମଟିକୁ ବିଳମ୍ବିତ କରାଇଦେବା — ଉଦାହରଣସ୍ୱରୂପ ଯେମିତି ଭବିଷ୍ୟବାଣୀ କରି ଦେଶସେବକମାନେ କହିଥିଲେ, ''ଗୋଟିଏ ବର୍ଷରେ 'ସ୍ୱରାଜ' ମିଳିବ ।''

ଅଧିକନ୍ତୁ, ଜଣେ କର୍ମଯୋଗୀଙ୍କୁ ତାଙ୍କ କର୍ମର ଟିକିନିଖି ବ୍ୟାପାରରେ ପରମେଶ୍ୱର କେବେ ବି ଆଗରୁ ସୂଚାଇ ଦେଇ ନଥା'ନ୍ତି । କେବଳ ଯେତେବେଳେ ବିଶ୍ୱଜନୀନ ଅବସ୍ଥା ବା

ପରିସ୍ଥିତି ସକଳ ପ୍ରସ୍ତୁତ ହୋଇଉଠେ ସେତେବେଳେ ତାଙ୍କୁ ସବୁକିଛି ଜଣାଇ ଦିଆଯାଏ; ଏବଂ ଜଣେ ଯଦି ନିରାସକ୍ତ ହୋଇ କର୍ମ କରୁଥା'ନ୍ତି, ତେବେ ସେ ବହୁତ କିଛି ଜାଣିପାରନ୍ତି । ପୁନଶ୍ଚ, ପରମେଶ୍ୱର ମଧ ପୃଥିବୀପୃଷ୍ଠରେ ନିଜର ନିର୍ଦ୍ଧାରିତ କୌଣସି ସଂକଳ୍ପର ଅଭିବ୍ୟକ୍ତି ବା ପରିପ୍ରକାଶ ନିମିତ୍ତ କେବେହେଲେ ପୂର୍ବରୁ ସେଇଟିର ପୁଙ୍ଖାନୁପୁଙ୍ଖ ଓ ସବିଶେଷ ନକ୍ସା ପ୍ରସ୍ତୁତ କରି ନଥା'ନ୍ତି, ଯେତେବେଳ ପର୍ଯ୍ୟନ୍ତ ଏକ ଅନୁଜ୍ଞାସୂଚକ ସିଦ୍ଧାନ୍ତ ସହ ପୃଥିବୀପୃଷ୍ଠରେ ସେଇ ସଂକଳ୍ପର ଅବତରଣ ନିମିତ୍ତ ବିଶ୍ୱଜନୀନ ପରିସ୍ଥିତିସକଳ ପ୍ରସ୍ତୁତ ହୋଇ ନଥାଏ । ମଧ୍ୟବର୍ତ୍ତୀକାଳୀନ ପରିସ୍ଥିତିରେ କେବଳ ବିଶ୍ୱଗତ ଶକ୍ତିସକଳର କ୍ରିୟା ଘଟିଥାଏ ମାତ୍ର ।

ଉଦାହରଣ ସ୍ୱରୂପ, ଗୋଟିଏ ନିର୍ଦ୍ଦିଷ୍ଟ ଶାରୀରିକ ବ୍ୟାଧି ସକାଶେ ତୁମ ସ୍ୱଭାବରେ ବେଶ୍ ପ୍ରବଣତା ରହିଛି । ବାର ବାର ସେଇ ସମାନ ବ୍ୟାଧିରେ ପୀଡ଼ିତ ହେଉଛ । କଠୋର ଭାବରେ ସଜାଗ ରହି ଉପଯୁକ୍ତ ପ୍ରତିଷେଧକପୂର୍ବକ ତୁମେ ସେଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କଲ; ଦେଖିବ କିଛିଦିନ ପରେ ସେଇ ସମାନ ବ୍ୟାଧି ଅନ୍ୟ ଏକ ଉପସର୍ଗରେ ତୁମ ଶରୀରରେ ଦେଖାଦେଇଛି । ତେଣୁ ସେଇ ନିର୍ଦ୍ଦିଷ୍ଟ ବା ମୂଳ ରୋଗଟି ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ଓ ସବିଶେଷ ଜ୍ଞାନ ଲାଭ ନକରି ତୁମେ କେବେହେଲେ ସେଥିରୁ ଚିରଦିନ ସକାଶେ ସମ୍ପୂର୍ଣ୍ଣ ମୁକ୍ତ ହୋଇପାରିବ ନାହିଁ – ଆଉ ଏହାର ପ୍ରତିଟି ସବିଶେଷ କାରଣ ସମ୍ବନ୍ଧେ ତୁମେ କେବଳ ସମ୍ଭାବନା ସକଳ ଏବଂ ନୈତିକ ନିଶ୍ଚୟତା ସବୁ ଜାଣିପାରିବ ମାତ୍ର । ଏକଥା ନୁହେଁ ଯେ ତୁମର ଆରାଧ୍ୟ ଦେବତା ବା ପରମେଶ୍ୱର ସର୍ବଦା ଏ ସମ୍ବନ୍ଧେ ଜାଣୁ ନାହାନ୍ତି; ସେ ସବୁକଥା ଜାଣୁଛନ୍ତି, କେବଳ ସେ ଏଥିରେ ହସ୍ତକ୍ଷେପ କରୁ ନାହାନ୍ତି, କାରଣ ବିଶ୍ୱଜନୀନ ପରିସ୍ଥିତିସକଳ ଏଥି ନିମିତ୍ତ ପ୍ରସ୍ତୁତ ହୋଇ ନାହିଁ । ବିଶ୍ୱଜନୀନ ଶକ୍ତିସକଳ ପ୍ରତିଟି ବିଷୟରେ ଯେଉଁ ସିଦ୍ଧାନ୍ତ ନିଅନ୍ତି, ସେଇଟି ବି ପରମେଶ୍ୱରଙ୍କର ସିଦ୍ଧାନ୍ତ ।

ଶିଷ୍ୟ : ଆମର ଏଇ ଭୌତିକ ଶରୀର କଥା ବିଚାରକୁ ନେଲେ ବିଶ୍ୱଜନୀନ ପରିସ୍ଥିତିସକଳ କ'ଣ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ?

**ଶ୍ରୀଅରବିନ୍ଦ** : ଶାରୀର ଚେତନାର କ୍ଷେତ୍ରରେ ବିଶ୍ୱଜନୀନ ସାଧାରଣ ଅବସ୍ଥାସକଳ ଉପରେ ପ୍ରସ୍ତୁତି ଆସିଛି । କିନ୍ତୁ ବର୍ତ୍ତମାନ ଏକେବାରେ ଭୌତିକ ଉପାଦାନର ସ୍ତରରେ କାର୍ଯ୍ୟ ବାକି ରହିଛି ଏବଂ ସେଇଟି ହେଉଛି ସବୁଠାରୁ ଅଧିକ ବିପଜ୍ଜନକ ।

ଶିଷ୍ୟ : କାହିଁକି ?

**ଶ୍ରୀଅରବିନ୍ଦ** : କାରଣ ଏହା ହେଉଛି କଠିନ, ପରିବର୍ତ୍ତନ ବିମୁଖ, ଦୃଢ଼ଭାବରେ ଏକତ୍ରୀଭୂତ, ସଂହତ ଏବଂ ନିଜସ୍ୱ ଉପାଦାନକୁ ଛାଡ଼ିବାକୁ ବା ପ୍ରତ୍ୟାଖ୍ୟାନ କରିବାକୁ ଏକେବାରେ ନାରାଜ । ଏ କ୍ଷେତ୍ରରେ ବିବେକ, ବୁଦ୍ଧି-ବିଚାର ପ୍ରତି ଆଦୌ ଉନ୍ମୀଳନ ନାହିଁ ଏବଂ ଏ ସ୍ତରରେ ସମସ୍ୟା-ସମାଧାନ ନିମିତ୍ତ ପଦକ୍ଷେପ ନେବାକୁ ହେଲେ ତୁମକୁ ନିଶ୍ଚିତରୂପେ ଊର୍ଦ୍ଧ୍ୱତମ ଦିବ୍ୟଶକ୍ତିର ଅଧିକାରୀ ହେବାକୁ ହେବ ।

ଅଧିକନ୍ତୁ ସମଗ୍ର ବିଶ୍ୱର ଯାବତୀୟ ସଂସ୍କାର, ବିଶ୍ୱଗତ ମନରେ ବା ଭାବନାରେ ଦୃଢ଼ଭାବରେ ବସା ବାନ୍ଧିଥିବା ଯାବତୀୟ ବଦ୍ଧମୂଳ ଧାରଣା ବା ପ୍ରଭାବ ତୁମର ପ୍ରତିଟି ପ୍ରଚେଷ୍ଟାରେ ଖଡ୍‌ଗ ହସ୍ତ ହୋଇ ସଜାଗ ରହିଛନ୍ତି । ଏଥି ସକାଶେ ଊର୍ଦ୍ଧ୍ୱରୁ ନିଶ୍ଚିତ ରୂପେ କିଛି ଅବତରଣ କରିବ ଏବଂ ପ୍ରତିବନ୍ଧକକୁ ଦୂର କରିବ ।

ଶିଷ୍ୟ : ମୋର ଏକ ଧାରଣା ଯେ ଯେଉଁମାନେ ଯୋଗ-ମାର୍ଗରେ କ୍ରମିକ ଧାରାରେ (gradual way) ଅଗ୍ରଗତି କରୁଛନ୍ତି ସେମାନେ ଏକ ନିର୍ଦ୍ଦିଷ୍ଟ ସମୟରେ, ଶାରୀରିକ ସିଦ୍ଧି ସକାଶେ ତୀବ୍ର ଭାବରେ ଏକାଗ୍ର ହୋଇ ଅଭ୍ୟାସ କରୁଥିବା ସାଧନା ମାର୍ଗରେ (concentrated way) ଅଗ୍ରଗତି କରୁଥିବା ସାଧକଙ୍କ ସଦୃଶ ସେହି ସମାନ ସିଦ୍ଧି ଲାଭ କରିବେ ।

**ଶ୍ରୀଅରବିନ୍ଦ** : ହଁ, କିନ୍ତୁ ଯେଉଁମାନେ କ୍ରମିକ ଧାରାରେ ସାଧନା କରୁଛନ୍ତି, ସେମାନଙ୍କୁ ହୁଏତ ପ୍ରତ୍ୟେକ ଥର ସମଗ୍ର ବାଧାବିପତ୍ତିଟି ବିରୋଧରେ ସଂଘର୍ଷ କରିବାକୁ ପଡ଼ିପାରେ ଏବଂ ତଥାପି ବାଧାଟି ବାର ବାର ଦେଖା ଦେଉଥିବ । ଅପର ପକ୍ଷରେ ସଂପୃକ୍ତ (involved) ଧାରାରେ, (ଯେଉଁ ଧାରା ମୁଁ ଅନୁସରଣ କରୁଛି), ଏ ଧାରାରେ ସିଦ୍ଧିଲାଭ ସହଜ ଓ ସତ୍ୱର ପ୍ରାପ୍ତ ହୋଇପାରିବ । ସାଧକକୁ ସର୍ବୋତ୍ତମ ଦିବ୍ୟଶକ୍ତିଙ୍କଠାରୁ, ପରମେଶ୍ୱରଙ୍କଠାରୁ ଶକ୍ତି ଆହରଣ ପୂର୍ବକ ବାଧାବିପତ୍ତିଟିକୁ ଏକେବାରେ ମୂଳୋତ୍ପାଟିତ କରିବାକୁ ହେବ !

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ନୂତନ ବିକ୍ରମ-ବେତାଳ କାହାଣୀ :

# ପଦ୍ମର ମହକ ଚୋରି !

ନୀଳ ଆକାଶକୁ ଘୋଡ଼ାଇ ରଖିଥାଏ ଘୋର କଳା ମେଘ । ଯେକୌଣସି ମୁହୂର୍ତ୍ତରେ ମୂଷଳଧାରାରେ ପରିଣତ ହୋଇ ତାହା ଯେପରି ସେ ମୁଲକକୁ କରିଦେବ ଜଳାର୍ଣ୍ଣବ ! ଘନ ଘନ ବିଜୁଳି ଆଲୁଅରେ ଝଟକି ଉଠୁଥାଏ ଶ୍ମଶାନଯାକର ବିକ୍ଷିପ୍ତ କଙ୍କାଳ, ଖପୁରି ଆଦି । ବଣବୁଦା ଭିତରୁ ଶୁଭୁଥାଏ ଶ୍ୱାନଶ୍ୱାପଦଙ୍କ ରଡ଼ି । ତୁହାକୁ ତୁହା ଶୀତଳ ପବନ ଯେପରି ମଣିଷର ଅସ୍ଥିମଜ୍ଜା ଥରାଇଦେବ ।

କିନ୍ତୁ ସେହି ଦୁର୍ଯୋଗପୂର୍ଣ୍ଣ ରାତିରେ ରାଜା ବିକ୍ରମ ବୃକ୍ଷାରୋହଣ କରି ତାନ୍ତ୍ରିକର ନିର୍ଦ୍ଦେଶ ଅନୁସାରେ ବୃକ୍ଷଡ଼ାଳରୁ ମୃତ ଦେହଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ସେ ଆଗକୁ ପାଦ ପକାଇବା ମାତ୍ରେ ସେ ଦେହସ୍ଥିତ ବେତାଳ କହିଲା,– ହେ ରାଜନ, ତୁମକୁ ମୋର ଗୋଟାଏ ଅଭିଜ୍ଞତା କହୁଛି; ମନଦେଇ ଶୁଣ । ଶ୍ରମଭାର ଲାଘବ ହେବ ।

ଏକଦା ମୁଁ ରହୁଥିଲି ଗୋଟିଏ ଅରଣ୍ୟ ସମୀପବର୍ତ୍ତୀ ସରୋବର କୂଳସ୍ଥ ଏକ ଶାଳ୍ମଳୀ ତରୁରେ । ସରୋବରଟିକୁ ସ୍ୱର୍ଗୀୟ ସୁଷମାରେ ମଣ୍ଡିତ କରୁଥା'ନ୍ତି ପଦ୍ମଫୁଲମାନ ।

ଦିନେ ପାର୍ଶ୍ୱବର୍ତ୍ତୀ ଜନପଦବାସୀ ଜଣେ ଯୁବକ ଶିକ୍ଷକ ସେ ହ୍ରଦ ପାଖଦେଇ ଯାଉଁ ଯାଉଁ ଅଟକି ଗଲେ । ଖଣ୍ଡିଏ ଶିଳା ଉପରେ ବସିପଡ଼ି ସେ କିଛି ସମୟ ଧ୍ୟାନସ୍ଥ ରହିଲେ ବୋଲି ମୋର ଧାରଣା ହେଲା । ତା'ପରେ ସେ ସରୋବର ଭିତରକୁ ଯାଇ ଗୋଟିଏ ପ୍ରସ୍ଫୁଟିତ ପଦ୍ମ ଆଘ୍ରାଣ କଲେ । ମନେ ହେଲା, ଅପୂର୍ବ ଶାନ୍ତିରେ ତାଙ୍କ ମନ, ପ୍ରାଣ ଭରିଗଲା ।

ହଠାତ୍ ସେ ଜଳରାଶି ଭିତରୁ ଶୁଭିଲା ଏକ ସ୍ୱର : ''ଯୁବକ ! କେଉଁ ସାହସରେ ତୁମେ ମୋ ଐଶ୍ୱର୍ଯ୍ୟ – ପଦ୍ମର ମହକ ଚୋରାଇ ଉପଭୋଗ କଲ ?''

ଯୁବକ ଜଣକ ସେମିତି ଆଣ୍ଠୁଏ ପାଣିରେ ଠିଆ ହୋଇ କେବଳ କରଯୋଡ଼ କରି ରହିଲେ । କିଛି କହିଲେ ନାହିଁ ।

''ନୀରବ କାହିଁକି, ଯୁବକ ? ତୁମେପରା ଜଣେ ଶିକ୍ଷକ ! ଛାତ୍ରମାନଙ୍କୁ କେତେ ଶିକ୍ଷଣୀୟ କଥା କହୁଥିବ । ମୋ ପ୍ରଶ୍ନର ଉତ୍ତର ଦେଉ ନାହଁ କାହିଁକି ?'' ସେ ସ୍ୱର ପୁନର୍ବାର ପ୍ରଶ୍ନ କଲା ।

''ମା ! ମୁଁ ତୁମର ଏ ଦିବ୍ୟକର୍ମ ଦେଖି ଆତ୍ମବିସ୍ମୃତ ହୋଇ ଯାଇଥିଲି । ବୁଝୁଛି । ତୁମେ ଏ ସରୋବରର ଧାତ୍ରୀ ଦେବୀ । ମା ! ମୋତେ ଆଶୀର୍ବାଦ କର ।'' ଯୁବକ କହିଲେ ।

ଅପରୂପ କମନୀୟ କଣ୍ଠରୁ ଶୁଭିଲା ''ତଥାସ୍ତୁ ।'' ଯୁବକ ମସ୍ତକ ଅବନତ କଲେ ।

ଆଉ କିଛି ସମୟ ରହି ଯୁବକ ପାଣି ଭିତରୁ ଉଠି ଆସିଲେ । ମୁଁ ବେତାଳ ଅବଶ୍ୟ ସେ ଦିବ୍ୟକାନ୍ତି ଦେଖିପାରିଲି ନାହିଁ । କିନ୍ତୁ ଯୁବକ କୂଳକୁ ଉଠି ଆଉ ଥରେ ସରୋବର ଆଡ଼କୁ ଅନାଇ ନିଜ ବାଟରେ ଯାଆନ୍ତେ ମୁଁ ବୁଝିଲି, ସେ ମୂର୍ତ୍ତି ଅନ୍ତର୍ହିତା ।

କିନ୍ତୁ ଆଉ ଥରେ ସେ ମୂର୍ତ୍ତି ପ୍ରକଟ ହେବେ ବୋଲି ମୁଁ ଆଶା କଲି । କାରଣ ପରେ ପରେ ଜଣେ ଶିକାରୀ ସରୋବର କୂଳରେ ତା' ଶିକାର ଥୋଇ ସ୍ନାନ ପାଇଁ ପାଣିରେ ପଶିଯାଇ ଏକାଧିକ ପଦ୍ମଫୁଲକୁ ବିନା କାରଣରେ ବିଦୀର୍ଣ୍ଣ କରି ପକାଇଲା । ବୋଧ ହୁଏ, ସେ ପଦ୍ମଫଳ ଆଶାରେ ସେମିତି କରୁଥିଲା ଅଥବା କରୁଥିଲା ଖାସ୍ ଖିଆଲ ବଶତଃ । ସ୍ନାନ ସମାପନ କରି ସେ ଉଚ୍ଚକଣ୍ଠରେ ଗୀତ ବୋଲି ଶିକାରତକ ଧରି ପ୍ରସ୍ଥାନ କଲା । ଜଳାଶୟର ଦେବୀ ପୁନର୍ବାର ଆବିର୍ଭୂତା ହୋଇ ତାକୁ ଧମକ-ଚମକ ବା ଅଭିଶାପ ଦେବେ, ମୋର ସେ ଧାରଣା ଭୁଲ୍ ପ୍ରମାଣିତ ହେଲା । ଆଚମ୍ବିତ ହେଲି ।

ଟିକିଏ ଚୁପ୍ ରହି ବେତାଳ ପ୍ରଶ୍ନ କଲା, 'ରାଜନ ! ଦେବୀଙ୍କ ଆଚରଣ ବିସ୍ମୟଜନକ ନୁହେଁ କି ? ପଦ୍ମ ପୁଷ୍ପ ଆଘ୍ରାଣ ମାତ୍ର କରି ଥିବାରୁ ସେ ଯୁବକ ଶିକ୍ଷକ ଜଣକୁ କୈଫିୟତ୍ ମାଗିଲେ; ଅଥଚ ପଦ୍ମବନ ଛାରଖାର କରିଥିବା ଶିକାରୀକୁ ପଦେ ମଧ୍ୟ କହିଲେ ନାହିଁ, ଏହା କିପରି କଥା ? ମୋର ଆଉ ଗୋଟାଏ ବିସ୍ମୟ ହେଲା, ଦେବୀ ଶିକ୍ଷକଙ୍କୁ ଯେଉଁ ପ୍ରଶ୍ନ କଲେ, ଶିକ୍ଷକ ତା'ର ଉତ୍ତର ନଦେଇ ଆଶୀର୍ବାଦ ଭିକ୍ଷା କଲେ ଓ ଦେବୀ ତଥାସ୍ତୁ କହିଦେଲେ । ଏହା କି ଧରଣର ସଂଳାପ ? ରାଜନ ! ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଦେବାର ଶକ୍ତି ଥିବା ସତ୍ତ୍ୱେ ଯଦି ନୀରବ ରହିବ, ତେବେ ତୁମ ଶିରଃ ହେବ ସ୍କନ୍ଧଚ୍ୟୁତ ।'

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ରାଜା ବିକ୍ରମ କହିଲେ,

''ବେତାଳ ! ସେ ଯୁବକଙ୍କୁ ତୁମେ ଅବଶ୍ୟ ଶିକ୍ଷକ ବୋଲି କହିଲ । କିନ୍ତୁ ତାଙ୍କ ସୂକ୍ଷ୍ମ ପରିଚୟ ହେଲା ସେ ଜଣେ ସାଧକ । ସେ ଅତୀବ ସ୍ୱଚ୍ଛ ମାନସରେ ସେ ସରୋବର ଏବଂ ପଦ୍ମବନ ଦେଖି ଆନନ୍ଦ ଓ କୃତଜ୍ଞତା ଅନୁଭବ କରୁଥିଲେ । ଦେବୀ ତାଙ୍କ ମନୋଭାବରେ ତୁଷ୍ଟ ହୋଇ ତାଙ୍କୁ ଦେଖା ଦେଲେ । ସେ ମହତ୍ ସ୍ନେହଭରେ ଯେଉଁ ପ୍ରଶ୍ନ କଲେ, ତାହା ଭିତରେ ସେ ଯୁବକଙ୍କୁ ଏକ ଦିଗ୍‌ଦର୍ଶନ ଦେଉଥିଲେ – ଯାହା କେବଳ ମାତ୍ର ସୁଯୋଗ୍ୟ ଅଭୀପ୍ସୁ ଓ ବିନୟୀ ସାଧକଙ୍କୁ ଦିଆଯାଇ ପାରେ । ଦେବୀ ତାଙ୍କୁ ସ୍ମରଣ କରାଇ ଦେଲେ କି ଯେକୌଣସି ବସ୍ତୁ ଉପଭୋଗ କରିବା ପୂର୍ବରୁ ତାହା ଦିବ୍ୟଶକ୍ତିକୁ ନିବେଦନ କରିବା ତାଙ୍କ ଭଳି ଉନ୍ନତ ଚେତନାବନ୍ତ ସାଧକଙ୍କ ପକ୍ଷରେ ବାଞ୍ଛନୀୟ । ''କେଉଁ ସାହସରେ ମୋ ଐଶ୍ୱର୍ଯ୍ୟ ପଦ୍ମର ମହକ ଚୋରାଇ ଉପଭୋଗ କଲ''– ଏହା ବସ୍ତୁତଃ ଦେବୀଙ୍କ ପ୍ରଶ୍ନ ନୁହେଁ, ଏହା ଉପରୋକ୍ତ ମର୍ମରେ ତାଙ୍କର ଉପଦେଶ । ପ୍ରଶ୍ନର ଉତ୍ତର ନଦେଇ ଯୁବକ କେବଳ ଆଶୀର୍ବାଦ ଭିକ୍ଷା କରିବାର ଅର୍ଥ, ସେ ଯେପରି ଚେତନାର ଆଉ ଧାପେ ଉର୍ଦ୍ଧ୍ୱକୁ ଉଠିଯାଇ ସବୁକିଛି ପ୍ରଥମେ ଦିବ୍ୟଶକ୍ତି ଉଦ୍ଦେଶ୍ୟରେ ଅର୍ପଣ କରି ତା'ପରେ ଦିବ୍ୟ-ପ୍ରସାଦ ରୂପେ ସେସବୁ ଗ୍ରହଣ କରିବାକୁ ନଭୁଲନ୍ତି, ଦେବୀ ଯେପରି ଏହାହିଁ ମଞ୍ଜୁର କରନ୍ତି । ଦେବୀ ତାହା କଲେ । ସେସବୁ ସ୍ତରରେ ପ୍ରଶ୍ନୋତ୍ତର ବା ସଂଳାପ ଗତାନୁଗତିକ ଭାଷାରେ ହେବାର ଆବଶ୍ୟକତା ନଥାଏ । ତାହା ଭାବ ରାଜ୍ୟର ସଂଳାପ । ତୁମେ ଅତିଭୌତିକ ଜଗତର ସତ୍ତା ଏବଂ ବେତାଳ ହେଲେ ମଧ୍ୟ ଜଣେ ଶୁଭେଚ୍ଛୁ, ସେହି ଯୋଗୁଁ ତୁମେ ସେ ସଂଳାପ ଶୁଣିପାରିଲ, ଦେବୀଙ୍କୁ ଦେଖି ନପାରିଲେ ମଧ୍ୟ ।

ସେ ଶିକାରୀ ବାପୁଡ଼ା ତା' ଚେତନାର ଯେଉଁ ସ୍ତରରେ ରହିଛି, ତା'ର ସେଭଳି ସୌଭାଗ୍ୟ କେତେ ଜନ୍ମ ପରେ ହେବ, ସେକଥା କେବଳ ନିୟତିକୁହିଁ ମାଲୁମ । ସେଭଳି ମଣିଷଟିଏ ଏମନ୍ତ ପ୍ରସଙ୍ଗ କାହାଣୀ ଭାବରେ ପଢ଼ିଲେ ମଧ୍ୟ ତା'ର ତାତ୍ପର୍ଯ୍ୟ କିଛି ବୁଝିପାରିବ କି ନା ସନ୍ଦେହ । ସେ ତ ଖାଲି ପଦ୍ମବନ ଛାରଖାର କରୁଥିଲା, ସଂସାରର କେତେ ସୁନ୍ଦର ବ୍ୟବସ୍ଥାମାନ ଛାରଖାର କରିବା ଭଳି ମଣିଷଙ୍କର ଅଭାବ ନାହିଁ । ବେତାଳ ! ବହୁ ଜନ୍ମର ଅଭିଜ୍ଞତା ଦେଇ ଗଲେ ଯାଇ ଜଣେ ସେ ଯୁବକ ଶିକ୍ଷକଙ୍କ ଚେତନା ସ୍ତରରେ ପହଞ୍ଚିପାରିବ ।''

ରାଜାଙ୍କ ଉତ୍ତରଦାନ ଶେଷ ହେବା ମାତ୍ରେ ବେତାଳ ଯାଇ ପୁନର୍ବାର ସେ ବୃକ୍ଷ ଡାଳରେ ଝୁଲିପଡ଼ିଲା ।

(ଭିତ୍ତି : ସୁପ୍ରାଚୀନ ଉପକଥା;
ନବ ବିନ୍ୟାସ : ଦେବପ୍ରିୟ)

❑❑❑

## ୫ ଡିସେମ୍ବର, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ

The only way to come a little closer to him [Sri Aurobindo] is to love him sincerely and give oneself unreservedly to his work. In that way, each one does his best and contributes as much as he can to the transformation of the world which Sri Aurobindo has predicted.

– The Mother

ତାଙ୍କର (ଶ୍ରୀଅରବିନ୍ଦଙ୍କର) ଟିକିଏ ନିକଟତର ହେବାର ଏକମାତ୍ର ପଥ ହେଲା ତାଙ୍କୁ ଆନ୍ତରିକ ଭାବେ ଭଲ ପାଇବା ଏବଂ ତାଙ୍କ କାର୍ଯ୍ୟରେ ନିଜକୁ ଅକୁଣ୍ଠ ଭାବେ ନିୟୋଗ କରିବା । ସେହି ରୀତିରେ, ପ୍ରତ୍ୟେକେ ଯଥାସାଧ୍ୟ ଉତ୍ତମ ରୂପେ ନିଜ କର୍ମ ନିର୍ବାହ କରିବେ ଏବଂ ପୃଥିବୀର ରୂପାନ୍ତର ବିଷୟରେ ଶ୍ରୀଅରବିନ୍ଦ ଯେଉଁ ଭବିଷ୍ୟଦ୍‌ବାଣୀ କରିଛନ୍ତି, ତହିଁରେ ନିଜେ ଯେତେ ଦୂର ପାରିବେ ନିଜର ଅବଦାନ ଦେଇ ପାରିବେ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୪)

## ମହେନ୍ଦ୍ର ନାଥ ସ୍ୱାଇଁ

**ଶୂନ୍ୟ ହୃଦୟ ଏବଂ ପ୍ରସାରିତ ହସ୍ତ :**

ଡିସେମ୍ବର ୨୭, ୧୯୧୬ର ପ୍ରାର୍ଥନାଟି ଅତ୍ୟନ୍ତ ସରଳ, ସାବଲୀଳ ଓ ସମ୍ପୂର୍ଣ୍ଣ ଭଗବତ୍-ପ୍ରେମର ଏକ କବିତା । କଥୋପକଥନ ବା ସଂଳାପ ରୂପରେ ଏହା ଉପସ୍ଥାପିତ । ଅନ୍ତରର ଅଭ୍ୟନ୍ତରରୁ ଅନୁପ୍ରେରିତ ହୋଇ ଦର୍ଶନ-ତୃଷାର୍ଥୀ ଭକ୍ତଟିର ପ୍ରାର୍ଥନା ଓ ଆତ୍ମନିବେଦନର ପ୍ରତ୍ୟୁତ୍ତରରେ, ପ୍ରଭୁ (ଉକ୍ତ ପ୍ରାର୍ଥନାରେ) ମାତ୍ର ଥରଟିଏ ମୁଖ ଖୋଲିଛନ୍ତି । ଉତ୍ତରଟି ଖୁବ୍ ସ୍ୱଳ୍ପ କିନ୍ତୁ ତାହା ମୁକ୍ତିର ଏକ ନିର୍ଣ୍ଣୟାତ୍ମକ କୌଶଳ ବା କଳା ରୂପରେ ଉପସ୍ଥାପିତ ହୋଇଛି । ଭକ୍ତ ପ୍ରଭୁଙ୍କ ସ୍ୱର ଶୁଣି ପାରିଛି ଏବଂ ପ୍ରାର୍ଥନା ସମାପ୍ତ କରିଛି ଏକ ଗୁହାରି ଜଣାଇ । ପ୍ରେମମୟ ପ୍ରଭୁ, ଯେକି ସେହି ପ୍ରେମ ଶକ୍ତିର ଉତ୍ସ, ମୂଳାଧାର, ଯାହାଙ୍କ ହାତରେ ଦିବ୍ୟପ୍ରେମର ଚାବିକାଠି, ତାଙ୍କ ସମକ୍ଷରେ ଯୋଡ଼ ହସ୍ତରେ ଅନୁନୟ ବିନୟ ହୋଇ ମା ପ୍ରାର୍ଥନା ଜଣାଉଛନ୍ତି । ତାହା ଏହିପରି : –

"O My beloved Lord, my heart is bowed before Thee, my arms are stretched towards Thee imploring Thee to set all this being on fire with Thy sublime love that it may radiate from there on the world."

(CWM, Vol. 1. p. 340)

''ହେ ମୋର ପ୍ରେମମୟ ପ୍ରଭୁ ! ମୋର ହୃଦୟ ଆପଣଙ୍କ ସମକ୍ଷରେ ଅବନତ, ମୋର ହସ୍ତ ଦୁଇଟି ଆପଣଙ୍କ ଆଡ଼କୁ ପ୍ରସାରିତ । ମୋ ହୃଦୟ ଏବଂ ହସ୍ତ ଦ୍ୱୟ ଏକାନ୍ତ ଭାବରେ ଚାହାନ୍ତି ଯେ, ଆପଣ ଆପଣଙ୍କ ମହିମାନ୍ୱିତ ଦିବ୍ୟ-ପ୍ରେମ ଦ୍ୱାରା ମୋର ଏହି ସମଗ୍ର ସତ୍ତାରେ ଅଗ୍ନି ସଂଯୋଗ କରି ଦିଅନ୍ତୁ, ଫଳତଃ ଏହି ସତ୍ତା ତା'ର ନିଜସ୍ୱ ଅଧିଷ୍ଠାନରୁ ସମଗ୍ର ସଂସାରରେ ଦିବ୍ୟ-ପ୍ରେମର ଅଗ୍ନିକୁ ବିକିରିତ କରିପାରେ ।''

ମା ଅନ୍ତରର ଗଭୀରତାରୁ ତାଙ୍କ ପ୍ରେମମୟ ପ୍ରଭୁଙ୍କ ପାଖରେ ସବୁ ଦିନ ପରି ପ୍ରାର୍ଥନା କରୁଛନ୍ତି, ପ୍ରଥମେ ନିଜକୁ ଛୋଟ କରିଦେଇ କହୁଛନ୍ତି, "Bowed before Thee" – ଏହା ବିନୟାବନତ ଭାବର ଗୋଟିଏ ସୁନ୍ଦର ଚିତ୍ରକଳ୍ପ । ତତ୍ପରେ ମା ଭାବ ବିହ୍ୱଳ ହୋଇ ଦୁଇ ହାତ ଉପରକୁ ପ୍ରସାରିତ କରି ପ୍ରେମର ପ୍ରତ୍ୟୁତ୍ତରକୁ ଅପେକ୍ଷା କରିଛନ୍ତି । ''ଅଗ୍ନି'', ''ଅବନତ ମସ୍ତକ'', ''ପ୍ରସାରିତ ହସ୍ତ'' ଏବଂ ''ମଧୁର-ପ୍ରେମ'' ଏହି ସକଳ ଶବ୍ଦ ପ୍ରାର୍ଥନାଟିର ପ୍ରାରମ୍ଭ ବା ଉପକ୍ରମଣିକାକୁ ସମୃଦ୍ଧ କରିଛି । ଏତାଦୃଶ ସମୁଜ୍ଜ୍ୱଳ ନିବେଦନର ପଶ୍ଚାତରେ ଅନ୍ୟ ଏକ ଦୃଢ଼ ଇଚ୍ଛା ପ୍ରଚ୍ଛନ୍ନ ଭାବରେ ରହିଛି – ତାହାହେଲା ତାଙ୍କର ଜ୍ୟୋତିର୍ମୟ ସତ୍ତାକୁ ବିକିରିତ କରାଇବା – ସେହି ଶୁଭ୍ର, ଜ୍ୟୋତିଃ-ଶିଖାର ଉତ୍ତାପକୁ ଉଦ୍ଦୀପିତ କରିବା ଏବଂ ବିକିରିତ କରିବା । ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବା ।

ଉପରୋକ୍ତ ଅନୁଚ୍ଛେଦଟିରେ ପ୍ରେମ ସମ୍ପର୍କରେ ଯେଉଁ ଶବ୍ଦଗୁଡ଼ିକ ଉଚ୍ଚାରିତ ହୋଇଛି ତାହା ସାଧାରଣ ବ୍ୟକ୍ତି ବିଶେଷଙ୍କର ଅସାମର୍ଥ୍ୟକୁ ଉପସ୍ଥାପନା କରୁଛି । ଅନ୍ୟତ୍ର ମା ପ୍ରଭୁ ଶ୍ରୀଅରବିନ୍ଦଙ୍କର ପ୍ରେମ ସମ୍ପର୍କୀୟ ଅପୂର୍ବ ଭାବକୁ ମଧ୍ୟ ବିଭିନ୍ନ ରୂପରେ ପ୍ରକାଶ କରିଛନ୍ତି । ତାହାହେଲା – ''ପ୍ରେମର ପ୍ରେମ ବ୍ୟତୀତ ଅନ୍ୟ କିଛି ଉଦ୍ଦେଶ୍ୟ ନଥାଏ ।'' ପ୍ରେମ ପାଇଁ ଇଚ୍ଛା କରୁଥିବା ବା ପ୍ରେମକୁ ଖୋଜୁଥିବା ବ୍ୟକ୍ତି ନିକଟରେ ତଥାପି ତା'ର ଏକ ନିଜସ୍ୱ ସଚେତନତା ଭିତରେ ସୀମିତ ଭାବ ବା ସଙ୍କୁଚିତ ଭାବ ରହି ଯାଇଥାଏ । ସେଇଟି ହେଲା ଏକ ଉଚ୍ଚତର ଅଗ୍ନିକୁ ଅନ୍ୱେଷଣ କରିବା ଏବଂ ସେଥିପାଇଁ ପ୍ରେମର ସର୍ବୋତ୍ତମ ଉତ୍ସ ନିକଟରେ ପ୍ରାର୍ଥନା କରିବା । ଦିବ୍ୟ-ପ୍ରେମର ସର୍ବୋତ୍ତମ ଉତ୍ସ ହେଲେ ସ୍ୱୟଂ ସଚ୍ଚିଦାନନ୍ଦ ପରଂବ୍ରହ୍ମ ।

ପୁନଶ୍ଚ ମା କହୁଛନ୍ତି, ''ମୋ ହୃଦୟ ମୁକ୍ତ ହୋଇ ଖୋଲିଯାଇଛି, ମୋର ହୃଦୟ ମୁକ୍ତ ଏବଂ ଆପଣଙ୍କ ଆଡ଼କୁ ଚାହିଁ ରହିଛି, ଏହା ଖୋଲିଯାଇଛି ଏବଂ ଶୂନ୍ୟ ହୋଇଯାଇଛି କାରଣ ଆପଣ ତା' ଭିତରେ ଆପଣଙ୍କର ଦିବ୍ୟ-ପ୍ରେମକୁ ଢାଳି ତାକୁ ପୂର୍ଣ୍ଣ କରି ଦେଇପାରିବେ । ଏହା ଶୂନ୍ୟ, ଏଥିରେ କେବଳ ଆପଣହିଁ ଅଛନ୍ତି ଏବଂ ଆପଣଙ୍କ ଉପସ୍ଥିତି ଏହାର କୋଣ ଅନୁକୋଣରେ ଭର୍ତ୍ତି ହୋଇ ରହିଛି । ତଥାପି ଏହା ସମ୍ପୂର୍ଣ୍ଣ ଶୂନ୍ୟ,

କାରଣ ଏହି ଶୂନ୍ୟ ହୃଦୟ ଦୃଶ୍ୟ ଜଗତର ପଶ୍ଚାତରେ ଥିବା ସକଳ ବିବିଧ ଅନନ୍ତ ବସ୍ତୁମାନଙ୍କୁ ଧରି ରଖିବାକୁ ସକ୍ଷମ... ।''

ଡିସେମ୍ବର ୨୭, ୧୯୧୬ ପ୍ରାର୍ଥନାର ପ୍ରଥମ ଅନୁଚ୍ଛେଦରେ "open" ଏବଂ "empty" ଏହି ଶବ୍ଦ ଦୁଇଟିକୁ ମା ତିନି ତିନିଥର ଉଚ୍ଚାରଣ କରିଛନ୍ତି । ଏଠାରେ ସମ୍ବୋଧିଯୁକ୍ତ ଜ୍ଞାନକୁ ଏକ ଶକ୍ତିଶାଳୀ ପ୍ରଜ୍ଞା ତଥା ମନ ଜରିଆରେ ଉପସ୍ଥାପନ କରାଯାଇଛି । ଅନୁଚ୍ଛେଦର ଶେଷ ଭାଗରେ ମା ଏକ ସୂକ୍ଷ୍ମ ଅନୁଭୂତିକୁ ପ୍ରକାଶ କରିଛନ୍ତି । ତାହାହେଲା, "... for it can contain also all the infinite variety of the manifested world..." । ଏକ ଶୂନ୍ୟ ହୃଦୟ – ବିକଶିତ ଜଗତର ଅନ୍ୟାନ୍ୟ ଅସୀମ ତଥା ବିଭିନ୍ନ ପ୍ରକାର ରୂପକୁ ମଧ୍ୟ ସହଜରେ ଧାରଣ କରିପାରେ । କିନ୍ତୁ ସେହି କାର୍ଯ୍ୟ ପାଇଁ ପ୍ରେମାନ୍ୱେଷୀ ବ୍ୟକ୍ତିକୁ ପ୍ରେମର ଅନନ୍ତ ଉତ୍ସ ଉପରେ ନିର୍ଭର କରିବାକୁ ପଡ଼ିବ ।

ମା ସେହି ''ପ୍ରସାରିତ ହସ୍ତ'' ଏବଂ ''ମୁକ୍ତ ହୃଦୟ'' ଶବ୍ଦ ଦୁଇଟିକୁ ଦ୍ୱିତୀୟ ଅନୁଚ୍ଛେଦରେ ମଧ୍ୟ ପୁନଃ ବ୍ୟବହାର କରି କହୁଛନ୍ତି –

"O Lord, my arms are out-stretched in supplication towards Thee, my heart is wide open before Thee, that Thou mayst make of it a reservoir of Thy infinite love."

''ହେ ପ୍ରଭୁ ! ମୋର ହସ୍ତଦ୍ୱୟ ଭକ୍ତିଭାବର ସହିତ ଆପଣଙ୍କ ଆଡ଼କୁ ପ୍ରସାରିତ ହୋଇ ରହିଛନ୍ତି, ମୋ ହୃଦୟ ଆପଣଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇ ରହିଛି, ଆପଣ ଏହାକୁ ଆପଣଙ୍କର ଚିରନ୍ତନ ପ୍ରେମର ଭଣ୍ଡାର କରି ଦିଅନ୍ତୁ ।'' ଏହାହିଁ ମା'ଙ୍କର ପ୍ରଭୁଙ୍କ ନିକଟରେ ସର୍ବଶେଷ ନିବେଦନ ।

ଉକ୍ତ ପ୍ରାର୍ଥନାର ଶେଷ ଅନୁଚ୍ଛେଦରେ ପ୍ରଭୁଙ୍କଠାରୁ ଉତ୍ତର ମିଳିଛି । ପ୍ରଭୁ କହୁଛନ୍ତି – "Love me in all things, everywhere and in all beings."

''ପ୍ରତ୍ୟେକ ବସ୍ତୁ ଭିତରେ, ପ୍ରତ୍ୟେକ ସ୍ଥାନରେ ଏବଂ ସକଳ ସତ୍ତାମାନଙ୍କ ମଧ୍ୟରେ ମୋତେ ଭଲପାଅ ।'' ଜଡ଼, ସ୍ଥାବର, ଅସ୍ଥାବର, କୀଟ, ପତଙ୍ଗ, ବନସ୍ପତି, ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ଉକ୍ତ ଭଲ ପାଇବାକୁ ଅନୁଭବ କର । ପୁନଶ୍ଚ ସବୁ ସ୍ଥାନରେ ପ୍ରେମାସ୍ପଦ ପରମପ୍ରଭୁଙ୍କ ଦର୍ଶନ କରିବାକୁ ପଡ଼ିବ, ଭଲ ପାଇବାକୁ ପଡ଼ିବ, ତେବେ ଯାଇ ଦିବ୍ୟ-ପ୍ରେମକୁ ଶୂନ୍ୟ ହୃଦୟ ଭିତରେ ଧରିରଖି ତାକୁ ଏକ ପ୍ରେମ ଭଣ୍ଡାରରେ ପରିଣତ କରି ହେବ । ସେଥିପାଇଁ ମା ପ୍ରଭୁଙ୍କ ପାଦତଳେ ପଡ଼ି ଯାଇଛନ୍ତି ଏବଂ କହୁଛନ୍ତି, "I prostrate myself before Thee and ask of Thee to give me that power."

''ମୁଁ ଭୂମିରେ ମଥା ଲଗାଇ ଆପଣଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ ହେଉଛି ଏବଂ ମାଗୁଣି କରୁଛି, ହେ ପ୍ରଭୁ ! ମୋତେ ସେହି ଶକ୍ତି ପ୍ରଦାନ କରନ୍ତୁ ।''

ମା ସମଗ୍ର ମାନବଜାତି ପାଇଁ ପ୍ରଭୁଙ୍କ ପାଦତଳେ ଲୋଟି ଯାଇଛନ୍ତି । ତାଙ୍କ ହୃଦୟ ଦିବ୍ୟପ୍ରେମର ଭଣ୍ଡାରରେ ପରିଣତ ହୋଇଗଲେ ସେ ସେହି ଭଣ୍ଡାରରୁ ଦିବ୍ୟପ୍ରେମର ଧାରା ପ୍ରବାହିତ କରାଇ ସକଳ ହୃଦୟକୁ ଦିବ୍ୟାନନ୍ଦରେ ସିକ୍ତ କରି ଦେବେ । ଏହାହିଁ ପରମପ୍ରଭୁଙ୍କ ନିକଟରେ ମା'ଙ୍କର ନମ୍ର ନିବେଦନ ।

ନିଜକୁ ପରମପ୍ରଭୁଙ୍କ ପାଦତଳେ ସମ୍ପୂର୍ଣ୍ଣ ଭାବରେ ସମର୍ପି ଦେବାର ତିନୋଟି ଆଦର୍ଶ ନମୁନା ମା ମାତୃରଚନାବଳି, ଚତୁର୍ଦ୍ଦଶ ଖଣ୍ଡ, ପୃଷ୍ଠା. ୧୦୮-୦୯ରେ ଉଲ୍ଲେଖ କରିଛନ୍ତି । ଉକ୍ତ ଅବସରରେ ପାଠକମାନଙ୍କ ନିକଟରେ ତାହାର ଅବତାରଣା କରିବାର ଲୋଭ ସମ୍ବରଣ କରି ହେଉ ନାହିଁ । ତାହା ଏହିପରି –

Three typical model of total self-giving to the Divine :

(1) To prostrate oneself at His feet, giving up all pride in perfect humility.

(2) To unfold one's being before him, Open one's Whole body from head to foot, as opens a book, exposing one's centres so as to make all their movements visible in a complete sincerity that allows nothing to remain hidden.

(3) To nestle in His arms, to merge in Him, in a loving and absolute trust.

ସମ୍ପୂର୍ଣ୍ଣ ଆତ୍ମନିବେଦନର ତିନୋଟି ଆଦର୍ଶ ନମୁନା :

(୧) ତାଙ୍କ ପାଦତଳେ ନିଜକୁ ଲୋଟେଇ ଦେବା, ସମ୍ପୂର୍ଣ୍ଣ ବିନମ୍ରତାର ସହିତ, ସମସ୍ତ ଗର୍ବ-ଅଭିମାନକୁ ତ୍ୟାଗ କରିବା ।

(୨) ତାଙ୍କ ସମ୍ମୁଖରେ ନିଜର ସତ୍ତାକୁ ଖୋଲିଦେବା, ସମଗ୍ର ଶରୀରର ମସ୍ତକରୁ ପାଦ ପର୍ଯ୍ୟନ୍ତ ଖୋଲି ଧରିବା, ଠିକ୍ ଗୋଟିଏ ପୁସ୍ତକ ଖୋଲିଲା ପରି, ସବୁ କେନ୍ଦ୍ରକୁ ମୁକ୍ତ କରିଦେବା,

ଯେପରିକି ସେମାନଙ୍କର ସମସ୍ତ ଗତିବୃତ୍ତି ଐକାନ୍ତିକ ଭାବରେ ତାଙ୍କର ଦୃଷ୍ଟି ପଥାରୂଢ଼ ହୁଏ, ନଜରକୁ ଆସେ ଏବଂ କୌଣସି ଜିନିଷକୁ ଲୁଚାଇ ରଖିବାରେ ଅନୁମତି ପ୍ରଦାନ ନକରେ ।

(୩) ତାଙ୍କ ବାହୁବନ୍ଧନ ଭିତରେ ନିଜକୁ ଜଡ଼ାଇ ଦେବା ଏବଂ ଏକ ପ୍ରେମମୟ, ସର୍ବୋତ୍ତମ ଆସ୍ଥା ଭିତରେ ନିଜକୁ ତାଙ୍କ ସହିତ ମିଶାଇ ଦେବା ।

ପୁନଶ୍ଚ ମା କହନ୍ତି ''ଏହି ଗତିବୃତ୍ତିଗୁଡ଼ିକୁ ତିନୋଟି ନିୟମ ମଧ୍ୟ ଦେଇ ଗତି କରାଇବାକୁ ହେବ କିଂବା ତିନୋଟି ମଧ୍ୟରୁ ଯେକୌଣସି ଗୋଟିଏକୁ ମଧ୍ୟ ପରିସ୍ଥିତିର ଦାବି ଅନୁସାରେ ଗ୍ରହଣ କରାଯାଇପାରେ ।''

1. "Let Thy will be done and not mine."
2. "As Thou willest, as Thou willest......"
3. "I am Thine for eternity."

୧. ''ମୋ ଇଚ୍ଛା ନୁହେଁ, ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।''
୨. ''ଆପଣଙ୍କର ଯାହା ଇଚ୍ଛା, ଆପଣଙ୍କ ଯାହା ଇଚ୍ଛା... ... ।
୩. ''ଅନନ୍ତ କାଳ ପାଇଁ ମୁଁ ଆପଣଙ୍କର ।''

ସାଧାରଣତଃ ଯେତେବେଳେ ଏହି ସମର୍ପଣସବୁ ଠିକ୍ ରୂପେ ସମ୍ପନ୍ନ ହୋଇଯାଏ, ତା'ପରେ ପରେ ଆସେ ପ୍ରଭୁଙ୍କ ସହିତ ସମ୍ପୂର୍ଣ୍ଣ ଏକାତ୍ମତା, ଅହଂକାରର ସମ୍ପୂର୍ଣ୍ଣ ବିଲୟ ଏବଂ ହୋଇଥାଏ କ୍ରମଃ ଉତ୍ତରଣ ଦିବ୍ୟାନନ୍ଦର ।''

(CWM, Vol. - 4, P. 108 - 109)

ସୁତରାଂ ପ୍ରଭୁଙ୍କ ପାଦତଳେ ମଥା ଲଗାଇ ପ୍ରଣାମ କଲାବେଳେ, ''ମୋ ଇଚ୍ଛା ନୁହେଁ ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ''; ଦୁଇ ହସ୍ତ ପ୍ରସାରିତ କରି ପ୍ରାର୍ଥନା କଲା ବେଳେ, ''ଆପଣଙ୍କର ଯାହା ଇଚ୍ଛା ତାହାହିଁ କର ପ୍ରଭୁ !'' ଏବଂ ତାଙ୍କ ବାହୁବନ୍ଧନ ଭିତରେ ହଜି ଗଲେ, ହେ ପ୍ରଭୁ ! ''ଚିରଦିନ ପାଇଁ ମୁଁ ତୁମର'' ଏହି ତିନୋଟି ''ଆଦର୍ଶ ନମୁନା'' ମା ଆମମାନଙ୍କ ପାଇଁ ପ୍ରସ୍ତୁତ କରିଛନ୍ତି । ଆସନ୍ତୁ, ଆମେ ସମସ୍ତେ ଏଥିରେ ଉଦ୍‌ବୁଦ୍ଧ ହେବା ପାଇଁ ମା'ଙ୍କ ପାଦପଦ୍ମରେ ପ୍ରାର୍ଥନା କରିବା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

## ୧୭ ନଭେମ୍ବର, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ

It is only by remaining perfectly peaceful and calm, with an unshakable confidence and faith in the Divine Grace that you will allow circumstances to be as good as they can be. The *very best happens always* to those who have put their entire trust in the Divine and in the Divine *alone*.

– The Mother

ଦିବ୍ୟକୃପା ଉପରେ ଅବିଚଳ ଆସ୍ଥା ଏବଂ ବିଶ୍ୱାସ ସହକାରେ କେବଳ ମାତ୍ର ସର୍ବସଂହତ ଭାବେ ଶାନ୍ତିମୟ ଏବଂ ଅଚଞ୍ଚଳ ରହିବା ଦ୍ୱାରାହିଁ ତୁମେ ପରିସ୍ଥିତିସବୁ ଯେତିକି ଉତ୍ତମ ହେବା ସମ୍ଭବ, ତାହା ହେବା ଦିଗରେ ପଥ ସୁଗମ କରିପାରିବ । **ସବୁଠୁଁ ଉତ୍ତମ ସର୍ବଦା ସଂଘଟିତ ହୁଏ** ସେହିମାନଙ୍କ କ୍ଷେତ୍ରରେ ଯେଉଁମାନେ ସେମାନଙ୍କ ସମଗ୍ର ବିଶ୍ୱାସ ଭଗବାନଙ୍କ ଉପରେ ଏବଂ **କେବଳ ମାତ୍ର** ଭଗବାନଙ୍କ ଉପରେହିଁ ନ୍ୟସ୍ତ କରିଥା'ନ୍ତି ।

– ଶ୍ରୀମା

# ଆଦର୍ଶ ମାତାପିତା

## (୧୩)

## ଶ୍ରୀମା

*ପ୍ରଶ୍ନ : ମାଆ, ବେଳେ ବେଳେ ଏପରି ପ୍ରଶ୍ନ ଉଠେ, କାରଣ ସ୍କୁଲରେ ଆମ ପଢ଼ାରେ ସମୟେ ସମୟେ ଭାରି ଅରୁଚି ଜାତ ହୁଏ ଏବଂ 'ଏସବୁରେ ଆମର ପ୍ରକୃତରେ କି ଲାଭ ହେବ ?' ବୋଲି ପଚାରିବାକୁ ମନ ହୁଏ । ତେବେ ପାଠ ପଢ଼ାରେ ଆମର କିଭଳି ମନୋଭାବ ରହିବା ଉଚିତ ?*

**ଶ୍ରୀମା** : ମୁଁ ଏକଥା ସବୁବେଳେ କହିଆସିଛି ଯେ ଜିମନାଷ୍ଟିକ୍ ଦ୍ୱାରା ମାଂସପେଶୀ ଉପରେ ଯେଉଁ କାର୍ଯ୍ୟ ହୁଏ, ପାଠପଢ଼ା ଦ୍ୱାରା ମସ୍ତିଷ୍କ ଉପରେ ସେହିପରି କାର୍ଯ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ, ମାନସିକ କ୍ରିୟାକଳାପକୁ ନମନୀୟ କରିବା ଲାଗି ମାନସିକ ଜିମନାଷ୍ଟିକ୍ ବା ମାନସିକ ବ୍ୟାୟାମର ଆବଶ୍ୟକତା ରହିଛି, ତାହାକୁ ଶକ୍ତ ଓ ସମୃଦ୍ଧ କରିବା ଲାଗି ଏବଂ ତାହାକୁ ଏକ ବୋଧଗତ ସୂକ୍ଷ୍ମତା ଆଣି ଦେବା ଲାଗି ମାନସିକ ଜିମନାଷ୍ଟିକ୍‌ର ଅତ୍ୟନ୍ତ ପ୍ରୟୋଜନ ରହିଛି । ଏବଂ ତାହା ବ୍ୟତୀତ ତୁମେ ସେହି ବୋଧଗତ ସୂକ୍ଷ୍ମତାକୁ କଦାପି ଲାଭ କରିପାରିବ ନାହିଁ । ଅଳ୍ପ କିଛିଦିନ ତଳେ, ପ୍ରକୃତରେ ଅନେକ ଦିନ ବିତିଗଲାଣି – ଉଦାହରଣ ସ୍ୱରୂପ ମୁଁ ଲକ୍ଷ୍ୟକରି ଦେଖିଛି ଯେ ଯଦି ମୁଁ ଦୁର୍ଭାଗ୍ୟବଶତଃ ତୁମ ଆଗରେ ଦାର୍ଶନିକ କଥା କିଛି ପଢ଼ିଛି ବା ଟିକିଏ ଦାର୍ଶନିକ ଦୃଷ୍ଟିକୋଣରୁ ତୁମ ଆଗରେ କିଛି କଥା କହିଛି ତେବେ ତୁମେ ତାକୁ ବୁଝିପାରି ନାହଁ । ତା'ର କାରଣ ହେଉଛି ଯେ ଦର୍ଶନ କ୍ଷେତ୍ରରେ ତୁମେମାନେ ଆଦୌ କୌଣସି କସରତ କରି ନାହଁ । ଏହାର ଅର୍ଥ ନୁହେଁ ଯେ ତୁମମାନଙ୍କର ବୁଦ୍ଧି ନାହିଁ ବା ତୁମମାନଙ୍କର ବୁଝିବା ଶକ୍ତି ନାହିଁ, ସେ କଥା ନୁହେଁ; ମାତ୍ର ପ୍ରକୃତ କାରଣ ହେଉଛି ତୁମେମାନେ ଏଥିଲାଗି ଆବଶ୍ୟକ ଜିମନାଷ୍ଟିକ୍ କରି ନାହଁ । ଆଉ ଗୋଟିଏ ପ୍ରକାରରେ ମୁଁ ଏହି କଥାଟିକୁ କହୁଛି : ଧର ତୁମେ ଗୋଟିଏ ଭାଷା ଶିଖି ନାହଁ । ମାତ୍ର ଏଥିରେ ମଧ୍ୟ ସେହି ଶବ୍ଦ ସବୁ ରହିଛି, କେବଳ ସେମାନଙ୍କ ଭିତରେ ଟିକିଏ ଭିନ୍ନ ପ୍ରକାରର ସମ୍ବନ୍ଧ ରହିଛି, ବାକ୍ୟାଂଶ ସବୁ ଅଦଳ ବଦଳ ହୋଇ ରହିଛି ଏବଂ ବସ୍ତୁଗୁଡ଼ିକ ପ୍ରତି ଭିନ୍ନ ଏକ ଦୃଷ୍ଟିକୋଣ ମଧ୍ୟ ରହିଛି । ଏହି ଦୃଷ୍ଟିକୋଣ ସମ୍ବନ୍ଧୀୟ କସରତ କରି ନଥିଲେ ତୁମେ ଏ କ୍ଷେତ୍ରରେ ଭିନ୍ନ ଦୃଷ୍ଟିକୋଣଟିକୁ ବୁଝିପାରିବ ନାହିଁ । ଏ ଦୃଷ୍ଟିକୋଣଟିକୁ ତୁମେ ଭଲ ଭାବରେ ବୁଝିପାରିବ : କାରଣ ତୁମେ ସମସ୍ତେ ଜାଣ ଯେ ତୁମକୁ ତାଲିମ ଦିଆ ନଗଲେ ତୁମେ ଆଦୌ ତୁମ କୁସ୍ତି-କସରତ କାର୍ଯ୍ୟ କରି ପାରିବ ନାହିଁ । ତୁମର ଅନେକ ବିଶେଷ ଦକ୍ଷତା ଥାଇପାରେ, ବିଶେଷ ପ୍ରତିଭା ମଧ୍ୟ ଥାଇପାରେ, ମାତ୍ର ଅଭ୍ୟାସ ନକଲେ ଓ ନିଜକୁ ତାଲିମ ନଦେଲେ ତୁମେ ସେଗୁଡ଼ିକୁ କଦାପି କରିପାରିବ ନାହିଁ । କୁଶଳତା ହାସଲ କରିବା ପାଇଁ କରାଯାଉଥିବା କୁସ୍ତି-କସରତ ବିଷୟରେ ବିଚାର କରାଯାଉ; ଯଦି ପ୍ରଥମ ଦିନ ତୁମକୁ ସେସବୁ କରିବା ଲାଗି କୁହାଯାଏ, ତେବେ ତୁମେ ସେଗୁଡ଼ିକୁ ମୋଟେ କରି ପାରିବ ନାହିଁ, ଏହା କରିବା ପ୍ରାୟ ଅସମ୍ଭବ ହୋଇପଡ଼ିବ । ତୁମେ ଏହା ଭଲ କରି ଜାଣିଛ । ଯଦି କେହି ଆସିବା ମାତ୍ରକେ 'ବର୍ତ୍ତମାନ ତୁମେ ଏଇଟିକୁ କର' ବୋଲି କୁହେ, ମନେକର ଏକ ବିଶେଷ ପ୍ରକାରର ଡେଇଁବା, ଯାହାକୁ ଆମେ ଶୂନଚିତି (flying somersault) ବୋଲି କହୁଥିଲୁ, ଯଦି ତୁମକୁ କେହି ସେଇଟିକୁ କର ବୋଲି କହେ ତୁମେ ତାହା ଶୁଣି ନିଶ୍ଚୟ କହିବ, 'ଏହି ଲୋକଟି ଆଦୌ ଠିକ୍ କଥା କହୁ ନାହିଁ, କାରଣ ଏହା କରିବା ଆଦୌ ସମ୍ଭବ ନୁହେଁ ।' ହଁ, ଏହା ଠିକ୍ ସେହିପରି କଥା, ଯଦି ମୁଁ କେତେକ ବହି ନେଇ ତୁମମାନଙ୍କ ଆଗରେ ପଢ଼େ ତେବେ ତୁମେ କିଛି ବୁଝିପାରିବ ନାହିଁ, କାରଣ ଦର୍ଶନ କ୍ଷେତ୍ରରେ ମାନସିକ ଜିମନାଷ୍ଟିକ୍ କରିବାରେ ତୁମର ଆଦୌ କୌଣସି ଅଭିଜ୍ଞତା ନାହିଁ । ଯେଉଁ ଲୋକ କୌଣସି ଗଣିତ କରି ନାହିଁ, ତାହାକୁ ଏକ ଗାଣିତକ ଯୁକ୍ତିକୁ ବୁଝିବା ଲାଗି କହିବା ଯାହା, ଏକଥା ମଧ୍ୟ ଠିକ୍ ସେଇଆ; ସିଏ ତାକୁ କଦାପି... ଏବଂ ତେଣୁ, ଏହାର ଅର୍ଥ ହେଉଛି ଯେ, ଯଦି ତୁମେ ତୁମ ନିଜ ସତ୍ତାର ଗଭୀରତମ ସତ୍ୟଟିକୁ ପୂର୍ଣ୍ଣ ଭାବରେ, ସମଗ୍ର ଭାବରେ ବ୍ୟକ୍ତ କରିବାକୁ ଇଚ୍ଛାକର, ତେବେ ଉପଯୁକ୍ତ ଜିମନାଷ୍ଟିକ୍ ଦ୍ୱାରା ତୁମ ସତ୍ତାର ସବୁଯାକ ଅଂଶ ଏହିପରି ଭାବରେ ପୂର୍ଣ୍ଣ ବିକଶିତ ହୋଇଥିଲେ

ତୁମେ ତାକୁ ଅଧିକ ଐଶ୍ୱର୍ଯ୍ୟବାନ୍, ଅଧିକ ସମ୍ପୂର୍ଣ୍ଣ, ଅଧିକ ବିଚିତ୍ର ଓ ଅଧିକ ସୃଜନାତ୍ମକ ଭାବରେ ବ୍ୟକ୍ତ କରିପାରିବ ।

(CWM Vol. 8, P. 364-366)

**ଭବିଷ୍ୟତ୍ ଉପଲବ୍ଧି ଲାଗି ଆବଶ୍ୟକତା :**

ମୋର ବିଶ୍ୱାସ ମୁଁ ଆଗରୁ ମଧ୍ୟ ତୁମମାନଙ୍କୁ ଏହି କଥା ଥରେ ବୁଝାଇ କହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଯାହାକୁ ଯଥାର୍ଥ ଆଧ୍ୟାତ୍ମିକ ଜୀବନ ବୋଲି କୁହାହୋଇ ଆସୁଥିଲା, ଯଦି ସେହିପରି ଏକ ଜୀବନ-ଯାପନର ପ୍ରଶ୍ନ ଉଠୁଥା'ନ୍ତା, ଅର୍ଥାତ୍ ସର୍ବୋଚ୍ଚ ଦିବ୍ୟ-ପରମସତ୍ୟ ସହିତ ଯୁକ୍ତ ହୋଇ ଏବଂ ଏହି ଅବସ୍ଥାରେ ରହିବା ଲାଗି ଯଦି ସମସ୍ତ ଭୌତିକ କ୍ରିୟାକଳାପକୁ ପରିତ୍ୟାଗ କରିବାକୁ ପଡୁଥା'ନ୍ତା, ଜୀବନ ଓ ସମଗ୍ର ବାହ୍ୟ ପରିପ୍ରକାଶକୁ ବର୍ଜନ କରି ଯଦି ନିର୍ବାଣ ଭିତରକୁ ଫେରି ଯିବାକୁ ବୁଝାଉଥା'ନ୍ତା, ଯଦି ଏପରି ଏକ ମହାମିଳନ ଭିତରେ ଡୁବିଯିବାକୁ ବୁଝାଉ ଥା'ନ୍ତା, ଯାହାର କି ପୃଥିବୀରେ କେବଳ ଯେ ଆଉ କୌଣସି ଅଭିବ୍ୟକ୍ତି ସମ୍ଭବ ହେବ ତା' ନୁହେଁ, ମାତ୍ର ଯାହା ତୁମକୁ ସମ୍ପୂର୍ଣ୍ଣ ଭାବେ ଏ ସଂସାରର ବାହାରକୁ ନେଇଯିବ, ତେବେ ଏହା ଅତ୍ୟନ୍ତ ସ୍ପଷ୍ଟକଥା ଯେ ଶାରୀରିକ, ପ୍ରାଣିକ, ଇନ୍ଦ୍ରିୟଗତ ବା ମାନସିକ ଯାହାହେଉ ପଛକେ, ଏହିସବୁ ଜିମନାଷ୍ଟିକ୍‌ଗୁଡ଼ିକର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଏବଂ ସେହି କାରଣରୁ ସେହି ଲୋକମାନେ ଏଗୁଡ଼ାକୁ କେବଳ ନିରର୍ଥକ ବୋଲି ଭାବୁଥିଲେ ଏବଂ ସେଥିରେ ଆଦୌ କୌଣସି ସମୟ ନଷ୍ଟ କରୁ ନଥିଲେ । ମାତ୍ର ଆମମାନଙ୍କ ସକାଶେ, ଆମେ ଯେଉଁମାନେ କି ତା'ର ଠିକ୍ ବିପରୀତ ବସ୍ତୁଟିକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ଅର୍ଥାତ୍, ଆମେ ଯେଉଁମାନେ ନିଜକୁ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ମିଳିତ ହେବା ପରେ, ସେ ଏହି ସଂସାରରେ ଅବତରଣ କରନ୍ତୁ ଏବଂ ସଂସାରର ରୂପାନ୍ତର ସାଧନ କରନ୍ତୁ ବୋଲି ଅଭୀପ୍ସା କରୁଛୁ, ଯଦି ଆମେ ଏହି ପରମପ୍ରଭୁଙ୍କ ହାତରେ ଶୁଦ୍ଧ, ସମୃଦ୍ଧ, ବିକଶିତ ଏବଂ ସମ୍ପୂର୍ଣ୍ଣ ସଚେତନ ଯନ୍ତ୍ରଗୁଡ଼ିକୁ ଆଣିଯୋଗାଇ ଦେଇପାରୁ, ତେବେ ରୂପାନ୍ତରର ସେହି କାର୍ଯ୍ୟଟି ଅଧିକ ଫଳପ୍ରଦ ହୋଇପାରିବ ।

ଏବଂ ସେହି କାରଣରୁ ତୁମେମାନେ ଏତେ ସାନ ହୋଇଥିଲା ବେଳେ (ମାଆ ହସିକରି କହୁଥା'ନ୍ତି), ସେହି ସାନ ପିଲାମାନଙ୍କୁ ଯାହା କରିବାକୁ କୁହାଯାଇଛି, ତୁମମାନଙ୍କୁ ତାହା କରିବା ଲାଗି କହିବା ପରିବର୍ତ୍ତେ, ତୁମମାନଙ୍କୁ ସ୍ଥିର ହୋଇ ବସିବା ଏବଂ ଧ୍ୟାନ କରିବାକୁ ଅଥବା ଧ୍ୟାନ କରୁଛ ବୋଲି ଛଳନା କରିବାକୁ କୁହାଯିବା ପରିବର୍ତ୍ତେ, ତୁମେ ସମାହିତ ଅବସ୍ଥାରେ ବାସ କରିବ ଏବଂ ସଂସାରର ସମସ୍ତ ବସ୍ତୁ ପ୍ରତି ଉଦାସୀନ ରହିବ ବୋଲି, ତୁମର କେବଳ ଗୋଟିଏ ମାତ୍ର ଭାବନା ରହିବ ଏବଂ ତୁମେ ଭଗବଦ୍‌କରୁଣା ଲାଭ କରିବା ପାଇଁ ପ୍ରସ୍ତୁତ ହେବାରେ ଲାଗିଥାଅ ବୋଲି ତୁମକୁ କହିବା ପରିବର୍ତ୍ତେ ଏଠାରେ ତୁମମାନଙ୍କୁ କୁହାଯାଇଛି, 'ନା, ତୁମେମାନେ ସୁବିକଶିତ ଏବଂ ସଚେତନ ଏପରି ମନୁଷ୍ୟ ହେବାକୁ ଚେଷ୍ଟାକର, ଯେଉଁମାନଙ୍କର ବସ୍ତୁସକଳ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଥିବ, ଯେଉଁମାନଙ୍କର ଶରୀର ସୁସ୍ଥ ଓ ସବଳ ଥିବ ଓ ଅସାଧାରଣ କର୍ମମାନ କରି ପାରିବାର ସାମର୍ଥ୍ୟ ଥିବ, ସେହିପରି ଏକ ଇଚ୍ଛାଶକ୍ତି ମଧ୍ୟ ଥିବ; ଏବଂ ଏକ ସମୃଦ୍ଧ, ନମନୀୟ ଓ ବିଚକ୍ଷଣ ମନ ବି ଥିବ; ଭବିଷ୍ୟତର ଉପଲବ୍ଧି ଲାଗି ଏହି ସବୁଗୁଡ଼ିକର ଆବଶ୍ୟକତା ରହିଛି ।'

**ଅଳସୁଆ ହେଲେ କ'ଣ ହୁଏ :**

ମାତ୍ର ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ତୁମେ କ'ଣ ହେବାକୁ ଚାହଁ ତାହା ଜାଣିବା । ଏବଂ ସେଥିପାଇଁ ଅତି ଅଳ୍ପ ସ୍ୱାଧୀନତା ଆବଶ୍ୟକ । ଜଣେ କୌଣସି ପ୍ରକାର ବାଧ୍ୟବାଧକତା ବା ଆନୁଗତ୍ୟର ଚାପ ଭିତରେ କାମ କରିବା ଉଚିତ ନୁହେଁ । ସମସ୍ତଙ୍କୁ ସ୍ୱତଃପ୍ରବୃତ୍ତ ଭାବରେ କାମ କରିବା ଲାଗି ଛାଡ଼ିଦେବା ଆବଶ୍ୟକ । ଯଦି ତୁମେ ଅଳସୁଆ ହୋଇଥାଅ, ତେବେ ଠିକ୍ ଅଛି । ତୁମେ ଆପେ ବୁଝିବ ଅଳସୁଆ ହେଲେ କ'ଣ ହୁଏ,... ତୁମେ ଜାଣ, ଜୀବନରେ ଯିଏ ଅଳସୁଆ ତାକୁ ଅନ୍ୟମାନଙ୍କ ଅପେକ୍ଷା ଦଶଗୁଣ ଅଧିକ ପରିଶ୍ରମ କରିବାକୁ ପଡ଼େ ! କାରଣ ସେମାନେ ଯାହା କରନ୍ତି ସେସବୁକୁ ଅତି ଖରାପ ଭାବରେ କରନ୍ତି ଏବଂ ସେଥିଯୋଗୁଁ ସେସବୁକୁ ତାଙ୍କୁ ଆଉ ଥରେ କରିବାକୁ ପଡ଼େ । ମାତ୍ର ଏସବୁ ଜିନିଷକୁ ଜଣେ ନିଜ ଅନୁଭୂତିରୁ ଶିଖିବା ଆବଶ୍ୟକ । ସେସବୁକୁ ତୁମ ଭିତରେ ଜବରଦସ୍ତ ଖୁନ୍ଦି ଭର୍ତ୍ତି କରାଯାଇ ପାରିବ ନାହିଁ ।

(Edn. Booklet, part-III, P. 17)

**ପ୍ରତିଭା ସମ୍ପନ୍ନ ବ୍ୟକ୍ତି :**

ତୁମେ ଯଦି ଭାବୁଥାଅ ଯେ ସମସ୍ତ ପ୍ରକାର ଉଦ୍ୟମ ଓ ପାଠପଢ଼ାରୁ ନିବୃତ୍ତ ହୋଇ ତୁମେ ଅତି ଶସ୍ତାରେ ଗୋଟାଏ

ବଡ଼ ପ୍ରତିଭାସମ୍ପନ୍ନ ବ୍ୟକ୍ତି ହୋଇପାରିବ – ଏପରି ଭ୍ରାନ୍ତି ମନରୁ ପରିତ୍ୟାଗ କର । କାରଣ ତୁମେ କେବେ ବି ଏପରି ହୋଇପାରିବ ନାହିଁ । ଏପରିକି ଯଦି ତୁମେ ତୁମ ଆନ୍ତର ଆସ୍ପୃହା ବଳରେ ବା ଭଗବତ୍ କୃପା ବଳରେ କୌଣସି ଏକ ଉଚ୍ଚତର ଆଲୋକର ସ୍ପର୍ଶ ପାଅ ତେବେ ବି ସେତେବେଳକୁ ଏହାକୁ ବ୍ୟକ୍ତ କରିବା ଲାଗି ତୁମ ମୁଣ୍ଡରେ କିଛି ନଥିବ । ଫଳରେ ତାହା ସେହିଭଳି ଆଚ୍ଛନ୍ନ ହୋଇ ରହିଯିବ ଏବଂ ତୁମ ବାହ୍ୟ ଜୀବନକୁ ତାହା କୌଣସିମତେ ଏତେ ଟିକିଏ ବି ପରିବର୍ତ୍ତିତ କରି ପାରିବ ନାହିଁ । ମାତ୍ର ତୁମକୁ ଯଦି ଏହିପରି ହୋଇ ରହିବାକୁ ଭଲ ଲାଗୁଥାଏ ତେବେ ତାହା ନହେବା ଲାଗି ତୁମକୁ ବାଧ କରିବା ପାଇଁ କାହାର ବି କୌଣସି ପ୍ରକାର ଅଧିକାର ନାହିଁ । ଏଥିଲାଗି ତୁମକୁ ସେହି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଯେପର୍ଯ୍ୟନ୍ତ ଗୋଟିକୁ ବାଛି ନେବାର ସାମର୍ଥ୍ୟ ଲାଗି ତୁମର ଚେତନା ଯଥେଷ୍ଟ ବିକଶିତ ନହୋଇଛି ।

(Edn. Booklet, part-III, P. 21)

**ଜ୍ଞାନଯୁକ୍ତ ବ୍ୟକ୍ତି ହେବା :**

ବର୍ତ୍ତମାନ ମୁଁ ତୁମକୁ ଏସବୁ ବିଷୟ କହି ସାରିଲା ପରେ – ଏବଂ ଏକଥା ତୁମକୁ ଥରେ କି ଦୁଇଥର କହି ନାହିଁ, ମୁଁ ତୁମକୁ ଏକଥା ଅନେକବାର କହିଛି ଏବଂ ଏବେ ବି ତୁମେ ଯେତେଥର ଚାହିଁବ ସେତେଥର କହିବା ପାଇଁ ମୁଁ ପ୍ରସ୍ତୁତ ଅଛି – ଏବେ ତୁମକୁ ମୁଁ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ଛାଡ଼ି ଦେଉଛି, ତୁମେ ତୁମ ସ୍ୱ-ଇଚ୍ଛାରେ ବାଛିନିଅ : ତୁମେ ସମୁଦ୍ର ପାଣିରେ ଗୋଟାଏ କର୍କ ଭଳି ହେବାକୁ ଚାହଁ ନା ଅଗ୍ରଗତି କରିବା ପାଇଁ ସମର୍ଥ ହେବା ଲାଗି ଏକ ସ୍ପଷ୍ଟ ଧାରଣା ବା ଯଥେଷ୍ଟ ଜ୍ଞାନଯୁକ୍ତ ଗୋଟିଏ ବ୍ୟକ୍ତି ହେବାକୁ ଚାହଁ । ଠିକ୍ ଅଛି, ତୁମେ ଏଣିକି – ଯେଣିକି ଚାହଁ ତେଣିକି ଯାଇପାର ।

କାରଣ ଅନ୍ତତଃ ତୁମେ ବାଛି ନେଇଥିବା ତୁମ ବାଟରେ ଯିବା ଲାଗି ଟିକେ ସ୍ପଷ୍ଟ ହେବା ଏକେବାରେ ଅପରିହାର୍ଯ୍ୟ ବସ୍ତୁ । ମୁଁ ତୁମ ପାଖରେ ଦାବି କରୁନି ଯେ ତୁମେ ବହୁତ ବଡ଼ ଜ୍ଞାନୀ ହୁଅ – ବା ତା'ଠାରୁ ଅଧିକ କିଛି ହୁଅ । କାରଣ ତା'ହେଲେ ତୁମେ ତେବେ ଯାଇ ଅନ୍ୟ ପ୍ରାନ୍ତଟିରେ ପହଞ୍ଚିଯିବ ଯେଉଁଠିକି ତୁମେ ତୁମ ମୁଣ୍ଡଟିକୁ ଏତେଗୁଡ଼ିଏ ଜିନିଷରେ ଭର୍ତ୍ତି କରିଦେବ ଯେ ଉଚ୍ଚତର ଆଲୋକ ପାଇଁ ସେଠାରେ ଆଉ କୌଣସି ଜାଗା ବି ନଥିବ । ମାତ୍ର ଅତି କମ୍‌ରେ ଗୋଟାଏ ସର୍ବ ନିମ୍ନ ଅପରିହାର୍ଯ୍ୟତା ଅଛି ଯଦ୍ଦ୍ୱାରା କି ତୁମେ ଗୋଟାଏ କର୍କ ଭଳି ଆଦୌ ହୋଇ ରହିବ ନାହିଁ ।

(Edn. Booklet, part-III, P. 19)

**ପୂର୍ଣ୍ଣ ସ୍ୱାଧୀନତା :**

ହେ ମୋର ପ୍ରିୟ ଶିଶୁଗଣ – ମୁଁ ତୁମକୁ କହିଛି, ଏକଥା ମଧ୍ୟ ମୁଁ ତୁମକୁ ଅନେକବାର କହିଛି, ଏବଂ ଏବେ ବି ପୁଣି କହୁଛି ଯେ, ତୁମେମାନେ ଏକ ଅତି ଅସାଧାରଣ ସ୍ୱାଧୀନତା ମଧ୍ୟରେ ବାସ କରୁଛ । ବାହ୍ୟ ଦୃଷ୍ଟିରୁ ଅଳ୍ପ କେତେକ ସୀମା, ବନ୍ଧନ ମଧ୍ୟ ଅଛି, କାରଣ, ଯେହେତୁ ଆମେ ଅନେକ ମଣିଷ ଏ ସଂସାରରେ ବାସ କରୁଛେ ଏବଂ ଏ ସମଗ୍ର ପୃଥିବୀଟା କେବଳ ଆମମାନଙ୍କ ଲାଗି ନାହିଁ, ତେଣୁ ଆମେ ସ୍ୱତଃପ୍ରବୃତ୍ତ ଭାବରେ କେତେକ ପରିମାଣରେ କେତେଗୁଡ଼ିଏ ଶୃଙ୍ଖଳା ଆମ ଉପରେ ଆରୋପ କରିବା, ଯାହାଫଳରେ କି ଭୟଙ୍କର ବିଶୃଙ୍ଖଳାମାନ ଦେଖାଦେବ ନାହିଁ । ମାତ୍ର ଆନ୍ତର ଦୃଷ୍ଟିରୁ ତୁମେମାନେ ଏକ ଅତି ଅଦ୍ଭୁତ ସ୍ୱାଧୀନତା ମଧ୍ୟରେ ବାସ କରୁଛ : ତୁମ ଲାଗି କୌଣସି ସାମାଜିକ ବନ୍ଧନ ନାହିଁ, କୌଣସି ନୈତିକ ବନ୍ଧନ ନାହିଁ, କୌଣସି ବୌଦ୍ଧିକ ବନ୍ଧନ ବା ନୀତି ନିୟମ କିଛି ବି ନାହିଁ । କିଛି ନାହିଁ ମାତ୍ର କେବଳ ଗୋଟିଏ ଜ୍ୟୋତିଃ, ଗୋଟିଏ ଆଲୋକ ପ୍ରଜ୍ୱଳିତ ହୋଇ ରହିଛି । ଯଦି ତୁମେମାନେ ଏହା ଦ୍ୱାରା ଲାଭବାନ୍ ହେବାକୁ ଚାହଁ ତେବେ ଲାଭବାନ୍ ହୋଇପାର; କିଂବା ଯଦି ତୁମେ ତାହା ଚାହଁ ନାହିଁ ତେବେ ତାହା ବି କରିବା ପାଇଁ ତୁମମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଛି ।

(Cent. Vol-7, P. 202)

**ମଣିଷ ଭଳି ମଣିଷ :**

ଯଦି ତୁମେ କୌଣସି ଗୋଟିଏ ବିଷୟକୁ ଅଧ୍ୟୟନ କରିବାକୁ ଇଚ୍ଛା ନ କରୁଛ ତେବେ ସେଥିରେ ଆପତ୍ତି କରିବାର କିଛି ନାହିଁ, ତୁମକୁ କେହି ସେଥିଲାଗି ବାଧ କରି ପାରିବେ ନାହିଁ । ମାତ୍ର ଯଦି ତୁମେ କିଛି କରିବ ବୋଲି ନିଷ୍ପତ୍ତି କରିଛ – ତୁମ ଜୀବନରେ ଯାହା ବି ଘଟୁନା କାହିଁକି, ମାତ୍ର ତୁମେ ଯଦି କିଛି କରିବ ବୋଲି ନିଜେ ନିଷ୍ପତ୍ତି କରିଛ ତେବେ ତୁମକୁ ସେହି କାର୍ଯ୍ୟଟିକୁ ସାଧୁତାର ସହିତ କରିବାକୁ ହେବ, ଯଥାର୍ଥ ପ୍ରଣାଳୀରେ କରିବାକୁ ହେବ । ଏବଂ ଏଥିରେ ତୁମର କୌଣସି

ଖିଆଲି ଭାବ ରହିବ ନାହିଁ । କେହି ଜଣେ ତା'ର ଆବେଗ ଓ ଖିଆଲ ହାତରେ ଗୋଟିଏ ଖେଳନା ହୋଇ ରହିବ ଏହା କଦାପି ମୁଁ ସମର୍ଥନ କରେ ନାହିଁ, କେବେହେଲେ କରେ ନାହିଁ; ଏବଂ ମୋ'ଠାରୁ କେବେ ବି କିଛି ସମର୍ଥନ ପାଇବ ବୋଲି କେହି କଦାପି କୌଣସି ଆଶା କରିପାରିବ ନାହିଁ । କାରଣ ସେପରି ହେଲେ ଜଣେ ଆଉ ମଣିଷ ଭଳି ମଣିଷ ହୋଇ ରହିବ ନାହିଁ, ସେ ଏକ ପଶୁରେହିଁ ପରିଣତ ହୋଇଯିବ ।

(Cent. Vol - 8, P. 357)

**ଜାଣିବା** (To Know) :

'ଜାଣିବା' କହିଲେ ଶ୍ରୀଅରବିନ୍ଦ ଯାହା ବୁଝୁଛନ୍ତି ଓ ସେ କାହିଁକି ଯଥାର୍ଥ ଜ୍ଞାନଠାରୁ ତା'ର ପାର୍ଥକ୍ୟ ନିରୂପଣ କରୁଛନ୍ତି ଏହି ପ୍ରଶ୍ନଟିକୁ ମୋର ପ୍ରକୃତରେ ତୁମକୁ ପଚାରିବା ଆବଶ୍ୟକ । କାରଣ ତୁମେ ନିଜେ କୌଣସି ଚେଷ୍ଟା କରିବ ନାହିଁ, ଏବଂ ମୁଁ ଯଦି ତୁମମାନଙ୍କୁ ଏସବୁ କଥା ବୁଝାଇ ଦେବି, ତେବେ ତାହା (ମାଆ ହସି ହସି କହୁଥା'ନ୍ତି) ତୁମମାନଙ୍କୁ ପ୍ରକୃତରେ ଚାମଚରେ ଖୁଆଇଦେବା ପରିହିଁ ହେବ । ତୁମେ ରାନ୍ଧିବାର କାର୍ଯ୍ୟରେ ଆଦୌ କିଛି ଭାଗନେଇ ନଥିଲେ ମଧ୍ୟ ତୁମକୁ ରନ୍ଧାବଢ଼ା ସବୁ କରି ଖୁଆଇ ଦେବା ପରିହିଁ ହେବ । ଏବଂ ଏହାର ଫଳସ୍ୱରୂପ ଏହାହିଁ ହେବ ଯେ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ଅଧଘଣ୍ଟାକ ଭିତରେ ହେଉ, ଅଥବା ଦିନକ ଭିତରେ ହେଉ, ତୁମେ ମୋର କହିବା ବିଷୟତକ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥିବ ଏବଂ ତାହାର କୌଣସି ପ୍ରଭାବ ମଧ୍ୟ ତୁମମାନଙ୍କ ଉପରେ ପଡ଼ି ନଥିବ । 'ଜାଣିବା' ସମ୍ପର୍କରେ ଶ୍ରୀଅରବିନ୍ଦ ଏଠାରେ କ'ଣ କହିବାକୁ ଚାହୁଁଛନ୍ତି, ମୁଁ ଚାହୁଁଛି ତୁମମାନଙ୍କ ଭିତରୁ ସେହି କଥାଟିକୁ ଜଣେ କେହି ବୁଝାଇ କହିଦେଉ । (ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି) ତୁ କହ, କହିଲୁ ଦେଖ୍ ।

ପିଲାଟି : ବାହ୍ୟ ଅଧ୍ୟୟନ ଦ୍ୱାରା ଆମେ ଯାହା ଜାଣୁଥାଉ ।

ଶ୍ରୀମା : ନିଃସନ୍ଦେହରେ ଠିକ୍ ସେଇଆ ।...

(Cent. Vol - 8, P. 358)

(କ୍ରମଶଃ)

❑❑❑

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୪)

## ଦିବ୍ୟଶିଶୁର ଆବିର୍ଭାବ

## ମନୋଜ ଦାସ

[**କାହାଣୀ ଏ ଯାବତ୍ :** ମଥୁରାର ଦାନବ ରାଜା କଂସ ଶୁଣିଲା ଦୈବବାଣୀ – ଭଉଣୀ ଦେବକୀର ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ସେ ଦେବକୀ ଏବଂ ତାଙ୍କ ସ୍ୱାମୀ ବସୁଦେବଙ୍କୁ ବନ୍ଦୀ କଲା ଏବଂ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ତାକୁ ହତ୍ୟା କଲା । କିନ୍ତୁ ଝଡ଼ ବର୍ଷା ମୁଖର ଯେଉଁ ରାତିରେ ଦେବକୀଙ୍କର ଅଷ୍ଟମ ସନ୍ତାନ ଭୂମିଷ୍ଠ ହେଲା, ଦେବୀଙ୍କ ମାୟା ଯୋଗେ ସେ ରାତ୍ରବ୍ୟାପୀ ପ୍ରାସାଦ ତଥା ସମଗ୍ର ନଗରୀର ନରନାରୀ ଅଚେତନ-ପ୍ରାୟ ହୋଇ ରହିଲେ । ନବଜାତ ସନ୍ତାନଙ୍କୁ ଧରି ବସୁଦେବ ମହାମାୟାଙ୍କ ନିର୍ଦ୍ଦେଶ କ୍ରମେ ପ୍ରାସାଦରୁ ବାହାରିବା ମାତ୍ରେ ଏକ ପରେ ଏକ ଦ୍ୱାର ଖୋଲି ଯାଉଥାଏ ଆପଣାଛାଏଁ ।

ବସୁଦେବଙ୍କ ଗନ୍ତବ୍ୟ ହେଲା ଯମୁନା ସେପାରି ଗୋପ ବା ନନ୍ଦଗ୍ରାମ ।]

''ଟିକିଏ ରହିଯାଅ !'' ପଛରୁ ଡାକ ଦେଲେ ଦେବକୀ । ''ଥରୁଟିଏ ମୁଁ ମନପୂରାଇ ଦେଖି ନିଏ ମୋ ପୁଅର ମୁହଁ । କିଏ ଜାଣେ, ତାକୁ ଆଉ ଥରେ ଭେଟିବାର ସୌଭାଗ୍ୟ କେବେ ହେବ, ବା ହେବ କି ନାହିଁ !''

କାରାକୋଠରି ଟପି, ନିଜର ଯନ୍ତ୍ରଣା ଭୁଲି ଯାଇ, ଦେବକୀ ପ୍ରାୟ ଦୌଡ଼ି ଦୌଡ଼ି ଆସି ବସୁଦେବଙ୍କ ପାଖରେ ଠିଆ ହେଲେ । ଦେବୀ ମହାମାୟାଙ୍କଠାରୁ ବିଚ୍ଛୁରିତ ହେଉଥିଲା ଯେଉଁ ଆଲୋକ, ସେତେବେଳକୁ ତାହା ଅଦୃଶ୍ୟ ହୋଇ ଯାଇଥାଏ । ଉଭୟ ଦେବକୀ ଓ ବସୁଦେବ ଅନ୍ଧକାର ଭିତରେ ନୟନ ବିସ୍ଫାରିତ କରି ଶିଶୁକୁ ଦେଖିବାକୁ ଚେଷ୍ଟା କରୁଛନ୍ତି, ହଠାତ୍ ଏକ ନୀଳାଭ ଉଜ୍ଜ୍ୱଳ ନକ୍ଷତ୍ର ପ୍ରାୟ ଝଟକି ଉଠିଲା ତା'ର ଅନୁପମ ବଦନ । ମାତାପିତାଙ୍କ ହୃଦୟରେ ଆନନ୍ଦ ଉଚ୍ଛୁଳି ଉଠିବା ବେଳକୁ ସେମାନଙ୍କୁ ଆତ୍ମହରା କଲା ବିସ୍ମୟ । ପ୍ରଥମେ ଦୁହେଁ ନିଜ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । କିନ୍ତୁ ନିମେଷକେ ବୁଝି ପାରିଲେ – ସେ ଶିଶୁ ଆଉ କେହି ନୁହେଁ – ସ୍ୱୟଂ ବିଷ୍ଣୁଙ୍କ ନବଜାତ ରୂପ : ଚାରି ହାତରେ ତା'ର ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ।

ଅବଶ୍ୟ କ୍ଷଣକ ଉତ୍ତାରୁ ଅଦୃଶ୍ୟ ହେଲା ସେ ଅପୂର୍ବ ଦୃଶ୍ୟ । ତଥାପି ଅନିନ୍ଦ୍ୟ, ଅପରୂପ ସେ ଶିଶୁର ସୌନ୍ଦର୍ଯ୍ୟ ଅଳିଭା ରହିଗଲା ଦୁହିଙ୍କ ସ୍ମୃତିରେ ।

କଣ୍ଠସ୍ୱର ନିମ୍ନ କରି କହିଲେ ବସୁଦେବ, ''ବୁଝିଲ ତ ? ଅସଂଖ୍ୟ ଭକ୍ତଙ୍କର ଆକୁଳ ଆବେଦନରେ ଉଦ୍‌ବେଳିତ ହୋଇ ଆଜି ଅବତୀର୍ଣ୍ଣ ମହାପ୍ରଭୁ !''

''ମହାପ୍ରଭୁ ! ସେ ଦ୍ୟୁତିମାନ୍ ରୂପ ଆଉ ମୁହୂର୍ତ୍ତକ ପାଇଁ ରହିଥା'ନ୍ତା ହେଲେ !'' ମୃଦୁ କଣ୍ଠରେ ଅଭିଯୋଗ କଲେ ଦେବକୀ ।

''ତୁମକୁ ତାଙ୍କ ସ୍ୱରୂପର ଆଭାସ ଦେବା ପରେ ଆଉ ତା'ର ପ୍ରୟୋଜନ ନଥିଲା । ଭଗବାନ୍ ଅବତାର ରୂପେ ଆସନ୍ତି – କିନ୍ତୁ ମଣିଷ ରୂପ ନେଇ ମଣିଷ ଭିତରେ ଚଳପ୍ରଚଳ ହେବା ନିମନ୍ତେ । ତା'ହେଲେ ଯାଇ ମଣିଷ ବି ତାଙ୍କ ସହ ମିଶି ତାଙ୍କ ଭିତରେ ଥିବା ଦିବ୍ୟତାର ସ୍ପର୍ଶ ପାଇବ; ନିଜ ଅନ୍ତରରେ ମଣିଷ ହେବ ମହୀୟାନ୍'' କହିଲେ ବାସୁଦେବ । ''ଏତେ କଥା ମୁଁ ବୁଝିପାରିବି ନାହିଁ । କିନ୍ତୁ ବୁଝୁଛି, ପୁଅ ମୋର ଅନ୍ୟ ଶିଶୁଙ୍କଠୁଁ ଭିନ୍ନ ଦିଶିଲେ, ରୂପ ତା'ର ଦେବତୁଲ୍ୟ ହେଲେ ସେ କଂସର କୌଣସି ନା କୌଣସି ଗୁପ୍ତଚରର ଦୃଷ୍ଟି ଆକର୍ଷଣ କରନ୍ତା । ନା, ପୁଅ ମୋର ଦେଖାଯାଉ ସାଧାରଣ – ଅନ୍ୟ ଦଶ ଜଣଙ୍କ ଭଳି ।'' ଦେବକୀ ଦୀର୍ଘଶ୍ୱାସ ଛାଡ଼ି କହିଲେ ।

''ଠିକ୍ । ଆଉ ସମୟ ନାହିଁ । ମୁଁ ଚାଲିଲି ନନ୍ଦଗ୍ରାମ ଅଭିମୁଖେ ।'' କହିଲେ ବସୁଦେବ ଏବଂ ଶିଶୁକୁ ଛାତିରେ ଭିଡ଼ି ଧରି ଅଗ୍ରସର ହେଲେ । ପ୍ରାସାଦ ତଥା ସମଗ୍ର ଦୁର୍ଗର ଏକ

ପରେ ଏକ ଦ୍ୱାର ତାଙ୍କ ଆଗରେ ଆପଣାଛାଏଁ ଖୋଲି ଯାଉଥାଏ ।

ଭୟାବହ ଅନ୍ଧକାର । ଭୀଷଣ ପବନରେ କାନ୍ଥ ଦେହରେ ପିଟି ହୋଇ ଯାଉଥା'ନ୍ତି ଝରକା କବାଟସବୁ । ବଜ୍ର ନାଦରେ ପ୍ରକମ୍ପିତ ନଗରୀ । ମୂର୍ଚ୍ଛାହତ ପ୍ରହରୀମାନଙ୍କ ଭିତରୁ କେହି କେହି ନିଜ ନିଜ ଅଜାଣତରେ ଚିତ୍କାର କରୁଥା'ନ୍ତି । କିନ୍ତୁ ସେତିକି । କାହାରି ଆଖି ଫିଟୁ ନଥାଏ; ଚେତା ଫେରୁ ନଥାଏ ।

ନଗରୀ ବାହାରକୁ ଆସି ବସୁଦେବ ଥରେ ଚତୁର୍ଦ୍ଦିଗ ତଥା ଆକାଶକୁ ଅନାଇଲେ । ଉର୍ଦ୍ଧ୍ୱରେ ମେଘର ଭୀମକାୟ ପର୍ବତମାନେ ଯେମିତିକି ପରସ୍ପର ପିଟି ହୋଇ ଯାଉଥା'ନ୍ତି । ବିଦ୍ୟୁତ୍‌ର କରତ ପୁଣି ସେମାନଙ୍କୁ ଚିରି ଖଣ୍ଡ ଖଣ୍ଡ କରି ଦେଉଥାଏ । ଶୁଭୁ ଥାଏ ମୁହୁର୍ମୁହୁଃ ବଜ୍ରନାଦ ।

ବସୁଦେବ ଶିଶୁ ଆଡ଼େ ମୁହଁ ଫେରାଇଲେ । ସେ କିଟିମିଟି ଅନ୍ଧକାର ଭିତରେ ଶିଶୁ ମୁହଁରୁ ବିକିରିତ ହେଉଥାଏ ଅନୁପମ ଦିବ୍ୟ-ଜ୍ୟୋତିଃ ।

ସମ୍ମୁଖରେ ପୂର୍ଣ୍ଣଗର୍ଭା ଯମୁନା ନଦୀ । ବସୁଦେବ ନିର୍ଭୟରେ ସେ ଉତ୍ତାଳ ଜଳରାଶି ଭିତରେ ପ୍ରବେଶ କଲେ । ତୀବ୍ର ପବନରେ ଢେଉ ବାରଂବାର ଲମ୍ଫ ଦେଇ ଶିଶୁକୁ ଛୁଇଁ ଦେବାକୁ ଚେଷ୍ଟା କରୁଥାଏ । ସେତିକି ଯେମିତି ତା'ର ପବିତ୍ର ଆକାଂକ୍ଷା !

ହଠାତ୍ ବସୁଦେବ ଚେତି ଉଠିଲେ : ମୂଷଳ ଧାରାରେ ବର୍ଷା ହେଉଥିଲେ ବି ତାଙ୍କ ଶରୀରକୁ କିଂବା ଶିଶୁ ଦେହକୁ ସେଥିରୁ ବିନ୍ଦୁଏ ଜଳ ସ୍ପର୍ଶ କରୁ ନାହିଁ । ଉପରକୁ ଅନାଇବା ମାତ୍ରେ ତାଙ୍କ ବିସ୍ମୟ ଆନନ୍ଦ ଏବଂ କୃତଜ୍ଞତାରେ ପରିଣତ ହେଲା । ସେ ଦେଖିଲେ ଓ ବୁଝିଲେ, ସର୍ପ-ସମ୍ରାଟ ବାସୁକୀ ନିଜର ବହୁମୁଖୀ ଫଣା ଉନ୍ମୋଚନ କରି ସେ ଅନନ୍ୟ ନବଜାତକୁ ଓ ତାଙ୍କୁ ବର୍ଷା ଦାଉରୁ ରକ୍ଷା କରି ଚାଲିଛନ୍ତି ।

ନଦୀ କ୍ରମେ ଗଭୀର ହେଉଛି । ବିଜୁଳି ଆଲୁଅରେ ସେ ଦିଶୁଛି ପ୍ରଚଣ୍ଡ । କିନ୍ତୁ ବସୁଦେବଙ୍କ ମନରୁ ସମସ୍ତ ଆଶଙ୍କା ହେଲା ଦୂରୀଭୂତ । ଯଦି ବିଧାତା ତାଙ୍କୁ ଏ ପ୍ରବଳ ବର୍ଷା ଦାଉରୁ ସୁରକ୍ଷା ଦେବାର ବ୍ୟବସ୍ଥା କରିଛି, ତେବେ ନଈପାରି ହେବାରେ ମଧ୍ୟ ବିଧାତାର ସହାୟତା ଅବଶ୍ୟ ତାଙ୍କ ସହିତ ବିଦ୍ୟମାନ ।

ଏହି ବିଶ୍ୱାସ ବଳବତ୍ତର ହେବା କ୍ଷଣି ତୀବ୍ର ସ୍ରୋତ ଠେଲି ଆଗକୁ ଆଗକୁ ଅଗ୍ରସର ହେବା ତାଙ୍କ ସକାଶେ ଆଉ କ୍ଳେଶକର ହେଲା ନାହିଁ । ମନେ ହେଲା, ସେ ସତେ ଅବା ଗୋଟାଏ କୋମଳ ଶସ୍ୟକ୍ଷେତ ଭିତର ଦେଇ ବାଟ ଚାଲୁଛନ୍ତି !

ବିପରୀତ ତୀରରେ ପହଞ୍ଚିବା ବେଳକୁ ବର୍ଷା ଛାଡ଼ି ଯାଇଥାଏ । ଅପସରି ଯାଇଥା'ନ୍ତି ଦିବ୍ୟସର୍ପ ବାସୁକୀ ।

ନଦୀର ଅଦୂରରେ ଗୋପଗ୍ରାମ । ତହିଁ ନନ୍ଦରାଜାଙ୍କ ନିବାସ । ବସୁଦେବ ଧନ୍ଦି ହେଲେ ଏଇଆ ଭାବି – ହଠାତ୍ ତାଙ୍କୁ ଦେଖି କେହି ଯଦି ପ୍ରଶ୍ନ କରିବ ସେ କିଏ – ମଧ୍ୟ ରାତ୍ରରେ ଏକ ଶିଶୁକୁ କୋଳେଇ ସେ ଚାଲିଛନ୍ତି କେଉଁ ଉଦ୍ଦେଶ୍ୟରେ – ତେବେ ସେ କ'ଣ ଉତ୍ତର ଦେବେ ?

କିନ୍ତୁ ଉତ୍ତର ତତ୍‌କ୍ଷଣାତ୍ ଆସିଗଲା ତାଙ୍କ ମନକୁ । ମହାମାୟାଙ୍କ ଯେଉଁ ବିଭୂତି ବଳରେ ସମଗ୍ର ମଥୁରାର ନରନାରୀ ଚେତାଶୂନ୍ୟ ହୋଇଗଲେ, ସେ ମାୟା କ'ଣ ଗୋପରେ ବି କାର୍ଯ୍ୟକାରୀ ହୋଇ ନଥିବ ?

ଚାହୁଁ ଚାହୁଁ ଆକାଶର ବହୁଳାଂଶ ହେଲା ମେଘମୁକ୍ତ । ତାରା-ନକ୍ଷତ୍ରଙ୍କ ଦ୍ୟୁତି ତଥା କ୍ଷୀଣ ଜହ୍ନ ଆଲୁଅରେ ନନ୍ଦଙ୍କ ନଅର ଗୋଟାଏ ମାୟାପୁରୀ ଭଳି ଦିଶୁଥାଏ । ବସୁଦେବ ନିର୍ବିବାଦରେ ଅଭ୍ୟନ୍ତରକୁ ଯାଇ ନନ୍ଦ ରାଜାଙ୍କ ରାଣୀ ଯଶୋଦାଙ୍କ କକ୍ଷରେ ପହଞ୍ଚିଲେ । କାରୁକାର୍ଯ୍ୟ ଶୋଭିତ ଦୁଇ ପିଲିସଜ ଉପରୁ ଦୁଇ ପ୍ରଦୀପ ବିତରଣ କରୁଥିଲେ ସ୍ନିଗ୍ଧ ମୃଦୁ ଆଲୋକ । ତଳେ ଶୋଇଥିଲେ ରାଣୀଙ୍କ ଦୁଇ ପରିଚାରିକା । ସଭିଏଁ ନିଦ୍ରାଭିଭୂତା । ଏକମାତ୍ର ଯିଏ ନିଜର ସୁନ୍ଦର ସୁକୁମାର ଆଖି ମେଲି ଆଗନ୍ତୁକକୁ ସତେ ଯେପରି ସ୍ୱାଗତ କରୁଥିଲା, ସିଏ ଯଶୋଦାଙ୍କ କୋଳରେ ଶାୟିତା ସଦ୍ୟଜାତ କନ୍ୟା । ବଡ଼ ଛନ୍ଦୋମୟ ଭାବରେ ସେ ଆପଣାର ହାତଗୋଡ଼ ଆନ୍ଦୋଳିତ କରୁଥାଏ – ଯେମିତିକି ସେ ଆଗନ୍ତୁକଙ୍କ କୋଳକୁ ଡେଇଁ ପଡ଼ିବାକୁ ପ୍ରସ୍ତୁତ ! ସଜ, ସଜଳ ନୟନରେ ତା'ର ଯେମିତି କିଛି ରହସ୍ୟମୟ ଇଙ୍ଗିତ !

ଉନ୍ମୁକ୍ତ ଦ୍ୱାରଦେଶ ଦେଇ ପଶି ଆସୁଥିବା ପବନରେ ଥରୁଥାଏ ଦୀପଶିଖା । ଝଟକି ଉଠୁଥାଏ ଦୁଇଟି ଅପୂର୍ବ ବଦନ – ଗୋଟିଏ ବସୁଦେବଙ୍କ ବକ୍ଷ ସଂଲଗ୍ନ; ଅନ୍ୟଟି ଯଶୋଦାଙ୍କ କୋଳରେ । ସେ ଦୁଇ ଦୃଶ୍ୟରେ ଆତ୍ମହରା ହୋଇ ରହିଥା'ନ୍ତି ବସୁଦେବ । ଶୁଭିଲା ଏକ ପ୍ରଚଣ୍ଡ ବଜ୍ର ଧ୍ୱନି । ବସୁଦେବ ନିଜ ଆଶୁ ଦାୟିତ୍ୱ ସମ୍ପର୍କରେ ଚେତି ଉଠିଲେ ।

ଅତି ଧୀରେ ସେ ନିଜ ସନ୍ତାନକୁ ଯଶୋଦାଙ୍କ କୋଳରେ ଥୋଇ ଦେଲେ; ଉଠାଇ ନେଲେ ତାଙ୍କ କନ୍ୟାକୁ । ''ଭଉଣୀ ମୋର !'' ମୃଦୁ କଣ୍ଠରେ ସେ ନିଦ୍ରିତା ଯଶୋଦାଙ୍କ ଉଦ୍ଦେଶ୍ୟରେ କହିଲେ, ''ତୁମ ବାତ୍ସଲ୍ୟ ପ୍ରେମ, ତୁମ ନିରାପତ୍ତା ଭିତରେ ମୁଁ

ମୋ ସନ୍ତାନଟିକୁ ରଖି ଦେଲି । କିନ୍ତୁ ତୁମ ସନ୍ତାନର ଭାଗ୍ୟରେ କ'ଣ ଅଛି ଜାଣେନା । ମୋତେ କ୍ଷମା କର । ଦିବ୍ୟଜନନୀଙ୍କର ଯଥା ନିର୍ଦ୍ଦେଶ, ମୁଁ କରୁଛି ତଥା କର୍ମ ।''

ଶେଷ ଥର ପାଇଁ ନିଜ ପୁତ୍ର ମୁହଁ ଦେଖି ନେଇ, ନନ୍ଦ କନ୍ୟାକୁ ନିଜ ଛାତି ପାଖକୁ ଟେକି ନେଇ ସେ କ୍ଷିପ୍ର ପଦପାତରେ ନିର୍ଗତ ହେଲେ ସେ ସୁପ୍ତ ନଅରରୁ ।

*

ପ୍ରଭାତ ହେଲା । ଦେବକୀଙ୍କ କକ୍ଷ ଭିତରୁ ଭାସି ଆସିଲା ସଦ୍ୟଜାତ ସନ୍ତାନର କ୍ରନ୍ଦନ । କଂସ ପ୍ରାସାଦର ସମସ୍ତ ନରନାରୀ ସଦ୍ୟ ଚେତା ଫେରି ପାଇଥା'ନ୍ତି । ବିଦାୟୀ ରାତିର ସମସ୍ତ ଘଟଣା ଅପସୃୟମାଣ ଅନ୍ଧକାର ଭିତରେ ଲୁଚି ରହି ହଜିଗଲା ଦିଗ୍‌ବଳୟରେ ।

ପ୍ରହରୀମାନେ ଦୌଡ଼ ଦେଲେ – କିଏ ଆଗ କଂସକୁ ସେ ସମ୍ବାଦ ଦେବ – ସେହି ପ୍ରତିଯୋଗିତାରେ ।

''ମହାରାଜ ! ଦେବକୀଙ୍କ ଅଷ୍ଟମ ସନ୍ତାନ ଭୂମିଷ୍ଠ !'' ଏକାଧିକ କଣ୍ଠସ୍ୱର କଲେ ଏ ଘୋଷଣା ।

କଂସ ତଡ଼ିତ୍ ବେଗରେ ନିଜ କକ୍ଷରୁ ବାହାରି ଆସିଲା । କଣ୍ଠ ତା'ର ସ୍ତବ୍ଧ; କିନ୍ତୁ ଆଖିରୁ ନିର୍ଗତ ହେଉଥାଏ ଭୟପ୍ରଦ ତୀବ୍ର ଅସ୍ୱାଭାବିକ ଆଲୁଅ । ଅଚିରେ ସେ ପହଞ୍ଚିଗଲା ଦେବକୀଙ୍କ ଶଯ୍ୟା ନିକଟରେ ।

''ଭାଇ ମୋର !'' ଦେବକୀ ଆର୍ତ୍ତସ୍ୱରରେ କହିଲେ, ''ଏଇଟା ଗୋଟାଏ କନ୍ୟା । ତୁମର କ'ଣ ବା ଇଏ କରି ପାରିବ ? ଗୋଟାଏ ପରେ ଗୋଟାଏ ମୋର ସବୁ ସନ୍ତାନକୁ ତୁମେ ଛଡ଼ାଇ ନେଇଛ; ନିର୍ମମ ଭାବେ ହତ୍ୟା କରିଛ । ଏଇ ଗୋଟିକୁ ବଞ୍ଚିବାକୁ ଦିଅ । ଅନ୍ତତଃ ମୁଁ ବଞ୍ଚି ରହିବା ପାଇଁ ଗୋଟାଏ ଅବଲମ୍ବନ ରହିଥାଉ !''

ଉଦ୍‌ବିଗ୍ନ, ଉନ୍ମତ୍ତ କଂସ ସେ ମିନତି ଶୁଣି ପାରିଲା କି ନା ସନ୍ଦେହ । ସଜଳ ନୟନରେ ତା' ଆଗକୁ ଆସି କହିଲେ ବସୁଦେବ, ''ଭାଇ କଂସ ! ମୁଁ ପ୍ରତିଶ୍ରୁତି ଦେଉଛି, ଏ ସନ୍ତାନକୁ ଧରି ଆମେ ଯାଇ ଦୂର ବନସ୍ତରେ ବାସ କରିବୁ । ନହେଲେ ଏ କନ୍ୟାକୁ ତୁମ ଇଚ୍ଛା ଅନୁସାରେ ତୁମେ ତୁମର କୌଣସି ଅନୁଗତର ପୁତ୍ର ସହ ବିଭା ଦେବ । ତୁମ ଆୟତ୍ତ ବାହାରକୁ ସେ ଯାଇପାରିବ ନାହିଁ । ମୋର ମିନତି, ଏ ବିଚରା କନ୍ୟାଟିକୁ ବଧ କରି ତୁମେ ଆଉ ଅଧିକ ପାପ ଅର୍ଜନ କର ନାହିଁ । ମୋର ଏ ସ୍ପଷ୍ଟ ଚେତାବନୀ ପାଇଁ କ୍ଷମା କର ।''

''ବସୁଦେବ ! ମୁଁ କ'ଣ ଯଥେଷ୍ଟ ପାପ କରି ନାହିଁ ? ଏ ଗୋଟିକୁ ବଧ କଲେ ବା ନକଲେ ସେ ପାପର ପରିମାଣ କେତେ ମାତ୍ରାରେ ଊଣା ଅଧିକ ହେବ ? ଏହି ଗୋଟିକ ପରା ଦେବକୀର ଅଷ୍ଟମ ସନ୍ତାନ – ମୋର ପରମ ଶତ୍ରୁ ? ଯଦି ଏହାକୁ ତ୍ରାହି ଦେବି, ତେବେ ଅନ୍ୟଗୁଡ଼ିକୁ ହତ୍ୟା କରି ଆସୁଥିଲି କେଉଁ ନିର୍ବୋଧତାରୁ ?'' କଂସ ଏତକ କହିସାରି ଛାଡ଼ିଲା ଏକ ଅଟ୍ଟହାସ୍ୟ । ତାହା ଶୁଭିଲା ଯେତିକି ବିକଟ, ସେତିକି ବିକଳ ।

ବସୁଦେବ ବୁଝିଲେ, ସେ ପାଷଣ୍ଡ ହୃଦୟରେ ବିବେକର ସଞ୍ଚାର ଅସମ୍ଭବ । ସେ ଚୁପ୍ ହେଲେ । କିନ୍ତୁ ଦେବକୀ କଂସର ପାଦ ଜାବୁଡ଼ି ଧରିଥା'ନ୍ତି ।

''ଛାଡ଼ !''

କଂସର ଧମକରେ ଯେମିତି ନିମେଷକ ପାଇଁ ଭୂମିକମ୍ପ ହୋଇଗଲା । ତା'ର ଦୁଇ ଲୋମଶ ହାତ ଲମ୍ବି ଯାଇ ହିଂସ୍ର ଭଙ୍ଗୀରେ ଉଠାଇନେଲା କନ୍ୟାଟିକୁ ।

ଦେବକୀ ମୂର୍ଚ୍ଛା ଗଲେ । ବଜ୍ରାହତ ପ୍ରାୟ ଠିଆ ହୋଇ ରହିଥା'ନ୍ତି ବସୁଦେବ ।

କଂସ ଯଥାରୀତି ବାହାରି ଯାଇ ସେହି ଅଭିଶପ୍ତ ଶିଳାଖଣ୍ଡ ପାଖରେ ଅଟକିଲା । ଯଥାରୀତି ଶିଶୁର କୁନି କୁନି ଦୁଇ ପାଦ କବ୍‌ଜା କରି ତାକୁ ଛେଚି ଦେବା ପୂର୍ବରୁ ଶୂନ୍ୟରେ ଚକ୍ରାକାରେ ବୁଲାଇଲା ।

କିନ୍ତୁ ତା' ପାଇଁ ଅପେକ୍ଷା କରୁଥିଲା ମରଣାନ୍ତକ ବିସ୍ମୟ । ଉଲ୍‌କା ଗତିରେ ଶିଶୁଟି ଖସିଗଲା ତା' ହାତରୁ । ପ୍ରଭାତର ନୀଳ ନିର୍ମଳ ଉଜ୍ଜ୍ୱଳ ଆକାଶ ଭିତରକୁ ସେ ଉଠିଗଲା ବିଦ୍ୟୁତ୍ ଗତିରେ । ହତଭମ୍ବ କଂସ ଦେଖିଲା – ଏକ ଦୀପ୍ତିମାନ୍ ସ୍ୱର୍ଣ୍ଣାଭ ମଶାଲ ଭଳି ଝଟକି ସେ ବିଲୀନ ହେଲା ଅସୀମରେ ।

ସଙ୍ଗେ ସଙ୍ଗେ ଶୁଭିଲା ଏକ ଭୀମ କଠୋର କଣ୍ଠ – ଯେମିତି ମେଘମାଳା ଭେଦ କରି ଖସି ଆସିଲା ଶବ୍ଦର ଏକ ବଜ୍ର : ''ନୃଶଂସ କଂସ ! ଜାଣି ରଖ, ତୋର ନିଧନକାରୀ ତୋ ହାତ ପାଆନ୍ତା ବାହାରେ । ସେ ବଢ଼ୁଥିବ ନିରାପଦରେ !''

ନିର୍ବାକ୍ ନିଶ୍ଚଳ ହୋଇ ଠିଆ ରହିଥାଏ କଂସ । ସତେ ଯେପରି ସେ ହଠାତ୍ ହରାଇଛି ନିଜର ଦୁଇ ପାଦ ତଥା ବାହୁ ଯୁଗଳରୁ ସମସ୍ତ ପ୍ରାଣ ଶକ୍ତି ।

(କ୍ରମଶଃ)

❑❑❑

# ସମାଧିରେ ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ଉପସ୍ଥିତି

## ମୋନା ସରକାର

— ସୁପ୍ରଭାତ ମୋର ପ୍ରିୟ ଶିଶୁ ।

— ସୁପ୍ରଭାତ ମଧୁମୟି ମା ! (ମୋର ପତ୍ରରେ ମୁଁ ମାଆଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲି ।)

ମା' ସେହି ବିଷୟରେ କହିଲେ, ''ମୋର ଶିଶୁ, ତୁମେ କ'ଣ ତା'ର ଉତ୍ତର ପାଇ ନାହଁ ?''

— ନା, ମା ।

ମା କହିଲେ, ''କିନ୍ତୁ ଶିଶୁ ମୋର, ମୁଁ ତ ସେଇ ପ୍ରଶ୍ନର ଉତ୍ତରଟା ତୁମକୁ ମୋର ଚିନ୍ତା ଓ ଭାବନା ମଧ୍ୟ ଦେଇ ପ୍ରେରଣ କରିଛି । ତୁମେ କ'ଣ କିଛି ଅନୁଭବ କରି ନାହଁ ?''

— ନା, ମା ।

ମା' କହିଲେ, ''ତା'ହେଲେ ବୁଝ, କେଉଁଭାବେ ମନୁଷ୍ୟ ସବୁ କିଛିକୁ ଜଟିଳ କରି ପକାଏ । ତୁମେ ଯଦି ବାସ୍ତବିକ ଆଉ ଟିକିଏ ଗ୍ରହଣଶୀଳ ହୋଇଥା'ନ୍ତ ତା'ହେଲେ ସମସ୍ତ ବିଷୟଟି କେତେ ସହଜରେ ହୋଇ ଯାଆନ୍ତା; ଏବଂ ମୋର ମଧ୍ୟ ସେଥିରେ କିଛି ସମୟ ବଞ୍ଚି ଯାଇ ଥାଆନ୍ତା । ମୋର ଶିଶୁ, ତୁମେ କ'ଣ ଅନ୍ତରରେ ଆଦୌ କିଛି ଶୁଣିବାକୁ ପାଇ ନାହଁ ?''

— ନା, ମା ।

''ଶିଶୁ ମୋର, ତୁମେ ଯଦି ଅନ୍ତରରେ ସଜାଗ ଥାଆନ୍ତ ଏବଂ ଗ୍ରହଣଶୀଳ ମଧ୍ୟ ହୋଇଥାଆନ୍ତ, ତା'ହେଲେ ତୁମେ ତତ୍‌କ୍ଷଣାତ୍ ଉତ୍ତରଟା ନିଜ ଅନ୍ତରରେ ପାଇ ଯାଇ ଥାଆନ୍ତ । ମୁଁ ଯେତେବେଳେ ପତ୍ରଟି ପଢ଼ିଲି, ସଙ୍ଗେ ସଙ୍ଗେ ତା'ର ଉତ୍ତରଟା ଏକ ଭାବ ତରଙ୍ଗ ମଧ୍ୟ ଦେଇ ତୁମକୁ ପ୍ରେରଣ କରି ଦେଲି ।... ଯାହା ତୁମକୁ ପଠାଇଛି ତାହା ନିଛକ୍ କୌଣସି ମାନସିକ ଭାବ ନୁହେଁ; ବରଂ ତାହା ସ୍ପଷ୍ଟ ଏବଂ ସହଜବୋଧ୍ୟ ଗୋଟିଏ ଭାବନାର ରୂପରେଖ; ଏବଂ ତା' ପଛରେ କାର୍ଯ୍ୟ କରୁଛି ଏକ ଆତ୍ମିକ-ଶକ୍ତି, ଯାହା ଅତ୍ୟନ୍ତ କାର୍ଯ୍ୟକ୍ଷମ । ମୁଁ ଯେଉଁମାନଙ୍କୁ କୌଣସି କିଛି ଜଣାଇବାକୁ ଚାହେଁ, ସେମାନଙ୍କ ସହ ଏଇ ଭାବରେ ଯୋଗାଯୋଗ କରିଥାଏ । ମୁଁ ଗୋଟିଏ ଶକ୍ତିଶାଳୀ ଭାବନାର ତରଙ୍ଗ ସେହିମାନଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରେ; ଏବଂ ଯଦି ସେହି ବ୍ୟକ୍ତି ଯଥେଷ୍ଟ ଗ୍ରହଣଶୀଳ ହୋଇଥାଏ, ତେବେ ସେତେବେଳେ ଭାବନାଟା ସେଇ ବ୍ୟକ୍ତିକୁ ପ୍ରଭାବିତ କରେ— ଫଳରେ ସେ ସେତେବେଳେ ଏଇ ଭାବନାର ମଧ୍ୟ ଦେଇ ତା'ର ପ୍ରଶ୍ନର ସମାଧାନ ପାଇଯାଏ, ଏବଂ ସେଥିରେହିଁ ସନ୍ତୁଷ୍ଟ ହୁଏ ।

ଶିଶୁ ମୋର, ଏଥି ନିମନ୍ତେ ତୁମକୁ ତୁମର ଚତୁଃପାର୍ଶ୍ୱର ଘଟଣାବଳୀ ପ୍ରତି ଆହୁରି ଗଭୀର ଭାବେ ନଜର ଦେବାକୁ ହେବ, ଏବଂ ସବୁ କିଛିକୁ ଶାନ୍ତ ଭାବରେ ଓ ତୀକ୍ଷ୍ଣ ଦୃଷ୍ଟି ସହ ଲକ୍ଷ୍ୟ କରିବାକୁ ହେବ ଏବଂ ସେସବୁକୁ ଅନ୍ତରରେ ମନନ କରିବାକୁ ହେବ । ତାହା ହୋଇପାରିଲେହିଁ ତୁମେମାନେ କେବଳ ସେଇଗୁଡ଼ିକୁ ଗ୍ରହଣ କରିବ, ଯାହା ତୁମମାନଙ୍କର ଆଧାତ୍ମିକ ପଥରେ ସହାୟକ ହେବ । ଏଥିପାଇଁ ସର୍ବଦା ନିଜ ମଧ୍ୟରେ ସମତା ବଜାୟ ରଖିବ (ମା ତାଙ୍କ ନିଜ ହାତରେ ଏକ ସମାନ୍ତରାଳ ରେଖାର ଭଙ୍ଗୀ କରି ଦେଖାଇଲେ) । କୌଣସି ପରିସ୍ଥିତିରେ ମଧ୍ୟ ଅଶାନ୍ତ ହେବ ନାହିଁ, ଫଳାଫଳ କ'ଣ ହେବ ତାହା ଭାବି ଉଦ୍‌ବିଗ୍ନ ହେବ ନାହିଁ । ସେତେବେଳେ ତୁମେ ଦେଖିବାକୁ ପାଇବ ଯେ ତୁମ ମଧ୍ୟରେ ସମସ୍ତ କିଛି କ୍ରମେ କ୍ରମେ ଆପଣାଛାଏଁ ସୁବିନ୍ୟସ୍ତ ହୋଇ ଉଠୁଛି । ଏବଂ ସେତେବେଳେ ତୁମର ସେଇ ଶାନ୍ତ ଅବସ୍ଥା ମଧ୍ୟରେ ତୁମେ ଗୋଟିଏ ଭାବର ଧାରଣା ପାଇବ, ଏବଂ ତାହାରି ଭିତରେ ତୁମେ ତୁମ ପ୍ରଶ୍ନର ସମାଧାନ ବି ପାଇଯିବ ।

ଯଦି କେତେବେଳେ ତୁମ ନିକଟରେ କୌଣସି ଯନ୍ତ୍ରଣାଦାୟକ ପରିସ୍ଥିତି ଉପୁଜେ ଏବଂ ତୁମେ ଏକ ପ୍ରତିକୂଳ ଅବସ୍ଥା ମଧ୍ୟରେ ଗତି କରୁଛ, ତଥାପି ମଧ୍ୟ ବୁଝିପାରୁ ନାହିଁ ତୁମର ଠିକ୍ କ'ଣ କରିବା ଉଚିତ — ସେତେବେଳେ ନିଜକୁ ଏଇ ସମସ୍ତ ପରିସ୍ଥିତିରୁ ଅଲଗା କରି ନିଜ ଭିତରେ ବୁଡ଼ି ଯାଅ, ଏବଂ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କର । ଏଇ ଅନ୍ତରରେ ବୁଡ଼ ଦେବା ଅର୍ଥ ତୁମ ଅନ୍ତଃପୁରୁଷ ଆଡ଼କୁ ଘୂରି ଛିଡ଼ା ହୁଅ, ତାଙ୍କ ପାଖରୁ ସାହାଯ୍ୟ ଚାହଁ — ସବୁକିଛି ସେତେବେଳେ ସ୍ୱଚ୍ଛ ଓ ସ୍ପଷ୍ଟ ହୋଇ ଦେଖାଦେବ, ଏବଂ ବିଷୟଟି ତୁମ ପାଖରେ ପରିଷ୍କାର ହୋଇଯିବ । ତୁମର କ'ଣ କରଣୀୟ ତା'ର ସୁସ୍ପଷ୍ଟ ଇଙ୍ଗିତ ତୁମେ ପାଇବ, ଏବଂ ସେତେବେଳେ ଏଇ ଆତ୍ମ-ଶକ୍ତିହିଁ ତୁମକୁ ସମ୍ପୂର୍ଣ୍ଣ ଠିକ୍ ଭାବେ ପରିଚାଳିତ କରିବ ।

ଏହା ବ୍ୟତୀତ ଆଉ ଏକ ରାସ୍ତା ମଧ୍ୟ ଅଛି, ଏବଂ ସେଇଟା ଖୁବ୍ ସହଜ । ଏଥିରେ ତୁମେ ଯେତେବେଳେ ଚାହିଁବ ସଙ୍ଗେ ସଙ୍ଗେ ଗୋଟିଏ ସରଳ ସମାଧାନ ପାଇବାକୁ ସଫଳ ହେବ । ମନେ କର ତୁମେ କୌଣସି ଅସୁବିଧା ମଧ୍ୟଦେଇ ଗତି କରୁଛ, ହୁଏତ ତୁମ ଭିତରେ କିଛି ଗୋଟାଏ ଅସ୍ୱସ୍ତି ବୋଧ ରହିଛି, ଅଥବା କିଛି ଗୋଟିଏ ତୁମକୁ ଅନ୍ତରରେ ପୀଡ଼ା ଦେଉଛି, ହୁଏତ ତୁମେ ଆକସ୍ମିକ କୌଣସି ଭୁଲ୍ କରି ଦେଇଛ ଯାହା ତୁମକୁ ଶାନ୍ତି ଦେଉ ନାହିଁ, ଏବଂ ତା'ଫଳରେ ତୁମର କ୍ରୋଧ ହେଉଛି ଅବା ତୁମେ କ୍ଷୁବ୍ଧ ହୋଇରହିଛ, ଯଦିଓ ବିଷୟଟା ଖୁବ୍ ଗୋଟେ ଜଟିଳ ନୁହେଁ, ତେବେ ବି ତାହା ତୁମକୁ ଅଶାନ୍ତ କରୁଛି – ସେଇ ପ୍ରକାର ଭାରାକ୍ରାନ୍ତ ଅବସ୍ଥାରୁ ତୁମେ ଯଦି ନିଷ୍କୃତି ପାଇବାକୁ ଚାହଁ – ତେବେ ସମାଧି ନିକଟକୁ ଯାଅ । ସମାଧି ଉପରେ ମଥା ରଖି ଶ୍ରୀଅରବିନ୍ଦଙ୍କୁ ସବୁ ଖୋଲି କହିଦିଅ, ମନରେ କୌଣସି ସଂଶୟ ବା ଦ୍ୱିଧା ଆଣ ନାହିଁ – ଠିକ୍ ଯେମିତି ମୋ ପାଖକୁ ଆସି ତୁମେ ସବୁ ସମସ୍ୟାର କଥା କୁହ; ଏବଂ ପରେ ଦେଖିଛ ମୋତେ କହିବା ପରେ ତୁମର ସେଇସବୁ ସମସ୍ୟା ଆପେ ଆପେ ସମାଧାନ ହୋଇଯାଏ – ଏ କ୍ଷେତ୍ରରେ ସମାଧିରେ ଜଣାଇଲେ ବି ଠିକ୍ ସେହିପରି ଫଳ ମିଳେ । ମୋତେ ଯେତେବେଳେ ଜଣାଅ ସେତେବେଳେ ମୁଁ ତୁମର ସେଇସବୁ ସମସ୍ୟାକୁ ବିତାଡ଼ିତ କରେ, ଫଳରେ ସେସବୁ କ୍ଷତିକାରକ ଓ ନେତିବାଚକ ଅଶୁଭ ଶକ୍ତିମାନଙ୍କ ହାତରୁ ତୁମେ ସେତେବେଳେ ନିଷ୍କୃତି ପାଇ ଅନେକଟା ହାଲୁକା ବୋଧ କର ଏବଂ ମନରେ ଆନନ୍ଦ ନେଇ ଫେରି ଯାଅ । ବହୁତ ଥର ତ ଏମିତି ଘଟିଛି । ଶିଶୁ ମୋର, ତୁମର କ'ଣ ମନେ ପଡ଼େନା ସେସବୁ କଥା ?

– ହଁ, ମା ଅନେକ ଥର ହିଁ ଏମିତି ଘଟିଛି ।

– ଠିକ୍ ସେଇ ଭାବରେ ତୁମେ ଶ୍ରୀଅରବିନ୍ଦଙ୍କୁ ଜଣାଅ; ସମାଧିରେ ମଥା ରଖି ପ୍ରାର୍ଥନା କର – ଯଦ୍ୱାରା ସେ ତୁମର ସମସ୍ତ ସମସ୍ୟାର ସମାଧାନ କରି ଦିଅନ୍ତି । ଅଥବା ତୁମେମାନେ ନିଜର ଛାତି ଉପରେ ହାତ ରଖି ପ୍ରାର୍ଥନା କରି ଦୁଇ ହାତ ଊର୍ଦ୍ଧ୍ୱକୁ ଟେକି ଶ୍ରୀଅରବିନ୍ଦଙ୍କ ନିକଟରେ ନିବେଦନ କରିପାର । (ମା ହୃଦୟ ସ୍ଥଳରେ ହାତ ରଖି ପ୍ରାର୍ଥନା କରି ହାତ ଦୁଇଟିକୁ ଊର୍ଦ୍ଧ୍ୱକୁ ଉଠାଇ ଦେଖାଇଲେ) । କିନ୍ତୁ ଏଇ ପ୍ରାର୍ଥନା କରିବାକୁ ହେବ ନିଷ୍ଠା ସହକାରେ, ଏବଂ ତୁମର ଅନ୍ତରାତ୍ମାର ସମସ୍ତ ଶକ୍ତି ଦେଇ । ମୁଁ ନିଶ୍ଚିତ ରୂପେ କହୁଛି, ସେ ତୁମର ପ୍ରାର୍ଥନା ନିଶ୍ଚୟ ଶୁଣିବେ, ଏବଂ ଉତ୍ତରଟା ମଧ୍ୟ ତୁମେ ସମୟ ଅନୁସାରେ ପାଇଯିବ ।

ବର୍ତ୍ତମାନ ତୁମେମାନେ ନିର୍ଦ୍ୱନ୍ଦ୍ୱରେ ଯେକୌଣସି ସମୟରେ ଶ୍ରୀଅରବିନ୍ଦଙ୍କ ସହ ଯୋଗାଯୋଗ କରିପାର । ଏହିପରି ଅନେକେ ଅଛନ୍ତି ଯେଉଁମାନେ ଏଇ ଭାବେ ତାଙ୍କ ସଙ୍ଗେ ସଂଯୋଗ ସ୍ଥାପନ କରିଛନ୍ତି, ଏବଂ ତାଙ୍କଠାରୁ ଉତ୍ତର ମଧ୍ୟ ପାଇଛନ୍ତି । ସମସ୍ତଙ୍କ ପାଖରେ ସେ ବର୍ତ୍ତମାନ ଅନେକ ବେଶୀ ସୁଗମ; ଏବଂ ଅନେକ ବେଶୀ ସକ୍ରିୟ ମଧ୍ୟ । ତା'ହେଲେ ଦେଖ, ଏପରି ଯଦି କର ତା'ହେଲେ ତୁମମାନଙ୍କୁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ; କେତେବେଳେ କେଉଁ ସମୟରେ ମୋ ସହ ଦେଖା କରିବ, ଏବଂ ତୁମର ପ୍ରଶ୍ନଟା ମୋତେ ଜଣାଇବ, ପୁଣି ତା'ର ଉତ୍ତରଟି ମଧ୍ୟ ପାଇଯିବ । ଏହା ଅନେକ ବେଶୀ ସମୟ ସାପେକ୍ଷ, ଏବଂ ସେଥି ପାଇଁ ତୁମକୁ ଧୈର୍ଯ୍ୟ ଧରି ଗୋଟିଏ ସାକ୍ଷାତ୍‌କାର ପାଇଁ ଅପେକ୍ଷା କରିବାକୁ ହୁଏ । କିନ୍ତୁ ଯଦି ସମାଧିରେ ଶ୍ରୀଅରବିନ୍ଦଙ୍କୁ ଜଣାଇ ଦିଅ, ଯାହା ତୁମେ ଅନେକ ଦ୍ରୁତ ଏବଂ ସହଜ ଭାବେ କରିପାର । ଯେକୌଣସି ସମୟରେ ତୁମେ ଆସି ସମାଧିରେ ପ୍ରାର୍ଥନା କରିପାର; ଏବଂ ତା'ର ଉତ୍ତରଟା ମଧ୍ୟ ମନେ ମନେ ପାଇଯିବ । କିନ୍ତୁ ଏଥି ସକାଶେ ତୁମମାନଙ୍କୁ ଶାନ୍ତ, ସଚେତନ ଓ ଗ୍ରହଣଶୀଳ ହେବାକୁ ହେବ ।

ତେଣୁ ପୁଣି ତୁମମାନଙ୍କୁ କହୁଛି ମୋର ଶିଶୁ, ଯଦି ଦେଖ ତୁମ ମଧ୍ୟରେ କେଉଁଠି କୌଣସି ଉଦ୍‌ବେଗ ରହିଛି, କୌଣସି ଦୁର୍ବଳତାକୁ କଟାଇ ଉପରକୁ ଉଠିବାକୁ ଚାହଁ, ସୁସ୍ଥ ହେବାକୁ ଚାହଁ, ତୁମର କୌଣସି ବ୍ୟକ୍ତିଗତ ତ୍ରୁଟିରୁ ମୁକ୍ତ ହେବାକୁ ଚାହଁ, ନିଜକୁ ଶୁଦ୍ଧ କରିବାକୁ ଚାହଁ – ଯେକୌଣସି ସମସ୍ୟା ପାଇଁ ସମାଧିରେ ଶ୍ରୀଅରବିନ୍ଦଙ୍କୁ ପ୍ରାର୍ଥନା କର – ଦେଖିବ ତୁମେ ଫଳ ନିଶ୍ଚିତ ପାଇଯିବ । ଏଥିରେ ଯେ ତୁମେ କେବଳ ତୁମର ଜିଜ୍ଞାସାର ଉତ୍ତର ପାଇବ ତା' ନୁହେଁ, ଏଥିରେ ତୁମେ ତାଙ୍କର କରୁଣା, ଶାନ୍ତି, ଆଶୀର୍ବାଦ ଏବଂ ତାଙ୍କ ଜ୍ଞାନ ମାହାତ୍ମ୍ୟର ସ୍ପର୍ଶ ମଧ୍ୟ ପାଇବ । ତୁମେ ତାଙ୍କର ସର୍ବବ୍ୟାପୀ ଭଲ ପାଇବାରେ ଆଚ୍ଛନ୍ନ ହୋଇଯିବ; ତାହା ତୁମକୁ ସମ୍ପୂର୍ଣ୍ଣ ଅଧିକାର କରିବ । ଯଦି ତୁମେ ବାଧାହୀନ ଭାବେ, କୌଣସି କିଛିରେ ପରଦା ନରଖି ନିଜକୁ ଶ୍ରୀଅରବିନ୍ଦଙ୍କ ନିକଟରେ ଖୋଲିଧର – ତୁମେ ଦେଖିବ ସବୁପ୍ରକାର ବିପର୍ଯ୍ୟୟ ହାତରୁ ରକ୍ଷା ପାଇବ ତାଙ୍କ ଶକ୍ତିର ପ୍ରଭାବ ହେତୁ । ପ୍ରଭୁ ନିଜକୁ ଧରା ଦିଅନ୍ତି ସେଇମାନଙ୍କ ପାଖରେ – ଯେଉଁମାନେ ସରଳ ବିଶ୍ୱାସୀ, ଅକପଟ ଓ ପ୍ରକୃତ ବିନୟୀ । ସେ ଅଛନ୍ତି ଆମ ମଧ୍ୟରେ ସମ୍ପୂର୍ଣ୍ଣ ସଜାଗ ହୋଇ,

ଏବଂ ସେ ଏଇ ବିଶ୍ୱର ଘଟଣାବଳୀ ପରିଚାଳନା କରୁଛନ୍ତି । ମୋ ନିଜର ମଧ୍ୟ ଯଦି କିଛି ଜାଣିବାର ଆବଶ୍ୟକତା ହୁଏ, ସେତେବେଳେ ମୁଁ ସିଧାସିଧା ତାଙ୍କୁହିଁ ପଚାରେ; ଏବଂ ସେ ଉତ୍ତର ମଧ୍ୟ ସଙ୍ଗେ ସଙ୍ଗେ ଦେଇ ଦିଅନ୍ତି ।

ଶିଶୁ ମୋର, ଏହାର ଅର୍ଥ ଏହା ନୁହେଁ ଯେ ମୁଁ ତୁମକୁ ବାରଣ କରୁଛି ମୋ ପାଖକୁ ଆସିବାକୁ । ତୁମେ ଚାହିଁଲେ ଯେକୌଣସି ଦିନ ଆସିପାର; ମୁଁ ତୁମର ବକ୍ତବ୍ୟ ଶୁଣି ତୁମକୁ ନିଶ୍ଚିତ ମୋର ମତାମତ ଜଣାଇବି ।

ଯେତେବେଳେ ଶ୍ରୀଅରବିନ୍ଦ ଜୀବିତ ଥିଲେ, ସେତେବେଳେ ଲୋକେ କହୁଥିଲେ ସେ ବହୁ ଦୂରର ମନୁଷ୍ୟ; ସେ ସହଜରେ ପ୍ରାପ୍ତ ହୁଅନ୍ତି ନାହିଁ; ଏବଂ ସେ ସମ୍ଭବତଃ ସାଧାରଣ ବିଷୟସମୂହ ପ୍ରତି ସେତେଟା ଆଗ୍ରହୀ ନୁହନ୍ତି । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍; କାରଣ ସେ ସେତେବେଳେ ପ୍ରତିଟି ରାତ୍ରି ଅନିଦ୍ରା ରହି ପ୍ରତ୍ୟେକ ସାଧକମାନଙ୍କର ଗଦା ଗଦା ଚିଠିର ଉତ୍ତର ଲେଖିବାରେ ବ୍ୟସ୍ତ ରହୁଥିଲେ । ତାଙ୍କର ମୂଳ ସାଧନାର କାର୍ଯ୍ୟ – ଯାହା ହେଉଛି ଏଇ ପୃଥିବୀର ଚେତନାକୁ ଊର୍ଦ୍ଧାୟିତ କରିବା; ଓ ପୃଥିବୀ ବକ୍ଷରେ ଅତିମାନସ ଚେତନାର ଆଗମନକୁ ତ୍ୱରାନ୍ୱିତ କରିବା – ସେସବୁ କାର୍ଯ୍ୟ ବାଦ୍ ଦେଇ ଅନେକ ରାତ୍ରି ପର୍ଯ୍ୟନ୍ତ ମଧ୍ୟ ସେ ସାଧକମାନଙ୍କର ସେଇସବୁ ଚିଠିର ଉତ୍ତର ଲେଖୁଥିଲେ । ସେ ସାଧକମାନଙ୍କର ସମସ୍ତ ସମସ୍ୟାର ପ୍ରତିବିଧାନ କରିବାକୁ ଏବଂ ସେମାନଙ୍କର ପ୍ରଗତି ନିମନ୍ତେ ସବୁପ୍ରକାର କଷ୍ଟ ସ୍ୱୀକାର କରି ନେଉଥିଲେ । ଏହା ବ୍ୟତୀତ ସେ ଏମିତି ବ୍ୟବସ୍ଥା ମଧ୍ୟ କରିଥିଲେ ଯେଉଁଥିପାଇଁ ସାଧକମାନେ ସିଧାସଳଖ ମୋ ସହ ଯୋଗାଯୋଗ କରି ପାରୁଥିଲେ; ଏବଂ ସେମାନଙ୍କର ଆନ୍ତର ସ୍ତରରେ ଏବଂ ପାର୍ଥିବ ସ୍ତରରେ ସେମାନେ ମୋର ସବୁପ୍ରକାର ସାହାଯ୍ୟ ଏବଂ ସ୍ନେହାଶୀର୍ବାଦ ପାଉଥିଲେ । ପ୍ରତ୍ୟେକ ସାଧକ ମୋର ଚେତନା ମାଧ୍ୟମରେ ସେମାନଙ୍କର ସବୁପ୍ରକାର ପ୍ରତିବନ୍ଧକକୁ ଦୂର କରି ନିଜର ଚେତନାକୁ ଊର୍ଦ୍ଧ୍ୱଗାମୀ କରି ପାରୁଥିଲେ ଓ ଅତିମାନସ ସ୍ତର ଦିଗକୁ ଅଗ୍ରସର ହେଉଥିଲେ ।

ସେଇ ସମୟରେ ଶ୍ରୀଅରବିନ୍ଦ ବିଭିନ୍ନ ଲୋକ ସମୂହକୁ (different worlds) ଓ ନାନାବିଧ ଶକ୍ତି ସମୂହକୁ ଏବଂ ଅଗଣିତ ଚେତନା ସ୍ତରକୁ ସମ୍ପୂର୍ଣ୍ଣ ଆୟତ୍ତାଧୀନ କରିବାକୁ ଚେଷ୍ଟା କରୁଥିଲେ – କାରଣ ସେଗୁଡ଼ିକ ସେତେବେଳେ ଆମର ସମ୍ମିଳିତ ସାଧନାର ଏବଂ ଅତିମାନସ ଚେତନାର ଅବତରଣକୁ ବିରୋଧ କରୁଥିଲେ । ସେଇ ସମୟରେ ଆଶ୍ରମର ସମସ୍ତ ଭାର, ସାଧକମାନଙ୍କର ଦୈନନ୍ଦିନ ଦାୟିତ୍ୱସମୂହ ସେମାନଙ୍କର ପ୍ରତ୍ୟେକଙ୍କର ସାଧନାର ପ୍ରଗତି ଏବଂ ସମସ୍ତଙ୍କର ସମ୍ମିଳିତ ସାଧନାର ପ୍ରଗତିର ସବୁ ଦାୟିତ୍ୱଭାର ମୋ ଉପରେ ନ୍ୟସ୍ତ ଥିଲା । ସେଇ ସମୟରେ ଶ୍ରୀଅରବିନ୍ଦଙ୍କ ହାତରେ ଏତେ ଟିକିଏ ବି ସମୟ ନଥିଲା ଯେ ସେ ସମସ୍ତଙ୍କର ସବୁକଥା ଶୁଣିବେ, ଏବଂ ତା'ର ବ୍ୟବସ୍ଥା କରିବେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅନ୍ୟ ପ୍ରକାର ହୋଇଛି । ଶ୍ରୀଅରବିନ୍ଦଙ୍କର ଦେହାବସାନ ପରଠାରୁ ସେ ନିଜକୁ ବିଶ୍ୱ ଚରାଚର ମଧ୍ୟକୁ ବିସ୍ତାରିତ କରି ଦେଇଛନ୍ତି । ବର୍ତ୍ତମାନ ସେ ଅନେକ ବେଶୀ ବ୍ୟସ୍ତ, ଅନେକ ପରିମାଣରେ ଅନ୍ତରଙ୍ଗ ଓ ନିକଟତର ହୋଇ ଆମ ମଧ୍ୟରେ ବିରାଜମାନ କରୁଛନ୍ତି । ଆମ ପ୍ରତ୍ୟେକଙ୍କ ସହ ତାଙ୍କର ଏକ ପ୍ରକାରର ଯୋଗ ସୂତ୍ର ସ୍ଥାପନ ହୋଇଛି; ଏବଂ ତା' ଫଳରେ ଆମେ ଇଚ୍ଛା କଲେ ଅନ୍ତରରେ ସିଧାସଳଖ ତାଙ୍କ ସହ ସଂଯୋଗ ସ୍ଥାପନ କରିପାରୁ ।

ମୋର ଶିଶୁ, ଏଇ ଅଭିଜ୍ଞତା ରୀତିମତ ତୀବ୍ର ଆସ୍ପୃହା ଉଦ୍ରେକକାରୀ । ସମାଧିର ଚତୁଃପାର୍ଶ୍ୱରେ ତାଙ୍କ ଉପସ୍ଥିତି ଜମାଟ ବାନ୍ଧି ରହିଛି ଏବଂ ତାଙ୍କ ମହିମା ସେଠାରେ ସର୍ବଦା ସ୍ପନ୍ଦିତ ହେଉଛି । ତାଙ୍କର ଦିବ୍ୟପ୍ରଭାବ ଆମ ମଧ୍ୟରେ ପ୍ରବେଶ କରି ଆମର ଅନ୍ତଃପୁରୁଷକୁ ସ୍ପର୍ଶ କରେ, ଏବଂ ଆମର ଚେତନାକୁ ଉଦ୍ଦୀପ୍ତ କରି ତୋଳେ ଆଧ୍ୟାତ୍ମ-ପଥରେ ଆଗେଇ ଯିବା ନିମନ୍ତେ ।

୯ ମାର୍ଚ୍ଚ, ୨୦୧୬

(Source : 'Blessings of the Grace' by Mona Sarkar, p. 118
ବଙ୍ଗଳାରେ ଅନୁବାଦ : ଶ୍ୱାତୀ ଘୋଷ)
ଓଡ଼ିଆ ଭାଷାନ୍ତର : ଶୁଭ୍ରା ଦାସ

❑❑❑

# ନିରାମୟତାର ଶକ୍ତି ସଞ୍ଚାରକ – ମନ୍ତ୍ର

## (୩)

## ସୂର୍ଯ୍ୟକାନ୍ତି ମହାନ୍ତି

ଓଁ ଭୂର୍ଭୁବଃ ସ୍ୱଃ
ତତ୍ ସବିତୁର୍ବରେଣ୍ୟଂ ।
ଭର୍ଗୋ ଦେବସ୍ୟ ଧୀମହି
ଧିୟୋ ଯୋ ନଃ ପ୍ରଚୋଦୟାତ୍ ।।
(ଋଗ୍‌ବେଦ - ୩. ୬୨. ୧୦)

ଅର୍ଥାତ୍, ଆମେ ସବିତାଙ୍କର (ସୂର୍ଯ୍ୟଦେବଙ୍କର) ସେହି ବରଣୀୟ ଜ୍ୟୋତିଃକୁ ଧ୍ୟାନ ଓ ଧାରଣ କରିବା ଯିଏ ଆମର ବୁଦ୍ଧି ଓ ବିଚାରକୁ ପ୍ରେରିତ କରିବେ ।

ଋଗ୍‌ବେଦର ପୃଷ୍ଠାକୁ ମଣ୍ଡିତ କରିଥିବା ଏହି ମହିମମୟ, ଆଲୋକିତ, ଜ୍ଞାନଦୀପ୍ତ ମନ୍ତ୍ର – 'ଗାୟତ୍ରୀ ମନ୍ତ୍ର' ଭାବରେ ପରିଚିତ । ସମଗ୍ର ବିଶ୍ୱକୁ ଉଦ୍ଦୀପ୍ତ କରୁଥିବା ସୂର୍ଯ୍ୟ ଦେବତା ବା ସବିତାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ମନ୍ତ୍ରକୁ 'ସାବିତ୍ରୀ ମନ୍ତ୍ର' ମଧ୍ୟ କୁହାଯାଏ । ସଂସ୍କୃତ ଶବ୍ଦ 'ସବିତୃ'ରୁ 'ସାବିତ୍ରୀ' ଆନୀତ । ଯଦିଓ ଏହି ମନ୍ତ୍ର ଖୁବ୍ ସରଳ ଓ ସହଜ, ତଥାପି ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ରହସ୍ୟମୟ ଶକ୍ତିକୁ ଧାରଣ କରି ରହିଛି । ଏହା ବୈଦିକ ଛନ୍ଦରେ ରଚିତ ହୋଇଛି । ଅର୍ଥାତ୍, ଏଥିରେ ପ୍ରତ୍ୟେକ ପଦରେ ୮ଟି ଅକ୍ଷର ଥିବା ୩ଟି ପାଦ ବା ଚରଣ ଅଛି । ଏହିପରି ଭାବରେ ଗାୟତ୍ରୀ ମନ୍ତ୍ରର ୨୪ଟି ଅକ୍ଷର ଅଛି । ଏହାର ପ୍ରଥମରେ 'ଓଁ ଭୂର୍ଭୁବଃ ସ୍ୱଃ' ଆବୃତ୍ତି କରିବାକୁ ହୁଏ ।

ଏହାକୁ ମହାବ୍ୟାହୃତି କୁହାଯାଏ । ଏଥିରେ ଥିବା 'ଓଁ' ସୂଚିତ କରେ ପରବ୍ରହ୍ମନ୍ । 'ଭୂର୍' – ଭୂଲୋକ ବା ପୃଥିବୀ, ଯାହା ମାନବ ଶରୀରକୁ ସୂଚିତ କରେ । 'ଭୁବଃ' – ଅନ୍ତରୀକ୍ଷ ଲୋକ ବା ପ୍ରାଣ ଶକ୍ତି, ଯାହା ଶରୀରକୁ ସ୍ପନ୍ଦିତ କରାଏ ଏବଂ ସ୍ୱଃ – ସ୍ୱର୍ଗ ଲୋକ ବା ଆତ୍ମା ବା ପ୍ରଜ୍ଞା ଶକ୍ତି ଯାହା ପ୍ରାଣ ଶକ୍ତିକୁ ଧରି ରଖେ ।

ଏସବୁକୁ କୁହାଯାଏ – ଶରୀର ଧାରଣ, ପ୍ରାଣ ଶକ୍ତିର ସ୍ପନ୍ଦନ ଏବଂ ଆଲୋକ ବିକିରଣ । ଏଣୁ ମଣିଷ ଗୋଟିଏ ଲୋକର ନୁହେଁ, ବରଂ ତିନି ଲୋକର ଅନ୍ତର୍ଭୁକ୍ତ । ଏହିପରି ଭାବରେ ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବା ପୂର୍ବରୁ ପରବ୍ରହ୍ମନଙ୍କ ସହ ତିନି ଲୋକକୁ ଆବାହନ କରାଯାଏ । ମନ୍ତ୍ର ଆବୃତ୍ତିର ଶେଷରେ 'ଓଁ ଶାନ୍ତିଃ' ତିନିଥର ପୁନରାବୃତ୍ତି କରିବାକୁ ହୁଏ । ତା'ହେଲେ ମଣିଷର ଶରୀର, ମନ ଓ ପ୍ରାଣ – ଏହି ତିନିଟି ସତ୍ତାକୁ ଶାନ୍ତି ମିଳିଥାଏ ।

ଏହି ମନ୍ତ୍ରକୁ ତିନି ପ୍ରକାରେ ବିବେଚନା କରାଯାଏ । ପ୍ରଥମରେ ସୂର୍ଯ୍ୟଙ୍କୁ ଆରାଧନା ବା ଉପାସନା କରାଯାଏ । ଦ୍ୱିତୀୟରେ ସୂର୍ଯ୍ୟଙ୍କୁ ଭକ୍ତିର ସହ ଧ୍ୟାନ କରାଯାଏ ଏବଂ ତୃତୀୟରେ ଧୀ-ଶକ୍ତିର ବୃଦ୍ଧି ପାଇଁ ପ୍ରାର୍ଥନା କରାଯାଏ ।

ସୂର୍ଯ୍ୟ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତା ଏବଂ ଜୀବନୀଶକ୍ତିର ସୃଜନକାରୀ ଓ ରକ୍ଷାକାରୀ ଶକ୍ତି । ଉଦ୍ଭିଦ ଜଗତ୍ ତଥା ସମସ୍ତ ଜୀବଜଗତ୍ ତିଷ୍ଠି ରହିବା ପାଇଁ ଏବଂ ଏମାନଙ୍କର ବୃଦ୍ଧି ପାଇଁ ଆବଶ୍ୟକ କରନ୍ତି ଉଦ୍‌ଜାନ ଓ ହିଲିୟମ୍ ଗ୍ୟାସ୍ । ସୂର୍ଯ୍ୟଙ୍କର ମୌଳିକ ଉପାଦାନ ଉଦ୍‌ଜାନ ଓ ହିଲିଅମ୍ ଗ୍ୟାସ ହୋଇଥିବାରୁ, ଜୀବଜଗତ୍ ପାଇଁ ଏହା କାର୍ଯ୍ୟ ସମ୍ପାଦନ କରିଥାଏ । ସୂର୍ଯ୍ୟ ବିନା ଆଲୋକ ଓ ଜୀବନ ଅସମ୍ଭବ । ଏଣୁ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଏ । ସେ ଜନ୍ମ, ବୃଦ୍ଧି ଓ ସୃଷ୍ଟିର ବିଲୟ ପାଇଁ ମଧ୍ୟ ଦାୟୀ । ସେ ହେଉଛନ୍ତି ଦୃଶ୍ୟମାନ ଐଶ୍ୱରିକ ଶକ୍ତି । ଏହି କାରଣରୁ ଋଷି ବିଶ୍ୱାମିତ୍ର ସୂର୍ଯ୍ୟ ଦେବଙ୍କୁ ମହିମାନ୍ୱିତ କରିଥିଲେ ଗାୟତ୍ରୀ ମନ୍ତ୍ରରେ ।

ଗାୟତ୍ରୀ ମନ୍ତ୍ର ପୃଥିବୀର ସର୍ବାପେକ୍ଷା ଶକ୍ତିଶାଳୀ ମନ୍ତ୍ର ବୋଲି ଗ୍ରହଣ କରାଯାଇଛି । ଜନୈକ ଆମେରିକୀୟ ବୈଜ୍ଞାନିକ ଡକ୍ଟର ହାୱାର୍ଡ୍ ଷ୍ଟେଞ୍ଜେରିଲ୍ ପୃଥିବୀର ବିଭିନ୍ନ ସ୍ତୋତ୍ର ଓ ପ୍ରାର୍ଥନା ସଂଗ୍ରହ କରି ତାଙ୍କ ନିଜ ଶରୀର-ବିଜ୍ଞାନ ପରୀକ୍ଷାଗାରରେ ପରୀକ୍ଷା କରିଥିଲେ । ଏଥିରୁ ସେ ଜାଣିବାକୁ ପାଇଲେ ଯେ ହିନ୍ଦୁ ଗାୟତ୍ରୀ ମନ୍ତ୍ର ପ୍ରତି ସେକେଣ୍ଡରେ ୧,୧୦,୦୦୦ ଶବ୍ଦ ତରଙ୍ଗ ସୃଷ୍ଟି କରୁଛି, ଯାହା ଏ ପୃଥିବୀର ସର୍ବୋଚ୍ଚ ଶକ୍ତିଶାଳୀ ସ୍ତୋତ୍ର ଭାବରେ ପରିଚିତ ହୋଇପାରିଛି । ଏହାର ଶବ୍ଦ ତରଙ୍ଗ ଆଧ୍ୟାତ୍ମିକ ସ୍ତରରେ ସମସ୍ତ ଶକ୍ତି ଧାରଣ କରିଥିବାର ଯୋଗ୍ୟତା ହାସଲ କରିଛି । ମନୁଷ୍ୟର ମାନସିକ ଓ ଶାରୀରିକ ସ୍ତରରେ ଏହି ମନ୍ତ୍ର କିପରି କାର୍ଯ୍ୟ କରୁଛି, ତାହା ଆମେରିକାସ୍ଥିତ ହାମ୍‌ବର୍ଗ ବିଶ୍ୱବିଦ୍ୟାଳୟରେ ଗବେଷଣା

ଚାଲିଛି । ଦକ୍ଷିଣ ଆମେରିକାର 'ସୁରିନାମ୍' ଦେଶରେ ଗତ ଦୁଇ ବର୍ଷ ଧରି ରେଡ଼ିଓ ପାରାମାରିବୋ ପ୍ରତ୍ୟହ ସନ୍ଧ୍ୟା ୭ଟା ୧୫ରେ ଗାୟତ୍ରୀ ମନ୍ତ୍ର ପ୍ରସାରିତ କରିଚାଲିଛି ଏବଂ ଗତ ଛଅ ମାସ ଧରି ହଲାଣ୍ଡର ଆମ୍ଷ୍ଟରଡ଼ାମ୍‌ରେ ମଧ୍ୟ ଏହା ପ୍ରସାରିତ ହେଉଛି ।

ଗାୟତ୍ରୀ ମନ୍ତ୍ର ଅଲୌକିକ ଶକ୍ତିରେ ସମୃଦ୍ଧ, ଯାହା ମନ୍ତ୍ର ଆବୃତ୍ତିକାରୀକୁ ତା' ଜୀବନରେ ସମସ୍ତ କ୍ଳେଶରୁ ସୁରକ୍ଷା ଦେଇଥାଏ । ଏହାର ଧ୍ୱନି ମନୁଷ୍ୟ ଶରୀରସ୍ଥିତ ଧମନୀ ଅଭ୍ୟନ୍ତରରେ ପ୍ରଭାବ ବିସ୍ତାର କରି ରକ୍ତ ପ୍ରବାହକୁ ସୁଚାରୁ ରୂପେ ସଞ୍ଚାଳିତ କରିଥାଏ । ଏହା ଫଳରେ ମାନସିକ ଉଦ୍‌ବେଗ ହ୍ରାସ ପାଇ ମିଜାଜର ପରିବର୍ତ୍ତନ ଘଟିଥାଏ । ଏପରିକି ଏହି ମନ୍ତ୍ରର ଆବୃତ୍ତି କିଂବା ଶ୍ରବଣ ହୃଦ୍‌ରୋଗକୁ ପ୍ରଶମିତ କରାଏ ।

ଗାୟତ୍ରୀ ମନ୍ତ୍ର ବାରଂବାର ଆବୃତ୍ତି କଲେ ଏହାର ଧ୍ୱନି ବୃତ୍ତାକାରରେ ଶବ୍ଦ ତରଙ୍ଗ ସୃଷ୍ଟି କରେ । ଏହା ଇଥର ମଧ୍ୟ ଦେଇ ପ୍ରଚଣ୍ଡ ଶକ୍ତି ଓ ବେଗ ସହ ସୂର୍ଯ୍ୟଙ୍କ ଆଡ଼କୁ ଉପରକୁ ଉଠିଯାଇ ସୂର୍ଯ୍ୟଙ୍କର ଉପରିଭାଗକୁ ସ୍ପର୍ଶ କରେ ଏବଂ ତାଙ୍କ ସୂକ୍ଷ୍ମ ସ୍ତରର ଉତ୍ତାପ, ଆଲୋକ ଓ ବିଦ୍ୟୁତ୍ ଶକ୍ତି ସହିତ ପୁନଶ୍ଚ ଆବୃତ୍ତିକାରୀ ନିକଟକୁ ଫେରିଆସି ତାହାର ସୂକ୍ଷ୍ମ ଶରୀରରେ ପ୍ରବେଶ କରେ ।[୧] ଏପରି ସ୍ଥଳରେ ଆବୃତ୍ତିକାରୀକୁ ଗାୟତ୍ରୀ ମନ୍ତ୍ରର ଆଶୀର୍ବାଦ ପ୍ରାପ୍ତ ହେଲା ବୋଲି କୁହାଯାଏ । ଏହିପରି ଅବସ୍ଥାରେ ଶରୀରର ପଞ୍ଚ ମହାଭୂତର ସନ୍ତୁଳନ ରକ୍ଷା କରାଯାଏ । ଏଣୁ ଗାୟତ୍ରୀ ମନ୍ତ୍ରର ଆବୃତ୍ତି ଓ ଗାୟତ୍ରୀ ଧ୍ୟାନ ମଣିଷ ଜୀବନ ପାଇଁ ସର୍ବାଦୌ ଆବଶ୍ୟକ ।

ଏମିତି ହୋଇଥାଏ ଯେ, ମଣିଷ କୌଣସି ଯାତ୍ରା ପଥରେ ଥାଉ ବା କାର୍ଯ୍ୟ କ୍ଷେତ୍ରରେ ଥାଉ ଅବା ଗୃହ ମଧ୍ୟରେ ଥାଉ, ଏହି ମନ୍ତ୍ରର ଉଚ୍ଚାରଣ ତା'କୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖିଥାଏ । ମନ୍ତ୍ର ଆବୃତ୍ତି ଫଳରେ ତା' ଚତୁଃପାର୍ଶ୍ୱରେ ଥିବା ପରିବେଶ ମଧ୍ୟ ସୂକ୍ଷ୍ମ ସ୍ତରରେ ଆଲୋକିତ ହୋଇଥାଏ । ଏହିପରି ଭାବରେ ମହାକାଶର ମହାଜାଗତିକ ଶକ୍ତି ମଣିଷର ଜୀବନ ଓ ଧୀ-ଶକ୍ତିକୁ ଉଦ୍ଭାସିତ କରେ । ଗାୟତ୍ରୀ ମନ୍ତ୍ରର ଶବ୍ଦ-ତରଙ୍ଗ ମନୁଷ୍ୟର DNAକୁ ପ୍ରଭାବିତ କରି ଉନ୍ନତ କରାଏ ଏବଂ ପ୍ରକୃତିର ନିୟମର ଉପରକୁ ଉଠାଇ ନେବାର ଶକ୍ତି ମଧ୍ୟ ବହନ କରେ ।

ଗାୟତ୍ରୀ ଆବୃତ୍ତି ବା ଧ୍ୟାନ କରିବା ନିମନ୍ତେ ସ୍ୱତନ୍ତ୍ର ସମୟ ନିର୍ଦ୍ଧାର୍ଯ୍ୟ କରାଯାଇ ନଥିଲେ ମଧ୍ୟ ସାତ୍ତ୍ୱିକ ସମୟ ଅଧିକ ଉପଯୋଗୀ । ମନୁଷ୍ୟ ପରି ସମୟକୁ ମଧ୍ୟ ସତ୍ତ୍ୱ, ରଜସ୍ ଓ ତମସ୍ ଏହି ରୂପେ ବିଭାଜନ କରାଯାଇଛି । ଏକ ଦିବସର ସମୟକୁ ୩ଟି ଅଂଶରେ ଭାଗ କରାଯାଇଛି । ସକାଳ ୪ଟାରୁ ୮ଟା ଓ ଉପରଓଳି ୪ଟାରୁ ସନ୍ଧ୍ୟା ୮ଟା – ସାତ୍ତ୍ୱିକ ଗୁଣ ସମ୍ପନ୍ନ, ସକାଳ ୮ଟାରୁ ଉପରଓଳି ୪ଟା ପର୍ଯ୍ୟନ୍ତ ରାଜସିକ ଏବଂ ରାତ୍ରୀ ୮ଟାରୁ ଭୋର ୪ଟା ପର୍ଯ୍ୟନ୍ତ ସମୟକୁ ତାମସିକ ଗୁଣ ସମ୍ପନ୍ନ କୁହାଯାଏ । ଏହି ତାମସିକ ସମୟ ମୁଖ୍ୟତଃ ନିଦ୍ରା ପାଇଁ ବ୍ୟବହାର କରାଯାଏ । ଏଣୁ ସକାଳ ୪ଟାରୁ ୮ଟା ମଧ୍ୟରେ ଜଣେ ଉତ୍ତମ କାର୍ଯ୍ୟ – ଯଥା : ପୂଜା, ଧର୍ମକାର୍ଯ୍ୟ ଓ ସତ୍‌ସଙ୍ଗ ରଖିବା ଆବଶ୍ୟକ । ଫଳରେ ମନୁଷ୍ୟ ମାନସିକ ସ୍ତରରୁ ଦିବ୍ୟସ୍ତରକୁ ନିଜକୁ କିଛି ପରିମାଣରେ ଉଠାଇନିଏ । ଏହି ସାତ୍ତ୍ୱିକ ସମୟ ଗାୟତ୍ରୀ ମନ୍ତ୍ର ପାଠ କରିବା ପାଇଁ ଅତ୍ୟନ୍ତ ଉପଯୋଗୀ । ମନ୍ତ୍ର ପାଠ କରିବା ପୂର୍ବରୁ ଯଦି ଜଣେ ପ୍ରାଣାୟାମ କରେ ତା'ହେଲେ ଏହା ସୃଷ୍ଟି କରେ ଏକ ଶକ୍ତିଶାଳୀ, ଆଧ୍ୟାତ୍ମିକ ଓ ଦିବ୍ୟସ୍ପନ୍ଦନ, ଯାହା ମନୁଷ୍ୟର ଭୌତିକ ଓ ସୂକ୍ଷ୍ମ ଶରୀରକୁ ସୁସ୍ଥ ରଖେ । ଏଣୁ ଏହି ମନ୍ତ୍ର ନିୟମିତ ଭାବରେ ଦୈନିକ ଅନ୍ୟୂନ ୧୨ ଥର ଆବୃତ୍ତି କରି ଜଣେ ନିଜକୁ ସମର୍ପିତ କରିବା ଆବଶ୍ୟକ । ପ୍ରତ୍ୟହ ସୂର୍ଯ୍ୟୋଦୟ, ମଧ୍ୟାହ୍ନ ଓ ସୂର୍ଯ୍ୟାସ୍ତ ସମୟରେ ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବାକୁ 'ସନ୍ଧ୍ୟା ଉପାସନା' କୁହାଯାଏ ।

ତେବେ ଶ୍ରୀଅରବିନ୍ଦଙ୍କ ରଚିତ ଅନ୍ୟ ଏକ ଗାୟତ୍ରୀ ମନ୍ତ୍ର ମଧ୍ୟ ଅଛି ।

ଯଥା :

''ତତ୍ ସବିତୁର୍ବରଂ ରୂପମ୍ ଜ୍ୟୋତିଃ ପରସ୍ୟ ଧୀମହି ।
ଯନ୍ନଃ ସତ୍ୟେନ ଦୀପୟେତ୍ ॥''

ଅର୍ଥାତ୍, ଆମେ ସବିତାଙ୍କର (ସୂର୍ଯ୍ୟଙ୍କର) ସେହି ପ୍ରସିଦ୍ଧ, ଶ୍ରେଷ୍ଠ, କଲ୍ୟାଣୀୟ, ବରଣୀୟ ରୂପକୁ, ପରାତ୍ପରଙ୍କର ଜ୍ୟୋତିଃକୁ ଧ୍ୟାନ ଓ ଧାରଣ କରିବା ।

ଏହିପରି ଭାବରେ ଗାୟତ୍ରୀ ମନ୍ତ୍ର ଏ ପୃଥିବୀର ମଣିଷ ପାଇଁ ସର୍ବାଧିକ ଗୁରୁତ୍ୱ ବହନ କରେ ।

ତେବେ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଗାୟତ୍ରୀ

---

[୧] ଇଣ୍ଟରନେଟ୍

ମନ୍ତ୍ର ଆବୃତ୍ତି ଦ୍ୱାରା ହିନ୍ଦୁ ସଂସ୍କାରମୂଳକ ପରିବର୍ତ୍ତନ ଆରମ୍ଭ ହୋଇଥିଲା । ୧୮୯୮ ମସିହାରେ ସ୍ୱାମୀ ବିବେକାନନ୍ଦ ଦାବି କରିଥିଲେ ଯେ ବେଦ ଓ ଭଗବଦ୍‌ଗୀତା ଅନୁଯାୟୀ ଜଣେ ବ୍ୟକ୍ତି ତା' ଗୁରୁଙ୍କଠାରୁ ଶିକ୍ଷାପ୍ରାପ୍ତି ମାଧ୍ୟମରେ ବ୍ରାହ୍ମଣ ହୁଏ, କେବେ ବି ଜନ୍ମ ଦୃଷ୍ଟିରୁ ନୁହେଁ । ବ୍ରାହ୍ମଣ କୁଳରେ ଜନ୍ମି ନଥିବା ବ୍ୟକ୍ତିଙ୍କ ପାଇଁ ପବିତ୍ର ଉପନୟନ ଉତ୍ସବ ରାମକୃଷ୍ଣ ମିଶନରେ ବିବେକାନନ୍ଦ ପ୍ରଚଳନ କରିଥିଲେ । ଏଣୁ ବ୍ରାହ୍ମଣୀୟ ସଂସ୍କୃତି ବାହାରେ ଏହି ହିନ୍ଦୁମନ୍ତ୍ର ଲୋକପ୍ରିୟ ହୋଇ ପାରିଥିଲା ଜନ ସାଧାରଣଙ୍କ ନିକଟରେ । ବିଂଶ ଶତାବ୍ଦୀର ଶେଷ ଭାଗରେ All World Gayatri Pariwar ଦ୍ୱାରା ଗାୟତ୍ରୀ ଯଜ୍ଞ ଆୟୋଜନ କରିବା ଫଳରେ ଏକବିଂଶ ଶତାବ୍ଦୀରେ ମଧ୍ୟ ବହୁଳ ଭାବରେ ଏହି ମନ୍ତ୍ରର ପ୍ରଚାର ଓ ପ୍ରସାର ହୋଇପାରିଛି । ଆଧୁନିକ ସଂସ୍କାରମୂଳକ ପରିବର୍ତ୍ତନରେ ଏହି ମନ୍ତ୍ର ଆବୃତ୍ତିକୁ ସମସ୍ତ ମନୁଷ୍ୟ-ଜାତି ତଥା ନାରୀମାନଙ୍କ ନିମିତ୍ତ ଅଧିକାରଭୁକ୍ତ କରାଯାଇଛି । ତେବେ ଆଧୁନିକ ମଣିଷ ଶସ୍ତା ସଙ୍ଗୀତ ଗାନ କରିବ କି ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବ, ଏହା ତା' ନିଜ ଉପରେ ନିର୍ଭର କରେ ।

ଏଣୁ ଯଥାର୍ଥରେ କୁହାଯାଇଛି ଯେ –

ଯେତେବେଳେ ବିଜ୍ଞ ଅନୁଧାବନ କରେ, ସେତେବେଳେ ନିର୍ବୋଧ ପ୍ରସ୍ଥାନ କରେ ।

ଯେତେବେଳେ ବିଜ୍ଞ ଅନ୍ୱେଷଣ କରେ, ନିର୍ବୋଧ ପ୍ରଶ୍ନ କରେ ଏବଂ ଯେତେବେଳେ ବିଜ୍ଞ ଉନ୍ନତି ପଥରେ ଅଗ୍ରଗାମୀ ହୁଏ, ନିର୍ବୋଧ ଅଧଃପତିତ ହୁଏ ।

ଅତଏବ ମନୁଷ୍ୟ ହାତରେ ରହିଛି ତା' ଜୀବନ, ତା' ପରିବେଶ ଏବଂ ତା' ଚେତନାର ମନୋନୟନ, ଅଭିରୁଚି ଓ ପସନ୍ଦ ।

(ସମାପ୍ତ)

❑❑❑


*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ଗଙ୍ଗାଧର

## (୭)

ବାଙ୍ଗାଲୋର ହସ୍‌ପିଟାଲରୁ ଫେରି ଆସି ଗଙ୍ଗାଧର ଗତାନୁଗତିକ ଧାରାରେ ପୁଣି ତାଙ୍କର କାମ ଆରମ୍ଭ କଲେ । କ୍ଷଣକାଳ ସକାଶେ ତାଙ୍କ ଜୀବନରେ ଉଠିଥିବା ଝଡ଼ଝଞ୍ଜା ତାଙ୍କୁ ଅକ୍ଷତ, ଅନାହତ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲା । କିନ୍ତୁ ତାଙ୍କ ବାସସ୍ଥାନର ପରିବର୍ତ୍ତନ ଘଟିଥିଲା ।

ଗଙ୍ଗାଧରଙ୍କ ଉକ୍ତିରେ : ''ମୁଁ ହସ୍‌ପିଟାଲରେ ଥିବାବେଳେ ଏଠାରେ(ଆଶ୍ରମରେ) ଅନ୍ତେବାସିଗଣ ଏପରିକି କର୍ତ୍ତୃପକ୍ଷମାନେ ମଧ୍ୟ ଭାବି ନେଲେ ଯେ ମୁଁ ବୋଧହୁଏ ଆଉ ଫେରିବି ନାହିଁ । ତେଣୁ ମୋର ଯାହା କିଛି ବ୍ୟବହାର୍ଯ୍ୟ ବସ୍ତୁ[୧] ଥିଲା ସେସବୁକୁ ନେଇ ଅନ୍ୟତ୍ର ଗଦା କରି ଦେଇଥିଲେ ।... ତେଣୁ ହସ୍‌ପିଟାଲରୁ ଆସି ଦେଖିଲି, ମା ମୋ ପାଇଁ ଏକ ସ୍ୱତନ୍ତ୍ର ଘର ବନ୍ଦୋବସ୍ତ କରି ଦେଇଛନ୍ତି । (ଏଠାରେ ଲକ୍ଷ୍ୟ କରିବା କଥା ଗଙ୍ଗାଧରଙ୍କର ମନୋଭାବ ।) ଏକ ପୁରୁଣା ବଡ଼ କୋଠାଘରେ ଆଉ ଜଣେ ହେଲେ ବି କେହି ରହୁ ନଥିଲେ । ଆଉ ମୋ କୋଠରି ଭିତରେ ମୁଁ ଏକୁଟିଆ ! (ହାସ୍ୟ) କିନ୍ତୁ ଏହି ନିର୍ଜନ କୋଠାରେ ଥିବାବେଳେ ମୋର ଏକ ଅପୂର୍ବ ଅନୁଭୂତି ହୋଇଥିଲା – ସୂର୍ଯ୍ୟ ବୁଡିଗଲେ, ମୁହଁଲୁଚା ଅନ୍ଧାରରେ ଚାରିଆଡ଼ ଶାନ୍ତ, ନୀରବ, ଶୂନ୍‌ଶାନ ହୋଇଉଠେ, ଆଉ ମୋ ଅନ୍ତରଟା ବି ଏକେବାରେ ନିଶ୍ଚଳ, ନୀରବ; ମୋର ମନେ ହେଉଥିଲା ମୁଁ ଯେମିତି ଅତଳତଳ ଗଭୀର କୂପ ଭିତରକୁ ବୁଡି ଯାଉଛି । ଏପରି ନିଶ୍ଚଳ ନିରବତା ଯେ ସେଥିରେ କୌଣସି ଚିନ୍ତା ନଥିଲା, କିଛି ବି ନଥିଲା, ଏକେବାରେ ଫାଙ୍କା । ମୁଁ ଭୟ ପାଇଗଲି । ଭାବିଲି ମୋର କିଛି ଗୋଟାଏ ଗଣ୍ଡଗୋଳ ପୁଣି ଆରମ୍ଭ ହେଇଛି, ସେଇଥିପାଇଁ ଏମିତି ଅବସ୍ଥା । ତେଣୁ ସବୁକଥା ମା'ଙ୍କୁ ଲେଖିଲି । ମା ଏହି ମର୍ମରେ ମୋତେ ଲେଖି ଜଣାଇଲେ : ''ଏ, ବୋକା ! ଏହା ହେଉଛି ନିରବତା, ନିଶ୍ଚଳ ନିରବତା ! ତୋ ସାଧନା ସକାଶେ ଏହା ଅପରିହାର୍ଯ୍ୟ । ଏହା ସ୍ୱତଃ ତୋ ନିକଟକୁ ଆସିଛି । ଆଦୌ ଭୟ କରିବୁ ନାହିଁ; ତଥାପି ଯେତେବେଳେ ଭୟ ଲାଗିବ, ତୁ ମୋତେ ସ୍ମରଣ କରିବୁ, ମୁଁ ତୋ ପାଖରେ ଉପସ୍ଥିତ ରହିଥିବି । ମୁଁ ତ ତୋତେ ସବୁବେଳେ ସାହାଯ୍ୟ କରି ଚାଲିଛି, ତେଣୁ ଭୟ କ'ଣ ପାଇଁ ? ଏହି ନିରବତା ଅଗ୍ରଗତି ନିମନ୍ତେ ଅତ୍ୟୁତ୍ତମ । ଏହାକୁ ସାଦରେ ଗ୍ରହଣ କରିନେ ।''[୨] ଏହି ନିଶ୍ଚଳ ନିରବତା ସାରା ରାତି ରହୁଥିଲା, ପରେ ଦିନରାତି, ଏମିତିକି ଚାରି, ପାଞ୍ଚ ଦିନ ।...

*ପ୍ରଶ୍ନ : ଆପଣ ସେଇ ଘରେ କେତେ ଦିନ ଥିଲେ ?*

ଗଙ୍ଗାଧର : ପାଞ୍ଚବର୍ଷ ସେଠାରେ ରହିବା ପରେ ଭଡ଼ା ନେବାର ଚୁକ୍ତି ସରି ଯାଇଥିଲା । ତା'ପରେ ଏହି ନୂତନ ଘରକୁ ଆସିଲି ।

---

୧. ଗଙ୍ଗାଧରଙ୍କର କ୍ୱଚିତ୍ ଅତ୍ୟାବଶ୍ୟକ ଜିନିଷପତ୍ର ଥିଲା । ସେ କ୍ରମଶଃ ସେହିସବୁ ବସ୍ତୁକୁ କମାଇ କମାଇ ହ୍ରାସ କରି ଦେଇଥିଲେ । ସେ ସହାସ୍ୟରେ କଥାଛଳରେ କହୁଥିଲେ, 'ଏଇଟା କ'ଣ ମୋ ଶ୍ୱଶୁର ଘର ! ସଞ୍ଚୟ କରିବାକୁ ବା ସଂଗ୍ରହ କରିବାକୁ ମୁଁ ଆଦୌ ପସନ୍ଦ କରେ ନାହିଁ ।' । – ବାଟିଦା

୨. ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କ ଉକ୍ତିରୁ : ''... ଥରେ ଜଣେ ବ୍ୟକ୍ତି (ଶିଷ୍ୟ ନୁହନ୍ତି, କାରଣ ସେତେବେଳେ ମୋର କେହି ଶିଷ୍ୟ ନଥିଲେ) ମୋତେ ପଚାରିଲେ, 'ଯୋଗ କିପରି କରିବାକୁ ହେବ ?' ମୁଁ କହିଲି, 'ପ୍ରଥମେ ମନକୁ ନିରବ କର ।' ସେ ସେପରି କଲେ ଏବଂ ତାଙ୍କର ମନ ସମ୍ପୂର୍ଣ୍ଣ ଭାବରେ ନିରବ ଓ ଶୂନ୍ୟ ହୋଇଯାଇଥିଲା । ତା'ପରେ ସେ ମୋ ନିକଟକୁ ଦୌଡ଼ି ଆସି କହିଲେ, 'ମୋ ମସ୍ତିଷ୍କ ଚିନ୍ତାଶୂନ୍ୟ ହୋଇ ପଡ଼ିଛି, ମୁଁ ଚିନ୍ତା କରିପାରୁ ନାହିଁ, ମୁଁ ଏକ ନିର୍ବୋଧ ହୋଇ ଯାଇଛି ।' ସେ କରୁଥିବା ଚିନ୍ତାସବୁ କେଉଁଠାରୁ ଆସୁଛି ତାହା ଦେଖିବା ପାଇଁ ବା ନିରୀକ୍ଷଣ କରିବାକୁ ସେ ଟିକିଏ ହେଲେ ଅପେକ୍ଷା କଲେ ନାହିଁ । ସେ ଉପଲବ୍ଧି କରିପାରିଲେ ନାହିଁ ଯେ ଯିଏ ଥରେ ନିର୍ବୋଧ ହୋଇ ସାରିଛି, ସେ କିପରି ପୁଣି ଥରେ ନିର୍ବୋଧ ହୋଇପାରେ । ଯାହାହେଉ, ମୁଁ ସେସମୟରେ ଏତେ ଧୈର୍ଯ୍ୟଶୀଳ ନଥିଲି ଏବଂ ମୁଁ ତାଙ୍କୁ ଏସବୁଥିରୁ ବାଦ୍ ଦେଲି ଏବଂ ଆଶ୍ଚର୍ଯ୍ୟ ଭାବରେ ଲାଭ କରିଥିବା ନିରବତା ତାଙ୍କଠାରୁ ଚାଲିଯିବାକୁ ଛାଡ଼ିଦେଲି ।'' (ନିଜ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ. ୯୪)

(ପ୍ରକାଶ ଥାଉକି, ଏଇ ନୂତନ ଘରେହିଁ ୧୫ ଅକ୍ଟୋବର ୧୯୮୨ରେ କେତେଜଣ ଅନ୍ତେବାସୀ ତାଙ୍କ ସହିତ ସାକ୍ଷାତ୍‌କାର ଲିପିବଦ୍ଧ କରିଥିଲେ ।)

ଗଙ୍ଗାଧରଙ୍କର ଏହି ଘରଟି ସେତେବେଳେ 'ଅଯାଭିକ୍ଷୁ ଗାର୍ଡ଼େନ୍'କୁ ପ୍ରବେଶ କରିବା ପୂର୍ବରୁ ଡାହାଣ ପଟରେ ପୂର୍ବ ଆଡ଼କୁ ଏକ ଛୋଟ ଗଳି ରାସ୍ତା ଉପରେ ଥିଲା । ବର୍ତ୍ତମାନ ଯେଉଁଠି 'ଅଯାଭିକ୍ଷୁ ବିଲ୍‌ଡିଂ' ନୂତନ କରି ନିର୍ମାଣ କରାଯାଇଛି, ସେଇ ଜାଗାରେ 'ଅଯାଭିକ୍ଷୁ ଗାର୍ଡ଼େନ୍' ଥିଲା । ଏହି ଜମିର ଉତ୍ତର ପଟକୁ (ବର୍ତ୍ତମାନ ଯେମିତି) 'ସାନିଟାରୀ ଡିପାଟମେଣ୍ଟ' ଜମି ମଝିରେ ଥିଲା ଛୋଟ ଛୋଟ ବଖରାଯୁକ୍ତ (ବୋଧହୁଏ ୪ଟି କି ୫ଟି) ଦୁଇ ମହଲା କୋଠା; ସାଧକମାନେ ରହୁଥିଲେ । ପଶ୍ଚିମ ପଟକୁ, ଅର୍ଥାତ୍ ରାସ୍ତାକଡ଼କୁ କାର୍‌ପେଣ୍ଟରୀ ସେକ୍‌ସନ୍ ଏବଂ ପେଣ୍ଟିଂ ସେକ୍‌ସନ୍ ଏବଂ ଦକ୍ଷିଣ-ପୂର୍ବ କୋଣରେ ଆଶ୍ରମର ସାବୁନ୍ ଫ୍ୟାକ୍‌ଟେରୀ । ଏତଦ୍‌ବ୍ୟତୀତ ପୂରା ଜମିଟିରେ ଫଳମୂଳ ପନିପରିବା ଚାଷ କରାଯାଉଥିଲା ଏବଂ ଆଶ୍ରମର 'ଫ୍ରୁଟ୍ ରୁମ୍'କୁ ସରବରାହ କରାଯାଉଥିଲା ।

ସେ ଯାହାହେଉ, ସେହି ଗଳି ରାସ୍ତାର ଉତ୍ତର ପଟକୁ ଏବଂ ପୂର୍ବ ବର୍ଣ୍ଣିତ ବଗିଚାକୁ ଲାଗି ଗୋଟିଏ ପୁରୁଣା ଦୁଇ ମହଲା କୋଠା ଥିଲା । ସେହି କୋଠାର ଉପର ମହଲାରେ ଗଙ୍ଗାଧରଙ୍କୁ ରହିବାକୁ ଦିଆଗଲା । ଯେଉଁଠି ପାଣିର କୌଣସି ବନ୍ଦୋବସ୍ତ ନଥିଲା । ତେଣୁ ଶୌଚାଦି ନିତ୍ୟକର୍ମ ସକାଶେ, ଏପରିକି ଗୋଡ଼, ହାତ ଧୋଇବା ସକାଶେ ତାଙ୍କୁ ତଳ ମହଲାକୁ ଆସିବାକୁ ହେଉଥିଲା । ଶିଡ଼ି ପାହାଚଟି ଖୁବ୍ ଡିଖ ଏବଂ ସରୁ ଥିଲା । ସେତେବେଳେ ଗଙ୍ଗାଧରଙ୍କର ପୂର୍ବଭଳି ସ୍ୱାସ୍ଥ୍ୟ ନଥିଲା, ଗୋଡ଼ ଦୁଇଟି ଦୁର୍ବଳ ହୋଇ ଯାଇଥିଲା; ତେଣୁ ଶିଡ଼ି ପାହାଚ ଉପରକୁ ଉଠିବା ବେଳେ ଆଉ ଉପରୁ ତଳକୁ ଓହ୍ଲାଇବା ବେଳେ ଗୋଡ଼ ଓ ହାତର ସାହାଯ୍ୟରେ ଉପର ପାହାଚରେ ବସି ପଡୁଥିଲେ ଏବଂ ପିଚାର ସାହାଯ୍ୟ ନେଇ ପାହାଚ ପରେ ପାହାଚ ବସି ତଳ ପାହାଚକୁ ଓହ୍ଲାଉଥିଲେ ।

କ'ଣ ପାଇଁ ଯେ ଏହି ନିର୍ଦ୍ଦିଷ୍ଟ କକ୍ଷରେ ତାଙ୍କୁ ରହିବାକୁ ଦିଆ ଯାଇଥିଲା, ତା' ଆମର ଅଗୋଚର । କିନ୍ତୁ ଗଙ୍ଗାଧରଙ୍କର କୌଣସି ଅସନ୍ତୋଷ ଭାବ ନଥିଲା କି ଅଭିଯୋଗ ବି ନଥିଲା । ସାକ୍ଷାତ୍‌କାର ନେଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ କଥା ଛଳରେ କହିଉଠିଲେ ଯେ 'ଘରଟି ବେଶ୍ ଭଲ, ପାଖରେ ବେଶ୍ ବଡ଼ ବଗିଚାଟିଏ ରହିଛି ।'... ଗଙ୍ଗାଧର ତତ୍‌କ୍ଷଣାତ୍ ସହାସ୍ୟରେ ଉତ୍ତର ଦେଇଥିଲେ, 'ହଁ, ଭଲ, ସୁନ୍ଦର ବି; ମା ମୋତେ ରହିବାକୁ ସବୁ ସମୟରେ ଭଲ ଘର ଦେଇଛନ୍ତି, ଭଲ କାମ ବି ଦେଇଛନ୍ତି, ଭଲ ପରିବେଶ ଦେଇଛନ୍ତି, ସବୁକିଛି ଭଲ, ଅତୀବ ସୁନ୍ଦର, ଆଶ୍ରମରେ ରହି ମୋର କେବେ ବି କିଛି ଅସୁବିଧା ହୋଇନି ।'

ଏଇ ଘରେ ଥିବାବସ୍ଥାରେ ଦିନେ କୌଣସି କାରଣରୁ ଗଙ୍ଗାଧର ମୂର୍ଚ୍ଛା ହୋଇ ପଡ଼ିଗଲେ । ଡାକ୍ତରଙ୍କୁ ଖବର ଦିଆଗଲା, ସେ ତତ୍‌କ୍ଷଣାତ୍ ତାଙ୍କୁ ନର୍ସିଂ ହୋମରେ ଭର୍ତ୍ତି କରାଇଲେ । ସହୃଦୟ ଡାକ୍ତର ବାବୁ ତାଙ୍କ ସକାଶେ ଆଶ୍ରମର କର୍ତ୍ତୃପକ୍ଷଙ୍କୁ ଆବେଦନ କରି ଗୋଟିଏ ଭଲ ଘର ଦିଆଯିବାକୁ ଅନୁରୋଧ କଲେ ।

ସେଇଠୁ ଗଙ୍ଗାଧରଙ୍କୁ ଆଉ ଗୋଟିଏ ଘର କଥା କୁହାଗଲା; ଟିକିଏ ଅନ୍ଧାରୁଆ ଓ ସନ୍ତସନ୍ତିଆ କିନ୍ତୁ... ! ନର୍ସିଂ ହୋମ୍‌ରେ ପୀଡ଼ିତାବସ୍ଥାରେ ଶେଯରେ ଶୋଇଥିବା ବେଳେ ସହାସ୍ୟ ବଦନରେ କହିଲେ, 'ଓ, ଠିକ୍ ଅଛି, ଯଦି କୁନୁମା (ମ୍ୟାନେଜିଂ ଟ୍ରଷ୍ଟି) ମୋ ପାଇଁ ବନ୍ଦୋବସ୍ତ କରିଛନ୍ତି, ତେବେ ମୁଁ ଭଲ ହୋଇଗଲେ ସେଇ ନୂଆ ଘରକୁ ଯିବି ।' ଶଯ୍ୟା ପାଖରେ ଉପସ୍ଥିତ ଥିବା ସୁହୃଦ୍ ବନ୍ଧୁ ଜଣଙ୍କ ତତ୍‌କ୍ଷଣାତ୍ ପ୍ରତିବାଦ କରି କହିଲେ, 'ଗଙ୍ଗାଧରଜି, ଆପଣ ସେଇ ଘରେ ରହିଲେ ନିଃଶ୍ୱାସ ନେଇ ପାରିବେ ନାହିଁ, ମରିଯିବେ !' ସେଇଠୁ ଗଙ୍ଗାଧରଜି ଅଳ୍ପ ହସି ମୃଦୁ ସ୍ୱରରେ ବନ୍ଧୁଙ୍କୁ ଆଶ୍ୱସ୍ତ କରି କହିଲେ, 'ଭାଇ, ଯାହା ବି ହେଉ ମୁଁ ତ ଅମର ନୁହେଁ !'

କିନ୍ତୁ କର୍ତ୍ତୃପକ୍ଷଙ୍କର ଭାବଧାରାରେ ପରିବର୍ତ୍ତନ ଆସିଲା । ସେ ଗଙ୍ଗାଧରଙ୍କ ପାଇଁ 'ସୁବୁ ହାଉସ୍'ର ତଳ ମହଲାରେ ଗୋଟିଏ କୋଠରି ବନ୍ଦୋବସ୍ତ କରି ଦେଲେ ଏବଂ ତୀବ୍ର ଭାବରେ ବାଧ କରାଇ ଜଣେ ଚାକରର ସାହାଯ୍ୟ ନେବା ସକାଶେ ଅନୁମତି ଦେଲେ । ଏହି ଚାକରଟି ଦୁର୍ବଳ, କ୍ଷୀଣ ବୃଦ୍ଧଟିଏ ଥିଲା ସତ, କିନ୍ତୁ ନିଜର ପାରୁପର୍ଯ୍ୟନ୍ତ ବାବୁଙ୍କର ସମସ୍ତ ଯତ୍ନ ନେଉଥିଲା । ସେ ଏକାଧାରରେ ଥିଲା ତାଙ୍କର ରୋଷେଇଆ, ଚାକର ଓ ସହଚର । କହିବା ବାହୁଲ୍ୟ ଏହି ଚାକରଟି ଅଚାନକ ଭାବରେ ଗଙ୍ଗାଧରଙ୍କ କପାଳରେ ଆସି ଜୁଟିଥିଲା ଏବଂ ବାବୁଙ୍କ ଦେହାବସାନର ଅବ୍ୟବହିତ ପରେହିଁ ଆଶ୍ଚର୍ଯ୍ୟଜନକଭାବେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଥିଲା ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ଆମ ଶରୀର

## (୧)

## ଭୋଳେଶ୍ୱର ଭୂୟାଁ

### ଶରୀର ବିଷୟରେ ଜାଣିବାର ଆବଶ୍ୟକତା

ପୂର୍ଣ୍ଣାଙ୍ଗ ଯୋଗ ପଥରେ ଶରୀର ରୂପାନ୍ତର ପାଇଁ ଶରୀର ବିଷୟରେ ପୂର୍ଣ୍ଣ ଜ୍ଞାନ ଲାଭ କରିବା ଏକାନ୍ତ ଆବଶ୍ୟକ । ସାଧାରଣ ଜୀବନରେ ମଧ୍ୟ ଏହି ଶରୀର-ବିଜ୍ଞାନ ସମ୍ପର୍କରେ ଜ୍ଞାନ ରହିଥିଲେ ଆମେ ଆମ ଶରୀରର ଯଥାର୍ଥ ସ୍ୱାସ୍ଥ୍ୟ ବଜାୟ ରଖି ପାରିଥାଉ, ଆମକୁ ସହଜରେ ରୋଗ ଆକ୍ରମଣ କରି ନଥାଏ । ଯଦି ରୋଗ ଆକ୍ରମଣ କରେ ତେବେ ଆମ ଶରୀରରେ ହୋଇଥିବା ରୋଗ ସହିତ ଯୁଦ୍ଧ କରି ତାକୁ ରୋଗ ମୁକ୍ତ କରିବା ଆମ ପକ୍ଷେ ସହଜ ହୋଇଥାଏ । ରୋଗ ଆମକୁ କାହିଁକି ହୁଏ ଓ କେଉଁ ଯନ୍ତ୍ର ବା କେଉଁ ଅଂଶ ଆକ୍ରାନ୍ତ ହୁଏ ସେ ବିଷୟରେ ଆମେ ଜାଣି ନଥିଲେ ଯୋଗ ସାଧନା କରୁଥିଲେ ମଧ୍ୟ ରୋଗକୁ ଆରୋଗ୍ୟ କରିପାରି ନଥାଉ । ହଁ, ଏକଥା ସମ୍ପୂର୍ଣ୍ଣ ଠିକ୍ । ଆମେ ଶ୍ରୀଅରବିନ୍ଦଙ୍କ ଜୀବନକାଳରେ ଏକ ଘଟଣାରୁ ଏହା ବୁଝି ପାରିବୁ ।

ମା'ଙ୍କୁ ଥରେ ଭୀଷଣ ଜ୍ୱର ହେଲା । ଶରୀରର ଉତ୍ତାପ ୧୦୫ରୁ ୧୦୮ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଗଲା । ଶ୍ରୀଅରବିନ୍ଦ ଯେତେ ଯୋଗଶକ୍ତି ପ୍ରୟୋଗ କଲେ ମଧ୍ୟ ମା'ଙ୍କ ଜ୍ୱର କମିଲା ନାହିଁ । ଶ୍ରୀଅରବିନ୍ଦ ବ୍ୟସ୍ତ ହୋଇ ପଡ଼ିଲେ । ଶେଷରେ କଲିକତା ନିବାସୀ ଜଣେ ଶ୍ରୀଅରବିନ୍ଦଙ୍କ ଭକ୍ତ ଡାକ୍ତର ମହାଶୟଙ୍କୁ ଫୋନ୍ କରାଗଲା ଶୀଘ୍ର ଆସିବା ପାଇଁ । ଡାକ୍ତର ବାବୁ ଆଶ୍ଚର୍ଯ୍ୟ ହୋଇ ତତ୍‌କ୍ଷଣାତ୍ ପ୍ଲେନ୍‌ରେ ଆସି ପଣ୍ଡିଚେରୀରେ ପହଞ୍ଚିଲେ । ସେ ମନେ ମନେ ଭାବୁଥିଲେ ଶ୍ରୀଅରବିନ୍ଦ ଥାଉ ଥାଉ ମୋ ଭଳି ଏକ ନଗଣ୍ୟ ଡାକ୍ତରଙ୍କର ଆବଶ୍ୟକତା କ'ଣ ? ଆଶ୍ରମରେ ପହଞ୍ଚି ସିଧା ସେ ଶ୍ରୀଅରବିନ୍ଦଙ୍କ ପାଖକୁ ଗଲେ ଓ ତାଙ୍କୁ ପ୍ରଣାମ କଲେ । ଶ୍ରୀଅରବିନ୍ଦ ଗଭୀର ଅଭିନିବେଶ ସହ ପଦଚାରଣ କରୁଥିଲେ । ସେ ଡାକ୍ତର ବାବୁଙ୍କୁ ଆଶୀର୍ବାଦ ଦେଇ କହିଲେ, 'ତୁମର ରୋଗୀ ଉପର ମହଲାରେ ଅଛନ୍ତି – ଶୀଘ୍ର ଯାଅ' । ଡାକ୍ତର ବାବୁ ମା'ଙ୍କ ରୁମ୍‌କୁ ପଶିବା ମାତ୍ରେ ତାଙ୍କର ଦୃଷ୍ଟି ମା'ଙ୍କ ଡାହାଣ ଗୋଡ଼ ଉପରେ ପଡ଼ିଲା । ଗୋଡ଼ଟି ନୀଳ ବର୍ଣ୍ଣ ହୋଇ ଯାଇଥିଲା । ମା ଆଖି ବୁଜି ବିଛଣାରେ ଶୋଇଛନ୍ତି । ଅର୍ଥାତ୍ ମା'ଙ୍କର ଗୋଡ଼ରେ ରୋଗ ଆକ୍ରମଣ ହୋଇ ଜ୍ୱର ହୋଇଥିଲା । ଡାକ୍ତର ବାବୁ ମା'ଙ୍କର ଜ୍ୱର ମାପିବା ପାଇଁ ଥର୍ମୋମିଟରଟି ହାତରେ ଧରି ମା'ଙ୍କ ଶଯ୍ୟା ପାଖକୁ ଅଗ୍ରସର ହୋଇ ଆସ୍ତେ ଆସ୍ତେ ହାତକୁ ମା'ଙ୍କ ମୁହଁ ପାଖକୁ ନେଲେ । ସେ ଭାବୁଥା'ନ୍ତି ମା'ଙ୍କୁ କିପରି କହିବେ ତାଙ୍କ ମୁହଁ ଖୋଲିବା ପାଇଁ । କିନ୍ତୁ ମା ଆଖି ବୁଜିବା ଅବସ୍ଥାରେ ମୁହଁଟି ଖୋଲି ଦେଲେ । ଡାକ୍ତରବାବୁ ଜ୍ୱର ମାପି ଦେଖିଲେ ୧୦୮° ଜ୍ୱର ଅଛି । ତଳକୁ ଆସି ଶ୍ରୀଅରବିନ୍ଦଙ୍କୁ କହିଲେ ଗୋଡ଼ରେ infection ହେତୁ ମା'ଙ୍କର ଜ୍ୱର ହୋଇଛି । ଶ୍ରୀଅରବିନ୍ଦ ଆଶ୍ୱସ୍ତ ହେଲେ । ଆଶ୍ରମ ନିକଟରେ ଥିବା ଏକ ଘରେ ଡାକ୍ତର ବାବୁଙ୍କ ରହିବାର ବ୍ୟବସ୍ଥା ହୋଇଥିଲା । ସକାଳେ ଉଠି ମା'ଙ୍କ ଜ୍ୱର ବିଷୟରେ ଭାବୁଥିବା ସମୟରେ ଦରଜାରେ ଠକ୍ ଠକ୍ ଶବ୍ଦ ହେବାର ଶୁଣିଲେ । ସେ ଦରଜା ଖୋଲି ଦେଖିଲେ ଦରଜା ପାଖରେ ଜଣେ ସାଧକ ଦଣ୍ଡାୟମାନ । ସେ ଶ୍ରୀଅରବିନ୍ଦଙ୍କ ସଂଦେଶ ନେଇ ଆସିଛନ୍ତି । ମା'ଙ୍କର ଜ୍ୱର କମି ଯାଇଛି, ଏଥିପାଇଁ ଶ୍ରୀଅରବିନ୍ଦ ଡାକ୍ତରବାବୁଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଡାକ୍ତରବାବୁ ଅବାକ୍ ହୋଇଗଲେ । ଏହା କିପରି କଥା ! ପରେ ସେ ବୁଝିଲେ ଶ୍ରୀଅରବିନ୍ଦ ମା'ଙ୍କ ଜ୍ୱରର ଅସଲ କାରଣ ଜାଣିବା ପରେ ତାଙ୍କର ଯୋଗଶକ୍ତି ପ୍ରୟୋଗ କରି ମା'ଙ୍କର ଜ୍ୱର ଭଲ କରି ପାରିଥିଲେ ।

ଡାକ୍ତର ବାବୁଙ୍କର ଜଣେ ନାତି ଆଶ୍ରମରେ ରହୁଥିଲେ । ସେ ମା'ଙ୍କର ଏହି ଅସୁସ୍ଥତା ସମ୍ପର୍କରେ ଡାକ୍ତର ବାବୁଙ୍କର ଏକ ଲେଖା ଏ ଲେଖକକୁ ଦେଇଥିଲେ । ତାକୁ ପଢ଼ି ମୁଁ କୃତାର୍ଥ ହେଲି । ପ୍ରକାଶ ଥାଉକି ସେ ନାତି ଜଣକ ମଧ୍ୟ ସଂସାର ଛାଡ଼ି ଚାଲି ଯାଇ ସାରିଲେଣି ।

ରୋଗ ଆରୋଗ୍ୟର ଯୌଗିକ ଶକ୍ତି ଆମ ଭିତରେ ଥିଲେ ମଧ୍ୟ ତାକୁ ସେପର୍ଯ୍ୟନ୍ତ ଠିକ୍ ଭାବରେ ଉପଯୋଗ କରି ପାରିବୁ ନାହିଁ ଯଦି ଆମର ଶରୀର ବିଷୟରେ ଜ୍ଞାନ ଓ ରୋଗ ବିଷୟରେ ଜ୍ଞାନ ନଥାଏ ।

ଶରୀର ବିଷୟରେ ଜ୍ଞାନ ଅର୍ଜନ କରିବାର କୌଣସି

ଅନ୍ତ ନାହିଁ । ମା' କହୁଛନ୍ତି : ''Each cell is a world in miniature corresponding to the whole.''

(CWM - 12, p. 343)

ଅର୍ଥାତ୍ ପିଣ୍ଡର ପ୍ରତ୍ୟେକଟି କୋଷାଣୁ ହେଉଛି ବ୍ରହ୍ମାଣ୍ଡ ବା ସମଗ୍ର ସହ ମେଳ ଖାଉଥିବା ଗୋଟିଏ ଗୋଟିଏ କ୍ଷୁଦ୍ର ଜଗତ୍ । ଆମେ ଯଦି ଆମ ଶରୀର କୋଷ ବିଷୟରେ ସବୁ ଜ୍ଞାନ ପ୍ରାପ୍ତ ହେଉ ତେବେ ଏ ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ମଧ୍ୟ ସମସ୍ତ ଜ୍ଞାନ ପାଇ ପାରିବୁ । ମା ପୁଣି କହୁଛନ୍ତି : ''ପ୍ରତ୍ୟେକ ଶରୀର କୋଷର ଆଭ୍ୟନ୍ତରୀଣ ଗଠନ ସାରା ବ୍ରହ୍ମାଣ୍ଡ ଗଠନର ଏକ କ୍ଷୁଦ୍ର ପ୍ରତୀକ । ଏହିପରି ଭାବରେ ବାହ୍ୟ ଅବସ୍ଥା ସହିତ ଆନ୍ତର ଅବସ୍ଥାର ସମ୍ବନ୍ଧ ସ୍ଥାପିତ ହୋଇଥାଏ ।''

କେବଳ ସାରା ବ୍ରହ୍ମାଣ୍ଡ ବିଷୟରେ ଜାଣିବା ଯଥେଷ୍ଟ ନୁହେଁ । ଭଗବାନଙ୍କ ସହାୟତାରେ ପ୍ରକୃତି କ୍ରମ ବିବର୍ତ୍ତନ ପଥରେ ନିର୍ଜୀବ ମାଟି ଓ ପଥରରେ ପ୍ରାଣର ସଞ୍ଚାର କରି ବୃକ୍ଷ, ଲତାଠାରୁ ଆରମ୍ଭ କରି ବିଭିନ୍ନ ଜୀବଜାତି ସୃଷ୍ଟି କରି ଶେଷରେ ଏହି ଜଡ଼ରେ ମନର ବିକାଶ କରି ମଣିଷ ସୃଷ୍ଟି କରି ପାରିଛି; ଏପରିକି ମଣିଷ ଭିତରେ ସ୍ୱୟଂ ଭଗବାନଙ୍କ ପ୍ରତିନିଧି ଭାବରେ ଚୈତ୍ୟସତ୍ତାର ଉତ୍ପତ୍ତି ହୋଇ ପାରିଛି – ଏହା ଏକ ଚମତ୍କାର ଘଟଣା ନୁହେଁ କି ?

କ୍ରମବିବର୍ତ୍ତନର ଏହି ପ୍ରକ୍ରିୟା କ'ଣ ଅପୂର୍ଣ୍ଣ ମଣିଷ ପାଖରେ ଶେଷ ହୋଇଯିବ ? ଏଥିରେ କ'ଣ ଭଗବାନ୍ ସନ୍ତୁଷ୍ଟ ହେବେ ? ଭଗବାନ୍ ଚାହାନ୍ତି ଏହି ସୃଷ୍ଟିରେ ଏକ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ଜୀବ ଜାତି ସୃଷ୍ଟି କରିବା ପାଇଁ । ଏହି କାମ କରିବା ପାଇଁ ପ୍ରକୃତି ଚେଷ୍ଟା କରି ଚାଲିଛି । ଏଥିପାଇଁ ପ୍ରକୃତିକୁ ଛ'ଟି ସୃଷ୍ଟି ଧ୍ୱଂସ କରିବାକୁ ପଡ଼ିଛି । କିନ୍ତୁ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ଜୀବଜାତି ଏପର୍ଯ୍ୟନ୍ତ ସୃଷ୍ଟି ହୋଇ ପାରି ନାହିଁ । ଏବେ ଆମେ ସପ୍ତମ ସୃଷ୍ଟିର ବାସିନ୍ଦା । ଏହି ସପ୍ତମ ସୃଷ୍ଟି ଆଉ ପୂର୍ଣ୍ଣ ରୂପେ ଧ୍ୱଂସ ହେବ ନାହିଁ । କାରଣ ଏହାର ଆରମ୍ଭ ହୋଇଛି ଏକ ଭାରସାମ୍ୟର ସୂତ୍ରକୁ ନେଇ । ଏଇ ସୃଷ୍ଟିର ଅଗ୍ରଗତି ପାଇଁ ଯେତେସବୁ ବାଧା ବିପତ୍ତି ଆସିବ, ସେସବୁକୁ ଏହି ଭାରସାମ୍ୟର ଶକ୍ତି ଠିକ୍ କରି ଦେବ । ତେଣୁ ଏ ସୃଷ୍ଟିର ପୂର୍ଣ୍ଣ ଧ୍ୱଂସ ସମ୍ଭବ ନୁହେଁ – ଏକଥା ମା କହିଛନ୍ତି । ଏହି ସପ୍ତମ ସୃଷ୍ଟି ଭଗବାନଙ୍କର ଇପ୍ସିତ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ଏକ ଜୀବଜାତିକୁ (ଅତିମାନବକୁ) ଅବଶ୍ୟ ଜନ୍ମ ଦେବ । ଏ କାମ ପ୍ରକୃତି ଦ୍ୱାରା ଆଉ ହୋଇପାରିବ ନାହିଁ । ପ୍ରକୃତିର ପୂର୍ଣ୍ଣ ଜ୍ଞାନ ନାହିଁ । ତେଣୁ ଏହା ଜୀବଜାତିଙ୍କୁ ବିଭିନ୍ନ ଭାବରେ ଗଢ଼େ ଓ ମନଃପୂତ ନହେଲେ ତାକୁ ଭାଙ୍ଗି ପୁଣି ନୂତନ ଭାବରେ ତିଆରି କରେ । ଅତଏବ ଏହି ଅଜ୍ଞାନ ପ୍ରକୃତି ଭିତରୁ ଏକ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ଜୀବଜାତି କିପରି ସୃଷ୍ଟି ହେବ ?

ତେଣୁ ଭଗବାନ୍ ନିଜେ ଏହି କାମ କରିବାକୁ ସ୍ଥିର କରି ନୂତନ ଜୀବଜାତିକୁ ଗଢ଼ିବାର କାମ ଆରମ୍ଭ କଲେ । ସେ ଦେବମୁହୂର୍ତ୍ତ ସୃଷ୍ଟି କଲେ । ଏହି ଦେବମୁହୂର୍ତ୍ତରେ ସମସ୍ତ ଦେବାଦେବୀ ସକ୍ରିୟ ଭାବେ ଭଗବାନଙ୍କର ସହଯୋଗ କରିବା ପାଇଁ ଆଗଭର ହେଲେ । ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା ଏହି ନୂତନ ଯୁଗ ରଚନାର ଶୁଭାରମ୍ଭ କରିବା ପାଇଁ ଅବତାର ରୂପେ ପୃଥିବୀପୃଷ୍ଠରେ ଜନ୍ମ ନେଲେ । ତାଙ୍କରି ମାଧ୍ୟମରେ ଏ ପୃଥିବୀପୃଷ୍ଠରେ ଅତିମାନସ ଶକ୍ତି ଅବତରଣ କରି କ୍ରିୟାଶୀଳ ହେଲା ।... ଏ ପୃଥିବୀରେ ଏକ ମହାବିପ୍ଲବର ଆରମ୍ଭ ହେବ – ଆଧ୍ୟାତ୍ମିକ ବିପ୍ଳବ ।

ପୂର୍ବର ଅଧ୍ୟାତ୍ମ ଯୋଗ ଓ ଏହି ନୂତନ ଆଧ୍ୟାତ୍ମିକ ଯୋଗ ମଧ୍ୟରେ ଆକାଶ ପାତାଳ ତଫାତ ରହିଛି । ପୁରାତନ ଯୋଗରେ ଶରୀରକୁ ବାଦ୍ ଦେଇ କେବଳ ମନ, ପ୍ରାଣ ଓ ଚେତନାକୁ ନେଇ ତା'ର ପୂର୍ଣ୍ଣତା ପାଇଁ ଚେଷ୍ଟା କରି ଆସିଛି । କିନ୍ତୁ ନୂତନ ଅଧ୍ୟାତ୍ମ ଯୋଗରେ ଶରୀରକୁ ମଧ୍ୟ ଗ୍ରହଣ କରାଯାଇଛି । ଯେହେତୁ ଏହି ଶରୀର ନିଶ୍ଚେତନାରୁ ସୃଷ୍ଟି ହୋଇଛି ସେଥିପାଇଁ ଏଥିରେ ଅସଂଖ୍ୟ ବିକୃତି ରହିଛି । ଏହାର ରୋଗ, ଜରା, ମୃତ୍ୟୁ, ଦୁଃଖ, କଷ୍ଟ, ଯନ୍ତ୍ରଣାର ବିକୃତି ବିଷୟରେ କିଏ ନଜାଣେ ? ଏହାଛଡ଼ା ଅଜ୍ଞାନରେ ପୂର୍ଣ୍ଣ ବିକୃତ ମନ, ପ୍ରାଣ ଏହାର ପରିଚାଳନାର ଭାର ନେଇ ଏହାକୁ ନିଜର ଦାସ କରି ଦେଇଛନ୍ତି । ଏ ଅବସ୍ଥାରେ ଶରୀର କିପରି ଯୋଗ କରିବ, ଶରୀରର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା କିପରି ଆସିବ ? ଏହା କୌଣସି ବ୍ୟକ୍ତି ବିଶେଷ ପକ୍ଷରେ ସମ୍ଭବ ନୁହେଁ । ତେଣୁ ସ୍ୱୟଂ ଭଗବାନ୍ ଏହାର ଭାର ନେଇଛନ୍ତି । ଭଗବାନହିଁ ଶରୀର ଭିତରେ ଜଡ଼ର ଯୋଗ ଆରମ୍ଭ କରି ଦେଇଛନ୍ତି । ଶରୀର ଦିବ୍ୟତା ପ୍ରାପ୍ତ ହୋଇ, ଏହାର ସମସ୍ତ ବିକୃତିକୁ ଦୂର କରି ଶେଷରେ ଏହା ଅମର ହେବ । ଏହି କଠିନ ସିଦ୍ଧି ଆଣିବା ଏକ କଠିନ ଓ ସମୟସାପେକ୍ଷ ପ୍ରଚେଷ୍ଟା । ଏଥିରେ ମଣିଷ ସ୍ୱେଚ୍ଛାକୃତ ଭାବେ ସହଯୋଗ କରି ପାରିଲେ ଏହା ହୁଏତ କିଛିଟା ସହଜ ଓ ଅଳ୍ପ ସମୟସାପେକ୍ଷ ହୋଇପାରେ । ଏହି ସହଯୋଗର ଏକ ମାତ୍ର ଉପାୟ ହେଲା ସମର୍ପଣ । ଅର୍ଥାତ୍ ଆମ ଶରୀରକୁ ମନ, ପ୍ରାଣ ଓ ଅହଂକାରରୁ ମୁକ୍ତ କରି ଏହାକୁ

ଦିବ୍ୟଜନନୀଙ୍କୁ ଅର୍ପଣ କରିବାକୁ ହେବ । ତେବେ ଯାଇ ଶରୀରର ଯୋଗ ଆରମ୍ଭ ହେବ ।

ଯେପରି ପ୍ୟୁପାରୁ ଏକ ସୁନ୍ଦର ପ୍ରଜାପତି ଜନ୍ମ ନିଏ, ସେହିପରି ଏହି ମର ଶରୀରରୁ ଏକ ଅମର ଓ ସୁନ୍ଦର ଶରୀର ଜନ୍ମ ହେବ । ଏହାକୁ କୁହାଯାଏ ଶରୀର ରୂପାନ୍ତର । ବର୍ତ୍ତମାନ ଶରୀର ପରିଚାଳନା ପାଇଁ ପ୍ରକୃତି ଏକ ରାସାୟନିକ ପ୍ରକ୍ରିୟା (Metabolism) ଅବଲମ୍ବନ କରିଛି । କିନ୍ତୁ ଭବିଷ୍ୟତର ଦିବ୍ୟ-ରୂପାନ୍ତରିତ ଶରୀରର ପରିଚାଳନା କିପରି ହେବ ତାହା କାହାରିକୁ ଜଣା ନାହିଁ । ଅତିମାନସ ଶକ୍ତି ଏ ପୃଥିବୀରେ ଅବତରଣ କଲାପରେ ଓ ମା'ଙ୍କ ଅର୍ଦ୍ଧ ରୂପାନ୍ତରିତ ଶରୀର ବିଶ୍ୱବ୍ୟାପ୍ତ ହେବା ପରେ ଏହି ପରିଚାଳନା ଦ୍ୱାରା ମଣିଷ ଭିତରେ ବୀଜ ରୋପିତ ହୋଇ ପାରିଛି । ପ୍ୟୁପାରୁ ପ୍ରଜାପତି ଜନ୍ମ ନେବା ସମୟରେ ପ୍ୟୁପାକୁ ପରିଚାଳନା କରୁଥିବା ପ୍ରକ୍ରିୟା ସ୍ଥଗିତ ହୋଇ ଏହା ଭିତରେ ବୀଜାକାରରେ ଥିବା ପ୍ରଜାପତିର ପରିଚାଳନା ପ୍ରକ୍ରିୟା ଆରମ୍ଭ ହୁଏ ଓ ପ୍ୟୁପାର ମୃତ୍ୟୁ ଘଟେ । ସେହିପରି ଏହି ମର ମଣିଷ ଭିତରେ ଏକ ନୂତନ ଜୀବଜାତିର ସୃଷ୍ଟି ହେବ ।

ଏଥିପାଇଁ ଦରକାର ଉପଯୁକ୍ତ ଗ୍ରହଣଶୀଳତାର ଆଧାର ସହିତ ବୀଜାକାରରେ ସୁପ୍ତ ବିକଶିତ ଚୈତ୍ୟସତ୍ତା । ଆମର ମନ ଯେତେ ବିକଶିତ ହେଲେ ମଧ ଏହି ରୂପାନ୍ତର କାମ ପାଇଁ ଏହାର ଆବଶ୍ୟକତା ନଥାଇପାରେ । ବରଂ ଏହାକୁ ଶାନ୍ତ, ନିରବ କରି ଶରୀରର ବାହାରେ ରଖିବାକୁ ପଡ଼ିବ । ଶରୀରକୁ ପ୍ରାଣର କବଳରୁ ମଧ ମୁକ୍ତ କରିବାକୁ ହେବ । ଶେଷରେ ଶରୀର ଚେତନାକୁ ପୂର୍ଣ୍ଣ ଜାଗ୍ରତ୍ କରି ଏହାର ପରିଚାଳନା ପାଇଁ ପରମପ୍ରଭୁଙ୍କ ହାତରେ ଏହାକୁ ଛାଡ଼ି ଦେବାକୁ ହେବ । ଶରୀର, ମନ ତଥା ସାମୂହିକ କୋଷସ୍ଥିତ ମନକୁ ଜାଗ୍ରତ୍ କରିବାକୁ ହେବ ।

ଏହିସବୁ କାମ କରିବା ପାଇଁ ମନ, ପୁରୁଣା ଯୋଗ ଓ ପୃଥିବୀର ପଞ୍ଜୀକୃତ ମାନସିକ ଜ୍ଞାନ ଆମକୁ ବିଶେଷ କିଛି ସାହାଯ୍ୟ କରି ପାରିବ ନାହିଁ । ଆମର ପ୍ରୟୋଜନ ସିଧାସଳଖ ଜ୍ଞାନ – ଦିବ୍ୟ ଜ୍ଞାନ – ଅତିମାନସର ଜ୍ଞାନ । ଏଥିପାଇଁ ପ୍ରଥମେ ମନକୁ ରୂପାନ୍ତରିତ କରି ପାରିଲେ ଏହା ଆମ ପାଇଁ ସହଯୋଗୀ ହୋଇଥାଏ । ଏ ବିଷୟରେ ମା କହୁଛନ୍ତି : "When you see the Whole as a growing self-awareness, the mind enriches – it enriches the Whole. And when each thing is in its own place, it all becomes so harmonious and simple, but with such full and complete and perfect simplicity that everything is used."

(*The Mother's Yoga*, Part-1, P. 350)

ଅର୍ଥାତ୍ : ''ଯେତେବେଳେ ତୁମେ ଦେଖ ଯେ ସବୁକିଛି (ପୃଥିବୀ) ଅଧିକରୁ ଅଧିକ ଆତ୍ମ-ସଚେତନ ହେବାକୁ ଚାହୁଁଛି, ସେତେବେଳେ ମନର ବିଶେଷ ଉନ୍ନତି ହୋଇଥାଏ – ଏହା ସମଗ୍ରକୁ ମଧ ଉନ୍ନତ ସ୍ତରକୁ ଆଣିଥାଏ । ଯେତେବେଳେ ପ୍ରତ୍ୟେକ ବସ୍ତୁ ସେମାନଙ୍କ ନିଜ ନିଜ ସ୍ଥାନରେ ଅବସ୍ଥାନ କରନ୍ତି ସେତେବେଳେ ସବୁକିଛି ସାମଞ୍ଜସ୍ୟପୂର୍ଣ୍ଣ ଓ ସରଳ ହୋଇଯାଏ । ଏହି ପୂର୍ଣ୍ଣତମ ସରଳତା ଦ୍ୱାରା ସବୁକିଛିକୁ ବ୍ୟବହାର କରାଯାଏ ।''

(କ୍ରମଶଃ) ❑

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ ଜୀବନକୁ ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ୍ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସଂଧାନ କରେ ।

– ଶ୍ରୀଅରବିନ୍ଦ

# ଅରଣା ସ୍ୱପ୍ନର ରାତି

## (୨)

## ଶେଖ ଅବଦୁଲ କାଶମ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ବିବାହର ପରବର୍ତ୍ତୀ ଘଟଣାଟିକୁ ଲେଖିକା ଏହି ଭାବରେ ବର୍ଣ୍ଣନା କରିଛନ୍ତି –''ସେଇ ରାତିରେ ଦେବଶିଶୁଟି ଜୋସୁର ଗର୍ଭକୋଷରେ ନିଜ ସ୍ଥିତିର ବିଶ୍ୱାସ୍ୟ ଇସ୍ତାହାର ଘୋଷଣା କଲା । ସେମାନେ ତା' କଥା ଭାବୁ ନଥିଲେ । ପ୍ରେମିକମାନେ ଭାବନ୍ତି ନାହିଁ । ସେମାନେ କେବଳ ସେମାନଙ୍କ ପ୍ରେମକୁ ଅନୁଭବ କରନ୍ତି । ପ୍ରେମ ଏତେ ବିରାଟ ହୋଇ କେତେ ସହଜ ଭାବରେ ଆରମ୍ଭ ହୁଏ । ପୃଥିବୀର ସବୁ ଅଂଶରେ ଏହା ବିଦ୍ୟମାନ । ପୁରୁଷମାନେ କେବଳ ପ୍ରେମକୁ ଦେଖନ୍ତି, ପ୍ରେମକୁହିଁ ସବୁଥିରେ ଅନୁଭବ କରନ୍ତି । ତା'ପରେ ଯାହା ପରିବ୍ୟାପ୍ତ ଓ ନିରାକାର ତାହା ଆକାର ଗ୍ରହଣ କରେ ।... ଜୋସୁ ଗର୍ଭରେ ଏହି ଦିବ୍ୟ ସନ୍ତାନ ପ୍ରାୟ ଆକାର ଗ୍ରହଣ କରିଥିଲା । ଗୋଟିଏ ଉଜ୍ଜ୍ୱଳ ଆଲୋକବିନ୍ଦୁ ସ୍ଥିର ବିନ୍ଦୁର ପାଖକୁ ଆସିଥିଲା ।...''

ବିବାହ ପରେ ଆଲେନ୍ ସ୍ୱଦେଶ ଆମେରିକାକୁ ଯାତ୍ରା କରିଛି । ବିଦାୟପୂର୍ବରୁ କଥା ଦେଇଛି ସେ କେତେ ସପ୍ତାହ ପରେ ପୁଣି ଫେରିଆସି ତାକୁ ସେଠାକୁ ନେଇଯିବ ।

ଆମେରିକାକୁ ଫେରି ଆଲେନ୍ ତା' ମାଆ ଶ୍ରୀମତୀ କେନେଡ଼ିଙ୍କ ଆଗରେ ତା'ର ବିବାହ କଥା ଖୋଲି କହିଛି । ଶ୍ରୀମତୀ କେନେଡ଼ି କିନ୍ତୁ ଜୋସୁକୁ ବୋହୂ ରୂପେ ସ୍ୱାଗତ କରିବାକୁ ପ୍ରସ୍ତୁତ ହୋଇନାହାନ୍ତି । ସେ ପୁଅକୁ କହିଛନ୍ତି –''ଆମେ ଜାପାନ ସହିତ ଯୁଦ୍ଧ କରୁଛୁ, ସେମାନେ ଆମର ଶତ୍ରୁ । ପୁଣି ଏକଥା ଅଦ୍ଭୁତ । ପୂର୍ବ ପରି ଏ ସମୟ ନୁହେଁ । ତୁ ମୋତେ କହୁଛୁ ଜଣେ ଜାପାନୀ ଝିଅକୁ ସ୍ୱାଗତ କରିବା ପାଇଁ ...'' । ଆଲେନ୍‌ର ପିତା ମି. କେନେଡ଼ି ପରିସ୍ଥିତିକୁ ହୃଦୟଙ୍ଗମ କରି ନିଜ ପତ୍ନୀଙ୍କୁ ବୁଝାଇଛନ୍ତି –''ନାତିନାତୁଣୀଙ୍କ ମାଆ ହେବାକୁ ଆମେ ସିନ୍ଥିଆକୁ ଚାହିଁଥିଲେ । ହେଲେ ଆମ ପୁଅ ଭିନ୍ନ କଥା ଚାହିଁଲା ଓ କଲା । ଆଉ ଏକଥା ବଦଳାଇ ପାରିବାନି । ଆମକୁ ଗ୍ରହଣ କରିବାକୁ ହେବ ।...'' ଶ୍ରୀମତୀ କେନେଡ଼ି କିନ୍ତୁ ବୁଝିବାକୁ ପ୍ରସ୍ତୁତ ନଥିଲେ । ତାଙ୍କ କଳ୍ପନା ନେତ୍ରରେ ଛୋଟ ଛୋଟ ଅଧା ଜାପାନୀ ନାତିନାତୁଣୀମାନେ ତାଙ୍କ ଘରେ ଦୌଡ଼ାଦୌଡ଼ି କରୁଥିବାର ଦୃଶ୍ୟ ତାଙ୍କ ପକ୍ଷରେ ଅସହନୀୟ ହୋଇପଡ଼ିଲା । ସେ ଉତ୍‌କ୍ଷିପ୍ତ ଓ ବିଷଣ୍ଣ ହୋଇ ସ୍ୱାମୀଙ୍କୁ କହିଲେ – ''... ଗୋଟିଏ କଳା ଆଖିଆ ସ୍ତ୍ରୀଲୋକ ଏଇ ଘରେ, ଏଇ ସହରରେ, ଚଳପ୍ରଚଳ ହେବା କଥା ତୁମେ ଭାବିପାରୁଛ ? ତାକୁ ଭୋଜି ସଭାକୁ କିଏ ନିମନ୍ତ୍ରଣ କରିବ ? ଆମ ଜୀବନ ଶେଷ ହୋଇଯିବ ସିନା !''

ପରମ୍ପରା ଓ ଚଳଣି ପ୍ରତି ଶ୍ରୀମତୀ କେନେଡ଼ିଙ୍କର ପ୍ରଚଣ୍ଡ ମୋହ ଏଠାରେ ଲକ୍ଷ୍ୟ କରିବା କଥା ।

ବୋହୂକୁ ଗ୍ରହଣ କରିବା ବିଷୟରେ ପତ୍ନୀଙ୍କୁ ସମ୍ମତ କରି ନପାରି ମି. କେନେଡ଼ି ବିଷାଦଗ୍ରସ୍ତ ହୋଇପଡ଼ିଛନ୍ତି । ଏ ଦୁଃସହ ପରିସ୍ଥିତିରେ ସେ ଅତିରିକ୍ତ ମଦ୍ୟପାନ କରି ଦୁଃଖ ପାସୋରିବାକୁ ମନସ୍ଥ କରିଛନ୍ତି । ଜୀବନରେ ଅଭିଳାଷ, ସମ୍ମାନ, ଜନମତ, ବିଳାସ ଓ ମାନବିକତାର ଚିତ୍କାର – ଏଇସବୁ ଦ୍ୱାରା ଅବରୁଦ୍ଧ ଜଣେ ମଣିଷର ସମସ୍ୟା ବିଷୟରେ ସେ ଭାବିବାକୁ ଲାଗିଛନ୍ତି । ଯଦି ସେଇ ଛୋଟ ଜାପାନୀ ନାରୀଟି ଘରକୁ ଆସେ ତାଙ୍କର କିଛି ଲାଭ ବା କ୍ଷତି ହେବ ନାହିଁ । କିନ୍ତୁ ଯଦି ତାଙ୍କର ସ୍ତ୍ରୀ ଓ ପୁତ୍ର ଉଭୟେ ସୁଖ ନପାଇବେ, ସେ ନିଜେ ଅନ୍ତତଃ ସୁଖ ପାଇବେ ତ !

ଜୋସୁ ଆଲେନ୍ ପାଖରୁ ମଝିରେ ମଝିରେ ଚିଠି ପାଉଥିଲା । କେତେ ମାସର ବିଚ୍ଛେଦ ଭିତରେ ସେ ଅନୁଭବ କରିବାକୁ ଲାଗିଲା ଯେ ଆଲେନ୍‌ର ମନୋବଳ ବେଶୀ ଦୃଢ଼ ନୁହେଁ । ସେ ମାଆବାପାଙ୍କ ଉପରେ ନିର୍ଭରଶୀଳ । ପରିବାରଠାରୁ ସ୍ୱାଧୀନ ହୋଇ ନିଜ ଇଚ୍ଛାନୁସାରେ କାମ କରିବାକୁ ଆଲେନ୍ ପ୍ରସ୍ତୁତ ନୁହେଁ ।

ଜୋସୁ ଆମେରିକା ଚାଲିଆସିଛି । ଆଲେନ୍ ତାକୁ ହୋଟେଲରେ ନେଇ ରଖିଛି । ମାସକ ପରେ ଘରକୁ ନେବ ବୋଲି ଜୋସୁକୁ ଆଶ୍ୱାସନା ଦେଇଛି । ଜୋସୁ ବାରଂବାର ଅଳି କରିଛି ଘରକୁ ନେବା ପାଇଁ । କିନ୍ତୁ ଆଲେନ୍ ତା'ର ଅଳି ପୂରଣ କରି ପାରି ନାହିଁ । ସେପଟେ ଶ୍ରୀମତୀ କେନେଡ଼ି ନିଜ ଜିଦ୍‌ରେ ଅଟଳ, ଜାପାନୀ ବୋହୂକୁ କଦାପି ଘରକୁ ଆଣିବେ ନାହିଁ । ଆମେରିକାର ନିୟମ କଳାଗୋରାର ବିବାହକୁ ନିଷେଧ କରିଛି ।

ଏଇ କଥାଟିକୁ ଶ୍ରୀମତୀ କେନେଡ଼ି ଜୋର୍ କରି କାମୁଡ଼ି ଧରିଛନ୍ତି ।

ଆଲେନ୍ ସୈନ୍ୟବାହିନୀରୁ ବାହାରି ଆସି ନିଉୟର୍କରେ ଏକ ସାପ୍ତାହିକ ଖବର କାଗଜରେ ଚାକିରି କଲା । ଏକ ନଦୀକୂଳର ଛୋଟ ବସାରେ ସେ ଜୋସୁକୁ ନେଇ ରହିଲା । ଘର, ଶୈଶବ ଓ ମାତାପିତାଙ୍କ ଅନାତ୍ମୀୟତା କଥା ସେ ବେଳେ ବେଳେ ଭାବି ଭାବି ରାଗିଯାଏ । କ୍ରମେ ତା' ବ୍ୟବହାରରେ ରୁକ୍ଷତା ପ୍ରକାଶ ପାଇଲା । ସେ ଅଜ୍ଞାତରେ ଜିଦ୍ କରିବା, ରାଗିବା, ଅବାଧ ହେବା ଆରମ୍ଭ କଲା – ଏପରିକି ପ୍ରିୟ ପତ୍ନୀ ଜୋସୁଠାରେ ମଧ । ଜୋସୁ ନିଜର ଭୁଲ୍ କେଉଁଠି ରହିଛି ବୁଝିପାରିଲା ନାହିଁ । କାରଣ ନିଜ ଘର କାମ ସେ ଠିକ୍ ଠିକ୍ କରିଯାଉଛି । ଅନେକ ସମୟରେ ଘରଟା ତାକୁ ବାକ୍ସ ଭଳି ଲାଗିଲା; ତା'ର ସୁନ୍ଦର ମନ ବ୍ୟସ୍ତ, ବିବ୍ରତ ହୋଇପଡ଼ିଲା । ସେ ଅନୁଭବ କରୁଥିଲା ତା'ର ପ୍ରେମ କ୍ଲାନ୍ତିରେ ପରିଣତ ହୋଇଯାଇଛି ।

ନିଜ ଗର୍ଭରେ ଶିଶୁଟିର ଉପସ୍ଥିତି ଅନୁଭବ କଲାପରେ ଜୋସୁ ତା'ର ନାମ ଦେଇଛି ଲେନି । ଜନ୍ମପୂର୍ବରୁହିଁ ତା' ଭବିଷ୍ୟତ୍ କଥା ସେ ଚିନ୍ତା କରିବାରେ ଲାଗିଛି । ତା'ର ଆଶଙ୍କା ହୋଇଛି –''ଆଇନ ବିରୋଧରେ ପିଲାଟି ଜନ୍ମ ହେବ । ସେ ନିରୀହ ହେଲେ ବି ପ୍ରେମ ତାକୁ ଅପରାଧୀ କରି ଗଢ଼ିଛି । ସେମାନେ ସମସ୍ତେ ନିର୍ଦ୍ଦୋଷ, କିନ୍ତୁ ପିଲାଟି ଦଣ୍ଡ ପାଇବ । ସେମାନେ ଅଲଗା ହୋଇଯିବେ, ଭୁଲିଯାଇ ପାରିବେ ହୁଏତ; କିନ୍ତୁ ଲେନି ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ପାଇବନି ।''

ଆଲେନ୍ ପ୍ରତି ମଧ ଜୋସୁ ସମ୍ବେଦନଶୀଳ ହୋଇଉଠିଛି । ଆଲେନ୍‌କୁ ବିଭା ହୋଇ ସେ ଭୁଲ୍ କରିଛି ବୋଲି ଭାବିଛି । ଆଲେନ୍‌ର ଦୁଃଖ ପାଇଁ ସେ ନିଜକୁ ଦାୟୀ ମନେ କରିଛି ।

କିଛି ଦିନ ମାଆବାପାଙ୍କ ସହ ରହିବା ପରେ ଆଲେନ୍ ନିଉୟର୍କସ୍ଥିତ ବସାଘରକୁ ଫେରି ଆସିଛି । ଦେଖିଛି, ଜୋସୁ ନାହିଁ, କୁଆଡ଼େ ଚାଲିଯାଇଛି । ଜୋସୁ ପଳାୟନ କରି ତ୍ୟାଗ ସ୍ୱୀକାର କରିଛି, ଏକଥା ଭାବି ଆଲେନ୍ ଲଜ୍ଜା ବୋଧ କରିଛି, ନିଜକୁ ଦୋଷୀ ମନେ କରିଛି । ଜୋସୁ ଲସ୍ ଆଞ୍ଜେଲ୍‌ସରେ ଏକ ଶିଶୁକଲ୍ୟାଣ କେନ୍ଦ୍ରକୁ ଯାଇଛି । ସେଠି ସେ ନିଜ ଗର୍ଭସ୍ଥ ଶିଶୁକୁ ଜନ୍ମ ପରେ ରଖାଇବାର ବ୍ୟବସ୍ଥା କରିଛି । ଶିଶୁଟିର ନିରାପଦ ଜନ୍ମ ପାଇଁ ସେ ଲେଡ଼ି ଡକ୍ଟର ଷ୍ଟେନରଙ୍କ ପାଖକୁ ଯାଇଛି । ସେ ବହୁତ ଭାବି ସ୍ଥିର କରିଛି ଯେ ଲେନିର ଜନ୍ମ ପରେ ସେ ତା'ର ମୁହଁ ଦେଖିବନି । କାରଣ ଦେଖିଲେ ତାକୁ ଛାଡ଼ି ପାରିବନି । ସେ କେବଳ ଚାହେଁ ଶିଶୁଟିର ଭବିଷ୍ୟତ୍ ନଷ୍ଟ ନହେଉ ।

କେତେ ମାସ ପରେ ବହୁ ପ୍ରତ୍ୟାଶିତ ଦିନଟି ଆସି ପହଞ୍ଚିଛି । ଡାକ୍ତରଙ୍କର ସହାୟତାରେ ଜୋସୁର ଶିଶୁଟି ସୃଷ୍ଟିର ଆଲୁଅ ଦେଖିଛି । ଡାକ୍ତର ଅନୁଭବ କରିଛନ୍ତି ଯେ ଏ ପିଲାଟା ଅସାଧାରଣ ହେବ । ସେ ତାକୁ 'ବିଶ୍ୱ ସନ୍ତାନ' ବୋଲି କହିଛନ୍ତି । ତାଙ୍କର ବିଶ୍ୱାସ ପିଲାଟି ହେବ ଦୁଃସାହସୀ । ସମସ୍ତ ପୁଞ୍ଜୀଭୂତ ଘୃଣା ଓ ଆଇନର ନିଷେଧ ସତ୍ତ୍ୱେ ସେ ଜନ୍ମ ହୋଇଛି । ଏଇ ନିର୍ଭୀକ ସନ୍ତାନ ହେବ ଏକ ନୂତନ ଜଗତର ସୃଷ୍ଟିକର୍ତ୍ତା ।

ଲେଡି ଡକ୍ଟର ଷ୍ଟେନର୍ ପିଲାଟିକୁ ନିଜ ପାଖେ ରଖି ପାଳିବାକୁ ସ୍ଥିର କରିଛନ୍ତି । ସେ ନର୍ସକୁ କହିଛନ୍ତି –''ୟା ଦେହରେ ଏକ ଜାତିଗତ ଚିହ୍ନ ଅଛି, ଦୁଇ ଜାତି ମିଶିଲେ ଏଭଳି ଦେଖାଯାଏ । ଏକଥା ହିଟ୍‌ଲର ଆଦୌ ବୁଝିପାରୁ ନଥିଲେ । ଯେତେବେଳେ ପୁରୁଣାଗୁଡ଼ିକ ଚାଲିଯାଆନ୍ତି, ନୂଆ କିଛି ଜନ୍ମ ନିଏ ।''

ଡକ୍ଟର ଷ୍ଟେନର୍ ପିଲାମାନଙ୍କ ବିଷୟରେ ଖୁବ୍ ଉତ୍ତମ ଧାରଣା ପୋଷଣ କରନ୍ତି । ସେ କହନ୍ତି –''ପିଲାମାନେହିଁ ଜୀବନର ସଫଳତା; ଗତକାଲି ଓ ଆସନ୍ତାକାଲି ମଧ୍ୟରେ ଗୋଟିଏ ଗୋଟିଏ ସେତୁ ।'' ସେ ଜୋସୁକୁ ଆଶ୍ୱାସନା ଦେଇଛନ୍ତି –''ଏ ଶିଶୁ ଜଣେ ଅସାଧାରଣ ଶିଶୁ । ଏହାର ବିନଷ୍ଟ ହେବାର ଯୋଗ ନାହିଁ । ଅନେକଙ୍କ ଦୃଷ୍ଟିରେ ସେ ମୂଲ୍ୟହୀନ ହୋଇପାରେ ।... ମୁଁ ତାକୁ ଜଣେ ବଡ଼ ମଣିଷ କରିବି, କାରଣ ସେ ଏକ ବିରାଟ ବ୍ୟକ୍ତିତ୍ୱ ନେଇ ଜନ୍ମ ହୋଇଛି ।''

ଜୋସୁ ତା'ର ଛୋଟ ପୁଚୁ ପୁଚୁ ସୁନ୍ଦର ଗଠନର ପୁଅଟିକୁ ଶୁଆଇବା ପାଇଁ ଡାକ୍ତରଙ୍କ ଘରେ ଶେଯ ପାରିଦେଲା । ତାକୁ ଧରି ନିଜ କ୍ଷୀର ଖୁଆଇଲା । ଶିଶୁଟି ଶୋଇଯିବା ପରେ ନଇଁ ପଡ଼ି ତା ମୁହଁକୁ ଚାହିଁଲା । ଦେଖିଲା, ପିଲାଟିର ପାଟି, ଓଠର ବକ୍ରତା ଆଲେନ୍ ପରି, ଗାଲ ତା'ର ବାପା ସାକାଇଙ୍କ ପରି । ତା'ର ଆଖିପତା ଆମେରିକାନଙ୍କ ପରି । ତା'ର ଏସିଆନ୍ ଆଖି ଦୁଇଟି ଏକ ପାଶ୍ଚାତ୍ୟ ଆଖିପତା ଦ୍ୱାରା ଆବଦ୍ଧ । କିନ୍ତୁ ଆଖିପତା ଆଲେନ୍ ପରି ନୁହେଁ, ତା'ର କେଉଁ ପୂର୍ବ ପୁରୁଷର ହୁଏତ ।

ଡାକ୍ତର ଷ୍ଟେନର୍ ଖୁବ୍ ସମ୍ବେଦନଶୀଳା । ସେ ଜୋସୁକୁ କହିଛନ୍ତି – ''ତୁମ ରକ୍ତ, ମୋ ରକ୍ତଠୁଁ ଅଲଗା ନୁହେଁ ଝିଅ । ଆମ ଦେହରୁ ସେଇ ଏକା ନାଲି ରକ୍ତ ବାହାରେ । ଯଦିଓ ମୁଁ

ଜଣେ ଅସୁନ୍ଦର ବୃଦ୍ଧା, ତୁମେ ଜଣେ ପ୍ରାଚ୍ୟଦେଶର ସୁନ୍ଦରୀ ଯୁବତୀ ।'' ସେ ପୁଣି କହିଛନ୍ତି – ''ଏଇ ପିଲାଟା ଏତେ ସୁନ୍ଦର, ସେ ପରୀକ୍ଷା କରି ଜଣାଇ ଦେଇଛି ଯେ, ମଣିଷକୁ ଦୋ ମିଶା ବା କଲମି କଲେ ବେଶୀ ସୁନ୍ଦର ହେବ । ଆଖିଦୃଶିଆ ହେବ, ଖୁବ୍ ବିରାଟ ଲୋକ ହେବ ।'' ବିଶ୍ୱ ସନ୍ତାନ ଲେନି ଦି'ଜଣଙ୍କ ଦ୍ୱାରା ବର୍ତ୍ତମାନ ପାଳିତ । କେବଳ ସ୍ନେହହିଁ ତା'ର ସମ୍ବଳ । ପୃଥିବୀର ସେ ସବୁଠାରୁ ବଳି ଆକାଂକ୍ଷିତ ସନ୍ତାନ ।

ସପ୍ତାହ ଶେଷରେ ଜୋସୁ ଯିବାକୁ ବାହାରିଛି । ସେ ଡାକ୍ତର ଷ୍ଟେନରଙ୍କ ବିରାଟ ମାନବିକତା ଓ ଉଦାରତାର ପରିଚୟ ପାଇସାରିଛି । ଲେନି ତାଙ୍କ ସହିତ ନିରାପଦରେ ରହିବ । ଡାକ୍ତର ଷ୍ଟେନର୍ ଜୋସୁକୁ ଚାଲି ନଯାଇ ତାଙ୍କ ଘରେ ରହିଯିବାକୁ ପ୍ରସ୍ତାବ ଦେଇଛନ୍ତି । ମାତ୍ର ଜୋସୁ ମନା କରି କହିଛି –''ସେ ମୋର ନୁହେଁ । ମୁଁ ଯଦି ରହେ, ଦିନେ ସେ ମୋତେ ତା' ବାପା କଥା ପଚାରିବ । ସେ ପ୍ରଶ୍ନ ମୁଁ ଶୁଣିପାରିବି ନାହିଁ, ଉତ୍ତର ଦେଇ ପାରିବି ନାହିଁ । ମୁଁ ଯିବି ।''

ବିଦାୟ ମୁହୂର୍ତ୍ତରେ ଜୋସୁ ତା'ର ପ୍ରିୟ ପୁତ୍ର ଲେନିକୁ ବାହୁରେ ଧରିଛି । ସେ ନିଜେ ତିଆରି କରିଥିବା ନୀଳଜୋତା ଲେନି ପିନ୍ଧିଛି, ତା' ଉପରେ ପ୍ରଜାପତିର ଏମ୍ବ୍ରୟୋଡ଼ରୀ ହୋଇଛି । ତା'ପରେ ସେ ତାକୁ ଡାକ୍ତର ଷ୍ଟେନରଙ୍କ ବାହୁରେ ରଖି ଅଭିବାଦନ କରିବା ସହ ତାଙ୍କୁ କହିଛି – ''ମୋ ଜୀବନ ଓ ପିଲାଟିର ଜୀବନ ପାଇଁ ଆପଣଙ୍କୁ ଅଜସ୍ର ଧନ୍ୟବାଦ ।''

ଜୋସୁ ତା'ର ପ୍ରିୟ ଶିଶୁପୁତ୍ରକୁ ଛାଡ଼ି ଚାଲିଯାଇଛି । ପରେ ସାନ୍‌ଫ୍ରାନ୍‌ସିସ୍କୋ ରେଳ ଷ୍ଟେସନରେ କୋବରୀ ମାସୟୀ ସହିତ ତାହାର ସାକ୍ଷାତ୍ ଘଟିଛି । କୋବରୀ ତାକୁ ଏକ ଚମକପ୍ରଦ ଖବର ଶୁଣାଇଛି – ''ଏଣିକି କାଲିଫର୍ଣ୍ଣିଆ ରାଜ୍ୟରେ ଗୋରା ଆମେରିକାନ୍‌ମାନେ ଜାପାନୀଙ୍କୁ ବିବାହ କରି ପାରିବେ, ଜଜମାନେ ଏହା ନିଷ୍ପତ୍ତି କରିଛନ୍ତି ।'' ଏ ଖବର କିନ୍ତୁ ଜୋସୁ ଉପରେ କୌଣସି ଆଶ୍ୱସ୍ତିଦାୟକ ପ୍ରଭାବ ପକାଇ ପାରି ନାହିଁ । ସେ କହିଛି – ''ଆଇନରେ କିଛି ଯାଏ ଆସେ ନାହିଁ । ଆଲେନକୁ ନେଇ ଜୀବନ ଗଢ଼ି ହେବ ନାହିଁ ।'' ଆଲେନ୍ ପ୍ରତି ତା'ର ପ୍ରେମ ଅଛି କି ନାହିଁ ତାହା ତା' ପାଇଁ ଆଉ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେ କହିଛି – ''ପ୍ରେମ ତ କେବଳ ଯଥେଷ୍ଟ ନୁହେଁ । ହୁଏତ ଆମେରିକାନ୍‌ମାନଙ୍କ ପାଇଁ ପ୍ରେମହିଁ ଯଥେଷ୍ଟ – ମୋ ପାଇଁ ନୁହେଁ । ଏକଥା ମୁଁ ଏବେ ବେଶ୍ ବୁଝିପାରୁଛି ।''

ଜୋସୁ ଜାପାନ ଫେରିଯିବାକୁ ସ୍ଥିର କରିଛି । ଆଲେନ୍ ଚାକିରିରୁ ଇସ୍ତଫା ଦେଇ ଘରକୁ ଆସିଛି । ତା'ର ପୁରୁଣା ଦିନର ସାଙ୍ଗ ସିନ୍ଥିଆ ତାକୁ ବିବାହ କରିବା ପାଇଁ ମନା କରି ଦେଇଛି । ଆଲେନ୍ ସବୁ ଦିଗରୁ ହତାଶ ଓ ଭଗ୍ନ ମନୋରଥ ହୋଇ ସୈନ୍ୟବିଭାଗକୁ ଫେରିଯିବାକୁ ସ୍ଥିର କରିଛି ।

ଉପନ୍ୟାସର ଶେଷ ପର୍ଯ୍ୟାୟରେ ଦେଖାଯାଇଛି ଡାକ୍ତର ଷ୍ଟେନର୍ ଏବଂ ତାଙ୍କର ସହାୟିକା ଶ୍ରୀମତୀ ମାର୍କି ଶିଶୁ ଲେନିର ଖୁବ୍ ଆଦର ଯତ୍ନ କରିଛନ୍ତି । ଡାକ୍ତର ଲକ୍ଷ୍ୟ କରିଛନ୍ତି ଲେନିର ଆଙ୍ଗୁଠିର ଭଙ୍ଗୀ ଏସିଆନ୍ ନୃତ୍ୟଭଙ୍ଗୀର ମୁଦ୍ରାଗୁଡ଼ିକ ସଦୃଶ ଦେଖାଯାଉଛି । ଶ୍ରୀମତୀ ମାର୍କି କହିଛନ୍ତି – ''ଏଇ ଟିକି ଲେନି ମୋତେ ଚାହିଁଦେଲେ ମୋର ଅନ୍ତର ବରଫ ତରଳିଲା ପରି ତରଳି ପଡ଼ୁଛି ।'' ଏଇ ଦୁଇ ସ୍ନେହୀ ମହିଳାଙ୍କ ସମ୍ମୁଖରେ ଲେନି ସ୍ୱର୍ଗର ଏକ ଗନ୍ଧର୍ବ ଭଳି ହସିଛି । ପ୍ରକୃତରେ ଶିଶୁର ହସରେ ରହିଛି ଦିବ୍ୟ-ମାଧୁର୍ଯ୍ୟ ଯାହା ଭବିଷ୍ୟତ୍ ପୃଥିବୀର ସୌନ୍ଦର୍ଯ୍ୟକୁ ସୂଚିତ କରେ ।

ଲେନିର ହସ ହସ ମୁହଁକୁ ଚାହିଁ ଡକ୍‌ଟର ଷ୍ଟେନର୍ ମୃତ ଶିଶୁମାନଙ୍କ କଥା ଭାବି ବସନ୍ତି ଯେଉଁମାନେ କି ଭୋକରେ ଛଟପଟ ହୋଇ ବନ୍ଧୁକ-ମୁନରେ ମରି ଗଦା ହେଉଥା'ନ୍ତି । ମାଆବାପାଙ୍କ ଲାଗି ସେମାନେ ମରନ୍ତି ଯଦି ମାଆବାପା ଜିଉ, କ୍ୟାଥୋଲିକ୍, ବିଦ୍ରୋହୀ କିଂବା ଘୃଣିତ ହୋଇଥା'ନ୍ତି । ଏହିସବୁ ସ୍ମୃତି ଡାକ୍ତର ଷ୍ଟେନରଙ୍କୁ ଅସହ୍ୟ ବୋଧ ହୁଏ । ତାଙ୍କ ଦୃଷ୍ଟିରେ ଲେନି ଅତି କୋମଳମତି, ବଲୁଆ, ଧୀର, ବୁଦ୍ଧିମାନ୍ ଓ ଏକ ଅସାଧାରଣ ପିଲା – ସଂସାରର ସବୁକିଛି ଭଲ ତା'ଠାରେ ଭରି ରହିଛି । ଡକ୍‌ଟର ଷ୍ଟେନରଙ୍କ ଦୃଢ଼ବିଶ୍ୱାସ ଯେ ସେ ନିଶ୍ଚୟ ବଡ଼ ମଣିଷ ହେବ, ତା'ର ମନ କେବେ ବି ସଂକୀର୍ଣ୍ଣ ହେବନି । ସେ ନିଶ୍ଚୟ ଅଜ୍ଞତାବଶତଃ ଷ୍ଟେନରଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବନି ।

ଡାକ୍ତର ଷ୍ଟେନର୍ ଗଭୀର ସ୍ନେହ ଓ ତୃପ୍ତିର ସହ କହି ଉଠିଛନ୍ତି – ''କି ସୁନ୍ଦର ଫୁଲଟି ପରି ଏ ହୋଇଛି !'' ତାଙ୍କର ଏଇ ସ୍ୱତଃସ୍ଫୂର୍ତ୍ତ ଉକ୍ତି ଏକ ମହାନ୍ ସତ୍ୟର ଉଦ୍‌ଘୋଷଣା ଭଳି ମନେ ହୁଏ ।

ଏକ ପ୍ରଚଣ୍ଡ ମାନବୀୟ କରୁଣାରେ ଉପନ୍ୟାସଟି ରଦ୍ଧିମନ୍ତ । ଯୁଦ୍ଧୋତ୍ତର ପୃଥିବୀରେ ସାମାଜିକ ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ ସତ୍ତ୍ୱେ ପ୍ରେମ ଓ କରୁଣାହିଁ ବିଜୟ ଲାଭ କରିଛି । ''ଅରଣା ସ୍ୱପ୍ନର ରାତି''ର ଅବସାନ ପରେ

ସମ୍ଭାବନାମୟ ସକାଳଟିଏ ଜନ୍ମ ନେଇଛି । ଭବିଷ୍ୟତ୍ ଭିତରେ ଫୁଲଟିଏ ପରି ସୁନ୍ଦର ପୃଥିବୀଟିଏ ଲୁଚି ରହିଛି ବୋଲି ବିଶ୍ୱାସ ଜାତ ହୋଇଛି ।

ଆଲୋଚ୍ୟ ଉପନ୍ୟାସଟି ଯେଉଁ ମୁଖ୍ୟ ସମସ୍ୟା ଉପରେ କେନ୍ଦ୍ରୀଭୂତ ହୋଇଛି ତାହା ହେଲା ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀରେ ଦୁଇଟି ଭିନ୍ନ ଜାତି ମଧ୍ୟରେ ସୃଷ୍ଟି ହୋଇଥିବା ସଂସ୍କୃତିଗତ ସଂଘାତ । ଆମେରିକୀୟ ଓ ଜାପାନୀ ଏଇ ଦୁଇଜାତି ଭିତରେ ପ୍ରଚଳିତ ଥିବା ନିୟମ, ପ୍ରଥା ଓ ସଂସ୍କାର ମାନବୀୟ ସମ୍ପର୍କର ବିକାଶରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି । ବିଷୟଟିକୁ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରୁ ବିଚାର କରି ଦେଖିଲେ ଆମେ ଜାଣିବା ଯେ ଜଣେ ବ୍ୟକ୍ତି ଭଳି ପ୍ରତ୍ୟେକ ଦେଶ ବା ଜାତିର ମଧ୍ୟ ଏକ ସ୍ୱତନ୍ତ୍ର ଶରୀର ରହିଛି ତା'ର ଏକ ଜୀବନମୟ ଭୂମି(organic life) ରହିଛି, ଏକ ନୈତିକ ଓ ସୌନ୍ଦର୍ଯ୍ୟ-ବୋଧଗତ ସ୍ୱଭାବ ବି ରହିଛି, ସର୍ବୋପରି ଏକ ବିକାଶଶୀଳ ମନ ଓ ଆତ୍ମା ରହିଛି । ଏସବୁ ମଧ୍ୟଦେଇ ସେଇ ଦେଶ ଆତ୍ମ-ପରିପୂର୍ଣ୍ଣତା ପାଇଁ ପ୍ରୟାସରତ ହୋଇଥାଏ । ମାତ୍ର ଯଦି ଗୋଟିଏ ଦେଶ ବା ଜାତି ତା'ର ପ୍ରକୃତ ସ୍ୱଧର୍ମକୁ ଭୁଲିଯାଇ କେବଳ ବାହ୍ୟ, ଅଦରକାରୀ ଓ ଗୁରୁତ୍ୱହୀନ ଛୋଟ ଛୋଟ ବିଷୟଗୁଡ଼ିକ ଉପରେ ଅଧିକ ଧ୍ୟାନ ଦିଏ ଅର୍ଥାତ୍ ଯଦି ଜାତିଗତ କେତେଟା ବିଶେଷ ଖିଆଲ, ଅଭ୍ୟାସ ଓ ବଦ୍ଧ ଧାରଣା ପ୍ରତି ଅଧିକ ଆସକ୍ତ ହୋଇପଡ଼େ ତାହାହେଲେ ସେଇ ଦେଶ ସମଗ୍ର ମାନବସମାଜ ପାଇଁ ଆଉ ହିତକାରୀ ହୋଇପାରେ ନାହିଁ । ପ୍ରତ୍ୟେକ ଦେଶ ଆପଣାର ପ୍ରଥା, ପରମ୍ପରା, ରୀତିନୀତି, ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରସାରତା, ଆଇନ, ଅନୁଷ୍ଠାନ ଓ ବଦ୍ଧମୂଳ ବିଶ୍ୱାସ ଉପରେ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ଅନ୍ୟ ଦେଶ ସହିତ ତାହାର ସୁସମ୍ପର୍କ ପ୍ରତିଷ୍ଠା ହୋଇପାରେ ନାହିଁ, ଯାହାର ପରିଣାମ ସ୍ୱରୂପ ମାନବ ଐକ୍ୟର ସମ୍ଭାବନା ବ୍ୟାହତ ହୋଇପଡ଼େ । ସମାଜ ସମ୍ବନ୍ଧରେ ଏହା ହେଉଛି ଏକ ବିଷୟନିଷ୍ଠ ଓ ବସ୍ତୁପ୍ରଧାନ ଦୃଷ୍ଟି (objective view of society) ଯାହାକି ପାଶ୍ଚାତ୍ୟ ମାନବ-ଇତିହାସର ସକଳ ପର୍ଯ୍ୟାୟରେ ସର୍ବାଧିକ ପ୍ରଭାବ ବିସ୍ତାର କରି ଆସିଛି ।

ଗୋଟିଏ ଦେଶ ଯଦି କୌଣସି କୃତ୍ରିମ ମାନଦଣ୍ଡ ଅନୁସାରେ ପରିଚାଳିତ ନହୋଇ ତା'ର ଆନ୍ତର ବିଧାନ ଓ ପ୍ରକୃତ ଆତ୍ମାର ଆହ୍ୱାନ ଅନୁସାରେ ପରିଚାଳିତ ହୁଏ, ତାହା ତା' ସକାଶେ ତଥା ସମଗ୍ର ବିଶ୍ୱସକାଶେ ମଙ୍ଗଳଜନକ ହେବ । ଶ୍ରୀଅରବିନ୍ଦ କହନ୍ତି –''For it is necessary, if the subjective age of humanity is to produce its best fruits, that the nations should become conscious not only of their own but of each other's souls and learn to respect, to help and to profit, not only economically and intellectually but subjectively and spiritually, by each other.''

(*The Human Cycle*, p. 40)

ଆଶୟପ୍ରଧାନ ଯୁଗ (subjective Age) ସେତେବେଳେ ସର୍ବୋତ୍ତମ ଫଳ ଦେଇପାରିବ ଯେତେବେଳେ ଜାତି ବା ଦେଶସକଳ ନିଜର ତଥା ଅନ୍ୟମାନଙ୍କର ଆତ୍ମା ବିଷୟରେ ସଚେତନ ହେବେ ଏବଂ ପରସ୍ପରକୁ ସମ୍ମାନ କରିବେ ଓ ସାହାଯ୍ୟ କରିବେ ତଥା ପରସ୍ପରଠାରୁ ଭୌତିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଉପକାର ପାଇପାରିବେ ।

ଆଶୟପ୍ରଧାନ ଯୁଗର ଏକ ମୁଖ୍ୟ ଲକ୍ଷଣ ହେଲା ମନୁଷ୍ୟ ତଥା ଜାତିସକଳ ପରସ୍ପରର ଅଧିକ ନିକଟବର୍ତ୍ତୀ ହେବେ । ପରସ୍ପରକୁ ଅଧିକ ଗଭୀର ଭାବରେ ଜାଣିବା ଲାଗି ବାଧ୍ୟ ହେବେ । ପ୍ରତ୍ୟେକ ଜାତି ନିଜର ବିକାଶ ସଙ୍ଗେ ସଙ୍ଗେ ଅନ୍ୟ ଜାତିର ବିକାଶ ପାଇଁ ମଧ୍ୟ ସହାୟକ ହେବେ । ଏହା ଫଳରେ ସମଗ୍ର ବିଶ୍ୱ ଏକ ''ଦିବ୍ୟ-ପରିବାର'' (divine family)ର ସମ୍ଭାବନା ଆଡ଼କୁ ଅଗ୍ରସର ହୋଇଯିବ ।

ସାଂପ୍ରତିକ ଯୁଗରେ ମନୁଷ୍ୟ ନାନା ଭୁଲ୍-ଭ୍ରାନ୍ତି, ଦ୍ୱିଧା, ହିଂସାପ୍ରବଣତା, ବାଧ୍ୟବାଧକତା, ସାଲିସ ଓ ଜଟିଳ କାମଚଳା ବ୍ୟବସ୍ଥାମାନଙ୍କ ଭିତର ଦେଇ ଆଗକୁ ଅଗ୍ରସର ହେଉଛି । ତା' ପାଖରେ ଜ୍ଞାନର ପ୍ରଶସ୍ତତା, ମନର ନମନୀୟତା ଓ ଭାବଗତତାର ଶୁଦ୍ଧତା ନଥିବା ଯୋଗୁଁ ସେ ମୁକ୍ତି ଓ ସଂଗତିର ବିଧାନଟିକୁ ପାଇପାରି ନାହିଁ । ଫଳରେ ବିଭେଦ, ବିଭାଜନ, ବାଧ୍ୟତା, ସାଲିସ, କଳହ ଓ ମାତ୍ରାଧିକ ଅଧୀନତାହିଁ ସମୂହ-ଜୀବନର ବିଧାନ ହୋଇରହିଛି ।

ଶ୍ରୀଅରବିନ୍ଦଙ୍କ ମତରେ ନିୟମ ଓ ଶୃଙ୍ଖଳା ଅଧିକାଂଶ ସମୟରେ ମନୁଷ୍ୟ ଆତ୍ମାର ଉତ୍ପୀଡ଼କ (tyrants of the human soul) ହୋଇ ଛିଡ଼ା ହୋଇଥା'ନ୍ତି ଯଦିଓ ସେମାନେ ପ୍ରକୃତରେ ମନୁଷ୍ୟ-ଆତ୍ମାର ସାଧନ ଓ ସେବକ ହୋଇ ରହିବା ପାଇଁ ଉଦ୍ଦିଷ୍ଟ ହୋଇଥା'ନ୍ତି । ମନୁଷ୍ୟକୃତ ଆଇନ ଓ ଶୃଙ୍ଖଳାସବୁର

ଉପଯୋଗିତା ସମାପ୍ତ ହୋଇଯିବା ପରେ ସେସବୁକୁ ପ୍ରତ୍ୟାଖ୍ୟାନ କରିଦେବା ଉଚିତ । ଯେତେବେଳେ ଗୋଟିଏ ଦେଶ ବା ଜାତି କେବଳ ଆପଣାର ବିକାଶ ଓ ଉତ୍କର୍ଷସାଧନ ପାଇଁ କାର୍ଯ୍ୟ କରେ ଏବଂ କେବଳ ନିଜେ ବଞ୍ଚି ରହିବାର ପ୍ରୟାସରେ ଅନ୍ୟ ଜାତି ବା ଦେଶକୁ ଆପଣାର ବିରୋଧୀ ବା ଶତ୍ରୁରୂପେ ବିବେଚନା କରେ ସେପରି ମନୋଭାବକୁ ଶ୍ରୀଅରବିନ୍ଦ ‘‘ମାନୁଷୀ ବିଚାରବୁଦ୍ଧିର ଏକ ସାଂଘାତିକ ବିଭ୍ରାନ୍ତି’’ (an aberration of the human reason) ବୋଲି ଅଭିହିତ କରିଛନ୍ତି ।

ଆଲୋଚ୍ୟ ଉପନ୍ୟାସ ଆମକୁ ଏହି ଭ୍ରାନ୍ତିରୁ ମୁକ୍ତ ହେବାକୁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଏ ।

ପ୍ରାଚୀନ ଯୁଗରେ ସଭ୍ୟତାଗୁଡ଼ିକ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ବିକାଶ ପ୍ରାପ୍ତ ହେଉଥିଲେ । ମାତ୍ର ଆଧୁନିକ କାଳରେ ଏହି ବିଚ୍ଛିନ୍ନତା ଓ ଏକାନ୍ତ ସ୍ୱତନ୍ତ୍ର ସ୍ଥିତି ଆଉ ସମ୍ଭବ ନୁହେଁ । ଶ୍ରୀଅରବିନ୍ଦ କହନ୍ତି, ‘‘...the races of mankind have come too close to each other, are being thrown together in a certain unavoidable life unity. We are confronted with the more difficult problem of living in the full stress of this greater interaction and imposing on its impacts the law of our being.’’

(*The Renaissance in India and Other Essays on Indian Culture*, p. 50)

ଅର୍ଥାତ୍ ‘‘ମାନବସମାଜର ନାନା ଜାତି ପରସ୍ପରର ଅତି ନିକଟବର୍ତ୍ତୀ ହୋଇଛନ୍ତି; ଏକପ୍ରକାର ଅନିବାର୍ଯ୍ୟ ପ୍ରାଣଗତ ଐକ୍ୟ ସେମାନଙ୍କୁ ଏକତ୍ର ସନ୍ନିବଦ୍ଧ କରିଆଣୁଛି । ଏହି ବୃହତ୍ତର କ୍ରିୟା ପ୍ରକ୍ରିୟାର ସମ୍ପୂର୍ଣ୍ଣ ପ୍ରଭାବ ମଧ୍ୟରେ ବାସ କରିବା ଏବଂ ଏହାର ସଂଘାତଗୁଡ଼ିକ ଉପରେ ନିଜ ସତ୍ତାର ବିଧାନ ଆରୋପ କରିବାର ଗୁରୁତର ସମସ୍ୟା ବର୍ତ୍ତମାନ ଆମ ସମ୍ମୁଖରେ ଛିଡ଼ା ହୋଇଛି ।’’

ଅନ୍ୟ ଜାତିର ସାଂସ୍କୃତିକ ପ୍ରଭାବକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ସେସବୁର ସଫଳ ଓ ଯଥାର୍ଥ ଆତ୍ମୀକରଣହିଁ ବିଶ୍ୱଐକ୍ୟ ଦିଗରେ ସହାୟକ ସିଦ୍ଧ ହେବ । ଅନ୍ତର୍ଜାତୀୟ କ୍ଷେତ୍ରରେ ସଂସ୍କୃତିଗତ ସଂଘାତରୁ ସୃଷ୍ଟି ହେଉଥିବା ସଂକଟର ନିରାକରଣ ପାଇଁ ମନର ନମନୀୟତା, ବିବେକବୁଦ୍ଧିର ଶୁଦ୍ଧତା ଏବଂ ଚେତନାର ପ୍ରସାରତା ଏକାନ୍ତ ଆବଶ୍ୟକ ।

‘‘ଅରଣା ସ୍ୱପ୍ନର ରାତି’’ ବା ‘‘The Hidden Flower’’ ଉପନ୍ୟାସଟି ଆମ ମାନସିକ ଓ ଚେତନାଗତ ଭୂମିରେ ପ୍ରସାରତା ଆଣିବାରେ ନିଶ୍ଚୟ ସହାୟକ ହୋଇ ପାରିବ ।

❑❑❑

ତୁମ ମନ ଦ୍ୱାରା ତୁମେ ଦିବ୍ୟସତ୍ତା ଏବଂ ତା'ର କର୍ମଧାରା ବୁଝିବାର ଆଶା କରନା, କିନ୍ତୁ କରିପାର ତୁମ ଭିତରେ ସତ୍ୟ ଏବଂ ଦିବ୍ୟ-ଚେତନାର ବିକାଶ ଦ୍ୱାରା । ଦିବ୍ୟସତ୍ତା ଯଦି ନିଜର ଯାବତୀୟ ମହିମା ସହ ନିଜକୁ ଉନ୍ମୋଚନ ଏବଂ ପ୍ରକଟିତ କରନ୍ତା, ତେବେ ମନ ଏକ ମହା-ଉପସ୍ଥିତି ଅନୁଭବ କରିପାରନ୍ତା, କିନ୍ତୁ ଦିବ୍ୟସତ୍ତାର କର୍ମଧାରା ଏବଂ ତହିଁର ପ୍ରକୃତି ବୁଝିପାରନ୍ତା ନାହିଁ । ତୁମ ନିଜ ଉପଲବ୍ଧି ଅନୁପାତରେ ଏବଂ ତୁମ ନିଜ ଭିତରେ ମହତ୍ତର ଚେତନାର ଜନ୍ମ ଓ ଅଭିବୃଦ୍ଧି ଦ୍ୱାରାହିଁ ତୁମେ ଦିବ୍ୟସତ୍ତାକୁ ଦେଖିବ ଏବଂ ଏପରିକି ତା'ର ପାର୍ଥିବ ଛଦ୍ମବେଶ ପଶ୍ଚାତରେ ଥିବା କର୍ମଧାରାକୁ ମଧ୍ୟ ବୁଝିପାରିବ ।

— ଶ୍ରୀଅରବିନ୍ଦ

# ନବଗୁଞ୍ଜର

## ଧର୍ମ କୁମାର ଶତପଥୀ

ଶତଶୃଙ୍ଗ ପର୍ବତ ବେଷ୍ଟିତ ଆର୍ଯ୍ୟାବର୍ତ୍ତର ଅରଣ୍ୟ... ... ଅଗନାଅଗନି ବନସ୍ତ । ଗଛକୁ ଗଛ ଛନ୍ଦାଛନ୍ଦି ହୋଇ ଉପରକୁ ମୁଣ୍ଡ ଟେକିଛନ୍ତି । ଉଞ୍ଚାଉଞ୍ଚା ବୃକ୍ଷଗୁଡ଼ିକ ଯେପରି ଆକାଶକୁ ଛୁଇଁବାକୁ ପ୍ରତିଯୋଗିତା ଚଳାଇଛନ୍ତି । ମାଟି ଓ ଆକାଶ ମଝିରେ ଯେପରି ଏକ ସବୁଜ ଚନ୍ଦ୍ରାତପ ଆଚ୍ଛାଦିତ ହୋଇଛି । ଦିନବେଳା ସୂର୍ଯ୍ୟ ରଶ୍ମି ବୃକ୍ଷ ଶାଖାର ଫାଙ୍କରୁ କିଞ୍ଚିତ୍ ତେରଛା ହୋଇ ମାଟି ଉପରେ ପଡୁଛି । ଈଶ୍ୱରଙ୍କ ଆଶୀର୍ବାଦ ପାଇବା ପାଇଁ ବୃକ୍ଷ ଶାଖାଗୁଡ଼ିକ ଚାରି ଆଡ଼କୁ ପ୍ରସାରିତ ହୋଇ ଚାଲିଛନ୍ତି ଯେପରି । ଶାଖା ପ୍ରଶାଖାରେ ବିଚରଣଶୀଳ ବନ୍ୟ ପକ୍ଷୀଙ୍କ ଉଦ୍ଦାମ କଳରୋଳ ଶାନ୍ତ ବନଭୂଇଁକୁ କମ୍ପିତ କରି ପୁଣି ନୀରବି ଯାଉଛି । ଏଇ ଶାନ୍ତ, ସ୍ନିଗ୍ଧ ପରିବେଶ ଯେପରି ହୃଦ୍ୟ, ସେହିପରି ରମଣୀୟ । ପକ୍ଷୀ କାକଳିରେ ପ୍ରକମ୍ପିତ ବନଭୂମି ତତୋଽଧିକ ଆହ୍ଲାଦଦାୟୀ, ରୋମାଞ୍ଚକର ।

ବାରୁଣାବନ୍ତଠାରୁ ଏହାର ଦୂରତା କେତେ ହେବ ? ବୀର ଅର୍ଜୁନ ଉପରକୁ ଅନାଇଲେ । ଶାନ୍ତ, ଶୀତଳ ଏ ବୃକ୍ଷ ଛାୟା କେତେ ମନୋରମ ଓ ଆତ୍ମୀୟ ଲାଗୁଛନ୍ତି ସତେ ।

ବନ୍ୟ ଜୀବଜନ୍ତୁମାନେ ନିର୍ଭୟରେ ବୁଲୁଛନ୍ତି । ସତେ ଯେପରି ସମସ୍ତେ ଏକ ସାମାଜିକ ସୂତ୍ରରେ ଆବଦ୍ଧ । ସୁଖ ଓ ସ୍ୱାଚ୍ଛନ୍ଦ୍ୟର ଅନ୍ୟ ନାମ ଯେପରି ଜୀବନ, ଶାନ୍ତ ଓ ସ୍ନିଗ୍ଧତାର ଅନ୍ୟ ନାମ ସେଇପରି ଏଇ ଅରଣ୍ୟ । ଆଃ, କି ଆନନ୍ଦ !

ଦଲକାଏ ପବନ ଅର୍ଜୁନଙ୍କ ଶରୀରରେ ଶିହରଣ ବୋଳି ଦେଲାକି ? ପବନ ସହିତ ଭାସି ଆସିଲା ଅଜଣା ଏକ ବନ ଫୁଲର ମହକ । ତାଙ୍କ ଶିରା ପ୍ରଶିରା ଉଲସି ଉଠିଲା । ଶରୀରରେ ରୋମାଞ୍ଚ ଖେଳିଗଲା । ତଳକୁ ଅନାଇ ବୃକ୍ଷ ଛାୟାରେ ଆବୃତ ଏକ ପଥର ଉପରେ ସେ ବସି ପଡ଼ିଲେ । ଧନୁ ଓ ତୀରକୁ ପାଖରେ ରଖି ଦେଇ ଚାରି ଆଡ଼କୁ ଆଖି ବୁଲାଇଲେ । ବଣ ଭୂଇଁର ପାଣିପବନ, ଶୀତଳ ପରିବେଶ ସବୁକିଛି ଯେପରି ପବିତ୍ରତାରେ ଶୁଦ୍ଧ କରିରଖିଛି ସମଗ୍ର ଆର୍ଯ୍ୟାବର୍ତ୍ତକୁ... । ନା ଅଛି ଏଠି ବଞ୍ଚିବାର ଦୁର୍ବାର ସଂଗ୍ରାମ, ନା ଅଛି ଖଳ ପ୍ରକୃତିର ଦୁର୍ଜୟ ଘନଘଟା ।

ଦିନର ଏ ବନରାଣୀ ଯେତେ ମନୋରମ, ରାତିରେ ତାହା ହୋଇ ଉଠୁଛି ଆହୁରି ରହସ୍ୟଘନ, ରୂପମୟୀ, ରମଣୀୟ । ବୃକ୍ଷରାଜିର ସବୁଜ ପତ୍ରଚୟରେ ଚନ୍ଦ୍ରର ଶୀତଳ କିରଣ ଲେପି ଦେଉଛି ରୁପାର ପ୍ରଲେପ । ଜଳାଶୟର ଶାନ୍ତ ଜଳରାଶିରେ ଚନ୍ଦ୍ର ଦେଖା ଯାଉଛି ବାସ୍ତବତାଠାରୁ ଆହୁରି ସୁନ୍ଦର । ଏ ଦୃଶ୍ୟରେ ଅର୍ଜୁନ ଆତ୍ମ ବିଭୋର ହୋଇ ଉଠୁଛନ୍ତି । ଚନ୍ଦ୍ର ସୁଦ୍ଧା ନିଜର ଏ ରୂପମୟ ଛବିକୁ ଦେଖି ଉଲ୍ଲସି ଉଠୁଛି । ଧନ୍ୟ ତୁମେ ବନରାଣୀ; ଧନ୍ୟ ତୁମ ସୌନ୍ଦର୍ଯ୍ୟର ମୁଗ୍ଧ ରୂପ କଳ୍ପ ।

ଏ ଅନ୍ତରଙ୍ଗ ଦୃଶ୍ୟରାଜିକୁ ମର୍ମେ ମର୍ମେ ଅନୁଭବ କରିବା ପାଇଁ ଯେପରି ପାର୍ଥ ପ୍ରେରିତ ହୋଇଛନ୍ତି । ବାରୁଣାବନ୍ତରେ ଭାଇବନ୍ଧୁ, ପ୍ରଜାକୁଳ, ଧନସମ୍ପତ୍ତି, ଦାସଦାସୀ ସମସ୍ତେ ଅଛନ୍ତି । ମାତ୍ର ଅରଣ୍ୟର ଏ ଚାରୁ ଦୃଶ୍ୟପଟ, ସୂକ୍ଷ୍ମ ମାଧୁରୀ ସେଠାରେ ମିଳିବ ନାହିଁ । ପତ୍ରର ମର୍ମର ଧ୍ୱନି, କୁଳୁକୁଳୁ ଝରଣାର ଗୀତ ମନୋରାଜ୍ୟରେ ଯେଉଁ ସ୍ୱରଝଙ୍କାର ତୋଳି ଆତ୍ମାକୁ ଆମୋଦିତ କରୁଛି, ଧୀର ସମୀରର ଶୀତଳ ସ୍ପର୍ଶ ଶରୀରର ରୋମାବଳୀକୁ ଉଦ୍ବେଳିତ କରୁଛି, ଏହାକୁ କିଏ ବା ବୁଝିବ ? କିଏ ବା ଅନୁଭବ କରିପାରିବ ?

ସେ ସଳଖି ବସିଲେ । ଅଦୂରରେ ଟିକି ଝରଣାଟିଏ ପ୍ରସ୍ତର ଖୋଳ ମଧ୍ୟରେ ଆବଦ୍ଧ ହୋଇ ପୁଷ୍କରିଣୀ ପରି ବୋଧ ହେଉଛି । ତାହାର ନିଥର ଜଳ ଦେହରେ ପ୍ରତିଫଳିତ ହେଉଛି ପାର୍ଥଙ୍କ ଚେହେରା । ପାଟ ବସ୍ତ୍ର ବଦଳରେ ବଲ୍‌କଳର ପରିଧେୟ, ହାତର ମଣିବନ୍ଧ, ଅଣ୍ଟା, ଛାତିରେ ରାଜକୀୟ ଆଭୂଷଣର ସ୍ଥାନ ନେଇଛି ପତ୍ର, ପୁଷ୍ପର ଗୁଚ୍ଛିତ ବିଭିନ୍ନ ଜଙ୍ଗଲୀ ଫଳର ମାଳ, ଗୁଞ୍ଜମାଳି ଇତ୍ୟାଦି । ମୁଣ୍ଡରେ ପକ୍ଷୀ ପରରେ ତିଆରି ଟୋପି, ଧନୁତୀର ଧରି କିରାତ ବେଶରେ ବନରୁ ବନାନ୍ତର ହୋଇଛନ୍ତି, ସିଏ ବନବାସୀ ।

ଆଃ ! ଭାଗ୍ୟର ବିଚିତ୍ର ଗତି । କିନ୍ତୁ ମଣିଷ ତ ନିଜ କର୍ତ୍ତବ୍ୟର କିଙ୍କର । କର୍ତ୍ତବ୍ୟ ପାଳନରୁ ବିଚ୍ୟୁତ ହେଲେ ପୁରୁଷାର୍ଥର କ'ଣ ମୂଲ୍ୟ ରହେ ? ସେଇ କର୍ତ୍ତବ୍ୟ ପାଳନ କରିବାକୁ ଯାଇ ଆଜି ସେ ହୋଇଛନ୍ତି କିରାତ, ବନବାସୀ । ହୋଇଛନ୍ତି ବାରୁଣାବନ୍ତରୁ ବିତାଡ଼ିତ । ସବୁ ସେଇ ନିୟତିର ଅଦୃଶ୍ୟ ଇଙ୍ଗିତ । ଅର୍ଜୁନଙ୍କ ଶିରା ପ୍ରଶିରାରେ ରକ୍ତ ଉଷ୍ମ ହୋଇ

ଆସିଲା । ସେଇ ଛଦ୍ମବେଶୀ ବ୍ରାହ୍ମଣହିଁ ତାଙ୍କୁ କର୍ତ୍ତବ୍ୟପାଳନ କରିବାକୁ ବାଧ କଲେ । ଏଣୁ ସେ ହେଲେ ବନବାସୀ, ଅରଣ୍ୟାଶ୍ରୟୀ ।

ସେଦିନ ମହାନନ୍ଦରେ ଲକ୍ଷ୍ୟ ଭେଦ କରି ଦ୍ରୁପଦ ରାଜନନ୍ଦିନୀଙ୍କୁ ଧରି ବାରୁଣାବନ୍ତରେ ପଶୁ ନ ପଶୁଣୁ ମାତା କୁନ୍ତୀ କହିଲେ, ''ଆଜି ଯାହା ଆଣିଛ ତାକୁ ନିଜ ନିଜ ମଧ୍ୟରେ ବାଣ୍ଟି ନିଅ ।'' ମାଆ ଦେଖି ନାହାନ୍ତି ତାଙ୍କ ଦିଗ୍‌ବିଜୟୀ ପୁତ୍ରମାନେ ସାଙ୍ଗରେ କି ଦ୍ରବ୍ୟ ଆଣିଛନ୍ତି । ଆଦେଶର ପାଳନ ହେତୁ ପାଞ୍ଚ ଭାଇଙ୍କର ଭର୍ତ୍ତା ହେଲେ ଦ୍ରୁପଦ ଲଳନା ଦ୍ରୌପଦୀ । ସମସ୍ତେ ବେଶ୍ ଖୁସିରେ ସମୟ କାଟୁଥା'ନ୍ତି । ଏପରି ଏକ ସମୟରେ ଅଗ୍ନିଦେବ ଏକ ବ୍ରାହ୍ମଣ ବେଶରେ ଆସି ପାର୍ଥଙ୍କ ଆଗରେ ଗୁହାରି କଲେ ଯେ, ଦସ୍ୟୁମାନେ ଜୋର ଜୁଲୁମ କରି ତାଙ୍କର ଗାଈମାନଙ୍କୁ ଚୋରେଇ ନେଇ ଯାଉଛନ୍ତି । ସେ ଅସହାୟ । ସୁତରାଂ ତାଙ୍କ ହୃତ ଗାଈମାନଙ୍କୁ ଫେରାଇ ଆଣିବାହିଁ ଯୋଦ୍ଧା ପାଣ୍ଡବମାନଙ୍କ କର୍ତ୍ତବ୍ୟ । କ୍ଷତ୍ରିୟ ରାଜ୍ୟରେ ନିରୀହ ବ୍ରାହ୍ମଣ ପ୍ରତି ଅତ୍ୟାଚାର, ଏହାକୁ ବରଦାସ୍ତ କରାଯାଇ ନପାରେ । ଅର୍ଜୁନ ଯେ ନିଜ ଧନୁ, ତୀର ତାଙ୍କ ଶୟନ କକ୍ଷରେ ରଖିଛନ୍ତି, ଯେଉଁଠାରେ ଏବେ ଦ୍ରୌପଦୀଙ୍କ ସହ ବଡ଼ ଭାଇ ଯୁଧିଷ୍ଠିର ଏକାନ୍ତରେ ଅଛନ୍ତି । ଅର୍ଜୁନ ପଡ଼ିଗଲେ ଦ୍ୱନ୍ଦ୍ୱରେ । କ'ଣ କରିବେ ? ଏଣେ ବ୍ରାହ୍ମଣଙ୍କୁ ରକ୍ଷା ନକଲେ ସ୍ୱଧର୍ମ ପାଳନରୁ ବିଚ୍ୟୁତ ହେବେ, ତେଣେ ଧନୁତୀର ଆଣିବାକୁ ଗଲେ ଭ୍ରାତା ଯୁଧିଷ୍ଠିରଙ୍କ ଘୋଷିତ ନିୟମର ଉଲ୍ଲଂଘନ ହେବ । ଚିନ୍ତା ନକରି ସିଏ କର୍ତ୍ତବ୍ୟ ପାଳନ ସକାଶେ ପଶିଗଲେ ଶୟନ କକ୍ଷକୁ ଧନୁତୀର ଆଣିବା ପାଇଁ । ସେଠାରେ ତାଙ୍କୁ ଅପେକ୍ଷା କରିଥିଲା ଦୁର୍ଦ୍ଦଶା, ଦୁର୍ବିପାକ । ଧନୁତୀର ଧରି ଯଥା ଶୀଘ୍ର ଫେରି ଆସିଲେ ସିନା, ନିୟମ ଭଙ୍ଗ ହେତୁ ସେ ହେଲେ ଦୋଷୀ; ହେଲେ ବନବାସୀ ବାର ବର୍ଷ ପାଇଁ । ଦୋଷ ହେଉ ପଛେ, କର୍ତ୍ତବ୍ୟ ସମ୍ପାଦନ କରିବା କ୍ଷତ୍ରିୟର କ୍ଷାତ୍ର ଧର୍ମ । ଦସ୍ୟୁମାନଙ୍କୁ ପରାହତ କରିବାକୁ ବାହାରି ପଡ଼ିଲେ ବୀର ପାର୍ଥ । ମାତ୍ର ସେତେବେଳକୁ ବ୍ରାହ୍ମଣ ଆଉ ସେଠାରେ ନଥିଲେ, ଅନ୍ତର୍ଦ୍ଧାନ ହୋଇ ସାରିଥିଲେ ।

କର୍ତ୍ତବ୍ୟପାଳନ କରିବାକୁ ବ୍ୟଗ୍ର ହୋଇ ସେ ଆଜି ବନଚାରୀ । ବୁଲି ବୁଲି ଆସି ପହଞ୍ଚିଛନ୍ତି କାମ୍ୟକ ବନରେ । ଋତୁଚକ୍ରର ଆବର୍ତ୍ତରେ ଧରାପୃଷ୍ଠକୁ ଆସିଛି ବର୍ଷା ଋତୁ । ଆକାଶରେ ଘୋଟି ଆସିଛି କଳାହାଣ୍ଡିଆ ମେଘ । ମେଘ ମହ୍ଲାରରେ ଅରଣ୍ୟ ଅନ୍ଧକାର ହୋଇ ଉଠିଛି । ଆହୁରି ଗଭୀର ହୋଇ ଉଠିଛି ବନବୀଥିର ଅନ୍ତଃସ୍ଥଳ । ଏକ ସୁ-ଉଚ୍ଚ ପଥରର ଶୀର୍ଷରେ ବସିଛନ୍ତି ଅର୍ଜୁନ । ଦୂର ପ୍ରାନ୍ତରରେ ମୟୂର ପଲ ଖୁସି ମନରେ ଡିଆଁଡ଼େଇଁ କରୁଛନ୍ତି । ସେମାନେ କିଳିକିଳା ରବରେ ଆକାଶକୁ ଅନାଇ ଯେମିତି ଆବାହନ କରୁଛନ୍ତି, ''ହେ ପୟୋଧର ! ତୁମେ ଆଉ ଆକାଶରେ ରୁହ ନାହିଁ, ଚାଲି ଆସ ଏଇ ବନଭୂମିକୁ । ତୁମର ଶୀତଳ ସ୍ପର୍ଶରେ ଶିହରିତ ଶସ୍ୟ-ଶ୍ୟାମଳା ହୋଇଉଠୁ ଏ ବନସ୍ଥଳୀ ।

ଆକାଶରେ ଘନକଳା ମେଘର ରମ୍ୟ ପରିବେଶରେ ମୟୂରଟିଏ ପୁଚ୍ଛ ମେଲାଇ ଆରମ୍ଭ କରି ଦେଇଛି ନୃତ୍ୟ ଆତ୍ମମଗ୍ନ ହୋଇ । ଖୁବ୍ ଚିତ୍ତାକର୍ଷକ ତା'ର ଚନ୍ଦ୍ରିକା ଚିତ୍ରିତ ଲମ୍ବା ପୁଚ୍ଛ । ଗୋଡ଼ ଦୁଇଟି ତା'ର ଛନ୍ଦ, ତାଳରେ ନିବଦ୍ଧ । ନିର୍ନିମେଷ ଚକ୍ଷୁ ଦୁଇଟି ମେଘ ଅଙ୍ଗରେ ଲାଖି ଯାଇଛି । ଚୂଳକୁ ନଚାଇ, ପୁଚ୍ଛ ଦୋହଲାଇ ସିଏ ମେଘର ତାଳରେ ଆତ୍ମବିଭୋର, ତନ୍ମୟ । ଏ ଅଭୁତ ଦୃଶ୍ୟ ଦେଖି ଏଣେ ଅର୍ଜୁନଙ୍କ ତନୁରେ ଅପୂର୍ବ ଶିହରଣ, ପ୍ରତିଲୋମ କୂପରେ ପୁଲକ । ଭାବାବେଗରେ ମଗ୍ନ ସେ ।

କାହିଁ କେତେଦୂରେ ଭାସମାନ ମେଘମାଳ । କେତେ ଦୂରରେ ଏଇ କାମ୍ୟକ ଅରଣ୍ୟ ତଥାପି ମେଘ ସହିତ ମୟୂରର ଘନିଷ୍ଠ ବନ୍ଧନ । କି ଏକ ଅନନ୍ତ ପ୍ରେମରେ ମୟୂର ନୃତ୍ୟରତ, ପ୍ରେମାପ୍ଲୁତ । ସୁତରାଂ ପ୍ରେମ ପାଇଁ ଦୂରତା ଅନ୍ତରାୟ ନୁହେଁ । ମନର ତନ୍ମୟଭାବହିଁ ସେଇ ଦୂରତାକୁ ନିକଟତର କରାଏ ।...

ସମୟ ଅତିକ୍ରାନ୍ତ ହୋଇଛି । ମୟୂରପଲ କେତେବେଳୁ ଗହନ ବନ ଭିତରକୁ ଚାଲି ଗଲେଣି । ଏଣୁ ଅର୍ଜୁନଙ୍କର ବିମୁଗ୍ଧ ବିସ୍ମୟ ଭାବରେ ମଧ ଯବନିକା ପଡ଼ିଗଲା । ସେ ବସିବା ସ୍ଥାନରୁ ଉଠିଗଲେ । ତାଙ୍କ ଆଖିରେ ପଡ଼ିଲା ଏକ ମୟୂର ପୁଚ୍ଛ । ତା'ର ଚନ୍ଦ୍ରିକାଟି ରଙ୍ଗ ବେରଙ୍ଗର ଚିତ୍ର ତୋଳି ଝଲମଲ କରୁଛି । ସିଏ ସନ୍ତର୍ପଣରେ ପାହୁଣ୍ଡ ପକାଇ ଆଗକୁ ଗଲେ ଓ ମୟୂରପୁଚ୍ଛକୁ ତଳୁ ଉଠାଇଲେ । ପୁଚ୍ଛଟିକୁ ନିଜ ମସ୍ତକରେ ଲଗାଇଲେ ଭକ୍ତିରେ । ତାଙ୍କର ମନେ ପଡ଼ିଲା – ସଖା କୃଷ୍ଣଙ୍କ ମୁଣ୍ଡରେ ଶୋଭାପାଏ ଏମିତି ଏକ ମୟୂର ଚନ୍ଦ୍ରିକା । ତାଙ୍କ ମନ ସଙ୍ଗେ ସଙ୍ଗେ ଧାଇଁଗଲା ଶ୍ରୀକୃଷ୍ଣଙ୍କ ଆଡ଼କୁ । କ'ଣ କରୁଥିବେ ଏବେ ଦ୍ୱାରିକାଧୀଶ ମୋହନ ? ସେ କ'ଣ ଏପର୍ଯ୍ୟନ୍ତ ଖବର ପାଇ ନାହାନ୍ତି ବାରୁଣାବନ୍ତର ଏ ଅପ୍ରତ୍ୟାଶିତ ଘଟଣା ? ଜାଣି ନାହାନ୍ତି ତାଙ୍କ ବନଗମନର ସମ୍ବାଦ ? ଅନେକ ଦିନ ପୂର୍ବେ ଦ୍ରୁପଦ ନଗରରେ ଥିଲାବେଳେ ତାଙ୍କ ସହ ସାକ୍ଷାତ୍ ହୋଇଥିଲା ଯାହା ।

ଚିନ୍ତାରେ ଭାରାକ୍ରାନ୍ତ ଅର୍ଜୁନ ସେଇଠୁ ତଳକୁ ଚାଲିଲେ । ମନରେ ଅନେକ ଅକୁହା ପ୍ରଶ୍ନର ଅଡୁଆ ଖିଅ ।

ସେପଟେ ବାରୁଣାବନ୍ତରେ ଆକସ୍ମିକ ଭାବରେ ପ୍ରବେଶ କରିଛନ୍ତି ଯଦୁପତି । ଯଥାଯୋଗ୍ୟ ଅଭ୍ୟର୍ଥନା ଦେଇ ତାଙ୍କୁ ପାଛୋଟି ନେଇଛନ୍ତି ମହାରାଜ ଯୁଧିଷ୍ଠିର । ଶ୍ରୀକୃଷ୍ଣ ସମସ୍ତଙ୍କର କୁଶଳ ଜିଜ୍ଞାସା କରିଛନ୍ତି । ସମସ୍ତ ସକାରାତ୍ମକ ପରିସ୍ଥିତି ମଧ୍ୟରେ, ମଧ୍ୟମ ପାଣ୍ଡବଙ୍କ ଅନୁପସ୍ଥିତି ତାଙ୍କୁ ଶଙ୍କାଗ୍ରସ୍ତ କରିଛି । ସେ ଏହାର କାରଣ ଜାଣିବା ପାଇଁ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କଲେ । ଯୁଧିଷ୍ଠିର ସେ ବୃତ୍ତାନ୍ତ କହିବା ପାଇଁ ମନ୍ତ୍ରୀ ସହଦେବଙ୍କୁ ଇସାରା କଲେ ।

ସହଦେବଙ୍କଠାରୁ ଅର୍ଜୁନଙ୍କ ସମ୍ପର୍କରେ ସମସ୍ତ ଅପ୍ରତ୍ୟାଶିତ ଖବର ପାଇ ଖୁବ୍ ବ୍ୟଥିତ ହେଲେ ଶ୍ରୀକୃଷ୍ଣ । ଅସ୍ଥିର ମନରେ ସେ ତତ୍‌କ୍ଷଣାତ୍ ଅର୍ଜୁନଙ୍କ ଅବସ୍ଥିତି ଜାଣିବାକୁ ସହଦେବଙ୍କୁ ପଚାରିଲେ । ସହଦେବ ଉତ୍ତର ଦେଲେ, ''ମହାଭାଗ ! ଭ୍ରାତା ଅର୍ଜୁନ ଏବେ ବିପ୍ରପ୍ରସାଦ ନଦୀ ତୀରବର୍ତ୍ତୀ ମଣିଭଦ୍ରା ପର୍ବତରେ ରହୁଛନ୍ତି । ତହିଁ ଏକ ଦ୍ୱିପ ଲୋହିତ ଶିଳା ଉପରେ ନିଜର ତୀରକୁ ମାଜିବାରେ ବ୍ୟସ୍ତ ଅଛନ୍ତି ।'' ଶ୍ରୀକୃଷ୍ଣ ପୁଣି ପଚାରିଲେ, ''ଧନଞ୍ଜୟର ବନବାସ କେତେ ଦିନ ହେଲା ?'' ହିସାବ କରି ସହଦେବ କହିଲେ, ''ଆଜିକୁ ମିଶାଇ ଚାରି ବର୍ଷ, ଛଅ ମାସ, ତେର ଦିନ ହେଲାଣି ସିଏ ବନବାସୀ ହେଲେଣି ।''

''ଆଚ୍ଛା ! କହିବ, କେଉଁ କାରଣରୁ ଅଗ୍ନିଦେବ କପଟାଚରଣ କରି ଅର୍ଜୁନଙ୍କୁ ବନବାସ ପ୍ରେରଣର ରାସ୍ତା ପ୍ରସ୍ତୁତ କଲେ ?'' – ଶ୍ରୀକୃଷ୍ଣ ପୁଣି ପ୍ରଶ୍ନ କଲେ । ସହଦେବ କହିଲେ, ''ଶୁଣନ୍ତୁ ମହାଭାଗ ! ଶ୍ୱେତରାଜା ଯେତେବେଳେ ଶହେ ବର୍ଷ ପର୍ଯ୍ୟନ୍ତ ଯଜ୍ଞ କରିଥିଲେ, ସେଇ ଯଜ୍ଞରେ ଅଗ୍ନିଦେବ ପ୍ରଚୁର ଘୃତାହୁତି ଭକ୍ଷଣ କରିଥିଲେ । ଫଳରେ ତାଙ୍କୁ ଲୁଦୁବୁଦୁ (ଅଗ୍ନିମାନ୍ଦ୍ୟ) ବ୍ୟାଧି ହେଲା । ସେ ବ୍ୟାଧିରୁ ମୁକ୍ତି ପାଇଁ ଅଗ୍ନିଦେବଙ୍କର ଏ କପଟାଚରଣ ପ୍ରଭୁ ।'' ସହଦେବଙ୍କୁ ଏକ ଧ୍ୟାନରେ ଚାହିଁ ରହି ଶ୍ରୀକୃଷ୍ଣ ଚିନ୍ତାଶୀଳ ହେଲେ । ପରେ ସେ କହିଲେ, ''ମୁଁ ଏବେ ଏଇଠୁ ମଣିଭଦ୍ରା ପର୍ବତକୁ ଯାଇ ସଖା ଅର୍ଜୁନଙ୍କୁ ସାକ୍ଷାତ୍ କରିବି । ମୋତେ ଅସ୍ଥିର ଲାଗିଲାଣି ।'' ସେ ଯାଇ ମହାରାଜ ଯୁଧିଷ୍ଠିରଙ୍କୁ ନିଜ ଇଚ୍ଛା ଜଣାଇଲେ । ଯୁଧିଷ୍ଠିର କହିଲେ, ''ଆପଣ ଯଥାଶୀଘ୍ର ଯାଇ ଅର୍ଜୁନଙ୍କୁ ବନବାସରୁ ଫେରାଇ ଆଣନ୍ତୁ ଗରୁଡ଼ାସନ । ତାଙ୍କ ବିନା ଆମେ ସମସ୍ତେ ଏଠାରେ ମର୍ମାହତ, ଭଗ୍ନ ମନୋରଥରେ ଅଛୁ । କଥା ଛଳରେ ଅର୍ଜୁନଙ୍କର ବନବାସର ବ୍ରତ ଭାଙ୍ଗି ପାରିବାର କ୍ଷମତା କେବଳ ଆପଣଙ୍କର ଅଛି । ଏଣୁ ଏ କାମ ଆପଣଙ୍କ ଦ୍ୱାରା ହୋଇପାରିବ ।''

ସଙ୍ଗେ ସଙ୍ଗେ ଗରୁଡ଼ ଉପରେ ଆରୋହଣ ପୂର୍ବକ ଅର୍ଜୁନଙ୍କୁ ଦର୍ଶନ କରିବା ନିମିତ୍ତ ବ୍ୟାକୁଳ ଶ୍ରୀକୃଷ୍ଣ ମଣିଭଦ୍ରା ପର୍ବତ ଅଭିମୁଖେ ବାହାରି ପଡ଼ିଲେ । ଆଜ୍ଞାବହ ଗରୁଡ଼ ଅତି ଅଳ୍ପକ୍ଷଣ ମଧ୍ୟରେ ପହଞ୍ଚିଗଲେ ମଣିଭଦ୍ରା ପର୍ବତରେ । ସହଦେବଙ୍କ କଥା ମୁତାବକ ଅର୍ଜୁନ ସେତେବେଳେ 'ତୀର' ମାର୍ଜନରେ ମଗ୍ନ । ଏହା ଦେଖି ଶ୍ରୀକୃଷ୍ଣ ସହଦେବଙ୍କ ବିଦ୍ୟା-ବିଶାରଦତାକୁ ପ୍ରଶଂସା କଲେ । ଶୂନ୍ୟ ପ୍ରଦେଶରେ ଗରୁଡ଼ଙ୍କୁ ରଖାଇ ମହାବାହୁ ନିଜର ଅଦ୍ଭୁତ ଖିଆଲରେ ଏକ କିମ୍ଭୂତକିମାକାର ରୂପ ଧାରଣ କଲେ । ଭାବିଲେ ବୀର ଅର୍ଜୁନ ମୋର ଏ ରୂପ ଅବଲୋକନରେ କି ପ୍ରତିକ୍ରିୟା କରୁଛନ୍ତି । ସେ ନବଗୁଞ୍ଜର ରୂପ ଧାରଣ କଲେ ।

ଏ ନବଗୁଞ୍ଜର ରୂପଟି କ'ଣ ?

ଏହା ଏକ ଚତୁଷ୍ପଦ ପ୍ରାଣୀ । ହାତୀ, ଘୋଡ଼ା ଓ ମୃଗର ପାଦ । ମଣିଷର ହାତ, ଶରୀରର ଗଠନ ସିଂହ ପରି, ଲାଞ୍ଜଟି ସର୍ପ ସଦୃଶ, ବୃଷଭର ଚୂଳ, ମୟୂରର ଗ୍ରୀବା, କୁକ୍କୁଟର ଚୂଳ – ଏହିପରି ନଅଟି ପ୍ରାଣୀଙ୍କ ଅବୟବର ସମାହାର – ପଶୁ, ପକ୍ଷୀ ଓ ସରୀସୃପର ମିଶାମିଶି ରୂପ ପରିଗ୍ରହଣ କରି ନିଘଞ୍ଚ ମଣିଭଦ୍ରା ପର୍ବତର ଗଛ ଆଡୁଆଳରୁ ଶରୀର ନଚାଇ ନଚାଇ ଅର୍ଜୁନଙ୍କ ଆଡ଼କୁ ଅଗ୍ରସର ହେଲେ । ଦୋଳାୟମାନ ଶରୀରରୁ ଝଟକି ଉଠୁଥିଲା ଅପୂର୍ବ ଦୀପ୍ତିର ଛଟା ଯାହା ଅନ୍ଧକାର ବନ ଭୂମିକୁ ତେଜୋମୟ ଓ ଆଲୋକିତ କରୁଥିଲା । ପ୍ରତି ପଦପାତରେ ନୃତ୍ୟର ଛନ୍ଦ । ସେହି ପଦପାତରେ ଛାୟାଚ୍ଛନ୍ନ ବନଭୂମିର ପ୍ରତି ରେଣୁ, ବୃକ୍ଷଲତା, ଜୀବଜନ୍ତୁ ପୁଲକିତ ହୋଇ ଉଠୁଥିଲେ । ଜୀବଜନ୍ତୁ ଏ ଅପୂର୍ବ ଜୀବକୁ ଜଡ଼ବତ୍ ଅନାଇଁ ରହିଥିଲେ । ମଣିଭଦ୍ରାର ଏକ ଢିପରେ ଅର୍ଜୁନ ନିଜ କର୍ମରେ ନିମଗ୍ନ ! ନବଗୁଞ୍ଜର ରୂପୀ ଶ୍ରୀକୃଷ୍ଣ ତେଣେ ଛନ୍ଦ, ତାଳ, ଲୟରେ ଉପରୁ ତଳକୁ ଓହ୍ଲାଇ ଆସୁଛନ୍ତି । ଗଛର ଝରାପତ୍ରସବୁ ପାଦର ଆଘାତରେ ମର୍ମର ଶବ୍ଦ ସୃଷ୍ଟି କରୁଛନ୍ତି । ବନ୍ୟ ଜୀବମାନଙ୍କ ମନରେ ଏକ ଅନୁଚ୍ଚାରିତ ପ୍ରଶ୍ନ – ଏ ଅପୂର୍ବ ଜୀବଟି କିଏ ?

ବ୍ରହ୍ମଜ୍ଞାନୀ ଯେପରି ବ୍ରହ୍ମରେ ତଲ୍ଲୀନ ରହି ବାହ୍ୟଜ୍ଞାନଶୂନ୍ୟ ହୋଇଥାଏ, ଅର୍ଜୁନ ସେହିପରି ଏସବୁ କାଣ୍ଡ କାରନାମାକୁ ନଜର ନକରି ନିଜର କର୍ମରେ ବ୍ୟାପୃତ । ସତେ ଯେପରି ସିଏ ଏଇ ଗୁଣ ସହ ନିଜର ଜ୍ଞାନକୁ ଶାଣିତ କରୁଛନ୍ତି ! ନବଗୁଞ୍ଜର ରୂପୀ ଶ୍ରୀକୃଷ୍ଣ ହଠାତ୍ ଅର୍ଜୁନଙ୍କ ଦୃଷ୍ଟି ପଥାରୂଢ଼

ହେଲେ । ବିସ୍ମୟ ବିମୂଢ଼ ହୋଇ ଏ ବନ୍ୟ ଜୀବ ଉପରେ ଦୃଷ୍ଟି ନିବଦ୍ଧ କରି ସେ ଉଠି ଠିଆ ହୋଇଯାଇଛନ୍ତି ।

''ଏ ପ୍ରକାର ବନ୍ୟଜୀବ ପୁଣି ଆର୍ଯ୍ୟାବର୍ତ୍ତରେ ଅଛନ୍ତି ? ଏହାର ଶରୀରରେ ନଅଟି ଜୀବର ଅବୟବମାନଙ୍କ ମିଳନ ହୋଇଛି । ଏ କୌଣସି ମାୟାବୀ ଅସୁର ଅଥବା ଦେବତା ନୁହେଁ ତ ? ମୋତେ ବିଭ୍ରାନ୍ତରେ ପକାଇବାକୁ ଆସୁ ନାହିଁ ତ ? ପୁଣିଥରେ କି ଅଭିଶାପ ବା ଦୋଷରେ ଦୋଷୀ କରିବାକୁ କୌଣସି ଖଳ ପ୍ରକୃତିର ଏ ମାୟା ରଚନା ନୁହେଁ ତ ? ଇତି ମଧ୍ୟରେ ମୁଁ ଅନେକ ଅରଣ୍ୟ ବୁଲି ଦେଖିସାରିଲିଣି; ମାତ୍ର କେଉଁଠି ହେଲେ ଏପରି କିମ୍ଭୂତ ଜୀବର ସମ୍ଭବ ଦେଖି ନାହିଁ । ନୈମିଷଗିରି, ବଡ଼ଡୁମୁରୁ ଗିରି, କାମ୍ୟକ ଅରଣ୍ୟ, ରୈବତ ଗିରି, ହରମନ୍ଦର ଗିରି, ତୁରଙ୍ଗ ପର୍ବତ, କାଳିଞ୍ଜନ ପର୍ବତ, ମହେନ୍ଦ୍ର ଗିରି, ହୟାନ୍ତ ଅରଣ୍ୟ, ଲୋକାଲୋକ ଅରଣ୍ୟ ଏପରି କେତେ ଯେ ସ୍ଥାନ ବୁଲିଲିଣି । ଏଠି କେମିତି ଏପରି ଏକ ଜୀବର ଭେଟ ହେଲା ? ଚହଟ ଚିକ୍କଣ ଶରୀରରୁ ଉଛୁଳି ଉଠୁଛି ଚମତ୍କାର ଦ୍ୟୁତି । ଲଳିତ ପଦପାତରେ ଏ କିଏ ? କୌଣସି ଅଭିଶପ୍ତ ଗନ୍ଧର୍ବ ନୁହେଁ ତ ! ହୋଇପାରେ ! — ଅର୍ଜୁନ ଭାବି ହେଲେ, ଅଜାଣତରେ ଛେପ ଢୋକି ।

ଏମିତି ଚିନ୍ତା କରୁ କରୁ ତାଙ୍କର ନଜର ପଡ଼ିଗଲା ନବଗୁଞ୍ଜରର ସେଇ ଅଙ୍ଗକୁ, ଯାହା ଥିଲା ମଣିଷର ହାତ ଆଉ ସେଇ ହାତରେ ଥିଲା ଗୋଟିଏ ପଦ୍ମଫୁଲ ! ବାସ୍, ତାହାହିଁ ଯଥେଷ୍ଟ ଥିଲା ଅର୍ଜୁନଙ୍କ ପରି ଜ୍ଞାନୀ ଭକ୍ତ ପାଇଁ । ଆମ୍ବସ୍ଥ ହେଲେ ବୀର ପାର୍ଥ ! ହାତରେ ପଦ୍ମଫୁଲ ଧରି କିଏ ଆଉ ମୋ ଆଡ଼କୁ ଆସିବ । ଏ ନିଶ୍ଚୟ ସେଇ ନଟବର ନାଗରଙ୍କ ଲୀଳା । ଠିକ୍ ଅଛି । ଆଉ ଚିନ୍ତା କାହିଁକି ? ଏହାଙ୍କ ସାମନାରେ ଯାଏ ଗଡ଼ଘାଲି ଶୋଇଯିବି । ଶ୍ରୀକୃଷ୍ଣ ହୋଇଥିଲେ ସ୍ନେହରେ ତଳୁ ଉଠାଇବେ; କପଟୀ, ପାପାଚାରୀ ହୋଇଥିଲେ ତା' ନିଜ କପଟହିଁ ତାକୁ ଆତ୍ମଘାତୀ ହେବ !

ବୀରପାର୍ଥ ଲୋଟି ପଡ଼ିଲେ ନବଗୁଞ୍ଜର ଆଗରେ ସସମ୍ମାନେ, ସଂଭ୍ରମରେ । ଭକ୍ତର ଚିନ୍ତାଧାରା, ଭଗବତ ଚିନ୍ତାଧାରାକୁ ଅତିକ୍ରମ କରିଗଲେ ଯାହାହୁଏ, ତାହାହିଁ ହେଲା । ଯଦୁପତି ନିଜକୁ କି ଆଉ ଛଦ୍ମରେ ରଖିପାରନ୍ତେ ? ତାହା ପୁଣି ପ୍ରାଣପ୍ରିୟ ଅର୍ଜୁନ ଆଗରେ । ଅଧରରେ ମୃଦୁମନ୍ଦ ହାସ୍ୟ ଫୁଟାଇ ତ୍ରିଭଙ୍ଗୀ ଠାଣିରେ ଉଭାହେଲେ ଯଶୋଦା ନନ୍ଦନ । ଆଖି ପିଛୁଳାକେ ନବଗୁଞ୍ଜର ରୂପରେ ପରିବର୍ତ୍ତନ ଆସିଲା ।

ଅର୍ଜୁନଙ୍କୁ କୋଳାଗ୍ରତ କରି ଶ୍ରୀକୃଷ୍ଣ କହିଲେ, ''ମୁଁ ଜାଣେ ପାର୍ଥ, ତୁମଠାରେ ଯେତେ ପରୀକ୍ଷା ନେଲେ ମଧ୍ୟ, ସବୁଥିରେ ତୁମେହିଁ ଜୟଯୁକ୍ତ ହେବ । ଆଉ ମୁଁ ପରାଜିତ ହେବି । ତୁମେହିଁ ତ ମୋର ଏକାନ୍ତ ଅନ୍ତରର, ପ୍ରିୟତମ । ସେଇଥିପାଇଁ ତ ମୁଁ ସହଦେବଠାରୁ ଯେତେବେଳେ ସମସ୍ତ ବିଷୟ ଜାଣିଲି, ଆଉ କ୍ଷଣେ ମାତ୍ର ରହିପାରିଲି ନାହିଁ, ଧାଇଁ ଆସିଲି ଏଇ ଅଗନା-ଅଗନି ଅରଣ୍ୟ ପ୍ରାନ୍ତରକୁ, ତୁମକୁ ଦେଖିବାକୁ, ବ୍ୟାକୁଳ ହୋଇ ।''

ବନବାସ ହେତୁ ଅର୍ଜୁନ ଯେ ତିଳେମାତ୍ର ବ୍ୟଥିତ, ଦୁଃଖିତ ନୁହନ୍ତି, ନିଜର କର୍ତ୍ତବ୍ୟ ପାଳନରେ ସେ ଯେ ସତତ ବ୍ୟଗ୍ର । ସେଇ ଉତ୍ସାହ, ସେଇ ଉନ୍ନତ ଚିନ୍ତାଧାରା ଧରି ଅରଣ୍ୟରେ ଅତ୍ୟନ୍ତ ଆରାମରେ ଦିନ କାଟୁଛନ୍ତି, ଏହା ତାଙ୍କୁ ଆମୋଦିତ କଲା । ସେ ପୁଣି କହିଲେ, ''ଚାଲ ସଖା, ବଡ଼ଭାଇଙ୍କ କଥା ମୁତାବକ ଫେରିଯିବା ବାରୁଣାନଗରୀ । ସେଇଠି ପାଣ୍ଡବମାନେ, ରାଣୀହଂସପୁରର ରାଣୀ, ମାତା କୁନ୍ତୀ ଓ ଦାସଦାସୀ ତୁମର ଅପେକ୍ଷାରେ ଅଛନ୍ତି ।''

ବିନୟାବନତ ଅର୍ଜୁନ ଉତ୍ତର ଦେଲେ– '' ଆଉ କେତେ ଦିନ ଅବା ରହିଲା ? କାଲିପରି କଟିଯିବ ଅବଶିଷ୍ଟ ଦିନ । ବାରବର୍ଷ ବନବାସ ସାରି ଫେରିଯିବି ସଖା । ସେ ସମୟ ଆସୁ । ଏବେଠାରୁ ଉଦ୍‌ଗ୍ରୀବ କାହିଁକି ?''

ଅର୍ଜୁନ ପୁଣିଥରେ ଲୋଟିଗଲେ ଶ୍ରୀକୃଷ୍ଣଙ୍କ ଛନ୍ଦା ଚରଣରେ ବିନମ୍ରଭାବେ । ଆଶୀର୍ବାଦ ମୁଦ୍ରାରେ ଠିଆ ହୋଇଥିଲେ ଯୋଗେଶ୍ୱର କୃଷ୍ଣ ।

ସାରା ବନଭୂମି ସ୍ଥିର ହୋଇଯାଇଥିଲା ଏକ ଅଭାବିତ ନୀରବତାରେ ।

❑❑❑

ଶ୍ରୀଅରବିନ୍ଦଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଆମେ ତାଙ୍କ ଶିକ୍ଷାର ଜୀବନ୍ତ ଦୃଷ୍ଟାନ୍ତ ହେବାଠାରୁ ଅଧିକ ଉତ୍ତମ କିଛି କରି ପାରିବା ନାହିଁ ।

ଶ୍ରୀମା

# ଦେଖୁଛି ନୂଆ ସପନ

## ଶରତ କୁମାରୀ ସ୍ୱାଇଁ

ଅସମାପ୍ତ ଊର୍ଦ୍ଧ୍ୱ ଆରୋହଣେ ଯେବେ
ନୀରବ, ନିଷ୍ପ୍ରଭ ପ୍ରାଣ
ମୁହୂର୍ତ୍ତସବୁକୁ ଅତିକ୍ରମୁ ଥିଲା
ଶୁଣି କରୁଣ କ୍ରନ୍ଦନ । (୧)

ଜୀବନର ସେଇ କରୁଣ କ୍ରନ୍ଦନେ
ଅସୁମାରି ବ୍ୟଥା ଭରା
ଯନ୍ତ୍ରଣା-କାତର ନିଥର ଶରୀର
ଖୋଜୁଥିଲା କା' ଆଶରା । (୨)

ଅସୁରକ୍ଷିତ ମୋ ହୃଦୟ ସତେ କି
ବ୍ୟାକୁଳେ ବିଳପୁ ଥିଲା
ବିଳାପର ଧ୍ୱନି ବାୟୁ ତରଙ୍ଗରେ
ଦିଗଭ୍ରଷ୍ଟ ହେଉଥିଲା । (୩)



ଅବସାଦ ଘେରା ନିରାଶା ଅନ୍ଧାରେ
ଅସହାୟ କ୍ଷୁବ୍ଧ ମନ
ଲୋଡୁଥିଲା ତବ ସୁରକ୍ଷା ବଳୟ
ମାଗି ଥିଲା ଦରଶନ । (୪)

ଦୟାମୟୀ ତୁମେ କରୁଣା ବଶରେ
ନିଜକୁ ପ୍ରକଟ କଲ
ଅଭୟ ହସ୍ତରେ ନିର୍ଭୟ ପ୍ରଦାନ
କରି ଧୀରେ ତୋଳି ନେଲ । (୫)

ଲିଭିଗଲା ମୋର ସକଳ ଯାତନା
ତୁଟିଗଲା ଅଭିମାନ
ତବ କୋଳେ ଥାଇ ଜନନୀ ଗୋ ମୁହିଁ
ଦେଖୁଛି ନୂଆ ସପନ । (୬) ❑

# ସନ୍ଧିପତ୍ର

## ହରପ୍ରିୟା ସାହୁ

ହେ ଶାଶ୍ୱତ !
ତୁମେ ଅଛ ଜୀବନର
ଅନ୍ତରେ ବାହାରେ
ଜୀବ-ଜଗତ ଓ ଜଡ଼ର ଚେତନା ଭିତରେ ।
ତଥାପି ଏ ଅପରା ଜୀବନ
ତୁମକୁ ଏତିକି ପଚାରେ
ଯଦି ମୁଁ ତୁମଠାରୁ ଆସିଥାଏ
ତେବେ କିଆଁ ଘୋଡ଼ାଇ ଦେଲ
ମୋ ଦେହରେ 'ମୁଁ'ର ଚାଦର ?
ଅହମିକା ଯେତେସବୁ ଭରିଦେଇ
ଚେତନାରେ ମୋର
ପ୍ରଶାନ୍ତ ଏ ଜୀବନ ସିନ୍ଧୁରେ



ଭରି ଦେଇ ଉତ୍ତଳା ଜୁଆର !!
ଏବେ ଅମାନିଆ ମନ ମୋର
ଚାହୁଁଛି ତୁମ ଗଢ଼ା ସଂସାରର
ମାନେ ବୁଝିବାକୁ ।
ତୁମ ସହ ସନ୍ଧିପତ୍ର କରି
ତୁମ ସୃଷ୍ଟି ସାମିଆନା ତଳେ
ଜୀବନର ଚର୍ଯ୍ୟାଗୀତି ଗାଇ ବସିବାକୁ ।
ମୁଁ ଜାଣିଛି ଆମେସବୁ ଦେବଶିଶୁ
ତୁମେ ଆମ ବିଶ୍ୱରୂପୀ ମାତାପିତା
ଚପଳ ଛନ୍ଦରେ ତୁମ ନାମ ଉଚ୍ଚାରିଲେ
ଶୁଣୁଥିବୁ ତୁମଠାରୁ ନାନାବାୟା ଗୀତ
ଆଉ ଯେତେସବୁ ମଧୁର କବିତା । ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ନିଜ ଜୀବନର ଦୁଃଖକଷ୍ଟ ଏବଂ ସଂସାରର ବିପରୀତ ପରିସ୍ଥିତିରୁ ଉଦ୍ଧାର ପାଇବାର କୌଣସି ଉପାୟ ନ ଦେଖି ମୃତ୍ୟୁ ବରଣ କରିବାକୁ ଇଚ୍ଛା କରୁଛି । ଏହା କ'ଣ ଠିକ୍ ?*

ଉତ୍ତର : ଆପଣ ଜୀବନରେ କେବଳ ଦୁଃଖ ଅନୁଭବ କରିଛନ୍ତି, ସେଥିପାଇଁ ଏହି ସଂସାର ଦୁଃଖମୟ ବୋଧ ହେଉଅଛି । ବାସ୍ତବରେ ତାହା ନୁହେଁ । ଯେଉଁଠାରେ ଦୁଃଖର ଚରମ ସୀମା, ସେହିଠାରେ ଥାଏ ସୁଖର ଅସୀମତାର ଉପଲବ୍ଧି । କିନ୍ତୁ ମାର୍ଗ ହେଲା ଦୁଇଟି । ଗୋଟିଏ ଦୁଃଖର ମାର୍ଗ, ଅନ୍ୟଟି ପରମ ସୁଖ, ପରମ ଶାନ୍ତି ତଥା ପରମ ଆନନ୍ଦର ମାର୍ଗ । ଆନନ୍ଦ ପାଇବାକୁ ହେଲେ ଦୁଃଖ ସଙ୍ଗେ ଯୁଦ୍ଧ କରିବାକୁ ହେବ, ତାକୁ ଅତିକ୍ରମ କରିପାରିଲେ ପରମାନନ୍ଦ ପାଇ ପାରିବେ । ଦୁଃଖକୁ ଭୟ କରି ସେଥିରୁ ପଳାୟନ କଲେ କେବଳ ସେହି ଦୁଃଖ ଭୋଗ କରିବାକୁ ହେବ, ତହିଁରୁ ମୁକ୍ତି ମିଳିବ ନାହିଁ ।

ମୃତ୍ୟୁ ପରେ ମନୁଷ୍ୟ ଶାନ୍ତି ପାଏ, ଏ ଧାରଣା ଏକେବାରେ ଭ୍ରମ । ଏହି ପୃଥିବୀ ହେଉଛି କର୍ମଭୂମି; ଏଠାରେ ଯଦି ସେ ଶାନ୍ତି ପାଇପାରେ ତେବେ ମୃତ୍ୟୁ ପରେ ଶାନ୍ତି ପାଇପାରେ । ଏଠାରେ ଦୁଃଖ ଭୋଗୁଥିବା ଲୋକ ମୃତ୍ୟୁ ପରେ ଅଧିକ ଦୁଃଖ ଭୋଗେ । ଜାଗ୍ରତ୍ ଅବସ୍ଥାରେ ଯେ ଅଶାନ୍ତ ଥାଏ, ନିଦ୍ରାରେ ମଧ୍ୟ ସେ ଅଶାନ୍ତି ଅନୁଭବ କରେ, ଅର୍ଥାତ୍ ଦୁଃଖପୂର୍ଣ୍ଣ ସ୍ୱପ୍ନ ଦେଖେ; ଜାଗ୍ରତ୍ ଅବସ୍ଥାରେ ସୁଖଶାନ୍ତିରେ ଥିଲେ ସ୍ୱପ୍ନରେ ମଧ୍ୟ ଆନନ୍ଦ ଅନୁଭବ କରେ । ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବା ପାଇଁ ମୃତ୍ୟୁ ବରଣ କରିବା ମହା ଭ୍ରମ । ମୃତ୍ୟୁ ପରେ ସ୍ଥୂଳ ଶରୀରକୁ ତ୍ୟାଗ କରାହୁଏ, ମାତ୍ର ସୂକ୍ଷ୍ମ ଶରୀର ପ୍ରାପ୍ତ ହୁଏ । ସେଥିରେ ଈର୍ଷା, ଦ୍ୱେଷ, ଭୟ, କ୍ରୋଧ – ସବୁକିଛି ରହିଥାଏ । ଏହିସବୁ ରିପୁଙ୍କର ସୂକ୍ଷ୍ମ ଶରୀର ଥାଏ । ବ୍ୟକ୍ତିର ସ୍ଥୂଳ ଶରୀର ନଷ୍ଟ ହୋଇଥିବା ଯୋଗୁଁ ତା'ର ରକ୍ଷାକବଚ ନଥାଏ । ବ୍ୟକ୍ତିର ସୂକ୍ଷ୍ମ ଶରୀରରେ ସୂକ୍ଷ୍ମ ଶରୀରଧାରୀ ରିପୁମାନେ ସିଧାସଳଖ ଅବାଧରେ ଆକ୍ରମଣ କରନ୍ତି । ସ୍ଥୂଳ ଶରୀର ଥିବା ସମୟରେ ଯେପରି କଷ୍ଟ ହୁଏ, ସୂକ୍ଷ୍ମ ଶରୀରରେ ମଧ୍ୟ ଠିକ୍ ସେହିପରି କଷ୍ଟ ହୁଏ, ମାତ୍ର ସ୍ଥୂଳ ଶରୀରରେ କ୍ରିୟାରେ ପରିଣତ ନହେଲେ କଷ୍ଟ ହୁଏ ନାହିଁ, ସୂକ୍ଷ୍ମ ଶରୀରରେ କଳ୍ପନା ମାତ୍ରେ କ୍ରିୟାରେ ପରିଣତ ହୁଏ ।

ସ୍ଥୂଳ ଶରୀରରେ କୌଣସି ବ୍ୟକ୍ତି ମାରିବାକୁ ଇଚ୍ଛା କରେ, କିନ୍ତୁ ପାଖକୁ ଆସି ସ୍ଥୂଳରୂପେ ନ ମାରିଲେ କଷ୍ଟ ଅନୁଭୂତ ହୁଏ ନାହିଁ । କିନ୍ତୁ ସୂକ୍ଷ୍ମ ଶରୀରରେ ସ୍ଥୂଳାବରଣ ନ ଥାଏ, ଅନ୍ୟ ସତ୍ତାସବୁ ସୂକ୍ଷ୍ମରୂପେ ଅବାଧରେ ବିଚରଣ କରନ୍ତି, ଇଚ୍ଛା କରିବାମାତ୍ରେ ଆକ୍ରମଣ କରନ୍ତି । ଏହି ସୂକ୍ଷ୍ମ ଶରୀରର ଦୁଃଖକଷ୍ଟକୁ ପୁରାଣରେ 'ନରକ ଯନ୍ତ୍ରଣା' ନାମ ଦିଆଯାଇଅଛି । ଅତଏବ ଦୁଃଖକଷ୍ଟରୁ ରକ୍ଷା ପାଇବା ସକାଶେ ମୃତ୍ୟୁ ବରଣ କରିବା ଏକେବାରେ ଭୁଲ୍ । ସେଥିରେ ସମସ୍ୟାର ସମାଧାନ ହୁଏ ନାହିଁ, ହୁଏ ଶରୀରରେ, ଉତ୍ତମ କର୍ମ କରିବାରେ ।

ମନୁଷ୍ୟ ଶରୀରରେ ବହୁ ଶକ୍ତି ରହିଅଛନ୍ତି ଏବଂ ସେମାନେ କର୍ମର ପ୍ରେରଣା ଦିଅନ୍ତି । ସାଧାରଣତଃ ମନୁଷ୍ୟ ମଧ୍ୟରେ ପ୍ରତିକୂଳ ଶକ୍ତି – କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ହିଂସା, ଦ୍ୱେଷ, ଦୁଃଖ, ଦ୍ୱନ୍ଦ୍ୱ, ଭୟ ଆଦି କ୍ରିୟାଶୀଳ ହୋଇଥା'ନ୍ତି । ଏହାର ବିପରୀତ – ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ଭକ୍ତି ତଥା ଅନ୍ୟାନ୍ୟ ବହୁ ଶକ୍ତି ସୁପ୍ତ ଅବସ୍ଥାରେ ଥା'ନ୍ତି । ଯଦିଓ ଏହି ଶକ୍ତିରାଜିର କ୍ରିୟା କେବେ କେବେ ପ୍ରକାଶିତ ହୁଏ, ତଥାପି ତାହାର ପରିମାଣ ବହୁତ କମ୍ । ମନୁଷ୍ୟ ଜଡ଼ରୁ କ୍ରମବିକାଶ ଧାରାରେ ଏପର୍ଯ୍ୟନ୍ତ ଆସିଛି, ସେଥିପାଇଁ ପ୍ରତିକୂଳ ଶକ୍ତି ସ୍ୱଭାବତଃ ତା' ମଧ୍ୟରେ ବିଦ୍ୟମାନ ଓ କ୍ରିୟାଶୀଳ ଥା'ନ୍ତି । ଚେତନାର ବିକାଶାନୁସାରେ ମନୁଷ୍ୟ ମଧ୍ୟରେ ଅନୁକୂଳ ଶକ୍ତି – ଶାନ୍ତି, ଆନନ୍ଦାଦିର ପ୍ରକାଶ ଘଟେ । କ୍ରମ-ବିକାଶ ଅନୁସାରେ ଏହିସବୁ ପ୍ରକାଶ ହେବାରେ ଅଧିକ ସମୟ ଲାଗେ ଏବଂ ଅତ୍ୟଧିକ ଦୁଃଖକଷ୍ଟ ଭୋଗିବାକୁ ହୁଏ । କେବଳ ଯୋଗ ଦ୍ୱାରା ଅନୁକୂଳ ଶକ୍ତିସମୂହକୁ ଅବିଳମ୍ବେ ଜାଗ୍ରତ୍ କରାଯାଇପାରେ ।

ସୁଖଶାନ୍ତି ପ୍ରାପ୍ତ ହେବାର ଉପାୟ ମୃତ୍ୟୁ ନୁହେଁ, ଏକମାତ୍ର ଉପାୟ ଯୋଗ ।

ବିଲ୍ୱମଙ୍ଗଳ, ଗୋସ୍ୱାମୀ ତୁଳସୀ ଦାସ, ବୁଦ୍ଧଦେବ, ବିବେକାନନ୍ଦ, ନିଗମାନନ୍ଦ, ପରମହଂସ ରାମକୃଷ୍ଣ, ସମର୍ଥ ରାମଦାସ ଓ ବହୁ ମହାପୁରୁଷ ଜଗତର ଦୁଃଖକଷ୍ଟ ଦେଖିଥିଲେ, ଅନୁଭବ କରିଥିଲେ; ସେଥିରୁ ମୁକ୍ତ ହେବାକୁ ନିଜ ମଧ୍ୟରେ ସୁପ୍ତ ଆନନ୍ଦ, ଜ୍ଞାନ, ଶାନ୍ତି ଓ ଶକ୍ତିକୁ ଜାଗ୍ରତ୍ କରାଇଥିଲେ ଏବଂ ନିଜେ ଆନନ୍ଦ ଅନୁଭବ କରିଥିଲେ ତଥା ଅଗଣିତ ନରନାରୀଙ୍କୁ ମଧ୍ୟ ଆନନ୍ଦ ପ୍ରଦାନ କରିଥିଲେ । ଅଗ୍ନି ଆଗ୍ନେୟଗିରିରୁ ଉଦ୍‌ଗିରଣ ହେଲେ ଭୟଙ୍କରଭାବେ ମନୁଷ୍ୟର କ୍ଷତି କରେ, ଜଳ ବନ୍ୟା

ରୂପେ ଆସି ସର୍ବନାଶ କରେ; କିନ୍ତୁ ସେହି ଅଗ୍ନିର ପ୍ରୟୋଗରେ ମନୁଷ୍ୟର ଖାଦ୍ୟ ପ୍ରସ୍ତୁତ ହୁଏ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସାଧିତ ହୁଏ, ସେହି ଜଳ ମଧ୍ୟ ମନୁଷ୍ୟର ଜୀବନ ରକ୍ଷା କରିଥାଏ । ବସ୍ତୁର ଦୋଷଗୁଣ ଥାଏ, ପ୍ରୟୋଗର ତାରତମ୍ୟରେ ତାହା ମନୁଷ୍ୟର ସର୍ବନାଶ କରିପାରେ କିଂବା ସର୍ବସ୍ୱ ଦେଇପାରେ । ଠିକ୍ ସେହିପରି ଜୀବନ । ଜୀବନରେ ଯଥାର୍ଥ ଏବଂ ଉଚିତ କର୍ମ କଲେ ଜୀବନ ଆନନ୍ଦମୟ ହୁଏ, ଏହାର ବିପରୀତ କର୍ମାଚରଣରେ ଜୀବନ ଦୁଃଖ-ଯାତନାମୟ ହୁଏ । ଏହି ପୃଥିବୀରେ, ଏହି ମନୁଷ୍ୟ ଶରୀରରେ ବ୍ୟକ୍ତି କେବଳ ଦୁଃଖ ବା ସୁଖ ପାଇବାର ଉପାୟ କରିପାରେ, ଅନ୍ୟ କୌଣସି ଭୂମି ବା ଶରୀରରେ ନୁହେଁ ।

କେବଳ ମନୁଷ୍ୟର ଦୁଃଖଦ୍ୱନ୍ଦ୍ୱ ଦୂର କରି ସୁଖ, ଶାନ୍ତି, ଜ୍ଞାନ, ଆନନ୍ଦ, ଭକ୍ତି ପ୍ରଦାନ କରିବା ସକାଶେ ଭଗବାନ୍ ସ୍ୱୟଂ ବାରଂବାର ଅବତାର ଗ୍ରହଣ କରି ସଂସାରକୁ ଆସନ୍ତି କିଂବା ନିଜ ବିଭୂତି ସ୍ୱରୂପ ମହାପୁରୁଷଙ୍କୁ ପଠାନ୍ତି । ସେମାନଙ୍କ ଶିକ୍ଷାକୁ ବ୍ୟକ୍ତି ଅନୁସରଣ କଲେ ଅନାୟାସରେ ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦଙ୍କୁ ପ୍ରାପ୍ତ କରିପାରେ । ମନୁଷ୍ୟ ଶରୀର ପ୍ରାପ୍ତ ହେବାର ଅର୍ଥ – ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ନକରି ବ୍ୟର୍ଥରେ ଜୀବନ ବିତାଇ ଦେବା ନୁହେଁ କିଂବା ଦୁଃଖକଷ୍ଟକୁ ଭୟ କରି ମୃତ୍ୟୁକୁ ବରଣ କରିବା ନୁହେଁ । ତାହା ତ ଅସରନ୍ତି ଦୁଃଖ-ଯାତନା-ସମୁଦ୍ରକୁ ଡେଇଁ ପଡ଼ିବା ହେବ । ମନୁଷ୍ୟ ଶରୀର ପ୍ରାପ୍ତ ହେବାର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ଉଦ୍ଦେଶ୍ୟ ହେଲା – ପରମ ଆନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ, ପରମ ଶକ୍ତିର ସ୍ୱରୂପ ଭଗବାନଙ୍କୁ ସର୍ବତୋଭାବେ ପ୍ରାପ୍ତ ହେବା । ଭଗବାନଙ୍କ ସହିତ ମନୁଷ୍ୟ ଏକତ୍ୱପ୍ରାପ୍ତ ହେଲେ ମନୁଷ୍ୟ ମଧ୍ୟରେ ଏହିସବୁ ଦିବ୍ୟଗୁଣର ସ୍ରୋତ ପ୍ରବାହିତ ହୁଏ ।

*ପ୍ରଶ୍ନ : ନିଜକୁ ଅସହାୟ ମନେ କରୁଛି, ମା'ଙ୍କ ପାଖରୁ ଦୂର ହୋଇଯିବା ପରି ମନେହେଉଛି, ସାଧନା ଦୁଃସାଧ ପ୍ରତୀତ ହେଉଛି, ଏହାର ପ୍ରତିକାର କ'ଣ ?*

ଉତ୍ତର : ଏହିସବୁ ବିଚାର ଏବଂ ଧାରଣାକୁ ତ୍ୟାଗ କରିବାହିଁ ଏହାର ପ୍ରତିକାର । ଏହିସବୁ ଧାରଣା ବିରୋଧୀ ଶକ୍ତିର । ମନୁଷ୍ୟ ମଧ୍ୟରେ ବହୁତ ଭାଗ ଅଛି; ବ୍ୟକ୍ତି ସାଧନାରେ ପ୍ରବୃତ୍ତ ହେଲେ ସାଧନାର ଚାପ, ଭାଗବତୀ ଶକ୍ତି ଓ ଜ୍ୟୋତିଃର ପ୍ରଭାବ ସମସ୍ତ ଭାଗରେ ପଡ଼େ । ଯେଉଁ ଭାଗକୁ ଭାଗବତୀ ଶକ୍ତି ରୂପାନ୍ତର କରିବାକୁ ଚାହେଁ, ତାହାରି ଉପରେ ଅଧିକ ଚାପା ଦିଏ । ସେହି ଭାଗ ବହୁତ ଦିନରୁ ନିଜ ବାସନା, କାମନାର ତୁଷ୍ଟି କରିବାରେ ଅଭ୍ୟସ୍ତ ହୋଇଯାଇଥାଏ; ଭାଗବତୀ ଶକ୍ତିର ଚାପରେ ନିଜ ବାସନା, କାମନା, ପୂର୍ବ ଅଭ୍ୟାସ ଓ ସ୍ୱଭାବ ଛାଡ଼ିବାକୁ ପ୍ରସ୍ତୁତ ନହୋଇ ରୂପାନ୍ତରର ବିରୋଧ କରେ, ଆଉ ନାନା ପ୍ରକାର ବିରୋଧୀ ପରାମର୍ଶ ସାଧକକୁ ଦିଏ । ଏହିସବୁ ପରାମର୍ଶ ପ୍ରାଣଗତ ମନର । ଏହାକୁ ବରାବର ତ୍ୟାଗ କରିବାକୁ ହେବ । ସେହି ବିରୋଧୀ ପରାମର୍ଶର ଉତ୍ତରରେ କହିବାକୁ ହେବ, "ମା କେବେ ବି ଦୂରକୁ ଯାଆନ୍ତି ନାହିଁ, ତାଙ୍କ ଉପସ୍ଥିତି ସର୍ବଦା ଅବିଚ୍ଛିନ୍ନ ରୂପେ ରହିଛି । କାରଣ ଅନ୍ତରାତ୍ମା (Psychic Being)ର ମା'ଙ୍କ ସଙ୍ଗେ ନିତ୍ୟ ସମ୍ବନ୍ଧ, ତାଙ୍କୁ ଛାଡ଼ି ସେ ରହିପାରେ ନାହିଁ, ଅନ୍ତରାତ୍ମାଙ୍କ ମଧ୍ୟରେ ମା ନିତ୍ୟ ବାସ କରନ୍ତି, ଅନ୍ତରାତ୍ମା ଶରୀର ମଧ୍ୟରେ ନିବାସ କରେ ।" ସାଧନା କରନ୍ତି ଭାଗବତୀ ଶକ୍ତି, ସାଧକକୁ କେବଳ ମା'ଙ୍କ ଚରଣରେ ସମର୍ପଣ କରିବାକୁ ହୁଏ, ଅତଏବ ସାଧକ ଯଦି ନିଜେ ସାଧନା କରନ୍ତା ତେବେ ତାହା ଦୁଃସାଧ ହୋଇପାରନ୍ତା । ଭାଗବତୀ ଶକ୍ତି ସାଧନା କରୁଥିବାରୁ ତାଙ୍କ ସକାଶେ କିଛି ବି ଦୁଃସାଧ ନୁହେଁ । ସାଧକ କେବେ ବି ଅସହାୟ ନୁହେଁ, ମା ବରାବର ସାଧକ ସଙ୍ଗେ ରହିଥା'ନ୍ତି । ସାଧକର ମନ, ପ୍ରାଣ ଯେତେ ଶୁଦ୍ଧ ହୁଏ ସେ ସେତେ ପରିମାଣରେ ମା'ଙ୍କ ଉପସ୍ଥିତି ବୁଝିପାରେ ।

ଆପଣ ନିୟମିତ ରୂପେ ଧ୍ୟାନ କରୁଥା'ନ୍ତୁ । ମନୁଷ୍ୟ ଭଗବାନଙ୍କ ଆଶ୍ରୟ ନେଲେ ତା' ସକାଶେ ଅସମ୍ଭବ ବୋଲି କିଛି ରହେ ନାହିଁ । ସାଧନାର ଚାବିକାଠି ହେଲା ଦୁଇଟି ବସ୍ତୁ : ଗୋଟିଏ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ, ପୂର୍ଣ୍ଣ ନିର୍ଭରତା ରଖିବା, ଅନ୍ୟଟି ଧୈର୍ଯ୍ୟ ରଖି, ହତୋତ୍ସାହ ନହୋଇ, ସଫଳତା ଓ ବିଫଳତା ସକଳ ଅବସ୍ଥାରେ ସାଧନା କରିଚାଲିବା । ଏହି ଦୁଇଟି ବସ୍ତୁ ଥିଲେ ସାଧକର ଲକ୍ଷ୍ୟରେ ପହଞ୍ଚିବା ଧ୍ରୁବ ନିଶ୍ଚିତ ।

ସାଧନା ସଫଳତା ଓ ବିଫଳତା ମଧ୍ୟ ଦେଇ ଗତି କରେ । ଏକେବାରେ ସଫଳତା ହୁଏ ନାହିଁ । ସାଧନାରେ ବିଫଳତାର ଆବଶ୍ୟକତା ଥାଏ । ଏହି ବିଫଳତା ଦ୍ୱାରା ସାଧକର ଅଭୀପ୍ସା ବଢ଼େ, ସାଧନାରେ ତୀବ୍ରତା ଆସେ, ବିଫଳତାର କାରଣ ଜାଣିବାର ଜ୍ଞାନପ୍ରାପ୍ତ ହୁଏ, ଭଗବାନଙ୍କ ଶକ୍ତିର ସାହାଯ୍ୟ ଅଧିକାଧିକ ଚାହେଁ ଏବଂ ଏହିସବୁ ଦ୍ୱାରା ତାହା ମଧ୍ୟରେ କ୍ଷେତ୍ର ପ୍ରସ୍ତୁତ ହୁଏ । କିନ୍ତୁ ବିଫଳତାକୁ ଚାହିଁବା ଭୁଲ୍ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୩୭୮, ୩୮୧-୮୨)

– ରାମକୃଷ୍ଣ ଦାସ ❑

ଚେତନାର ଦିଗ୍‌ବଳୟ :

# ପଦ୍ମାବତୀ

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଭଗିନୀ ନିବେଦିତା ରାଜସ୍ଥାନର ଐତିହାସିକ ଚିତୋର ଦୁର୍ଗ ଅଭିମୁଖେ ଯାତ୍ରା କରୁଥିଲେ । ଯେତେବେଳେ ଜ୍ୟୋତ୍ସ୍ନା ପ୍ଲାବିତ ନିଶାର୍ଦ୍ଧରେ ପର୍ବତୋପରି ସେ ଦୁର୍ଗର ଧ୍ୱଂସାବଶେଷ ତାଙ୍କ ନୟନଗୋଚର ହେଲା, ସେତେବେଳେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ରାଣୀ ପଦ୍ମିନୀଙ୍କୁ ମନେ ପକାଇଛନ୍ତି । ଦିନେ ତାଙ୍କ ପିତ୍ରାଳୟରୁ ବଧୂ ରୂପେ ଏହି ଦୁର୍ଗକୁ ଗଲା ବେଳେ ପଦ୍ମିନୀ ମଧ୍ୟ ଦୂରରୁ ଏ ଦୁର୍ଗ ଦେଖିଥିବେ । ସେତେବେଳେ ସେ କଳ୍ପନା କରିଥିବେ କି ତାଙ୍କ ନିୟତି ? ଜାଣିଥିବେ କି ତାଙ୍କ ମହତ୍ ଜୀବନର ଦୁଃଖମୟ ପରିଣତି କଥା (tragedy of the great) ? ଜାଣିଥିଲେ କି ଚିତୋର ଦୁର୍ଗର ପ୍ରତି ପ୍ରସ୍ତର ଖଣ୍ଡ ଉପରେ ପବନର ଲହରୀ ତାଙ୍କରି ସ୍ମୃତିଚାରଣରେ ବିମର୍ଷ ସ୍ୱର ତୋଳୁଥିବ – ଯାବତ୍ ଚନ୍ଦ୍ରାର୍କେ ?

ଏହାର ଅଳ୍ପ କିଛି ଦିନ ପୂର୍ବରୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରଭାବରେ ପାଶ୍ଚାତ୍ୟରୁ ଆସି ଭାରତ ବର୍ଷକୁ ନିଜ ଦେଶ ଭାବରେ ଆଦରି ନେଇଥିବା ନିବେଦିତାଙ୍କ ମାନସରେ ପଦ୍ମିନୀ ବା ପଦ୍ମାବତୀଙ୍କ ସମ୍ପର୍କୀୟ କିଂବଦନ୍ତି କେଡ଼େ ଗଭୀର ରେଖାପାତ କରିଥିବ, ଏହା ତାହାର ଆଭାସ ଦିଏ ।

ସେହି ମହତ୍ ଜୀବନ ଉପରେ, ସାତଶହ ବର୍ଷ ପରେ, ଆଜି ପୁନର୍ବାର ଏକ ଦୁର୍ଯୋଗର ସୃଜନ ହେଉଛି କି ଏକ ଚଳଚ୍ଚିତ୍ର ଜରିଆରେ ? ଆଶା କରେ ଏହା ଗୁଜବ ମାତ୍ର ! ସେ ମହନୀୟ ଚରିତ୍ରକୁ ସାମାନ୍ୟ ନ୍ୟୂନ ସ୍ତରକୁ ଅବନମିତ କରିବାର ଅଧିକାର କାହାରି ନାହିଁ ।

ଏଠାରେ ଇତିହାସ ଚର୍ଚ୍ଚା ପ୍ରାସଙ୍ଗିକ ନୁହେଁ । ପଦ୍ମିନୀ ବା ପଦ୍ମାବତୀ ନାମକ ଜଣେ ଅସାମାନ୍ୟା ସୁନ୍ଦରୀ ମେବାରର ମହାରାଣା (ରାଜା) ରତନ୍ ସିଂହଙ୍କର ପତ୍ନୀ ଥିବା ଅବାସ୍ତବ ହେବାର କାରଣ ନାହିଁ । ତେବେ ତାଙ୍କ ସମ୍ପର୍କରେ ଯେଉଁ କିଂବଦନ୍ତି ଆକୁମାରୀ ହିମାଚଳ ଶହ ଶହ ବର୍ଷ ଧରି ଅସଂଖ୍ୟ କବିତା, ଗୀତ, କାହାଣୀ ଏବଂ ନାଟକର ବିଷୟବସ୍ତୁ ହୋଇ ଆସିଛି, ତାହା ସହିତ ଏଭଳି ଜଣେ ବ୍ୟକ୍ତି ବିଜଡ଼ିତ, ସେ ଆଲାଉଦ୍ଦିନ ଖିଲୀଜି ଜଣକ ଏକ ଅବିସମ୍ବାଦିତ ଐତିହାସିକ ଚରିତ୍ର । ଲୋକଟିର ପୂର୍ବ ପୁରୁଷ ତୁର୍କ; ସେମାନେ ଆଫଗାନିସ୍ଥାନରେ ବସବାସ କରୁଥିଲେ । ସେମାନେ ଦିଲ୍ଲୀ ଆସି କ୍ରୀତଦାସ ବଂଶ (Slave Dynasty)ର ଶେଷ ସୁଲତାନ ଓ ତା'ର ନାବାଳକ ଶିଶୁ ପୁତ୍ରକୁ ହତ୍ୟା କରି ସେ ଆସନ ଅଧିକାର କରିଥିଲେ । ଏହା ଦ୍ୱାଦଶ ଶତାବ୍ଦୀର ଶେଷ ବେଳର କଥା । ଏହି ନୂଆ ସୁଲତାନଙ୍କ ଜାମାତା ହେଲେ ଆଲାଉଦ୍ଦିନ ଖିଲୀଜି । ଆଜୀବନ ଏ ବ୍ୟକ୍ତି କେବଳ ଆକ୍ରମଣ ଓ ଲୁଣ୍ଠନ କରି ଚାଲିଥିଲେ । ସେତେବେଳର ସବୁଠାରୁ ଐଶ୍ୱର୍ଯ୍ୟଶାଳୀ ନଗରୀ ଦେବଗିରି ବିଧ୍ୱସ୍ତ କରି ସେ ଅମାପ ଐଶ୍ୱର୍ଯ୍ୟ ଲୁଟି ନେଲେ । ତାଙ୍କ ଶ୍ୱଶୁର ଓ ଶୁଭେଚ୍ଛୁ ତଥା ସୁଲତାନଙ୍କ ବିନା ଅନୁମତିରେ ଜାମାତା ଏହା କରିଥିବାରୁ ସେ ମହୋଦୟ କିଞ୍ଚିତ୍ ଅସନ୍ତୁଷ୍ଟ ହୁଅନ୍ତେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ନାମରେ ନିମନ୍ତ୍ରଣ କରି ଆଣି ଜାମାତା ଆତତାୟୀ ଦ୍ୱାରା ତାଙ୍କ ମୁଣ୍ଡ କାଟ କଲେ । ଆସିରଗଡ଼ ଆକ୍ରମଣ କରି ଅସଂଖ୍ୟ ମଣିଷଙ୍କୁ ବିନା କାରଣରେ ହତ୍ୟା କଲେ । ଗୁଜରାଟର ବହୁ ନଗରୀ ଲୁଣ୍ଠନ କରି ରାଜସ୍ଥାନ ଅଭିମୁଖୀ ହୋଇ ରନ୍ଥାମ୍ବର, ମାଲ୍ୱା, ଧର୍ ଇତ୍ୟାଦି ଦୁର୍ଗ ବିପର୍ଯ୍ୟସ୍ତ କରି ୧୩୦୩ ମସିହାରେ ଚିତୋର ଆକ୍ରମଣ କଲେ । ଜୀବନର ଶେଷ ବର୍ଷେ, ଦୁଇ ବର୍ଷ ସେ ମାଲିକ କାଫୁର୍ ନାମକ ଜଣେ କ୍ରୀତଦାସର ଏଡ଼େ ବଶୀଭୂତ ହୋଇ ପଡ଼ିଲେ ଯେ ତାହାରି କୁପରାମର୍ଶରେ ସେ ତାଙ୍କର ସବୁଠାରୁ ଦକ୍ଷ ଓ ବିଶ୍ୱସ୍ତ କର୍ମଚାରୀମାନଙ୍କୁ ହତ୍ୟା କଲେ । ମୃତ୍ୟୁ ବେଳକୁ ସେ ପାଗଳ ପ୍ରାୟ ହୋଇ ଯାଇଥିଲେ ଏବଂ କେତେକ ଐତିହାସିକଙ୍କ ଧାରଣା କାଫୁର୍‌ହିଁ ତାଙ୍କ ଦୁର୍ବଳ ଜୀବନ ପ୍ରଦୀପଟିକୁ ନିର୍ବାପିତ କରିଦେଲେ ।

ଆଲାଉଦ୍ଦିନ ଭଗେଲ ଦୁର୍ଗର ସୁନ୍ଦରୀ ରାଣୀଙ୍କୁ ବନ୍ଦିନୀ କରି ନେଇ ଯାଇଥିଲେ । ଚିତୋର ରାଣୀଙ୍କ ଅତୁଳନୀୟ ସୌନ୍ଦର୍ଯ୍ୟ କଥା ଶୁଣି ସେ ଆସି ଦୁର୍ଗ ଅବରୋଧ କଲେ ଏବଂ ମହାରାଣାଙ୍କୁ ପ୍ରସ୍ତାବ ଦେଲେ – ସେ ପଦ୍ମିନୀଙ୍କୁ ସମର୍ପଣ କରି ଦିଅନ୍ତୁ ନହେଲେ ଯୁଦ୍ଧ ହେବ । ପ୍ରସ୍ତାବ ପ୍ରତ୍ୟାଖ୍ୟାତ ହେଲା । ସେ ଯୁଦ୍ଧ କରି ପରାଜିତ ହେଲେ, କିନ୍ତୁ ଶିବିର ପକାଇ ସସୈନ୍ୟ ଦୁର୍ଗ ମୁଣ୍ଡାଇଥିବା ପାହାଡ଼ ତଳେ ରହିଲେ ଓ ପ୍ରସ୍ତାବ ଦେଲେ,

ଥରେ ରାଣୀଙ୍କୁ ମନ ପୂରାଇ ଦେଖି ନେଇ ସେ ସୁଧାର ଭାବରେ ପ୍ରତ୍ୟାବର୍ତ୍ତନ କରିବେ । ଏ ପ୍ରସ୍ତାବ ମଧ୍ୟ ପ୍ରତ୍ୟାଖ୍ୟାତ ହେଲା । ଆଲାଉଦ୍ଦିନ ପୁଣି ସନ୍ଦେଶ ପଠାଇଲେ, ରାଣୀଙ୍କ ବଦନର ପ୍ରତିଫଳନ ଦର୍ପଣରେ ଦେଖିଲେହିଁ ସେ ସନ୍ତୁଷ୍ଟ ହୋଇଯିବେ । ପ୍ରସ୍ତାବ ମଞ୍ଜୁର ହେଲା । ସେ ଏକାକୀ ଦୁର୍ଗରେ ପ୍ରବେଶ କଲେ । ଦର୍ପଣରେ ଯାହାଙ୍କ ପ୍ରତିଫଳନ ଦେଖିଲେ, ସେ ପଦ୍ମିନୀ ନହୋଇ ରାଣୀଙ୍କର ଜଣେ ସୁନ୍ଦରୀ ସେବିକା ହୋଇ ଥାଇ ପାରନ୍ତି । ସେ ଯାହା ହେଉ, ସେ ଆପ୍ୟାୟିତ ହେବାର ଅଭିନୟ କରି ବିଦାୟ ନେବା ବେଳେ ରାଣା ରତନସିଂହ ସୌଜନ୍ୟ ବଶତଃ ତାଙ୍କୁ ବିଦାୟ ଦେବା ନିମନ୍ତେ ଏକାକୀ ଦୁର୍ଗ ଫାଟକ ବାହାରକୁ ଗଲେ । ତତ୍କ୍ଷଣାତ୍ ବୁଦାମାଳ ଭିତରେ ଲୁଚି ରହିଥିବା ଆଲାଉଦ୍ଦିନଙ୍କର କେତେ ଜଣ ସୈନ୍ୟ ରାଣାଙ୍କୁ କାବୁ କରି ଧରି ନେଇଗଲେ । ଆଲାଉଦ୍ଦିନ ସର୍ତ୍ତ ପଠାଇଲେ – ହୁଏତ ପଦ୍ମିନୀ ତାଙ୍କ ପାଖକୁ ଚାଲି ଆସିବେ ନହେଲେ ମହାରାଣା ପ୍ରାଣ ହରାଇବେ ।

ପଦ୍ମିନୀ ଆସିବାକୁ ସମ୍ମତ ବୋଲି ଖବର ଦେଲେ – ତେବେ ତାଙ୍କ ଆଭିଜାତ୍ୟ ଅନୁସାରେ, ଆସିବେ ସାତଶହ ପରିଚାରିକା ସହ । ପୁଲକୋନ୍ମାଦ ଆଲାଉଦ୍ଦିନ ରାଜି ହେଲେ । ସାତଶହ ଶବାରିରେ ଅଠେଇଶ ଶହ ଏବଂ ସେମାନଙ୍କ ବାହକ ରୂପେ ଆଉ ପ୍ରାୟ ତିନି ହଜାର ରାଜପୁତ ଦୁର୍ଗରୁ ବାହାରି ସୁଲତାନଙ୍କ ଶିବିରରେ ପହଞ୍ଚି ସବୁ ଛାରଖାର କରି ଦେଲେ ଓ ରାଣାଙ୍କୁ ମୁକ୍ତ କଲେ । ଆଲାଉଦ୍ଦିନ ଅଳ୍ପକେ ବର୍ତ୍ତି ପଳାୟନ କଲେ ।

ପରେ ସେ ଗୋଟାଏ ବିଶାଳ ସୈନ୍ୟବାହିନୀ ଧରି ଚିତୋର ଦୁର୍ଗ ଆକ୍ରମଣ କଲେ । ମହାରାଣାଙ୍କ ସମେତ ଦୁର୍ଗବାସୀ ସମସ୍ତ ପୁରୁଷ – ଏପରିକି ବାଳକମାନେ ମଧ୍ୟ – ଯୁଦ୍ଧ କରି ପ୍ରାଣ ଦେଲେ । ଶେଷ ଯୋଦ୍ଧାର ମୃତ୍ୟୁ ହେବା ସଙ୍ଗେ ସଙ୍ଗେ ଦୁର୍ଗ ଭିତରେ ଜଳି ଉଠିଲା ହୁତୁ ହୁତୁ ବହ୍ନି । ଦୁର୍ଗସ୍ଥ ସମସ୍ତ ନାରୀ ସେଥିରେ ଝାସ ଦେଲେ ।

ଏ କିଂବଦନ୍ତିର ବିପୁଳ ଜନପ୍ରିୟତାର ହେତୁ କ'ଣ ? ପଦ୍ମାବତୀ ଖାଲି ଅସାମାନ୍ୟା ସାହସୀ ନୁହନ୍ତି, ବିଚକ୍ଷଣ ବୁଦ୍ଧି ଓ କୌଶଳ ପ୍ରୟୋଗରେ ମଧ୍ୟ ସେ ଅସାଧାରଣ । ତାଙ୍କ ମୃତ୍ୟୁବରଣ ସେ ବର୍ବର ଲୋଭୀ ଆକ୍ରମଣକାରୀ ଗାଲରେ ଚଟକଣି ସହ ତୁଳନୀୟ । ଆଲାଉଦ୍ଦିନ ଦୁର୍ଗ ଭିତରେ ପ୍ରବେଶ କରି ଶ୍ମଶାନ-ନିରବତା କାହାକୁ କୁହାଯାଏ, ତାହା ଅନୁଭବ କରିଥିବେ; ଗହନ ଧୂଆଁର ଅସହ୍ୟ କଳା ମେଘ ଭିତରେ ସେ ବୁଝିଥିବେ ସେଭଳି ବିଜୟ ହୋଇପାରେ କେଡ଼େ ପ୍ରଚଣ୍ଡ ପରାଜୟ !

ଜନମାନସରେ କେତେକ ଚରିତ୍ର ମହାନ୍ ଆଦର୍ଶର ପ୍ରତୀକ ରୂପେ ବିରାଜମାନ କରନ୍ତି । ସାହସ, କୌଶଳ ଏବଂ ପବିତ୍ର ଆତ୍ମ ସମ୍ମାନର ପ୍ରତୀକ ରାଣୀ ପଦ୍ମାବତୀ । ପୁଣି ଆଲାଉଦ୍ଦିନ ଖିଲୀଜିର ଅପମାନ ଓ ନୈତିକ ପରାଜୟ ଚିତ୍ରଣ କରି ଏ କିଂବଦନ୍ତି ଜନସାଧାରଣଙ୍କ ପ୍ରତିଶୋଧ ସ୍ପୃହା ଚରିତାର୍ଥ କରିଥାଏ । ସେମାନଙ୍କ ରାଜ୍ୟକୁ ଲଣ୍ଡଭଣ୍ଡ କରିଥିବା ଆକ୍ରମଣକାରୀର ହିନସ୍ତା ଉପଭୋଗ କରନ୍ତି ଲୋକେ । ମାମୁଲି ହେତୁବାଦ, ବାସ୍ତବବାଦ, ଯୁକ୍ତି, ତଥ୍ୟ ଇତ୍ୟାଦି କଦାପି ଜନସାଧାରଣଙ୍କର ନ୍ୟାୟ-ସଙ୍ଗତ ଆବେଗଗତ ଚାହିଦାର ବିକଳ୍ପ ହୋଇ ପାରେନା । ଏଭଳି ପର୍ଯ୍ୟାୟର କିଂବଦନ୍ତିକୁ ମର୍ଯ୍ୟାଦା ଦେବା ନିମନ୍ତେ ଆମକୁ ଉନ୍ନତ ମନସ୍ତାତ୍ତ୍ୱିକ ହେତୁବାଦର ଆଲୋକରେ ଏସବୁକୁ ଦେଖିବାକୁ ହେବ – ଯେଉଁ ହେତୁବାଦ ଆମେ ପଦ୍ମ ଫୁଲଟିଏ ଭଲ ପାଇବା ବା ଶାସ୍ତ୍ରୀୟ ସଙ୍ଗୀତରେ ମୁଗ୍ଧ ହେବା ଯଥାର୍ଥ କି ନା ସେ ପ୍ରଶ୍ନ ସଂବିଧାନ ବା ଆଇନ ଶାସ୍ତ୍ରର ମାନଦଣ୍ଡରେ ନିରୂପଣ କରିବାର ଚେଷ୍ଟା କରେନା ।

ଟିପୁ ସୁଲତାନଙ୍କ ଜନ୍ମଦିନ ପାଇଁ ସରକାରୀ ଉଦ୍ୟମରେ ଉତ୍ସବ ହେବା ଉଚିତ କି ନୁହେଁ, ସେ ସମ୍ପର୍କରେ ଇତିହାସର ତଥ୍ୟ ଓ ତା'ର ବ୍ୟାଖ୍ୟା ଭିତ୍ତିରେ ଆମେ ଅସରନ୍ତି ତର୍କରେ ପ୍ରବୃତ୍ତ ରହିପାରୁ; କିନ୍ତୁ ତଥ୍ୟ ଭିତ୍ତିରେ ରାଜା ବିକ୍ରମଙ୍କୁ କାଠଗଡ଼ାକୁ ଟଣା ଯିବାର କଳ୍ପନା ମୂଢ଼ତା । ଶୁଭେଚ୍ଛୁ ବେତାଳଟିର ଜିଜ୍ଞାସାରେ ସେ ରାଜା କେତେ ସାମାଜିକ, ସାଂସାରିକ ଓ ବିଚିତ୍ର ସମସ୍ୟାସବୁର ସମାଧାନ କରି ଚାଲିଥା'ନ୍ତି । ସାମୂହିକ ଦୃଷ୍ଟିରେ ସେ ଜଣେ ଅସାଧାରଣ ସାଧାରଣଜ୍ଞାନ ସମ୍ପନ୍ନ ବୀର ।

ସମ୍ବିଧାନ ଆମକୁ ଦେଇଛି ଅଭିବ୍ୟକ୍ତିର ସ୍ୱାଧୀନତା – ଯଥେଚ୍ଛା ନାଟକ ଓ ସିନେମା କରିବାର ଅଧିକାର । କିନ୍ତୁ ଜଣେ ରାଣୀ ପଦ୍ମାବତୀ ଭଳି ଚରିତ୍ରକୁ ହାଲୁକା ରୀତିରେ ପରିବେଷଣ କରିବା ପୂର୍ବରୁ ନିଜକୁ ଏହି ପ୍ରଶ୍ନ କରିବା ଲୋଡ଼ା : ମୋର ମତଲବ କ'ଣ ? କେବଳ ମାତ୍ର ଅର୍ଥ ଉପାର୍ଜନ ନୁହେଁ ତ ? ସେହି ସ୍ୱାର୍ଥରେ ଅଗଣନ ନରନାରୀଙ୍କ କଳ୍ପନାର ସୁକୁମାର ପଦ୍ମଫୁଲ ଉପରେ ଆମ କୃତ୍ରିମ ରଙ୍ଗ ଚଢ଼ାଇବା, ଅଥବା ତା' ବାସନା ଉପରେ ଆମ ଅତର ସିଞ୍ଚନ କରିବା କେତେ ଦୂର ବିବେକ ସମ୍ମତ କର୍ମ ?

ମେବାର ରାଜ୍ୟର ପରମ୍ପରାରେ ଚାରି ଅନନ୍ୟ ନାରୀ ଚରିତ୍ର ସହ ହୁଏ ଆମର ସାକ୍ଷାତ୍ । ଜଣେ ପଦ୍ମାବତୀ, ଦ୍ୱିତୀୟ ମୀରାବାଈ, ତୃତୀୟ ଧାତ୍ରୀ ପାନ୍ନା – ଯିଏ ତାଙ୍କ ଦାୟିତ୍ୱରେ ଥିବା ଶିଶୁ ରାଜପୁତ୍ରକୁ ଆତତାୟୀ କବଳରୁ ରକ୍ଷା କରିବା ନିମନ୍ତେ ନିଜ ଶିଶୁ ପୁତ୍ରକୁ ବଳି ଦେଇଥିଲେ । ଚତୁର୍ଥ ଜଣକ ଅପେକ୍ଷାକୃତ କମ୍ ବିଖ୍ୟାତ । ସେ କୃଷ୍ଣା କୁମାରୀ । ଏ ରାଜକନ୍ୟା ଜଣକ ମଧ୍ୟ ଥିଲେ ଅସାମାନ୍ୟା ସୌନ୍ଦର୍ଯ୍ୟ ଯୋଗୁଁ ଚର୍ଚ୍ଚିତା । ଦୁଇ ପ୍ରବଳ ରାଜା ତାଙ୍କୁ ବିବାହ କରିବାର ପ୍ରସ୍ତାବ ପଠାଇଲେ । ଜଣକୁ ସ୍ୱାଗତ କଲେ ଅନ୍ୟ ଜଣକ ମେବାର ଆକ୍ରମଣ କରିବା ନିଶ୍ଚିତ । ରାଜା ଏବଂ ମନ୍ତ୍ରୀ, ଅମାତ୍ୟବର୍ଗ ଏହି ଚିନ୍ତାରେ ମ୍ରିୟମାଣ ହେବାର ଜାଣି କୃଷ୍ଣା କୁମାରୀ ବିଷପାନ କରି ଚିର ନିଦ୍ରାରେ ଶୋଇଗଲେ । ପିତୃରାଜ୍ୟ ସାମରିକ ବିଭ୍ରାଟରୁ ରକ୍ଷା ପାଇଗଲା ।

ଏମାନଙ୍କ ସ୍ମୃତି ସୁରକ୍ଷିତ ରହୁ; ବିକୃତ ନହେଉ ।

**– ମନୋଜ ଦାସ**

❑❑❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ - ୨୦୧୮

ଆସନ୍ତା ୩୯ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ୨୦୧୮ ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, **ମାତୃପୀଠ**ରେ ଥିବା ''ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର'' ପରିସରରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ସମ୍ମିଳନୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ରଚିତ ''**ରୂପାନ୍ତର ଯୋଗରେ ନାମଜପ**'' ପୁସ୍ତକଟି ଉପରେ ଦଳଗତ ଆଲୋଚନା ହେବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀକୁ ଆସିବା ପୂର୍ବରୁ ପୁସ୍ତକଟିକୁ ଉତ୍ତମରୂପେ ଅଧ୍ୟୟନ କରି ଆଲୋଚନାରେ ଅଂଶ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇଆସିବାକୁ ଅନୁରୋଧ । ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ମହିଳା ପାଠଚକ୍ର ଏବଂ ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇଙ୍କୁ ବହୁସଂଖ୍ୟାରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ । ସମ୍ମିଳନୀ ନିମନ୍ତେ ପ୍ରତିନିଧି ଚାନ୍ଦା **୧୫ଟଙ୍କା** ମାତ୍ର ଧାର୍ଯ୍ୟ କରାଯାଇଛି । ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥିରେ ନେଇ ଆସିବା ପାଇଁ ଅନୁରୋଧ । ଦୟାକରି ସାନପିଲାଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନଠିକଣାରେ ଯୋଗାଯୋଗ କରିପାରନ୍ତି ।

ଆପଣମାନଙ୍କର

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସଭ୍ୟାବୃନ୍ଦ, ମାତୃପୀଠ, ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

**ଯୋଗାଯୋଗ :**

ଡ଼: ବିଜୟିନୀ ମହାପାତ୍ର : ୯୪୩୭୦୨୩୪୨୬; ଗୀତାଞ୍ଜଳି ଦାସ : ୯୪୩୮୪୨୯୭୩୨
ସବିତା ପାଢ଼ୀ : ୮୮୯୫୫୮୧୫୫୪; କେ. ସୁନୀତା : ୯୪୩୮୧୫୪୫୧୯
ବିଜୟ କୁମାର ମୁନି : ୯୪୩୮୪୩୧୪୮୬; ଶିବପ୍ରସାଦ ଜୟସ୍ୱାଲ : ୯୪୩୭୧୩୯୮୯୭
ଉନ୍ନା ସିମାଞ୍ଚଳ :୯୪୩୮୨୩୬୧୭୮
ଗମନାଗମନ ସୂଚନା : ପଲାସା ରେଳ ଷ୍ଟେସନରୁ ସିଧା ବସ ଯୋଗେ ପାରଳାଖେମୁଣ୍ଡି ଯାଇପାରିବେ ।

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Daily Facial

**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

There is no end to progress and every day one can learn to do better what one does.

– The Mother

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

**Vol. XLVIII, No. 12** **R.N.I. No. 18163/70.**
Navaprakash, December, 2017 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2015-17

## ବିଶେଷ ସୂଚନା

# ବେଦରହସ୍ୟ

ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।




୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

## ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**